# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୮/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, April 28/2021 | ★★★★

୪୭ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**୧୩ରେ ଆସିବନି ସତ୍ୟମେବ ଜୟତେ**

ଦେଶରେ କରୋନା ସଂକ୍ରମଣ ଯୋଗୁ ମେ' ୧୩ରେ ଆସିବାକୁ ଥିବା ଜନ୍ ଆବ୍ରାହମଙ୍କ ଫିଲ୍ମ ସତ୍ୟମେବ ଜୟତେ ୨ର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଛି।

୧୪

୧୬

**ବ୍ରେଟ୍ ଲି'ଙ୍କ ବଦାନ୍ୟତା**

କରୋନା ଲଢେଇରେ ଭାରତକୁ ସାହାଯ୍ୟ କରିବା ପାଇଁ ପୂର୍ବତନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ୪୦ ଲକ୍ଷ ଟଙ୍କା ଦାନ କରିଛନ୍ତି।



# ଜିଲାଗୁଡ଼ିକରେ ଟିକାକରଣ ବନ୍ଦ

**ଆଜି ହେବନି ଯାଜପୁର, କେନ୍ଦୁଝରରେ ଟିକାକରଣ**

କଟକ ଅଫିସ,୨୭।୪

କୋଭିଡ୍-୧୯ ମୁକାବିଲା ପାଇଁ ଟିକାକରଣ ଉପରେ ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ୧୪୭୨ଟି ସରକାରୀ ଏବଂ ୬୬ଟି ଘରୋଇ ହସ୍ପିଟାଲରେ ଟିକାକରଣ କରାଯାଉଛି। ସେଥିମଧ୍ୟରୁ କଟକ ଜିଲାରେ ୭୯ ସରକାରୀ ଏବଂ ୧୩ ଘରୋଇ ହସ୍ପିଟାଲରେ କୋଭିଡ୍ ଟିକାକରଣ କରାଯାଉଥିଲା। ହେଲେ ମଙ୍ଗଳବାର ଟିକା ଅଭାବ ଯୋଗୁ ଜିଲାର ସମସ୍ତ ସରକାରୀ ଓ ଘରୋଇ ଟିକାକରଣ କେନ୍ଦ୍ର ବନ୍ଦ ହୋଇଯାଇଛି। ମଙ୍ଗଳବାର ସିଡିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାତ୍ର ୧୦୦ ଡୋଜ୍ ଏବଂ ଏସ୍‌ସିବି ମେଡିକାଲରେ ୨୦୦ ଡୋଜ୍ ଟିକା ଦିଆଯାଇଛି। ଟିକା ଶେଷ ହୋଇଯାଇଥିବାରୁ ଜିଲାରେ ଏହି ଟିକାକରଣ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ତେବେ ୫ରୁ ୧୦ଦିନ ମଧ୍ୟରେ ଟିକାକରଣ ପୁଣି ଆରମ୍ଭ ହେବ ବୋଲି କଟକ ଜିଲା କୋଭିଡ ନୋଡାଲ ଅଫିସର ଉମେଶ ରାୟ କହିଛନ୍ତି। ଜାନୁୟାରୀ ୧୬ଠାରୁ ଜିଲାରେ ଆରମ୍ଭ ହୋଇଥିବା ଏହି ଟିକାକରଣ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ମୋଟ ୩ଲକ୍ଷ ୯୦ହଜାର ୭୬୩ଟି ଡୋଜ ଦିଆଯାଇଛି। ଜିଲାରେ ଥିବା ୭୯ଟି ସରକାରୀ ଟିକା କେନ୍ଦ୍ରରେ ମଙ୍ଗଳବାର ସହିତ ମୋଟ ୩ଲକ୍ଷ ୮୧ ହଜାର ୭୦୨ ଡୋଜ୍ ଦିଆଯାଇଛି। ସେହିପରି ୧୩ଟି ଘରୋଇ ହସ୍ପିଟାଲରେ ୯ହଜାର ୬୧ଡୋଜ୍ ଟିକା ଦିଆଯାଇଥିବା ନୋଡାଲ୍ ଅଫିସର ରାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ଆସନ୍ତା ମେ' ପହିଲାରୁ ଘରୋଇ ହସ୍ପିଟାଲକୁ ଆଉ ଟିକା ଦିଆଯିବ ନାହିଁ। ସେମାନେ ଟିକା କମ୍ପାନୀଠାରୁ କ୍ରୟ କରିବେ। ଯେଉଁମାନେ ଘରୋଇ ☞ପୃଷ୍ଠା-୪

# ଯୁବପିଢ଼ିଙ୍କୁ ଟିକା ବିଳମ୍ବ ହୋଇପାରେ



ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ମେ' ପହିଲାରୁ ତୃତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣ ଆରମ୍ଭ ହେବ। ଏଥିରେ ୧୮ରୁ ୪୪ ବର୍ଷ ବୟସର ବ୍ୟକ୍ତିଙ୍କୁ ଟିକା ଦିଆଯିବ। ଓଡ଼ିଶାରେ ଏହି ବୟସର ଯୁବପିଢ଼ିଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିସାରିଛନ୍ତି। ଏଥିପାଇଁ ୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ତେବେ ତୃତୀୟ ପର୍ଯ୍ୟାୟ ଟିକାକରଣକୁ ନେଇ ଏବେ ଆଶଙ୍କା ଦେଖାଦେଇଛି। ସମସ୍ତଙ୍କୁ ମାଗଣା ଟିକାକରଣ କରାଯିବା ନେଇ ଘୋଷଣା ପରେ ଜନସାଧାରଣ ଆଶ୍ୱସ୍ତି ଲାଭ କରିଥିଲେ। ମାତ୍ର ଏବେ ରାଜ୍ୟବାସୀଙ୍କୁ ଏକ ଝଟ୍‌କା ମିଳିଛି। ୧୮ରୁ ୪୪ ବର୍ଷ ବୟସର ଲୋକଙ୍କୁ ଟିକାକରଣରେ ବିଳମ୍ବ ହୋଇପାରେ। ଏପରି ଆଶଙ୍କା ପ୍ରକାଶ କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ। ସେ କହିଛନ୍ତି, ମେ' ମାସରେ କୋଭିଶିଲ୍ଡ ଟିକା ଆସିବାର ସମ୍ଭାବନା କ୍ଷୀଣ। ମେ' ମଧ୍ୟଭାଗ ସୁଦ୍ଧା କୋଭାକ୍ସିନ ଆସିପାରେ। ☞ପୃଷ୍ଠା-୪

## ମାନିଲେ ସରକାର ଆବଶ୍ୟକ ରେମ୍‌ଡେସିଭିର୍ ମିଳୁନି

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମିତ ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା ରେମ୍‌ଡେସିଭିର୍ ଇଞ୍ଜେକ୍ସନ ଅଭାବ ରହିଛି। ଏଭଳିସ୍ଥିତି କେବେଠାରୁ ଦେଖାଯାଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଥିବାବେଳେ ରାଜ୍ୟ ସରକାର ଏବେ ଏହାକୁ ମାନିଛନ୍ତି। ଆବଶ୍ୟକତା ଅନୁପାତରେ ଏହି ଇଞ୍ଜେକ୍ସନ କମ୍ ମିଳୁଛି ବୋଲି ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅନ୍ନଦା ଶଙ୍କର ଦାସ ମଙ୍ଗଳବାର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ୨ହଜାର ରେମ୍‌ଡେସିଭିର ଇଞ୍ଜେକଶନ୍ ଆବଶ୍ୟକ ପଡୁଥିଲାବେଳେ ସୋମବାର ମାତ୍ର ୯୨ଟି ରେମ୍‌ଡେସିଭିର ଆସିଛି, ଯାହାକୁ ବିଭିନ୍ନ ଘରୋଇ ହସ୍ପିଟାଲକୁ ପଠାଯାଇଛି। କେନ୍ଦ୍ର ସରକାର ନିଜେ ଏହାର ବିତରଣ କରୁଛନ୍ତି। ଏହାର ଅଧିକ ଆବଶ୍ୟକତା ରହୁଛି। ଏପ୍ରିଲ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟକୁ ୨୧ ହଜାର ରେମ୍‌ଡେସିଭିର ଭାଏଲ୍ ଦେବାକୁ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। ପ୍ରତିଦିନ କିଛି କିଛି ରେମ୍‌ଡେସିଭିର ଆସୁଛି। ଅଧିକ ସଂଖ୍ୟାରେ ପଠାଇବାକୁ କେନ୍ଦ୍ର ସରକାରଙ୍କୁ ନିବେଦନ କରାଯିବ ବୋଲି ଡ୍ରଗ୍ସ କଣ୍ଟ୍ରୋଲର ଦାସ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର୍ ରେମ୍‌ଡେସିଭିର୍ ଘରୋଇ ହସ୍ପିଟାଲ୍‌କୁ ଯୋଗାଉଥିବାବେଳେ ରାଜ୍ୟ ଔଷଧ ନିଗମ ସରକାରୀ ହସ୍ପିଟାଲ୍‌କୁ ଯୋଗାଉଛି। ତେବେ ବର୍ତ୍ତମାନ ସରକାରୀ ହସ୍ପିଟାଲରେ ଏହା ଉପଲବ୍ଧ ଥିବାବେଳେ ଘରୋଇ ହସ୍ପିଟାଲରେ ପ୍ରତିଦିନ ଏହାର ଅଭାବ ପରିଲକ୍ଷିତ ହୋଇଛି। ଅପରପକ୍ଷେ ରାଜ୍ୟରେ ବର୍ତ୍ତମାନ ଯଥେଷ୍ଟ ପରିମାଣରେ ☞ପୃଷ୍ଠା-୪



### ରେମ୍‌ଡେସିଭିର୍ ଅଭାବ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

■ ଚିନ୍ତା ପ୍ରକଟ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ
■ କଳାବଜାର, ବେଆଇନ ଗଚ୍ଛିତ ହେଉଛି

କରୋନା ଆକ୍ରାନ୍ତଙ୍କ ଚିକିତ୍ସାରେ ଏବେ ଦୁଇଟି ଔଷଧ ବ୍ୟବହାର କରାଯାଉଛି। ଗୋଟିଏ ହେଉଛି ଫାବିପିରାଭିର୍ ୨୦୦ଏମ୍‌ଜି ଟାବ୍‌ଲେଟ୍ ଓ ଅନ୍ୟଟି ହେଉଛି ରେମ୍‌ଡେସିଭିର୍ ୧୦୦ଏମ୍‌ଜି ଇଞ୍ଜେକ୍ସନ। ତେବେ ରାଜ୍ୟରେ ଏବେ ରେମ୍‌ଡେସିଭିର୍‌ର ଅଭାବ ଦେଖାଦେଇଛି। ... ☞ପୃଷ୍ଠା-୪



'ଧରିତ୍ରୀ'ରେ ମଙ୍ଗଳବାର ପ୍ରକାଶିତ ଖବର।

# ରାଜ୍ୟରେ ମୃତ୍ୟୁ ୨ ହଜାର ଟପିଲା

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ରାଜ୍ୟରେ ଏବେ କରୋନାର ଦ୍ୱିତୀୟ ଲହର ପ୍ଲାଟ୍ୟୁ ସ୍ଥିତିରେ ଅଛି। କାରଣ ଗତ ୬ଦିନ ହେବ ୬ରୁ ସାଢ଼େ ୬ହଜାର ଭିତରେ ଦୈନିକ ସଂକ୍ରମଣ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ୬,୦୭୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩,୫୨୨ କ୍ୱାରାଣ୍ଟାଇନ ସେଣ୍ଟରର ହୋଇଥିବାବେଳେ ୨,୫୫୧ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସେପଟେ ସକ୍ରିୟ ରୋଗୀ ସଂଖ୍ୟାରେ ରାଜ୍ୟରେ ଆଉ ୨ଟି ଜିଲା ରେଡ୍ ଜୋନ୍‌ରେ ସାମିଲ ହୋଇଛି। ପୂର୍ବରୁ ୧୨ ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ଏବେ ଗଞ୍ଜାମ ଓ ମୟୂରଭଞ୍ଜ ଜିଲା ଏଥିରେ ଅନ୍ତର୍ଭୁକ୍ତ ହୋଇଛି। ଫଳରେ ରାଜ୍ୟରେ ଏବେ ୧୪ ଜିଲା ରେଡ୍ ଜୋନ୍‌ରେ ଥିବାବେଳେ ୬ଜିଲା ୟେଲୋ ଜୋନ୍‌ରେ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮,୨୭୨ ସକ୍ରିୟ ରୋଗୀ ରହିଛନ୍ତି।

ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୦୯୨ଜଣ ରହିଛନ୍ତି। ସେହିପରି ବଲାଙ୍ଗୀରରୁ ୪୫୭, ନୂଆପଡ଼ାରୁ ୪୦୦, ସୁନ୍ଦରଗଡ଼ରୁ ୩୭୧, ଝାରସୁଗୁଡ଼ାରୁ ୩୫୯, ବରଗଡ଼ରୁ ୨୮୬, କଳାହାଣ୍ଡିରୁ ୨୭୭, କେନ୍ଦୁଝରରୁ ୨୬୬, ଅନୁଗୋଳରୁ ୨୩୯, ପୁରୀରୁ ୨୨୬, ଗଞ୍ଜାମରୁ ୨୦୯, ନବରଙ୍ଗପୁରରୁ ୨୦୬, କଟକରୁ ୧୯୮, ସମ୍ବଲପୁରରୁ ୧୫୮, ମୟୂରଭଞ୍ଜରୁ ୧୪୯, ନୟାଗଡ଼ରୁ ୧୧୦, ଯାଜପୁରରୁ ୧୦୭ ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୪,୨୦,୧୨୯ରେ ପହଞ୍ଚିଛି। ସେପଟେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨ହଜାର ପାର୍ କରିଛି। ଗତ ୨୪ ଘଣ୍ଟାରେ ଆଉ ୧୦ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୩, ରାୟଗଡ଼ାରୁ ୨, ବୌଦ୍ଧରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୦୦୭ରେ ପହଞ୍ଚିଛି।

ଆବଶ୍ୟକ ନ ଥିଲେ ହସ୍ପିଟାଲ ବେଡ୍ ଅକ୍ତିଆର ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଅଯଥାରେ ହସ୍ପିଟାଲ ବେଡ୍ ଅକ୍ତିଆର ନ କରି ଘରେ ରହି ଚିକିତ୍ସିତ ହୁଅନ୍ତୁ। ତେବେ ରାଜ୍ୟରେ ଏବେ ବେଡ୍‌ର ଅଭାବ ନାହିଁ। ଆଗକୁ ୪ଟି ଲେଖାଏ ଜିଲାକୁ ମିଶାଇ ଗୋଟିଏ କ୍ଲଷ୍ଟର କରାଯିବ ଏବଂ ସେହି ଜିଲା ଭିତରେ ହିଁ ରୋଗୀଙ୍କୁ ବେଡ୍ ଯୋଗାଇ ଦିଆଯିବ। ସେହିପରି ରାଜ୍ୟରେ ଟେଷ୍ଟିଂ କିଟ୍‌ର ଅଭାବ ନାହିଁ। ଆବଶ୍ୟକ ଲୋକଙ୍କର ଟେଷ୍ଟ କରାଉଛୁ। ଟେଷ୍ଟିଂର ଡିମାଣ୍ଡ ଏବେ ଅଧିକ ରହୁଛି। ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ ଟେଷ୍ଟ କରାଉଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

■ ରେଡ୍ ଜୋନ୍‌ରେ ଆଉ ୨ ଜିଲା
■ ୪ ଜିଲାକୁ ନେଇ ହେବ ଗୋଟିଏ କ୍ଲଷ୍ଟର






# ଆଉ ଚୁପ୍ ବସିହେବ ନାହିଁ



**ସଫେଇ ଦେଲେ ସୁପ୍ରିମକୋର୍ଟ**

■ ହାଇକୋର୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ
■ ଉଚ୍ଚ ନ୍ୟାୟାଳୟର ବିଚାରରେ ହସ୍ତକ୍ଷେପ କରାଯିବ ନାହିଁ
■ ସୁପ୍ରିମକୋର୍ଟ କେବଳ ପରିପୂରକ ଭାବେ କାର୍ଯ୍ୟ କରିବେ
■ ଜାତୀୟ ବିପତ୍ତି ସମୟରେ ନୀରବଦ୍ରଷ୍ଟା ସାଜିବେ ନାହିଁ
■ ମାଡ୍ରାସ୍, କଲିକତା ଓ ଦିଲ୍ଲୀ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ ଦେଖି ତତ୍ପର ହେଲେ ଶୀର୍ଷ ଅଦାଲତ



ନୂଆଦିଲ୍ଲୀ,୨୭।୪

କରୋନା ଭାଇରସ୍‌ର ଦ୍ୱିତୀୟ ଲହର ବେଳେ ସରକାରୀ ଅପାରଗତା ଦେଶରେ ଜାତୀୟ ସଙ୍କଟ ସୃଷ୍ଟି କରିଛି। ଏଭଳି ସମୟରେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ମାଡ୍ରାସ୍, କଲିକତା ଏବଂ ଦିଲ୍ଲୀ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟକୁ ଦେଶବ୍ୟାପୀ ପ୍ରଶଂସା କରାଯାଉଛି। ଏପରି କି କୋଭିଡ୍-୧୯ର ମୁକାବିଲା ପାଇଁ ପଦକ୍ଷେପ ନେବାରେ ସରକାର ଓ ନିର୍ବାଚନ କମିଶନଙ୍କ ବିଫଳତା ଆଦି ପ୍ରସଙ୍ଗରେ ପୂର୍ବତନ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସଂଜ୍ଞାନକୁ ନେଇ ନିଜ ଆଡୁ ମାମଲାର ଶୁଣାଣି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କେତେଜଣ ବରିଷ୍ଠ ଆଇନଜୀବୀ ସମାଲୋଚନା କରିଛନ୍ତି। ଫଳରେ ଏବେ ଆଉ ନୀରବଦ୍ରଷ୍ଟା ସାଜି ଚୁପ୍ ବସି ରହିହେବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସଫେଇ ଦେଇଛନ୍ତି।

ଦିଲ୍ଲୀ, ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟର ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ସଙ୍କଟ, ଜୀବନ ରକ୍ଷାକାରୀ ଔଷଧ ଓ ଇଞ୍ଜେକ୍ସନର ଅଭାବକୁ ନେଇ ହାଇକୋର୍ଟଗୁଡ଼ିକର ଶୁଣାଣି ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଉନାହାନ୍ତି ବୋଲି ମଙ୍ଗଳବାର ପୁଣି ଥରେ ସ୍ପଷ୍ଟ କରିଛନ୍ତି। ପିଟିଶନଗୁଡ଼ିକର ଶୁଣାଣି କରୁଥିବା ହାଇକୋର୍ଟଙ୍କ ବିଚାରକୁ ଅଟକାଇବା ଶୀର୍ଷ ଅଦାଲତଙ୍କ ଉଦ୍ଦେଶ୍ୟ ନୁହେଁ। ଆମେ ହାଇକୋର୍ଟଙ୍କ ପରିପୂରକ ଭାବେ କାର୍ଯ୍ୟ କରିବୁ। ହାଇକୋର୍ଟ କରୋନା ମାମଲାଗୁଡ଼ିକର ଶୁଣାଣି ଜାରି ରଖିବେ। ସୁପ୍ରିମକୋର୍ଟ କେବଳ ଜାତୀୟ ପ୍ରସଙ୍ଗଗୁଡ଼ିକର ଶୁଣାଣି କରିବେ। ଜାତୀୟ ବିପତ୍ତି ବେଳେ ନୀରବଦ୍ରଷ୍ଟା ସାଜିବେ ନାହିଁ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ରବୀନ୍ଦ୍ର ଏସ୍. ଭଟ୍ଟ ସାମିଲ ଥିବା ଖଣ୍ଡପୀଠ ମାନିଛନ୍ତି ଯେ, ବିପତ୍ତି ସମୟରେ ହାଇକୋର୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି କ୍ଷେତ୍ରୀୟ ସୀମା କାରଣରୁ ବିଚାରରେ ଉଚ୍ଚ ନ୍ୟାୟାଳୟଗୁଡ଼ିକର କିଛି ☞ପୃଷ୍ଠା-୪

# ବିଜୟ ଶୋଭାଯାତ୍ରା ମନା

**ହାଇକୋର୍ଟଙ୍କ ଭର୍ତ୍ସନା ପରେ ଚେଇଁଲେ ଇସି**

ନୂଆଦିଲ୍ଲୀ,୨୭।୪

ମହାମାରୀ ପ୍ରକୋପ ବେଳେ କୋଭିଡ୍ ପ୍ରୋଟୋକଲ କାର୍ଯ୍ୟକାରୀ କରାଇବାରେ ଅବହେଳାକୁ ନେଇ ମାଡ୍ରାସ୍ ହାଇକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ମଙ୍ଗଳବାର ହଠାତ୍ ଚେଇଁ ଉଠିଛନ୍ତି। ଆୟୋଗଙ୍କ ଅନୁସାରେ ୫ ରାଜ୍ୟ ବିଧାନସଭା ନିର୍ବାଚନର ପରିଣାମ ଆସିବା ପରେ ବିଜୟ ଶୋଭାଯାତ୍ରା ଉପରେ କଟକଣା ରହିବ। ଅର୍ଥାତ୍ ରାସ୍ତାରେ ବିଜୟ ଶୋଭାଯାତ୍ରାର ଆୟୋଜନ କରାଯାଇପାରିବ ନାହିଁ।

ମାଡ୍ରାସ୍ ହାଇକୋର୍ଟ ସୋମବାର ନିର୍ବାଚନ ଆୟୋଗଙ୍କଠାରୁ ଫଳାଫଳ ପର ପଦକ୍ଷେପ ସମ୍ପର୍କରେ ବ୍ଲୁପ୍ରିଣ୍ଟ ମାଗିଥିଲେ। ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ (ମାର୍ଚ୍ଚ ୨୭-ଏପ୍ରିଲ ୨୯)ର ଭୋଟ ☞ପୃଷ୍ଠା-୪

# ପରପାରିରେ ମନୋଜ ଦାସ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ଓଡ଼ିଆ ସାହିତ୍ୟର ଅନ୍ୟତମ ଅସାଧାରଣ ସ୍ରଷ୍ଟା ତଥା ଭାରତୀୟ ଇଂଲିଶ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିବା ଯଶସ୍ୱୀ ସାଧକ ମନୋଜ ଦାସଙ୍କର ପୁଡୁଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମ ନର୍ସିଂ ହୋମ୍‌ରେ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଗତ କିଛି ବର୍ଷ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ଦେହାନ୍ତ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତୀୟ ସାହିତ୍ୟ ଜଗତ ସହ ଶ୍ରୀମା ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଅନୁଗାମୀଙ୍କ ମହଲରେ ଦୁଃଖ ଖେଳାଇ ଦେଇଛି।

୧୯୩୪ ଫେବୃୟାରୀ ୨୭ରେ ବାଲେଶ୍ୱର ଜିଲାର ଶଙ୍ଖାରୀ ଗ୍ରାମରେ ସେ ଜନ୍ମଗ୍ରହଣ କରଥିଲେ। ପିତା ମଧୁସୂଦନ ଦାସ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ତାଙ୍କ ଅଗ୍ରଜ ଭ୍ରାତା ଥିଲେ ବିଶିଷ୍ଟ ଐତିହାସିକ ମନ୍ମଥନାଥ ଦାସ। ଆଧୁନିକ ଓଡ଼ିଆ କଥାସାହିତ୍ୟରେ ମନୋଜ ଏକ ନୂତନ ଶୈଳୀ ସୃଷ୍ଟି କରି ପାଠକୀୟଙ୍କ ମହଲରେ ବେଶ୍ ଆଦୃତ ହୋଇଥିଲେ। ସେ ଶବ୍ଦର କୋଣାର୍କ ଗଢ଼ି ସୃଷ୍ଟି କରିଯାଇଛନ୍ତି ଅନେକ ମନୋଜପ୍ରେମୀ। ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢ଼ିବା ସମୟରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିକଶିତ ହୋଇଥିଲା। ପରିଚୟ ପାଇଁ ତାଙ୍କର ନାମ ହିଁ ଯଥେଷ୍ଟ। ଦୀର୍ଘବର୍ଷ ଧରି ସେ ସାହିତ୍ୟ ସାଧନାରେ ବ୍ରତୀ ରହିବା ସହ ପୁଡୁଚେରୀସ୍ଥିତ ଶ୍ରୀଅରବିନ୍ଦ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ପ୍ରାଧ୍ୟାପକ ଭାବେ ଶିକ୍ଷାଦାନ କରୁଥିଲେ। ଦେଶର ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ମନୋଜ ଦାସ ନିଜର ସାଧନା ଓ ସିଦ୍ଧି ଲାଗି ବହୁ ପୁରସ୍କାର ଓ ସମ୍ମାନପ୍ରାପ୍ତ କରିଛନ୍ତି। ୨୦୦୧ରେ ପଦ୍ମଶ୍ରୀ ଓ ୨୦୨୦ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ଏଥିସହିତ ସେ ସରସ୍ୱତୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋସିପ୍, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ଭଳି ଭାରତୀୟ ସାହିତ୍ୟ କ୍ଷେତ୍ରର ବହୁ ଶୀର୍ଷ ସ୍ୱୀକୃତି ଗ୍ରହଣ କରିଥିଲେ। ବାଲେଶ୍ୱରରେ ଅଧ୍ୟୟନ କରୁଥିବା ☞ପୃଷ୍ଠା-୪



**ଆବିର୍ଭାବ**
୨୭/୦୨/୧୯୩୪
**ତିରୋଧାନ**
୨୭/୦୪/୨୦୨୧




ଅକ୍ସିଜେନ ସଙ୍କଟ ଦେଇ ଗତି କରୁଥିବା ଦିଲ୍ଲୀକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ୍ ଟ୍ରେନ୍ ୭୦ ଟନ୍ ଅମ୍ଳଜାନ ନେଇ ନୂଆଦିଲ୍ଲୀରେ ପହଞ୍ଚିଛି। ଏହା ଏପ୍ରିଲ ୨୭ରେ ଛତିଗଡ଼ର ରାୟଗଡରୁ ବାହାରିଥିଲା।



# ହୃଦୟ ବିଦାରକ ସ୍ଥିତି

**ନୂଆଦିଲ୍ଲୀ,୨୭।୪**

ରାଜନୈତିକ ରାଜଧାନୀ ଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇରେ ତାଲାବନ୍ଦ ହୋଇଛି। ଦୁଇ ବଡ଼ ସହରର ପ୍ରଶସ୍ତ ରାସ୍ତାଗୁଡ଼ିକରେ ସାଇରନ୍ ବଜାଇ ଆମ୍ବୁଲାନ୍ସ ଦୌଡୁଛି। ସଂକ୍ରମଣ ସୁନାମିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଧୋଇ ହୋଇଯାଇଛି। ହାତରେ ପର୍ଯ୍ୟାପ୍ତ ଭାକ୍ସିନ ନାହିଁ। ଅକ୍ସିଜେନ, ଇଞ୍ଜେକ୍ସନ, ଔଷଧ, ଶଯ୍ୟାର ଅଭାବ ଦେଶରେ ଭୂତାଣୁ ଆତଙ୍କର ଭୟଙ୍କର ଚିତ୍ର ଆଙ୍କିଛି। ମୃତଦେହ ସତ୍କାର ପାଇଁ ଲମ୍ବାଧାଡ଼ି ଏବଂ ଲିଭୁ ନ ଥିବା ଚିତାର ଦୃଶ୍ୟ ସମଗ୍ର ବିଶ୍ୱକୁ ବ୍ୟଥିତ କରିଛି।

ଭାରତରେ କରୋନା ଗ୍ରାଫ୍ ତଳକୁ ଖସିବାର ନାଁ ନେଉନାହିଁ। ବିଶେଷକରି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ନାଟକ, ଛତିଶଗଡ଼ ଓ କେରଳରେ ଭୂତାଣୁର ଭୟାବହତା ସର୍ବାଧିକ ଅନୁଭୂତ ହେଉଛି। ଏପ୍ରିଲ ମାସରେ ମୋଟ ସଂକ୍ରମଣର ୬୪% କେବଳ ଏହି ୬ ରାଜ୍ୟରେ ଦେଖିବାକୁ ମିଳିଛି। ଭାଇରୋଲୋଜିଷ୍ଟଙ୍କ ମତରେ ଦେଶରେ ସଂକ୍ରମଣର ଦ୍ରୁତଗତି ମାସକ ମଧ୍ୟରେ କମିବ ନାହିଁ। ଏଥିଲାଗି ହୋଟେଲ, ସ୍ପୋର୍ଟ୍ସ ହଲ୍ ଓ ଷ୍ଟାଡିୟମ୍‌ଗୁଡ଼ିକୁ ହସ୍ପିଟାଲରେ ରୂପାନ୍ତରିତ କରାଯାଉଛି। ହସ୍ପିଟାଲ ଭିତରେ ବେଡ୍ ଓ ଅନ୍ୟ ଜରୁରୀ ସୁବିଧାର ଅଭାବ ଏବଂ ବାହାରେ ଚିକିତ୍ସା ଆଶାୟୀଙ୍କ ଗହଳି କୋଭିଡ୍-୧୯ର ଭୟାବହତା ଓ ବ୍ୟାପକତାକୁ ବୟାନ କରୁଛି। ଶ୍ମଶାନଗୁଡ଼ିକରେ ଶହ ଶହ ସଂଖ୍ୟାରେ ଗାଡ଼ି ଲାଗୁଛି। ମୃତଦେହଗୁଡ଼ିକୁ ଗୋଟିଏ ଜାଗାରେ ଗଦାଇ ଦେଇ ଗଣସତ୍କାର କରାଯାଉଛି।



ଦିଲ୍ଲୀର ଏକ ଶ୍ମଶାନରେ ଗଣ ଶବ ସତ୍କାର ବେଳର ଦୃଶ୍ୟ।

ଟୁଇଟର, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ହ୍ୱାଟ୍ସଆପ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏଭଳି ପରିସ୍ଥିତିରେ ଜରୁରୀ ସହାୟତା ପାଇଁ ଆକୁଳ ଚିତ୍କାରର ମାଧ୍ୟମ ପାଲଟିଛି। ବ୍ୟବସ୍ଥାର ଐତିହାସିକ ବିଫଳତା ପଦାରେ ପଡ଼ିବା ପରେ ଅଦୃଶ୍ୟ ଭୂତାଣୁ ବିରୋଧରେ ଲଢ଼ି ଅସହାୟ ହୋଇଯାଇଥିବା ଭାରତକୁ ସହାୟତାର ବିଦେଶୀ ହାତ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବାରେ ଅପାରଗତାକୁ ଦର୍ଶାଉଥିବା ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଟୁଇଟରକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଉଛି। ସାମାଜିକ ଗଣମାଧ୍ୟମ ଉପରେ ଏଭଳି କଟକଣାକୁ 'ମାନବୀୟ ସଙ୍କଟ' ବୋଲି ୟୁଜର୍ସ ପ୍ରତିକ୍ରିୟା ଦେଉଛନ୍ତି। ଦେଶର ଲାଇଫ୍‌ଲାଇନ୍ କୁହାଯାଉଥିବା ରେଲୱେ 'ଅକ୍ସିଜେନ ଏକ୍ସପ୍ରେସ୍' ନାମରେ ଟ୍ରେନ୍ ଦଉଡ଼ାଇ ଅଣନିଃଶ୍ୱାସୀ ରୋଗୀଙ୍କୁ ଅମ୍ଳଜାନ ଯୋଗାଉଛି। ଅକ୍ସିଜେନ ଅଭାବ ପୂରଣ କରିବା ପାଇଁ ଭାରତୀୟ ବାୟୁସେନାର ସହଯୋଗ ନିଆଯାଉଛି। ନିଃସ୍ୱ ଗରିବ ଲୋକେ ମଧ୍ୟ ଅନ୍ୟମାନଙ୍କୁ ବଞ୍ଚାଇବା ପାଇଁ ଜୀବନ ଯାକର ସଞ୍ଚିତ ଧନକୁ ସରକାରଙ୍କୁ ଦାନ କରିବାରେ ଲାଗିଛନ୍ତି। ବିଶ୍ୱର ଅନ୍ୟ ଭାଗଗୁଡ଼ିକରେ କରୋନା ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି। ମହାମାରୀର ହଟ୍‌ସ୍ପଟ ପାଲଟିଥିବା ଭାରତରେ ସ୍ଥିତି ଏତେ ଶୀଘ୍ର ସୁଧୁରିବା ଆଶା ଦିଶୁନି। ଶାରୀରିକ ଦୂରତ୍ୱ ରକ୍ଷା ନ କଲେ ଜଣେ ରୋଗୀ ମାସକ ମଧ୍ୟରେ ୪୦୬ ଜଣଙ୍କୁ ସଂକ୍ରମିତ କରିବା ଆଶଙ୍କା ରହିଛି। ତେଣୁ ଘର ଭିତରେ ବି ମାସ୍କ ପିନ୍ଧିବାକୁ କେନ୍ଦ୍ର ଦେଇଥିବା ପରାମର୍ଶରୁ ଏହା ବୁଝାପଡୁଛି।

> ବିଶ୍ୱରେ କରୋନା ମହାମାରୀର ଦୌରାତ୍ମ୍ୟ ଜାରି ରହିଛି। ଲଗାତର ନବମ ସପ୍ତାହ ଧରି ସଂକ୍ରମଣ ମାମଲା ବଢ଼ିଛି। ମୃତ୍ୟୁ ସଂଖ୍ୟା ବୃଦ୍ଧିରେ ମଧ୍ୟ ଏହା ଷଷ୍ଠ ସପ୍ତାହ। ଭାରତର ସ୍ଥିତି ଅତ୍ୟନ୍ତ ହୃଦୟ ବିଦାରକ। ଏଥିରୁ ମୁକୁଳାଇବା ପାଇଁ ଆମେ ଜରୁରୀ ଅକ୍ସିଜେନ ଓ ଅନ୍ୟ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରୁଛୁ।
>
> **–ଟେଡ୍ରୋସ୍ ଅଧନୋମ ଘେବ୍ରିୟେସସ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମୁଖ୍ୟ**

## ସଂକ୍ଷେପରେ

### କୋଭିଡ୍ ନିୟମ ପାଳନ ରାଜ୍ୟର ଦାୟିତ୍ୱ: ଇସି

**ନୂଆଦିଲ୍ଲୀ,୨୭।୪:** ନିର୍ବାଚନ ସମୟରେ କୋଭିଡ୍ ନିୟମକୁ କାର୍ଯ୍ୟକାରୀ କରିବାରେ ବିଫଳ ହୋଇ କଲିକତା ଓ ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହୋଇଥିବା ନିର୍ବାଚନ କମିଶନ ଏବେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛନ୍ତି। ମହାମାରୀ ବିରୋଧରେ ଲଢ଼େଇ ଲାଗି ଆଇନକୁ କାର୍ଯ୍ୟକାରୀ କରିବା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ଦାୟିତ୍ୱ ବୋଲି ଇସି କହିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)ଙ୍କ ନିର୍ଦ୍ଦେଶନାମାର ଅନୁପାଳନ ନିମନ୍ତେ ରାଜ୍ୟ ଓ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

### ରାଜ୍ୟଗୁଡ଼ିକ ପାଖରେ ୧ କୋଟି ଡୋଜ୍ ଭାକ୍ସିନ

**ନୂଆଦିଲ୍ଲୀ,୨୭।୪:** ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଖରେ ୧ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ କରୋନା ଭାକ୍ସିନ ମହଜୁଦ ରହିଛି। ଆସନ୍ତା ୩ ଦିନ ମଧ୍ୟରେ ଆହୁରି ୮୦ ଲକ୍ଷ ଡୋଜ୍ ଭାକ୍ସିନ ପଠାଯିବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ମତରେ ବର୍ତ୍ତମାନ ସୁଦ୍ଧା ୧୫,୬୫,୨୬,୧୪୦ ଡୋଜ୍ ଭାକ୍ସିନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମାଗଣାରେ ପଠାଯାଇଛି।

### କରୋନାରେ ବାଜପେୟୀଙ୍କ ଭାଣିଜୀଙ୍କ ପରଲୋକ



**ରାୟପୁର, ୨୭।୪:** କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଏମ୍‌ପି କରୁଣା ଶୁକ୍ଲାଙ୍କ ମଙ୍ଗଳବାର ରାୟପୁରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭାଣିଜୀ କରୁଣା କରୋନାରେ ସଂକ୍ରମିତ ହୋଇଥିଲେ। ଏ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଟୁଇଟ୍ କରିବା ସହ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ୨ ଥର ଲୋକ ସଭା ଏମ୍‌ପି ନିର୍ବାଚିତ ହୋଇଥିବା କରୁଣା ଭାଜପା ଛାଡ଼ି ୨୦୧୩ରେ କଂଗ୍ରେସରେ ଯୋଗ ଦେଇଥିଲେ।

### ସହାୟତା ଦେବେ ୪୦ ଆମେରିକୀୟ କମ୍ପାନୀ

**ୱାଶିଂଟନ୍, ୨୭।୪:** କରୋନା ମୁକାବିଲାରେ ଭାରତକୁ ସହାୟତା ପାଇଁ ଆଗେଇ ଆସିଛନ୍ତି ଆମେରିକାର ପ୍ରମୁଖ ୪୦ କମ୍ପାନୀ। କମ୍ପାନୀ ସିଇଓମାନେ ଏକ ଗ୍ଲୋବାଲ ଟାସ୍କଫୋର୍ସ ଗଠନ କରି ଭାରତକୁ ସାହାଯ୍ୟ କରିବାକୁ ଏକଜୁଟ ହୋଇଛନ୍ତି। ଏହି ଟାସ୍କଫୋର୍ସ ଭାରତକୁ ଚିକିତ୍ସା ଉପକରଣ, ଟିକା, ଅକ୍ସିଜେନ ଏବଂ ଅନ୍ୟାନ୍ୟ ଜୀବନ ସହାୟତା ସହାୟତା ସଂଗ୍ରହ କରି ଯୋଗାଇବ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଭାରତକୁ ୨୦ ହଜାର ଅକ୍ସିଜେନ ସିଲିଣ୍ଡର ପଠାଯିବାକୁ ସୋମବାର ଅନୁଷ୍ଠିତ ଏକ ବୈଠକରେ ସ୍ଥିର ହୋଇଛି।

### ଭାରତକୁ ସହାୟତା ଦେବାର ବେଳ



**ଜାତିସଂଘ,୨୭।୪:** ବର୍ତ୍ତମାନ ଭାରତକୁ ସହାୟତା ଦେବାର ବେଳ ଆସିଛି। ସାରା ବିଶ୍ୱ ଯଥାସମ୍ଭବ ସାହାଯ୍ୟ କରନ୍ତୁ। ଏହି ବିପତ୍ତି ସମୟରେ ଭାରତ ସହ ସମସ୍ତେ ଛିଡ଼ା ହେବା ଉଚିତ ବୋଲି ମଙ୍ଗଳବାର ଜାତିସଂଘ ସାଧାରଣ ସଭା ୭୫ତମ ଅଧିବେଶନର ଅଧ୍ୟକ୍ଷ ଭୋଲ୍‌କାନ ବୋଜ୍‌କିର ଟୁଇଟ୍ କରିଛନ୍ତି। ଜାତିସଂଘରେ ଭାରତର ସ୍ଥାୟୀ ରାଷ୍ଟ୍ରଦୂତ ଟି.ଏସ୍. ତିରୁମୂର୍ତ୍ତି ବୋଜ୍‌କିରଙ୍କୁ ଟୁଇଟ୍‌ରରେ ଧନ୍ୟବାଦ ଦେଇଛନ୍ତି।

## ବିଶ୍ୱର ୩୮% ସଂକ୍ରମିତ ଭାରତରେ

### ମୃତ୍ୟୁସଂଖ୍ୟା ୨ ଲକ୍ଷ ମୁହାଁ

**ନୂଆଦିଲ୍ଲୀ,୨୭।୪**



ଭାରତରେ ଦ୍ରୁତଗତିରେ ମାଡ଼ି ଚାଲିଛି ମହାମାରୀ କରୋନା। ଦେଶରେ ମଙ୍ଗଳବାର ଷଷ୍ଠ ଦିନ ଧରି ୩ ଲକ୍ଷ ଉପରେ ନୂଆ ସଂକ୍ରମଣ ମାମଲା ରେକର୍ଡ କରାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ସଂକ୍ରମଣର ୩,୨୩,୧୪୪ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୨,୭୭୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏଥିସହ ସଂକ୍ରମିତଙ୍କ ସଂଖ୍ୟା ୧,୭୬,୩୬,୩୦୭ରେ ପହଞ୍ଚିଛି। ଦେଶରେ କରୋନାଜନିତ ମୃତ୍ୟୁସଂଖ୍ୟା ୧,୯୭,୮୯୪ ହୋଇଛି। ଆଇସିଏମ୍‌ଆର୍ ପକ୍ଷରୁ କୁହାଯାଇଛି ଯେ, ସୋମବାର ଦେଶରେ ମୋଟ ୨୮୦,୯୭୯,୮୭୭ ନମୁନା ଯାଞ୍ଚ କରାଯାଇଛି।

ସଂକ୍ରମଣ ଦୃଷ୍ଟିରୁ ଦେଖିଲେ ବିଶ୍ୱର ୩୮% ଆକ୍ରାନ୍ତ ଭାରତରେ ରହିଛନ୍ତି, ଯାହାକି ଅନ୍ୟ ସମସ୍ତ ଦେଶଠାରୁ ଅଧିକ। ମାସକ ତଳେ ଏହି ହାର ମାତ୍ର ୯% ଥିଲା ବୋଲି ଜନ୍ ହୋପ୍‌କିନ୍ସ ୟୁନିଭର୍ସିଟି ତଥ୍ୟରୁ ଜଣାପଡ଼ିଛି। ଟିକାକରଣକୁ ମଧ୍ୟ ତ୍ୱରାନ୍ୱିତ କରାଯାଇ ପାରିନାହିଁ। ଦେଶର ମାତ୍ର ୧୦% ଲୋକଙ୍କୁ ଟିକା ଦିଆଯାଇ ପାରିଛି।

## ବଙ୍ଗଳା ଛାଡୁନାହାନ୍ତି ଅରୁଣ ମିଶ୍ର

**ନୂଆଦିଲ୍ଲୀ, ୨୭।୪**



ଅବସରକୁ ୭ ମାସ ବିତିଲା

ଅବସରର ପ୍ରାୟ ୭ ମାସ ପରେ ବି ସରକାରୀ ବଙ୍ଗଳା ଛାଡ଼ିନାହାନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅରୁଣ ମିଶ୍ର। ନୂଆଦିଲ୍ଲୀର ଆକବର ରୋଡ୍‌ସ୍ଥିତ ବଙ୍ଗଳାରେ ରହିବା ଅବଧିକୁ ଏପ୍ରିଲ ପର୍ଯ୍ୟନ୍ତ ବଢ଼ାଇବାକୁ ସେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଜଷ୍ଟିସ୍ ମିଶ୍ରଙ୍କ କହିବା ଅନୁଯାୟୀ, କ୍ରମାଗତ ଭାବେ ତାଙ୍କ ପରିବାରରେ ସମସ୍ୟା ଲାଗିରହିଛି। ଜଣେ ପରେ ଜଣଙ୍କ ମୃତ୍ୟୁ ଘଟୁଥିବାରୁ ସେ ଘର ଛାଡ଼ିପାରୁନାହାନ୍ତି। ଗତ ବର୍ଷ ସେପ୍ଟେମ୍ବର ୨ରେ ଅବସର ନେବା ପରେ ୪ ସମ୍ପର୍କୀୟଙ୍କ ଦେହାନ୍ତ ହେବାରୁ ଜାନୁୟାରୀ ପର୍ଯ୍ୟନ୍ତ ସେ ଉକ୍ତ ବଙ୍ଗଳାରେ ରହିଥିଲେ। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ତାଙ୍କୁ ସେଠାରେ ରହିବାକୁ ଅନୁମତି ଦେଇଥିଲେ। କିନ୍ତୁ ଗତ ସପ୍ତାହରେ ତାଙ୍କ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇ କ୍ୱାରାଣ୍ଟାଇନରେ ଅଛନ୍ତି। ତେଣୁ ସର୍ବୋଚ୍ଚ କୋର୍ଟ ତାଙ୍କୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସେଠାରେ ରହିବାକୁ ଅନୁମତି ଦେବାକୁ ସେ ଅନୁରୋଧ କରିଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ନେଇ କୌଣସି ଜବାବ ରଖାଯାଇନାହିଁ।




ବ୍ରିଟେନରୁ ଆସିଥିବା ମେଡିକାଲ ଉପକରଣ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପହଞ୍ଚିଛି।

## ବ୍ରିଟେନ, ଥାଇଲାଣ୍ଡରୁ ଅକ୍ସିଜେନ ଆସିଲା

**ନୂଆଦିଲ୍ଲୀ,୨୭।୪**

ମହାମାରୀ ସମୟରେ ଭାରତର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଭୁଶୁଡ଼ିପଡ଼ିଥିବାବେଳେ ବିଭିନ୍ନ ଦେଶ ସହାୟତାର ହାତ ବଢ଼ାଇଛନ୍ତି। ବ୍ରିଟେନ ୧୦୦ ଭେଣ୍ଟିଲେଟର, ୯୫ ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଓ ଅନ୍ୟ ଜୀବନରକ୍ଷକ ଉପକରଣ ପଠାଇଛି। ମଙ୍ଗଳବାର ଭୋର ସମୟରେ ଏହା ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଛି। ବ୍ରିଟେନର ଦ୍ୱିତୀୟ ପର୍ଯ୍ୟାୟ ସହାୟତା ୯ଟି ଏୟାରଲାଇନ୍ କଣ୍ଟେନର ଲୋଡ୍‌ରେ ଖୁବ୍‌ଶୀଘ୍ର ଆସିବ। ଏଥିରେ ୪୯୫ ଅକ୍ସିଜେନ୍ ସିଲିଣ୍ଡର, ୧୨୦ ଭେଣ୍ଟିଲେଟର ଓ ୨୦ ମାନୁଆଲ ଭେଣ୍ଟିଲେଟର ସାମିଲ ଥିବା ଜଣାପଡ଼ିଛି। ଏହି ବିପତ୍ତି ସମୟରେ ଭାରତ ସହ ବନ୍ଧୁ ଭାବେ ଆମେ ଛିଡ଼ା ହୋଇଛୁ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଟୁଇଟ୍ କରିଛନ୍ତି। ସେହିପରି ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍, ସିଙ୍ଗାପୁର ଓ ଦୁବାଇରୁ ମଧ୍ୟ କେତେକ ଜରୁରୀ ସାମଗ୍ରୀ ଭାରତୀୟ ବାୟୁସେନା ପକ୍ଷରୁ ଅଣାଯାଇଛି। ଜର୍ମାନୀ ଓ ଫ୍ରାନ୍ସ ମଧ୍ୟ ମେଡିକାଲ ଅକ୍ସିଜେନ ଏବଂ ଅନ୍ୟ ଜରୁରୀ ଉପକରଣ ପଠାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

## ମେ'ରେ ମିଳିବ ରୁଷିଆ ଟିକା

**ନୂଆଦିଲ୍ଲୀ, ୨୭।୪:** ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରୀ ପାଇଥିବା ରୁଷିଆ ଟିକା ସ୍ପୁଟନିକ ଭି ମେ'ରେ ଭାରତରେ ଉପଲବ୍ଧ ହେବ। ଏ ନେଇ ରୁଷିଆର ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ପ୍ରମୁଖ କିରିଲ ଦିମିତ୍ରିଭ୍ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫ କୋଟି ସ୍ପୁଟନିକ ଭି ଷ୍ଟକ୍ ଡୋଜ୍ ଭାରତକୁ ଆସିବ। ପରେ ଭାରତରେ ହିଁ ଏହି ଟିକା ପ୍ରସ୍ତୁତ କରାଯିବ। ୬ଟି ଟିକା ପ୍ରସ୍ତୁତକାରୀ ୟୁନିଟ୍ ସ୍ପୁଟନିକ ଭି ଉତ୍ପାଦନ କରିବ। ସେଥିରୁ ୨ଟି ୟୁନିଟ୍ ଜୁନ୍-ଜୁଲାଇ ସୁଦ୍ଧା, ଅଗଷ୍ଟ ସୁଦ୍ଧା ୨ଟି ୟୁନିଟ୍ ଏବଂ ସେପ୍ଟେମ୍ବର କିମ୍ବା ଅକ୍ଟୋବର ସୁଦ୍ଧା ବାକି ଦୁଇଟି ୟୁନିଟ୍ ଏହି ଭାକ୍ସିନ ଯୋଗାଣ କରିବ। ତେବେ ଟିକାର ଦାମ୍ ଏଯାଏ ସ୍ଥିର ହୋଇ ନ ଥିବା ଜଣାଯାଇଛି।

### ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ୟମ ଚଳାଇଛି ପେଣ୍ଟାଗନ୍

**ୱାଶିଂଟନ୍, ୨୭।୪:** ଭାରତକୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ସହାୟତା ପ୍ରଦାନ କରିବାକୁ ପେଣ୍ଟାଗନ ପ୍ରସ୍ତୁତି ଚଳାଇଥିବା କହିଛନ୍ତି ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍। ଏଥିପାଇଁ ସମସ୍ତ ଆମେରିକୀୟ ଏଜେନ୍ସି ସହ ଆଲୋଚନା କରାଯାଇ କିଛିଦିନ ମଧ୍ୟରେ ସମସ୍ତ ଚିକିତ୍ସା ଉପକରଣ ସହ ପିପିଇ, ଟେଷ୍ଟିଂ କିଟ୍ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପଠାଇବାକୁ ବ୍ୟବସ୍ଥା ହେଉଥିବା ସେ କହିଛନ୍ତି।

## ବେଦାନ୍ତକୁ ଅକ୍ସିଜେନ ଉତ୍ପାଦନ ଅନୁମତି



**ନୂଆଦିଲ୍ଲୀ,୨୭।୪**

ତାମିଲନାଡୁର ଟୁଟିକୋରିନସ୍ଥିତ ଅକ୍ସିଜେନ ପ୍ଲାଣ୍ଟରେ ଅମ୍ଳଜାନ ଉତ୍ପାଦନ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଅକ୍ସିଜେନର ଜାତୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୪ ମାସ ପାଇଁ ଏହି ଅନୁମତି ଦିଆଯାଇଛି। ସେଠାରେ ଅମ୍ଳଜାନ ବ୍ୟତୀତ ଅନ୍ୟ କିଛି ଉତ୍ପାଦନ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଟୁଟିକୋରିନ ପ୍ଲାଣ୍ଟରେ କେବଳ ଅକ୍ସିଜେନ ଉତ୍ପାଦନ କରାଯିବ। ସୁପ୍ରିମକୋର୍ଟଙ୍କ ଅର୍ଡର ଆଳରେ କମ୍ପାନୀ କପର ତରଳାଇ ପାରିବ ନାହିଁ। ତାମିଲନାଡୁ ସରକାର ଏକ ୫ ଜଣିଆ ବିଶେଷଜ୍ଞ କମିଟି ଗଠନ କରିବେ। ଉକ୍ତ କମିଟିରେ ଜିଲାପାଳ, ଟୁଟିକୋରିନ ଏସ୍‌ପି ରହିବେ। ବେଦାନ୍ତର ଅକ୍ସିଜେନ ପ୍ଲାଣ୍ଟର କାର୍ଯ୍ୟକଳାପକୁ ଉକ୍ତ କମିଟି ଅନୁଧ୍ୟାନ କରିବ। ପ୍ରକାଶ ଯେ, ଟୁଟିକୋରିନ୍‌ସ୍ଥିତ ବେଦାନ୍ତର ଷ୍ଟେରଲାଇଟ୍ କପର୍ ୟୁନିଟ ପରିବେଶଗତ କାରଣରୁ ୨୦୧୮ ମେ'ରୁ ବନ୍ଦ ପଡ଼ିଛି। କମ୍ପାନୀ ଏହାକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ଅନୁମତି ମାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲା। ହସ୍ପିଟାଲଗୁଡ଼ିକରେ ଚିକିତ୍ସାଧୀନ କୋଭିଡ୍-୧୯ ରୋଗୀଙ୍କୁ ମାଗଣାରେ ଅକ୍ସିଜେନ ଯୋଗାଇଦେବ ବୋଲି ବେଦାନ୍ତ ଯୁକ୍ତି ବାଢ଼ିଥିଲା। ଅକ୍ସିଜେନ ଅଭାବରୁ ଲୋକେ ମରୁଥିବା ଦେଖି ଏପ୍ରିଲ ୨୩ରେ ସୁପ୍ରିମକୋର୍ଟ ବେଦାନ୍ତର ଷ୍ଟେରଲାଇଟ୍ କପର ୟୁନିଟରେ ତାମିଲନାଡୁ ସରକାର କାହିଁକି ଅମ୍ଳଜାନ ଉତ୍ପାଦନ କରିପାରିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ସୋମବାର ତାମିଲନାଡୁ ସରକାର ୪ ମାସ ପାଇଁ ଅମ୍ଳଜାନ ଉତ୍ପାଦନ କରିବାକୁ ବେଦାନ୍ତକୁ ଅନୁମତି ଦେଇଥିଲେ।

## ବିପତ୍ତି ବେଳେ ବଦାନ୍ୟତା

### ୨ ଲକ୍ଷ ଦାନକଲେ ବିଡ଼ି ଶ୍ରମିକ ଜନାର୍ଦ୍ଦନ

**କାନପୁର, ୨୭।୪**

ଆକାଉଣ୍ଟରେ ମାତ୍ର ୮୫୦ ଟଙ୍କା ଛାଡ଼ି ସେଥିରେ ରଖିଥିବା ସମସ୍ତ ୨ ଲକ୍ଷ ଟଙ୍କାକୁ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଦାନ କରି ମଣିଷପଣିଆର ଉଦାହରଣ ସୃଷ୍ଟି କରିଛନ୍ତି ଉତ୍ତରପ୍ରଦେଶ କାନପୁରର ଜଣେ ବିଡ଼ି ଶ୍ରମିକ ଜନାର୍ଦ୍ଦନ। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଏ ବାବଦରେ ଟୁଇଟ୍ କରିଛନ୍ତି। ବ୍ୟାଙ୍କର ଜଣେ ଷ୍ଟାଫ୍ ତାଙ୍କ ଆକାଉଣ୍ଟରେ ମାତ୍ର ୮୫୦ ଟଙ୍କା ଥିବା ଦେଖି ଆଶ୍ଚର୍ଯ୍ୟ ହେବା ସହ ଟଙ୍କା ଟ୍ରାନ୍ସଫର ପାଇଁ ପଚ୍ଛୁଘୁଞ୍ଚା ଦେଇଥିଲେ। କିନ୍ତୁ ଆହୁରି ଅଧିକ ପରିଶ୍ରମ କରି ଅଧିକ ରୋଜଗାର କରିପାରିବି ବୋଲି ଜନାର୍ଦ୍ଦନ କହିଥିଲେ। ଏଭଳି ମହାବିପତ୍ତିବେଳେ ଅନେକ ଉଦାର ଲୋକ ସହାୟତା ପାଇଁ ଆଗେଇ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଜନାର୍ଦ୍ଦନ ଜଣେ ବୋଲି ପିନାରାୟୀ ଲେଖିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କେରଳ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ ମଧ୍ୟ ଜନାର୍ଦ୍ଦନଙ୍କ ଷ୍ଟୋରି ଟୁଇଟ୍ କରିଛନ୍ତି।

**ଆକାଉଣ୍ଟରେ ମାତ୍ର ୮୫୦ ଟଙ୍କା**



## ଅକ୍ସିଜେନ ପାଇଁ ଦେଲେ ଝିଅ ବିବାହ ଟଙ୍କା

**ଭୋପାଳ, ୨୭।୪:** କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ଅକ୍ସିଜେନ, ରେମ୍‌ଡେସିଭିର ମେଡିସିନ୍ ଆଦିର ଆବଶ୍ୟକତା ବିପୁଳ ମାତ୍ରାରେ ବଢ଼ିଥିବାବେଳେ ଅନେକ ଅସାଧୁ ଲୋକେ ଏହାକୁ ସୁଯୋଗ ବୋଲି ବିବେଚନା କରି ତାହାର କଳାବଜାରରେ ଲାଗିଛନ୍ତି। କିନ୍ତୁ ଏପରି କେତେ ଜଣ ଲୋକ ଅଛନ୍ତି ଯେଉଁମାନେ କଠିନ ସମୟରେ ବି ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟପ୍ରଦେଶ ନିମଚ୍ ଜିଲାର ଚାଷୀ ଚମ୍ପାଲାଲ ଗୁରଜାର। ଝିଅର ବିବାହ ପାଇଁ ସଞ୍ଚୟ କରିଥିବା ୨ ଲକ୍ଷ ଟଙ୍କା ଜିଲାରେ କରୋନା ରୋଗୀଙ୍କ ନିମନ୍ତେ ଅକ୍ସିଜେନ କିଣିବା ପାଇଁ ସେ ଦାନ କରିଛନ୍ତି। ଏହାର ଏକ ଚେକ୍ ଜିଲାପାଳ ମୟଙ୍କ ଅଗ୍ରୱାଲଙ୍କୁ ସେ ପ୍ରଦାନ କରି ସେଥିରେ ଦୁଇଟି ଅକ୍ସିଜେନ ସିଲିଣ୍ଡର, ଗୋଟିଏ ଜିଲା ହସ୍ପିଟାଲ ପାଇଁ ଏବଂ ଅନ୍ୟଟି ଜିରନ୍ ତହସିଲ ପାଇଁ, କିଣିବାକୁ ଅନୁରୋଧ କରିଛନ୍ତି। ଝିଅର ବାହାଘର ରବିବାର କରୋନା କଟକଣା ମଧ୍ୟରେ ହୋଇଥିବା ବେଳେ ଏହିଦିନକୁ ଅଧିକ ସ୍ମରଣୀୟ କରିବାକୁ ସେ ଏପରି କରିଥିବା କହିଛନ୍ତି।

## 'ପିଲାଙ୍କୁ ବର୍ଷେ ହେଲା ଦେଖିନି'

**ମହୀଶୂର, ୨୭।୪:** '୨୦ ବର୍ଷ ହେଲା ଅକ୍ସିଜେନ ଟ୍ୟାଙ୍କର ପରିବହନରେ ନିୟୋଜିତ ଅଛି। ହେଲେ ବର୍ତ୍ତମାନ ପରି ଅକ୍ସିଜେନର ଏତେ ମାତ୍ରାରେ ଆବଶ୍ୟକତା କେବେ ଦେଖି ନ ଥିଲି। ଟ୍ୟାଙ୍କର ନେବାରେ ଟିକେ ଡେରି ଅନେକଙ୍କ ଜୀବନ ସଙ୍କଟାପନ୍ନ କରିପାରେ। ଏ ସବୁ ଭିତରେ ପରିବାର କଥା ପଛ କରିବାକୁ ପଡୁଛି। କରୋନାର ପ୍ରଥମ ଲହରଠାରୁ ଏପର୍ଯ୍ୟନ୍ତ ମୋ ଝିଅ ଓ ପୁଅଙ୍କୁ ଦେଖିନାହିଁ। ବାରମ୍ବାର ଘରୁ ଫୋନ ଆସୁଥିଲେ ହେଁ ଡ୍ୟୁଟି ପ୍ରଥମେ ବୋଲି ସେମାନଙ୍କୁ ବୁଝାଉଛି'। ଏ ଭଳି ଦୁଃଖଦ କାହାଣୀ ବଖାଣିଛନ୍ତି କର୍ନାଟକରେ ଅକ୍ସିଜେନ ଟ୍ୟାଙ୍କର ଡ୍ରାଇଭର କାମ କରୁଥିବା ଶଙ୍କର ମାଝି। ସେ ଓ ତାଙ୍କ ସହାୟକ ମହମ୍ମଦ ହାକିକଥଙ୍କ ଘର ବିହାରରେ। ଶଙ୍କର କହିଛନ୍ତି, କୋପ୍ପାଲକୁ ସପ୍ତାହରେ ଅତି କମ୍‌ରେ ଆମକୁ ବିନା ବ୍ରେକ୍‌ରେ ୩ ରାଉଣ୍ଡ ଟ୍ରିପ୍ କରିବାକୁ ପଡୁଛି। ୮ ଘଣ୍ଟାର ଯାତ୍ରାବେଳେ ରାସ୍ତାରେ ଚା' ମଧ୍ୟ ପିଇବାକୁ ଗାଡ଼ି ରଖି ନ ଥାଉ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୮୯,୦୯,୯୪୬ | ୩୧,୩୯,୫୭୯ | ୧୨,୬୬,୨୦,୯୬୬ |
| ଭାରତ | ୧,୭୮,୬୭,୬୪୮ | ୧,୯୯,୩୮୮ | ୧,୪୬,୯୫,୯୮୩ |
| ଓଡ଼ିଶା | ୪,୨୦,୧୨୯ | ୨୦୦୭(+୫୩) | ୩,୭୧,୨୦୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ଖବରଦାତା ରୁଦ୍ରପ୍ରସାଦ ଦଣ୍ଡସେନାଙ୍କ ପରଲୋକ



ସୁନ୍ଦରଗଡ଼, ୨୭।୪ (ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ହେମଗିର ବ୍ଲକର ବରିଷ୍ଠ ଖବରଦାତା ତଥା ଧରିତ୍ରୀ ପ୍ରତିନିଧି ରୁଦ୍ରପ୍ରସାଦ ଦଣ୍ଡସେନା(୫୨)ଙ୍କ ମଙ୍ଗଳବାର ଭୋର ୪ଟା ବେଳେ ବୁର୍ଲା ଡାକ୍ତରଖାନାରେ ପରଲୋକ ଘଟିଛି। ସୋମବାର ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଜଣେ ନିର୍ଭୀକ ଓ ଅମାୟିକ ଖବରଦାତା ଭାବେ ହେମଗିର ଅଞ୍ଚଳର ଖବର ପରିବେଷଣ କରି ସବୁରି ମହଲରେ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ବିୟୋଗରେ ଖବରଦାତା ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଧରିତ୍ରୀ ପରିବାର ପକ୍ଷରୁ ମଧ ଗଭୀର ଶୋକ ପ୍ରକାଶ କରାଯାଇଛି । ଏଥିସହ ଜିଲା ପ୍ରେସ କ୍ଲବ ଓ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି । ସ୍ୱର୍ଗତ ଦଣ୍ଡସେନାଙ୍କ ସ୍ତ୍ରୀ,ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର ନିଜ ଗ୍ରାମ ଡୁଲିଙ୍ଗାରେ ସମ୍ପନ୍ନ ହୋଇଛି।

## କୋଭିଡ୍-୧୯ ପରିଚାଳନା: ପଶ୍ଚିମ ଓଡ଼ିଶା ଗଲେ ୧୨ ଓଏଏସ୍ ଅଫିସର

**ଭୁବନେଶ୍ୱର,୨୭।୪(ବ୍ୟୁରୋ):** ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଛି। ପଶ୍ଚିମ ଓଡ଼ିଶାରେ ଏହାର ପ୍ରକୋପ ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୨ ଜଣ ଓଏଏସ୍ ଅଫିସରଙ୍କୁ ମଙ୍ଗଳବାର ପଶ୍ଚିମ ଓଡ଼ିଶାର ୫ଟି ଜିଲାକୁ କୋଭିଡ୍-୧୯ ପରିଚାଳନାରେ ଜିଲା ପ୍ରଶାସନକୁ ସହାୟତା କରିବାକୁ ଡେପୁଟେଶନରେ ପଠାଇଛନ୍ତି। ଓଏଏସ୍ ଅଫିସର ବିବେକାନନ୍ଦ ସାହୁ, ଶ୍ୱେତ କୁମାର ଦାଶ ଏବଂ ହେମନ୍ତ କୁମାର ସିଂଙ୍କୁ ନୂଆପଡ଼ା ଜିଲାକୁ ପଠାଯାଇଥିବା ବେଳେ ଅଯୋଧ୍ୟାକାନ୍ତ ଶତପଥୀ, ଦିଲୀପ କୁମାର ମହାପାତ୍ରଙ୍କୁ ବଲାଙ୍ଗୀର, ଦୁର୍ଗା ପ୍ରସାଦ ମହାପାତ୍ର ଓ ଧୀରେନ୍ଦ୍ରନାଥ କରଙ୍କୁ ବରଗଡ଼, ମଧୁସୂଦନ ବେହେରା ଓ ପ୍ରଭାତ କୁମାର ସାହୁଙ୍କୁ ସମ୍ବଲପୁର ଏବଂ ସନ୍ତୋଷ କୁମାର ଦାଶ, ଆଶିଷ କୁମାର ଜେନା ଏବଂ ଦେବାଶିଷ ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଜିଲାକୁ କୋଭିଡ୍ ପରିଚାଳନାରେ ସହାୟତା କରିବାକୁ ପଠାଯାଇଛି। ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ତୁରନ୍ତ ରିପୋର୍ଟ କରିବାକୁ ଉକ୍ତ ଅଧିକାରୀମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ୪୦ ଡିଗ୍ରୀ ଉପରେ ୧୫ ସହର



**ଉପରମୁହାଁ ପାରଦ**

**ଭୁବନେଶ୍ୱର,୨୭।୪(ବ୍ୟୁରୋ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଗତ କିଛିଦିନ ହେବ ପ୍ରବଳ ଖରା ସମଗ୍ର ରାଜ୍ୟକୁ ଉତ୍ତପ୍ତ କରିଛି। ପାରଦ ଉପରମୁହାଁ ହୋଇଛି। ମଙ୍ଗଳବାର ୧୫ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧରେ ସର୍ବାଧିକ ୪୩.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୪୧.୭, ବଲାଙ୍ଗୀର ୪୨.୪, ଅନୁଗୋଳ ୪୨.୭, ବାରିପଦା ୪୨.୫, ଟିଟିଲାଗଡ଼ ୪୨.୫, ନୟାଗଡ଼ ୪୧, ଝାରସୁଗୁଡ଼ା ୪୧,ସମ୍ବଲପୁର ୪୧, ସୁନ୍ଦରଗଡ଼ ୪୧, ହୀରାକୁଦ ୪୦.୯, ତାଳଚେର ୪୨.୩, ଭବାନୀପାଟଣା ୪୦.୮, ସୋନପୁର ୪୧.୮, କଟକ ୩୯, ଫୁଲବାଣୀ ୩୯ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବାରୁ ରାଜ୍ୟରେ ତାତି ବୃଦ୍ଧି ପାଇଛି। ସେହିପରି ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ୫୦ ପ୍ରତିଶତରୁ ୮୦ ପ୍ରତିଶତ ମଧ୍ୟରେ ରହୁଥିବାରୁ ଉପକୂଳ ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ବଢ଼ିଯାଇଛି।

ଆସନ୍ତା ୨୯ ତାରିଖ ଯାଏ ଗ୍ରୀଷ୍ମ ପ୍ରକୋପ ଜାରି ରହିବ। ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏହି ସମୟରେ ବାହାରକୁ ଯିବା ବେଳେ ସତର୍କ ରହିବାକୁ କୁହାଯାଇଛି। ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ଆସନ୍ତା ୫ ଦିନ ଯାଏ ରାଜ୍ୟର ଅନେକ ଭାଗରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୯ରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ମେ' ୧ରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ୨ ତାରିଖରେ ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଳାହାଣ୍ଡି, କନ୍ଧମାଳ ଏବଂ ୩ ତାରିଖରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ,ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।



ଚନ୍ଦନଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ ଡଙ୍ଗାକୁ ସେବକ ଭୋଇମାନେ ବାହାର କରୁଛନ୍ତି।

## ନରେନ୍ଦ୍ରରୁ କଢ଼ାଗଲା ନନ୍ଦା, ଭଦ୍ରା ଡଙ୍ଗା

**ପୁରୀ ଅଫିସ,୨୭।୪**

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଚୈତ୍ର ମାସ ପୂର୍ଣ୍ଣିମା ଅବସରରେ ନରେନ୍ଦ୍ର ପୁଷ୍କରିଣୀରୁ ଚାପଡଙ୍ଗା ପାଣି ମଧ୍ୟରୁ ଭୋଇସେବକମାନେ ରୀତିନୀତି ଅନୁଯାୟୀ ବାହାର କରିଛନ୍ତି। ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଅକ୍ଷୟ ତୃତୀୟାଠାରୁ ଭଉଁରି ଯାତ୍ରା ପର୍ଯ୍ୟନ୍ତ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର ବା ଚାପ ଖେଳିଥାନ୍ତି। ଏହି ୨୧ ଦିନକୁ ବାହାର ଚନ୍ଦନ ଯାତ୍ରା ବା ଚାପ ବୋଲି କୁହାଯାଇଥାଏ। ଠାକୁରମାନେ ଯେଉଁ ୨ଟି ନୌକାରେ ବିଜେକରି ଜଳକ୍ରୀଡ଼ା କରିଥାନ୍ତି ସେହି ନୌକା ୨ଟିକୁ ନନ୍ଦା ଏବଂ ଭଦ୍ରା କୁହାଯାଇଥିବା ବେଳେ ଚାପ ଡଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବୈଜୟନ୍ତି ଡଙ୍ଗା ବୋଲି କୁହାଯାଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପ୍ରତି ବର୍ଷ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ସମ୍ପନ୍ନ ହେବା ପରେ ଭୋଇ ସେବାୟତମାନେ ଚାପ ଡଙ୍ଗାଗୁଡ଼ିକୁ ନରେନ୍ଦ୍ର ପୁଷ୍କରିଣୀର ପଶ୍ଚିମପଟେ ଏକ କୋଣରେ ପାଣି ମଧ୍ୟରେ ବୁଡ଼ାଇ ଦେଇଥାନ୍ତି। ସେହିପରି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ହେବା ପୂର୍ବରୁ ଚୈତ୍ର ପୂର୍ଣ୍ଣିମା ଦିନ ପାଣିରୁ ବାହାର କରିଥାନ୍ତି। ପାଣି ମଧ୍ୟରୁ ନନ୍ଦା ଚାପ ପାଇଁ ଦୁଇଟି ଡଙ୍ଗା, ଭଦ୍ରା ଚାପ ପାଇଁ ଦୁଇଟି ଡଙ୍ଗା ଏବଂ ବୈଜୟନ୍ତି ଡଙ୍ଗା ପାଇଁ ଗୋଟିଏ ଡଙ୍ଗାକୁ ଭୋଇ ସେବକମାନେ ପାଣି ମଧ୍ୟରୁ ବାହର କରନ୍ତି। ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୩ଜଣ ଭୋଇ ସେବକ ପାଣି ମଧ୍ୟରୁ ଡଙ୍ଗା ବାହାର କରିବା କାର୍ଯ୍ୟ ସମ୍ପାଦନା କରିଥିଲେ। ସେହିପରି ଡଙ୍ଗାଗୁଡିକ ଖରାରେ ଶୁଖିବା ପରେ ଯାଞ୍ଚ କରାଯାଇ ମରାମତି କରାଯିବ। ପରେ ଡଙ୍ଗାଗୁଡିକୁ ଯୋଡ଼ାଯାଇ ନନ୍ଦା ଭଦ୍ରା ଚାପ ଡଙ୍ଗା ନିର୍ମାଣ କରାଯାଇ ଏଥିରେ ରଙ୍ଗ କାର୍ଯ୍ୟ କରାଯିବ ବୋଲି ଭୋଇ ସର୍ଦ୍ଦାର ସୂଚନା ଦେଇଛନ୍ତି ।

## ୩୧ ଗ୍ରାମ ବ୍ରାଉନ ସୁଗାର ଜବତ: ୨ ଗିରଫ

**ଭଦ୍ରକ ଅଫିସ, ୨୭।୪**

ଭଦ୍ରକ ବାଇପାସ୍ ଅଞ୍ଚଳରେ ମଙ୍ଗଳବାର ଅବକାରୀ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଚଢ଼ାଉ କରି ୩୧ ଗ୍ରାମର ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ତିହିଡ଼ି କୁବେରା ଅଞ୍ଚଳର ଲମ୍ବୋଧର ନାୟକ ଓ ସୁଶାନ୍ତ କୁମାର ରାଉଳ। ବାଇପାସ ଅଞ୍ଚଳରେ ବ୍ରାଉନ ସୁଗାର ବେପାର ହେଉଥିବା ଖବରପାଇ ଅବକାରୀ ଟିମ୍ ଚଢ଼ାଉ କରିଥିଲା। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ।

## ଯାତ୍ରା କଳାକାର ଜଗବନ୍ଧୁ ରାଉତଙ୍କ ପରଲୋକ



**ଭୁବନେଶ୍ୱର, (ବ୍ୟୁରୋ)/ବଳଙ୍ଗା (ଡି.ଏନ୍.ଏ.): ୨୭।୪**

ଓଡ଼ିଆ ଯାତ୍ରା ଜଗତର ଲୋକପ୍ରିୟ କଳାକାର ତଥା ବର୍ଷୀୟାନ ହାସ୍ୟ ଅଭିନେତା ଜଗବନ୍ଧୁ ରାଉତ (ଜଗା)ଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ଗତ କିଛିଦିନ ହେଲା ସେ କରୋନାରେ ସଂକ୍ରମିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ପୁରୀ ଜିଲା ବଳଙ୍ଗାର କାଳିଆପଦା ଗ୍ରାମରେ ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କର କଳା ପ୍ରତି ଦୁର୍ବଳତା ରହିଥିଲା। ୧୯୫୮ ମସିହାରେ ସେ ଯାତ୍ରାରେ ପେସାଦାର ଜୀବନ ଆରମ୍ଭ କରିଥିଲେ। ତେବେ ୧୯୬୮ରେ ସାତଶଙ୍ଖ ଗଣନାଟ୍ୟରେ ଯୋଗଦେବା ପରେ ତାଙ୍କୁ ସଫଳତା ମିଳିଥିଲା। ପରେ କୋଣାର୍କ ଓ କଳିଙ୍ଗ ଗଣନାଟ୍ୟ ଆଦି ଅନେକ ଯାତ୍ରାନୁଷ୍ଠାନରେ କାମ କରିଥିଲେ। ନିଜର ନିଖୁଣ ଅଭିନୟ ଓ କମେଡି ଡାଏଲଗ୍‌ରେ ସେ ଦର୍ଶକଙ୍କ ଓଠରେ ହସ ଫୁଟାଇବାରେ ମାହିର୍ ଥିଲେ। ଦୀର୍ଘ ୬୨ବର୍ଷର ଅଭିନୟ ଜୀବନ ଭିତରେ 'ରାଜଧାନୀ ତତେ ଦୂରୁ ଜୁହାର', 'କହଲୋ ବଉଳ କିଏ ତୋ ବର', 'ନ କହିଲେ କୁଳ ଭାସିଯାଉଛି', 'ଆକାଶ କଇଁଆ ଚିଲିକା ମାଛ', 'କାଗଜ ଫୁଲ', 'ବୋହୂ ଆଣିଥିଲି ବେଶ୍ୟାପଡ଼ାରୁ', 'କଉଡ଼ି ଖେଳ', 'ଦୁଃଖ ଦେଇଗଲା ଦରଦୀ ବନ୍ଧୁ' ଭଳି ଅନେକ ଯାତ୍ରାରେ ସେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି।

## ୮ ରାଜ୍ୟକୁ ଗଲା ୧୬୭୬ ମେଟ୍ରିକ ଟନ୍ ଅକ୍ସିଜେନ୍



**ଭୁବନେଶ୍ୱର, ୨୭।୪(ବ୍ୟୁରୋ)**

ସାମ୍ପ୍ରତିକ କୋଭିଡ୍ ସ୍ଥିତିରେ ବିଭିନ୍ନ ରାଜ୍ୟରେ ଅକ୍ସିଜେନ୍‌ର ଅଭାବ ଦେଖାଦେଇଛି। ଏଭଳି ସଙ୍କଟ ସମୟରେ ଓଡ଼ିଶା ସହଯୋଗର ହାତ ବଢାଇଛି। ଅଭାବ ଦେଖାଦେଇଥିବା ରାଜ୍ୟଗୁଡ଼ିକରେ ତୁରନ୍ତ ନିରାପଦରେ ଅକ୍ସିଜେନ୍ ପହଞ୍ଚାଉଛି ଓଡ଼ିଶା। ଗତ ୫ଦିନରେ ୮ ରାଜ୍ୟକୁ ୯୦ଟି ଟ୍ୟାଙ୍କରରେ ୧୬୭୫.୭ ମେଟ୍ରିକ ଟନ୍ ଅକ୍ସିଜେନ୍ ପଠାଯାଇଛି। ପ୍ରତି ଅକ୍ସିଜେନ୍ ଟ୍ୟାଙ୍କରକୁ ସ୍ୱତନ୍ତ୍ର କରିଡରରେ ଓଡ଼ିଶା ପୋଲିସ ଏସ୍କର୍ଟ କରି ନେଉଥିବା କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

ତେଲଙ୍ଗାନାକୁ ୧୯ ଟ୍ୟାଙ୍କରରେ ୩୨୪.୦୭୯ ମେଟ୍ରିକ ଟନ୍ ଏବଂ ଆନ୍ଧ୍ରପ୍ରଦେଶକୁ ୩୦ଟି ଟ୍ୟାଙ୍କରରେ ୬୪୪.୭୨ ମେଟ୍ରିକ୍ ଟନ୍ ଅକ୍ସିଜେନ୍ ପଠାଯାଇଛି। ତାମିଲନାଡୁକୁ ଗୋଟିଏ ଟ୍ୟାଙ୍କରରେ ୧୫.୯୮ ମେଟ୍ରିକ ଟନ୍, ହରିୟାଣାକୁ ୮ ଟ୍ୟାଙ୍କରରେ ୧୮୭.୫୧ ମେଟ୍ରିକ ଟନ୍, ମହାରାଷ୍ଟ୍ରକୁ ୬ଟି ଟ୍ୟାଙ୍କରରେ ୧୧୨.୬ ମେଟ୍ରିକ ଟନ୍ ଅକ୍ସିଜେନ୍ ପଠାଯାଇଛି। ସେହିପରି ମଧ୍ୟପ୍ରଦେଶକୁ ୧୫ ଟ୍ୟାଙ୍କରରେ ୨୧୫. ୮୨ ମେଟ୍ରିକ ଟନ୍, ଛତିଶଗଡ଼କୁ ୪ ଟ୍ୟାଙ୍କରରେ ୬୧.୪୪ ଏବଂ ଉତ୍ତରପ୍ରଦେଶକୁ ୭ଟି ଟ୍ୟାଙ୍କରରେ ୧୧୪.୧୭ ମେଟ୍ରିକ ଟନ୍ ଅକ୍ସିଜେନ୍ ପଠାଯାଇଛି। ଏସବୁ ଅକ୍ସିଜେନ୍ ଟ୍ୟାଙ୍କର ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ ରାଉରକେଲାରୁ ଯାଇଛି।

ଅନୁଗୋଳ ଜିଲାରୁ ମୋଟ ୧୬ ଟ୍ୟାଙ୍କରରେ ୨୩୩.୮୨ ମେଟ୍ରିକ୍ ଟନ୍, ଢେଙ୍କାନାଳରୁ ୧୨ ଟ୍ୟାଙ୍କରରେ ୧୯୯.୬୬ ମେଟ୍ରିକ୍ ଟନ୍ ଅକ୍ସିଜେନ୍ ପଠାଯାଇଛି। ସେହିପରି ଯାଜପୁରରୁ ୨୫ ଟ୍ୟାଙ୍କରରେ ୫୩୯.୯୨ ମେଟ୍ରିକ୍ ଟନ୍, ରାଉରକେଲାରୁ ୩୭ ଟ୍ୟାଙ୍କରରେ ୭୦୨.୩୮୧ ମେଟ୍ରିକ୍ ଟନ୍ ଅକ୍ସିଜେନ୍ ପଠାଯାଇଛି।

# ଅଣଓଡ଼ିଆଙ୍କ କବ୍‌ଜାରେ ମେଗା ପ୍ରକଳ୍ପ

- ପାଇଲେଣି ୪୩୫.୨୧ କୋଟି
- ନିର୍ଦ୍ଧାରିତ ସମୟର ୧୫ ମାସ ପରେ ବି ସରୁନି କାର୍ଯ୍ୟ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୭।୪**

ଲିଜ୍ ପରିମାଣଠାରୁ ବହୁ ଅଧିକ ଖଣିଜ ପଦାର୍ଥ ଦୀର୍ଘବର୍ଷ ଧରି ଲୁଟିନେଇ ଓଡ଼ିଶା ରାଜକୋଷ ଓ ଭୂସମ୍ପତ୍ତିର ବିପୁଳ କ୍ଷତି ଘଟାଇଥିଲେ ଖଣି ଲିଜ୍‌ଧାରୀ। ୨୦୦୦ରୁ ୨୦୧୦ ମଧ୍ୟରେ ହୋଇଥିବା ଏହି ମହା ଲୁଟ୍‌କୁ ଧରିଥିଲେ ଶାହା କମିଶନ। ରାଜ୍ୟର ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀଙ୍କ ପ୍ରୋତ୍ସାହନରେ ଏହି ମହାଦୁର୍ନୀତି ହୋଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଶାହା କମିଶନ ଏବଂ କେନ୍ଦ୍ରୀୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି(ସିଇସି)ର ଅନୁଧ୍ୟାନ ରିପୋର୍ଟକୁ ଆଧାରକରି ସୁପ୍ରିମ୍‌କୋର୍ଟ ୨୦୧୭ରେ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ ପ୍ରାୟ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ସେହି ଅର୍ଥକୁ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଜରିଆରେ ଖର୍ଚ୍ଚ କରିବାକୁ ସର୍ବୋଚ୍ଚ ଅଦାଲତ କହିଥିଲେ। ଖଣି କାର୍ଯ୍ୟକଳାପ ଯୋଗୁ ଜଙ୍ଗଲ ତଥା ପରିବେଶରେ ହୋଇଥିବା କ୍ଷତିର ଭରଣା କରିବା ହେଉଛି ଓଏମ୍‌ବିଏଡିସିର ଲକ୍ଷ୍ୟ। ବିଶେଷକରି ଖଣି ପ୍ରଭାବିତ ଜିଲାଗୁଡିକର ଅଧିବାସୀ ମୁଖ୍ୟତଃ ଆଦିବାସୀମାନଙ୍କର ବିକାଶ ପାଇଁ ଉକ୍ତ ଅର୍ଥ ଖର୍ଚ୍ଚ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଅର୍ଥକୁ ମଧ୍ୟ ମିଳିମିଶି ହରିଲୁଟ୍ କରିବାରେ ପ୍ରଶାସନିକ ଅଧିକାରୀ ସଫଳ ହୋଇଥିବା କୁହାଯାଉଛି। ଓଏମ୍‌ବିଏଡିସି ପାଣ୍ଠିରେ କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର ଓ ମୟୂରଭଞ୍ଜ ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ନିର୍ମାଣ ହେଉଥିବା ୧୮ଟି ମେଗା ଜଳଯୋଗାଣ ପ୍ରକଳ୍ପକୁ ନେଇ ଏକ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ଉଠିଛି। ଓଡ଼ିଆ ଠିକାସଂସ୍ଥା ଯେଭଳି ଏହି ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ନ ପାଇବେ ସେଥିଲାଗି ଜାଣିଶୁଣି ଜଟିଳ ସର୍ତ୍ତ ରଖାଯାଇଥିଲା। ଫଳରେ ଉପରୋକ୍ତ ୧୮ ପ୍ରକଳ୍ପ ପାଇଁ କେହି ଜଣେ ମଧ୍ୟ ଓଡ଼ିଆ ଠିକାସଂସ୍ଥା ଟେଣ୍ଡର ପ୍ରକ୍ରିୟାରେ ଭାଗନେଇପାରି ନ ଥିଲେ ବୋଲି ଅଭିଯୋଗ ଉଠିଛି।

ସୂଚନା ଅଧିକାର(ଆର୍‌ଟିଆଇ) ଆଇନ ଜରିଆରେ ଜଳଯୋଗାଣ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଓଡ଼ିଶା ସୂଚନା ଅଧିକାର ଅଭିଯାନକୁ ଗତ ୧୬ ତାରିଖରେ ମିଳିଥିବା ତଥ୍ୟ ଅନୁସାରେ ୧୮ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ଓଏମ୍‌ବିଏଡିସି ପାଣ୍ଠିରୁ ୪୪୭୮.୬୨ କୋଟି ଟଙ୍କା ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗକୁ ପ୍ରଦାନ କରାଯାଇଛି। ତେବେ ଏହିସବୁ ପ୍ରକଳ୍ପ ୪ ଅଣଓଡ଼ିଆ ଠିକାସଂସ୍ଥାକୁ କାର୍ଯ୍ୟକାରୀ କରିବାକୁ ୨୦୧୮ ମାର୍ଚ୍ଚରେ ଦାୟିତ୍ୱ ଦିଆଯାଇଛି। ଉକ୍ତ ଠିକାସଂସ୍ଥାଗୁଡ଼ିକ ହେଲା ଚେନ୍ନାଇର ଏଲ ଆଣ୍ଡ ଟି, ମହାରାଷ୍ଟ୍ର ଠାଣେର ଭୋଲଟାସ୍ ଲିମିଟେଡ୍, ହାଇଦ୍ରାବାଦର ନାଗାର୍ଜୁନ କନଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଏବଂ ମେଗା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍। ଟେଣ୍ଡରରେ ସର୍ତ୍ତ ଥିଲା ଯେ, ପ୍ରକଳ୍ପ ଅଟକଳର ୮୦% ମୂଲ୍ୟ ବିଶିଷ୍ଟ ସମାନ ଧରଣର ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିଥିବା ଆବଶ୍ୟକ। ନଚେତ୍ ୫୦% ମୂଲ୍ୟ ବିଶିଷ୍ଟ ସମାନ ଧରଣର ୨ଟି ପ୍ରକଳ୍ପ କରିଥିବା ଆବଶ୍ୟକ। ଟେଣ୍ଡର ଦାଖଲର ୭ ବର୍ଷ ମଧ୍ୟରେ ପ୍ରକଳ୍ପ ମୂଲ୍ୟର ୨.୫ ଗୁଣ ଅଧିକ ମୂଲ୍ୟର ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିଥିବେ। ଗତ ୩ ବର୍ଷ ମଧ୍ୟରେ ପ୍ରକଳ୍ପ ମୂଲ୍ୟର ହାରାହାରି ୩୦% ବର୍ଷକୁ କାରବାର(ଟର୍ନଓଭର) କରିଥିବେ ଏବଂ ଯୋଗ୍ୟ ବିବେଚିତ ବିଡର ବୈଷୟିକ ଗଣନା ମୁତାବକ ଅନ୍ୟୂନ ୭୫ % ଅଙ୍କ ପାଉଥିବେ। ଏଭଳି ସର୍ତ୍ତ ଯୋଗୁ କୌଣସି ଓଡ଼ିଆ ସଂସ୍ଥା ଟେଣ୍ଡର ପାଇଁ ଯୋଗ୍ୟ ହୋଇପାରି ନ ଥିଲେ ବୋଲି ଅଭିଯୋଗ ହୋଇଛି। ଏପରି କି ଆକ୍ରୋଶର ଶିକାର ହେବା ଭୟରେ କୌଣସି ଓଡ଼ିଆ ସଂସ୍ଥା ଖୋଲାଖୋଲି ବିରୋଧ କରିପାରୁନାହାନ୍ତି।

ଉପରୋକ୍ତ ପ୍ରକଳ୍ପଗୁଡ଼ିକ ନିମନ୍ତେ ଏଯାଏ ୪୩୫.୨୧ କୋଟି ଟଙ୍କା ସମ୍ପୃକ୍ତ ଠିକାସଂସ୍ଥାଗୁଡିକୁ ପ୍ରଦାନ କରାଯାଇଛି। ୨୦୨୦ ଫେବୃୟାରୀରେ କାର୍ଯ୍ୟ ଶେଷ ପାଇଁ ସମୟ ଧାର୍ଯ୍ୟ ହୋଇଥିବାବେଳେ ତାହା ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେଣୁ ଏହି ପ୍ରକଳ୍ପଗୁଡିକର ଭବିଷ୍ୟତ କ'ଣ ହେବ ଏବଂ କେତେଦୂର ଲୋକଙ୍କୁ ପିଇବା ପାଣି ଦେଇପାରିବ, ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି। କାରଣ ୨୦୧୯ରେ ସୁକିନ୍ଦା ପ୍ରକଳ୍ପ-୧ରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଯନ୍ତ୍ରୀ ପ୍ରାଧିକରଣ(ଅଥରିଟି ଇଞ୍ଜିନିୟର୍ସ) ରିପୋର୍ଟ ଦେଇଥିଲା। ଏଥିରେ ବ୍ୟବହୃତ ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ନିମ୍ନମାନର ବୋଲି ଯନ୍ତ୍ରୀ ପ୍ରାଧିକରଣ ଦର୍ଶାଇବା ପରେ ପୁନଃ ପରୀକ୍ଷା କରି ଉକ୍ତ ଷ୍ଟିଲ୍ ସାମଗ୍ରୀକୁ ପୁଣି ବ୍ୟବହାର ଉପଯୋଗୀ କରାଯାଇଥିଲା।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଓଏମ୍‌ବିଏଡିସି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ମେଗା ଜଳଯୋଗାଣ ପ୍ରକଳ୍ପର ଗ୍ଲୋବାଲ ଟେଣ୍ଡର ହୋଇଛି। ଏହା ବିଭାଗୀୟ ଉପରସ୍ତରରେ ନିଷ୍ପତ୍ତି ନିଆଯାଇଛି। ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ସମୟରେ ସେ ଏଠାରେ କାର୍ଯ୍ୟରତ ନ ଥିଲେ ବୋଲି ତିୱାରୀ କହିଛନ୍ତି।



**ଆଜିର ମନ୍ତବ୍ୟ**

"କୋଭିଡ୍ ମୃତ୍ୟୁ ଆକଳନ ଉପରେ ଯୁକ୍ତି କରିବା ଅର୍ଥହୀନ। ମୃତକ ପୁନର୍ବାର ଜୀବିତ ହେବେ ନାହିଁ।

–ମନୋହରଲାଲ ଖଟ୍ଟର, ହରିୟାଣା ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ତେଜ୍
ପରିବାରବର୍ଗ



ପୂଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି ଖୁଦ ଜାଉ, କାଲି ଗଇଁଠା, ପଅର ଦିନକୁ କୁଆ ଅଇଁଠା।**

କେବେ ଖୁଦ ଜାଉ ତ କେବେ ଗଇଁଠା ଭଳି ସୁସ୍ୱାଦୁ ଭୋଜନ। ଆଉ କେବେ କିଛି ନ ମିଳିଲେ ପର ଆଗରେ ହାତପାତି ଜୀବିକା ନିର୍ବାହ। ସବୁଦିନ ସମାନ ଭାବରେ ସୁରୁଖୁରୁରେ ଯାଏ ନାହିଁ। ଯାହି ତାହି କରି ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆକାଶ କଇଆଁ ଚିଲିକା ମାଛ।**

କଇଁଆ କୋଳି ଖଟା। ମାଛ ତରକାରିରେ ଖଟା ପଡିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ବା ଅନିଶ୍ଚିତ କଥା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ**

**ପ୍ରଥମ ପୃଷ୍ଠାରୁ...**

## ଯୁବପିଢ଼ିଙ୍କୁ ଟିକା...

କିନ୍ତୁ କୋଭିଶିଲ୍ଡ ଟିକା ପହଞ୍ଚିପାରିବ କି ନାହିଁ ତାହା କହିହେବ ନାହିଁ। କୋଭିଶିଲ୍ଡ ଟିକା ପାଇଁ ଆମେ ଚିଠି ଲେଖିଛୁ। ଟିକା ଉପଲବ୍ଧ ହେବା ପରେ ଟିକା ଦିଆଯିବ। ତେବେ ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ବୁଧବାରଠାରୁ ପଞ୍ଜୀକରଣ ଆରମ୍ଭ ହେବ। ଏଥର ଦୁଇଟି ପଦ୍ଧତିରେ ପଞ୍ଜୀକରଣ ବ୍ୟବସ୍ଥା କରାଯାଇଛି। କୋୱିନ୍ ପୋର୍ଟାଲ ଓ ଆରୋଗ୍ୟ ସେତୁ ଆପ୍‌ରେ ଲୋକେ ନାମ ପଞ୍ଜୀକରଣ କରିପାରିବେ। କିନ୍ତୁ ବର୍ତ୍ତମାନ ସ୍ଲଟ ଅପ୍ ଆପଏଣ୍ଟ ମିଳିବ ନାହିଁ। ଯେବେ ଟିକା ମିଳିବ, ସେହି ଅନୁସାରେ ପୋର୍ଟାଲ ଜରିଆରେ ଆମେ ସ୍ଲଟ୍ ଦେବୁ। ସେହି ଅନୁସାରେ ପଞ୍ଜୀକୃତ ନାଗରିକ ଟିକା ନେବେ। ଏବେ ଯେତିକି ଟିକା ଅଛି ତାହା ୨ରୁ ୩ ଦିନ ଯିବ ବୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

## ଜିଲାଗୁଡ଼ିକରେ...

ହସ୍ପିଟାଲରେ ପ୍ରଥମ ଡୋଜ ଟିକା ନେଇଛନ୍ତି ସେମାନେ ସରକାରୀ ହସ୍ପିଟାଲରେ ଦ୍ୱିତୀୟ ଡୋଜ ମାଗଣାରେ ନେଇ ପାରିବେ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୫୪,୦୪୦ କୋଭିଶିଲ୍ଡ ଏବଂ ୩,୫୬,୯୯୦ ଡୋଜ୍ କୋଭାକ୍ସିନ୍ ଟୀକା ରହିଛି। ବୁଧବାର ରାଜ୍ୟରେ ୪୬୪ଟି କେନ୍ଦ୍ରରେ ଟିକାକରଣ ହେବାକୁ ଥିବାବେଳେ ଯାଜପୁର ଓ କେନ୍ଦୁଝର ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ହେବ।

## ମାନିଲେ ସରକାର....

ରେମ୍‌ଡେସିଭିର୍ ଇଞ୍ଜେକ୍ସନ ଏବଂ ଫାବିପିରାଭିର୍ ଟାବ୍‌ଲେଟ୍ ରାଜ୍ୟ ଔଷଧ ନିଗମ ନିକଟରେ ଉପଲବ୍ଧ ଥିବା ନିଗମ ପକ୍ଷରୁ କୁହାଯାଇଛି। ଆବଶ୍ୟକସ୍ଥଳେ ଘରୋଇ ହସ୍ପିଟାଲଗୁଡ଼ିକୁ ନିଗମ ଦ୍ୱାରା ଏହି ଔଷଧଗୁଡ଼ିକ ଗୁରୁତର ରୋଗୀଙ୍କ ନିମନ୍ତେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ବୋଲି ନିଗମ କହିଛି। ସେପଟେ ଅନେକ ଲୋକ ଏହି ଇଞ୍ଜେକ୍ସନ ଘରେ ନେଇ ଗଚ୍ଛିତ ରଖୁଥିବା ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଲୋକେ ଏହାକୁ କିଣି ଘରେ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ମତ ଦେଇଛନ୍ତି। ସେ କହିଛନ୍ତି ଯେ, ରେମ୍‌ଡେସିଭିର୍ ମେଡିସିନ୍ ରାମବାଣ ନୁହେଁ। ଏହି ମେଡିସିନ୍ କେବଳ ଗୁରୁତର ରୋଗୀଙ୍କୁ ଦିଆଯାଏ। ତେଣୁ ଘରେ ନେଇ ଏହାକୁ ଗଚ୍ଛିତ ରଖନ୍ତୁ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ଏବେ ଦୈନିକ ୬ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ରେମ୍‌ଡେସିଭିର୍ ଅଭାବ ଅଧିକ ଚିନ୍ତା ବଢ଼ାଇଛି। ରୋଗୀର ଅକ୍ସିଜେନସ୍ତର ଖସିଗଲେ ଏହି ଇଞ୍ଜେକ୍ସନ ବ୍ୟବହାର କରାଯାଇଥାଏ। ତେଣୁ ଏଭଳି ଗୁରୁତର ସମୟରେ ବ୍ୟବହାର କରାଯାଉଥିବା ଏହି ଔଷଧର ଅଭାବ ଆଗକୁ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇପାରେ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି।

## ଆଉ ଚୁପ୍...

ଅସୁବିଧା ହୁଏ ତେବେ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରଖି ପରିପୂରକ ଭୂମିକା ନିଭାଇବେ ବୋଲି କହିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠ ୪ଟି ପ୍ରସଙ୍ଗରେ ଜବାବ ମାଗିଛନ୍ତି। ସେଗୁଡ଼ିକ ହେଲା ଅକ୍ସିଜେନ ଯୋଗାଣ ନିଶ୍ଚିତ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି। ରେମ୍‌ଡେସିଭିର ଓ ଫାଭିପିରାଭିର ଯୋଗାଣ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି। ଟିକାକରଣ କେନ୍ଦ୍ର ସମ୍ପ୍ରସାରଣ ପାଇଁ କ'ଣ କରାଯାଇଛି। କୋଭିଶିଲ୍ଡ ଓ କୋଭାକ୍ସିନ ଟିକାର ମୂଲ୍ୟ କେଉଁ ଆଧାରରେ ନିର୍ଦ୍ଧାରଣ କରାଯାଇଛି ତାହା କେନ୍ଦ୍ର ସରକାର ସ୍ପଷ୍ଟ କରନ୍ତୁ। ଅନ୍ୟପକ୍ଷେ କୋଭିଡ୍-୧୯ ସଂକ୍ରମଣ ଓ ଅକ୍ସିଜେନ ସଙ୍କଟକୁ ନେଇ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ୨୦୧ ପୃଷ୍ଠା ସମ୍ବଳିତ ଏକ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଯୁଦ୍ଧକାଳୀନ ଭିତ୍ତିରେ ଅକ୍ସିଜେନ ଯୋଗାଣ ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି। ବିଦେଶରୁ ମଧ୍ୟ ଅକ୍ସିଜେନ ଅଣାଯାଉଛି।

## ବିଜୟ ଶୋଭାଯାତ୍ରା...

ଗଣତି ମେ' ୨ରେ ହେବାକୁ ଥିବାବେଳେ ଏହାକୁ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ନିର୍ବାଚନ ପ୍ରଚାର ବେଳେ ବିଶାଳ ରାଲି ଓ ରୋଡ୍ ଶୋ'କୁ ଇସି ଅନୁମତି ଦେଇଥିଲେ। ଏହିସବୁ ରାଜନୈତିକ କାର୍ଯ୍ୟକ୍ରମ ସଂକ୍ରମଣର ସୁପର ସ୍ପ୍ରେଡର ପାଲଟିଛି। ଫଳରେ ଭୂତାଣୁ କବଳକୁ ଆସି ବହୁ ଲୋକଙ୍କ ଜୀବନ ଯାଇଥିବା ଦର୍ଶାଇ ଇସିଙ୍କୁ ହତ୍ୟାକାରୀ ଭାବେ ଅଭିହିତ କରିଥିଲେ। ଏହାସହ ଉକ୍ତ ସାମ୍ବିଧାନିକ ସଂସ୍ଥା ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ଉଚିତ ବୋଲି ହାଇକୋର୍ଟ ଭର୍ତ୍ସନା କରିଥିଲେ। ଇସି ଅପଦସ୍ଥ ହେବାର ଦିନକ ପରେ ବାଧ୍ୟହୋଇ ଏହି ନିଷ୍ପତ୍ତି ନେଇଛନ୍ତି। ଇସିଙ୍କ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁସାରେ ବିଜୟୀ ପ୍ରାର୍ଥୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ରିଟର୍ନିଂ ଅଫିସରଙ୍କଠାରୁ ବିଜୟ ପ୍ରମାଣପତ୍ର ଆଣିବାକୁ ଯିବାବେଳେ ତାଙ୍କ ସହ ୨ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ।

## ପରପାରିରେ ମନୋଜ...

ସମୟରେ ତାଙ୍କର ପ୍ରଥମ ଗ୍ରନ୍ଥ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଇଥିଲା। ସେହି ସମୟରେ ସେ 'ଦିଗନ୍ତ' ପତ୍ରିକା ସମ୍ପାଦନା ଆରମ୍ଭ କରିଥିଲେ। ପରେ ମନୋଜ ଦାସ ବାମପନ୍ଥୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୫୫ ମସିହାରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି କଟକରେ ଆଇନ୍ ବିଭାଗରେ ଅଧ୍ୟୟନ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରୁ ଇଂଲିଶ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରିବା ପରେ ୧୯୫୯ ମସିହାରେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ମନୋଜ ଦାସଙ୍କ ଇଂରାଜୀ ଓ ଓଡ଼ିଆ ସାହିତ୍ୟ ପାଇଁ ଅତୁଳନୀୟ ଅବଦାନ ଥିଲା। ଅନେକ କାଳଜୟୀ ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପର ସ୍ରଷ୍ଟା ଥିଲେ ମନୋଜ ଦାସ। ସେଥିମଧ୍ୟରେ ଆରଣ୍ୟକ, ବିଷକନ୍ୟାର କାହାଣୀ, ଅମୃତଫଳ, କନକ ଉପତ୍ୟକାର କାହାଣୀ, ଆକାଶର ଇସାରା, ଶେଷ ବସନ୍ତର ଚିଠି, ଉପକଥା ଶତକ, ଚନ୍ଦ୍ରାଲୋକର ପ୍ରହରୀ, ଲକ୍ଷ୍ମୀର ଅଭିସାର, ଆବୁ ପୁରୁଷ, ଗୋଧୂଳିର ବାଘ ଏବଂ ଶେଷ ତାନ୍ତ୍ରିକର ସନ୍ଧାନରେ ଭଳି ଅନେକ କାଳଜୟୀ ପୁସ୍ତକର ରଚନା କରିଯାଇଛନ୍ତି।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଦେହାନ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ମନୋଜ ଦାସ ତାଙ୍କର କାଳଜୟୀ ସାହିତ୍ୟ ସବୁପିଢ଼ୀଙ୍କୁ ସର୍ବଦା ପ୍ରେରଣା ଯୋଗାଇବ। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ମନୋଜ ଦାସଙ୍କ ଅମଳିନ ପ୍ରତିଭା ସାହିତ୍ୟ ଓ ଦର୍ଶନ ଜଗତ ପାଇଁ ସବୁବେଳେ ଏକ ଆଲୋକ ସ୍ତମ୍ଭ ହେଇ ରହିଥିବ। ଭାରତୀୟ କଥା ସାହିତ୍ୟରେ ତାଙ୍କ ସ୍ୱତନ୍ତ୍ର ଶୈଳୀ ପାଇଁ ସେ ଅନନ୍ୟ। ତାଙ୍କ ବିୟୋଗରେ ଉତ୍କଳ ଜନନୀ ତାର ଅନ୍ୟତମ ସୁଯୋଗ୍ୟ ସନ୍ତାନକୁ ହରାଇଲା। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଅକ୍ସିଜେନ ପାଇଁ ଏସ୍‌ଓପି



ଭୁବନେଶ୍ୱର,୨୭।୪(ବ୍ୟୁରୋ)

ରାଜ୍ୟରେ ଗୁରୁତର କୋଭିଡ୍ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଅକ୍ସିଜେନର ସୁପରିଚାଳନା ପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଜାରି କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ସମସ୍ତ ମେଡିକାଲ କଲେଜ ଡିନ୍, ଅଧକ୍ଷ, ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସମସ୍ତ ବେଡ୍ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ସୁବିଧା ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଅକ୍ସିଜେନ ଅତ୍ୟନ୍ତ ମୂଲ୍ୟବାନ। ଆଗାମୀ ଦିନରେ ଏହାର ଅଭାବ ପଡିପାରେ। ଏହାକୁ ଦୃଷ୍ଟିରେ ରଖି ଅକ୍ସିଜେନକୁ ଠିକ୍ ଭାବେ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି। ଅକ୍ସିଜେନ ପର୍ଯ୍ୟାପ୍ତ ପରିମାଣରେ ରହିଛି କି ନାହିଁ ତାହାକୁ ନିୟମିତ ଭାବେ ପରିଦର୍ଶନ କରିବାକୁ କୁହାଯାଇଛି। ଏଥିରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

କେନ୍ଦ୍ର ସରକାର ମଧ ଏ ନେଇ ଗାଇଡ୍‌ଲାଇନ ଜାରି କରିଛନ୍ତି। ଅଧିକାଂଶ କୋଭିଡ୍ ରୋଗୀଙ୍କର ଆଂଶିକ ସଂକ୍ରମଣ ରହିଛି। ୧୦୦ ଜଣ ରୋଗୀଙ୍କ ମଧ୍ୟରୁ ୮୦ ଜଣ ଘରେ କିମ୍ବା କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଅବଶିଷ୍ଟ ୨୦ ପ୍ରତିଶତରୁ ୧୭ ପ୍ରତିଶତ ରୋଗୀଙ୍କ ପାଇଁ ଅକ୍ସିଜେନ ଆବଶ୍ୟକ ହୋଇଥାଏ। ଅକ୍ସିଜେନ କମିଟି ନିୟମିତ ଭାବେ ଅଡିଟ୍ କରିବାକୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ବାରମ୍ବାର ଭୁଲ୍ ବୁଝାମଣା ହେତୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା କଠିନ ହୋଇପାରେ। ନିଜ ପରିବେଶରେ ସହମତି ମାଧ୍ୟମରେ କାର୍ଯ୍ୟକଲେ ସଫଳତା ପାଇବେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ। କର୍ମକ୍ଷେତ୍ରରେ ସାଧାରଣ ଭୁଲ୍ ସକାଶେ କୈଫିୟତ୍ ଦେବାକୁ ପଡିପାରେ।

**ବୃଷ**



କର୍ମ କ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ, କିନ୍ତୁ ଲାଭ ପାଇବାରେ ବିଳମ୍ବ ଘଟିବ। ବନ୍ଧୁମାନଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଆଗାମୀ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖା ଦେଇପାରେ।

**ମିଥୁନ**



ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ଅନ୍ୟମାନଙ୍କ ସାହାଯ୍ୟ କାରଣରୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ସମ୍ପର୍କ ହାନି ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, କଳା, ସାହିତ୍ୟ, ଚଳଚ୍ଚିତ ତଥା ପ୍ରଶାସନିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**କର୍କଟ**



ଆଶା ଓ ନିରାଶାର ଦୋଛକିରେ ରହି ସମୟକୁ ପ୍ରତୀକ୍ଷା କରିବାକୁ ପଡିପାରେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପରିବାର ମଧ୍ୟରେ ପୂର୍ବ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ସିଂହ**



କର୍ମକ୍ଷେତ୍ର ହେଉ କିମ୍ବା ସାମାଜିକ କ୍ଷେତ୍ରରେ ସତକଥା କହି ବିବାଦ ଘେରରେ ପଡି ପାରନ୍ତି। ସାହିତ୍ୟ,କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି ତଥା ବୈଷୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଦୀର୍ଘ ଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ। କୃତି ଓ କୃତିତ୍ୱ ହେତୁକ ସାମାଜିକ ସ୍ତରରେ ସମ୍ମାନିତ ହେବେ।

**କନ୍ୟା**



ଜନ କଲ୍ୟାଣ କାରକ ମଙ୍ଗଳ ଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିବେ।

**ତୁଳା**



ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବାର ଆଶା ରହିଛି। ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଆଗନ୍ତୁକଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି, ସଂଗଠନ, ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା**



ବିବାଦୀୟ ଘଟଣାର ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବିଗତ ଦିନର ଘଟଣା ସକାଶେ ଟେନସନ୍ ବଢିପାରେ। ମାତ୍ରାଧିକ ଭ୍ରମଣ ହେତୁକ କ୍ଳାନ୍ତି ଅନୁଭବ କରିବେ। ମାଲିମକଦ୍ଦମା, ଜମିଜମା, ନିର୍ମାଣ, ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି, ମୂଲ୍ୟବାନ ଜିନିଷର କିଣାବିକା କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ଧନୁ**



ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**



ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେଲେ ଆପଣଙ୍କ ଉପକାରରେ ଆସିବ। ସମ୍ପର୍କୀୟଙ୍କ ସହ ସୁସମ୍ପର୍କକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ବଢିଯାଇପାରେ। ଶ୍ରବଣା ନକ୍ଷତ୍ର ଧାରକରଜ କରି କାମ ତୁଲାଇ ନେବେ। କାଳେ ଦେବାକୁ ପଡିପାରେ, ସେଥିଲାଗି ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**କୁମ୍ଭ**



ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ ଏବଂ କିଣିବା ସକାଶେ ବାଧ୍ୟ ହେବେ। ବିବାଦୀୟ ପରିସ୍ଥିତିରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହ, ଯାହା କି ଅନର୍ଥର କାରଣ ହୋଇପାରେ। ପରିବାରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହା କି ସମସ୍ୟା ବୃଦ୍ଧି କରିବ।

**ମୀନ**



ଆଜି ବନ୍ଧୁଙ୍କ ଆଲୋଚନାନ୍ତେ ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ପାଖ,ପଡୋଶୀଙ୍କ ସହାୟତାରେ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ସଂଯମତା ଅଭାବରୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କାକୁ ଏଡି ହେବ ନାହିଁ।

ଆଜି ବୈଶାଖ କୃଷ୍ଣ ଦ୍ୱିତୀୟା ବୁଧବାର, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ଏପ୍ରିଲ ୨୮ ତାରିଖ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୧୧.୫୬ମି. ଗତେ ବିଶାଖା/ବିଛା, କର୍କଟ ରାଶିର ଘାତବାର। ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୩ମି. ଗତେ ଘ.୦୭.୦୪ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୧.୧୮ମି. ମଧ୍ୟେ, ଘ.୦୩.୩ମି. ଗତେ ଘ.୦୫.୧୪ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୧.୫୧ମି.ଗତେ ଘ.୦୩.୩୨ମି. ମଧ୍ୟେ ମାହେନ୍ଦ୍ରବେଳା।ଦିବା ଘ.୧୧.୪୪ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।



# classifieds Everyday 0674-2580101, 2549302



MATRIMONIAL

**BRIDE WANTED**

Bride Wanted: Wanted a beautiful working/non-working Karan girl for Engineer boy age30, permanent job,only son, father settled in BBSR. Contact: 9337043647. D-70920

Brahmin boy 1992, M.Tech NIT, MBA IIM Software Engineer. 9040877205. D-20612

**GROOM WANTED**

Beautiful Karan girl 1989, 5'5" M.Tech serving Manager Nationalised Bank "Sunasansar". 9937512659, 8249969649. D-20608



**SALE**

**Fully developed 1500/ 2000sqft. plot near Mount Litera Zee School. Price- Rs. 750/-sqft. immediate sale. Contact- 8093530104.** D-20614

ଭୁବନେଶ୍ୱର ଜଟଣୀଗେଟ୍ **NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724.** D-70843

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952.** D-70831

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**Ready to move 2 BHK (950sqft.) flat, 1st floor, near Mount Litera Zee School. Price- Rs 30lakhs** immediate sale. Contact- 9937847725.** D-20613

ମୋର ନିଜ ଘରବାରି ବାଉଣ୍ଡାରୀ 2000sqft. plot Gita College 200ft. road ପାଖରେ ଅଛି। Sqft. 1350/-. 7978641199. D-70450

**Plot for sale near Pipili Toll Gate, just 16km from Bhubaneswar, Kalpana Square. Contact: 9937446498.** D-70592

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali- 9938016295. D-70845

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**Plot available in Shreekhetra Vihar (highly developed plotting project) near Mangalpur Bhubaneswar- Puri NH side project features:- gated community 30ft road, gharabari Plot, Park, Temple, Society room. Contact- 9777302825.** D-70847



Monalisa massage club : All types body massage with hiprofile smart lady rooms service available 9708545108. D-20591

Swarna SPA newly open positively health benefits with expert therapist. 9556978408. D-70588

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

Refreshing your mind your body with the best therapy at Lotus Spa. 9801811949. D-70448

Newly open Spa offer @599/-, positively health benefits, Jaydevbihar. 7846814019. D-59988



କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

**LOST**

By virtue of an affidavit before Notary Public, Bhubaneswar and lodging report before Mancheswar Police Station under commissionerate Police vide reception desk register No. 4026 dated 06.03.2021, I Sri Ranjit Kumar Mohanty, S/o- Late Nadia Ch. Mohanty of 2A, Vinayak Villa, Sriram Nagar, Bhubaneswar having Phone No.- 9437065595 do hereby state my original leasedeed ID No.- 1081707331 dated 06.07.2017 has been lost on dated 28.02.2021 at about 7PM at Mancheswar, Bhubaneswar. If anybody found the same kindly inform the above mentioned address & phone. D-20607

**AFFIDAVIT**



By virtue of an affidavit sworn before Notary, Bargarh We father Valluri Jeevan Jyothi and mother Valluri Bhulaxmi have changed our minor's Daughter's name from Valluri Pratyusha to Valluri Laxmi Pratyusha as per the affidavit dated 21.01.2016,as there was a spelling mistake in old name And from now on everyone will know and call her by her complete name VALLURI LAXMI PRATYUSHA And now all her official details and Government details will be by Valluri Laxmi Pratyusha only. D-20611



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

# ପ୍ରକୃତିର ଆଭିମୁଖ୍ୟ (୩)

**ମନୋଜ ଦାସ**

ମଣିଷ ଯଦି ପ୍ରକୃତିର ଆଭିମୁଖ୍ୟ କ'ଣ ତାହା ବୁଝିବା ଦିଗରେ ସାମାନ୍ୟ ପ୍ରୟାସ କରନ୍ତା, ତେବେ ବିଶ୍ୱ-ସମାଜର ଗତିଧାରା ବଦଳିଯାଆନ୍ତା। ଅସଂଖ୍ୟ ପଥରେ ପ୍ରକୃତି ନିରନ୍ତର ଏହି ଶିକ୍ଷା ଦେବାକୁ ଚେଷ୍ଟାକରୁଛି ଯେ, ବୈଚିତ୍ର୍ୟ ଭିତରେ ମାନବସମାଜ ଏକତ୍ୱ ଉପଲବ୍ଧ କଲା ଭଳି ପର୍ଯ୍ୟାୟରେ ସଭ୍ୟତା କେବେଠୁ ଉପନୀତ ହେଲାଣି। ଦେଶ-ଦେଶ ଭିତରେ ପ୍ରକୃତି ଐଶ୍ୱର୍ଯ୍ୟକୁ ଏପରି ରୀତିରେ ବିସ୍ତାରିତ କରି ରଖିଛି, ଯଦ୍ୱାରା ସେ ଐଶ୍ୱର୍ଯ୍ୟର ଆଦାନପ୍ରଦାନ ଦ୍ୱାରା ଦେଶ୍-ଦେଶ ପରସ୍ପର ନିକଟବର୍ତ୍ତୀ ହୋଇପାରିବେ। ଏହି ସ୍ଥୂଳ ନୈକଟ୍ୟ ଉପଲବ୍ଧ ଦିଗରେ ହେବ ସହାୟକ। ସଂସ୍କୃତି, ସାହିତ୍ୟ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ଦିଗରେ ଯୁଗଯୁଗ ଧରି ଦେଶ-ଦେଶ, ଜାତି-ଜାତି, କେତେପ୍ରକାର ଅଗ୍ରସର ହୋଇଛନ୍ତି, କେତେ ପରୀକ୍ଷାର ଶିହରଣ କେତେ ସାଫଲ୍ୟର ପୁଲକ ଅର୍ଜନ କରିଛନ୍ତି। ସେସବୁ ଅଭିଜ୍ଞତାର ଆଦାନପ୍ରଦାନ ମଣିଷକୁ ଚେତନାଗତ ଭାବରେ କେତେ ସମୃଦ୍ଧ କରନ୍ତା।

ଆଜି ଯଦି ଦେଶ-ଦେଶର ବୈଜ୍ଞାନିକମାନଙ୍କ ଭିତରେ ପ୍ରକୃତ ଭାବଗତ ଓ ଶିକ୍ଷାଗତ ଆଦାନପ୍ରଦାନ ସମ୍ଭବପର ହୁଅନ୍ତା, ଆଜି ଯଦି ପ୍ରତିଦ୍ୱନ୍ଦ୍ୱିତା ନିବୃତ୍ତ ହୋଇ ଆଗୁଆ ଦେଶଗୁଡ଼ିକର ବୈଜ୍ଞାନିକମାନେ ସହଯୋଗମୂଳକ ଗବେଷଣାରେ ବର୍ତ୍ତୀ ହୁଅନ୍ତେ, ତେବେ ମଣିଷ ଅଗଣନ ସମସ୍ୟାର ସମାଧାନ କରିବାରେ ଯେ ସେମାନେ ସକ୍ଷମ ହୁଅନ୍ତେ, ଏଥିରେ ସନ୍ଦେହର ଅବକାଶ ନାହିଁ।

ମହାକାଶ ଅଭିଯାନରେ ଯେଉଁ ବିତ୍ତ ବ୍ୟୟିତ ହୁଏ, ତାହା କଳନା କରିବା ମଧ୍ୟ ସହଜ ନୁହେଁ। ରୁଷିଆ ଏବଂ ଆମେରିକା ବହୁ ବର୍ଷ ପର୍ଯ୍ୟନ୍ତ ପରସ୍ପରକୁ ଲୁଚାଇ ଏ ଦିଗରେ ବ୍ୟାପକ ଗବେଷଣା ଚଳାଉଥିଲେ। ମହାକାଶ ଅଭିଯାନ ମଣିଷର ଅପ୍ରତିରୋଧ କୌତୂହଳ ଓ ବର୍ଦ୍ଧିଷ୍ଣୁ ସନ୍ଧାନ ସ୍ପୃହାର ପରିପ୍ରକାଶ। ଏଥିରୁ ଓହରି ଆସିବାକୁ ପରାମର୍ଶ ଦେବାର ମାନେ ହୁଏନା। କିନ୍ତୁ ଏକ ଏକ ଅଭିଯାନ ପାଇଁ ଯେଉଁ ପ୍ରଚଣ୍ଡ ଭୌତିକ ଶକ୍ତି (ଅର୍ଥ ତଥା ବିଜ୍ଞାନ- ମାନସର ଏକାଗ୍ର ବ୍ୟବହାର ଦୃଷ୍ଟିରୁ) ଆବଶ୍ୟକ ହୁଏ, ଯଦି ଉଭୟ ଦେଶ ଏକତ୍ର କାମଟି କରନ୍ତେ, ତେବେ ତାର ଅର୍ଦ୍ଧେକ ହିଁ ଯଥେଷ୍ଟ ହୁଅନ୍ତା।

ଗବେଷଣାର ଏହା ହେଲା ଗୋଟିଏ ଦିଗ। ଅନ୍ୟ ଦିଗରେ ଦେଶ-ଦେଶ ଭିତରେ ସୌହାର୍ଦ୍ଦ୍ୟ ଦ୍ୱାରା ବିଜ୍ଞାନର ଧ୍ୱଂସାତ୍ମକ ପ୍ରୟୋଗ ବନ୍ଦ ହୋଇଯିବା ଫଳରେ ପୃଥିବୀର ଅପରିସୀମ ମଙ୍ଗଳ ହିଁ ହୁଅନ୍ତା। ଆଜି ସମର୍ଥ ଦେଶଗୁଡ଼ିକର ବିଜ୍ଞାନ ବଳର ଅର୍ଦ୍ଧାଧିକ ପ୍ରଯୁଜ୍ୟ ହେଉଛି ଧ୍ୱଂସାତ୍ମକ ମାଲ୍ ମସଲାର ଆବିଷ୍କାର ଦିଗରେ। ଯେତେବେଳେ ବ୍ୟାପକ ବିଜ୍ଞାନ ଶକ୍ତି ମଣିଷ ହିତ ସକାଶେ ଉଦ୍ଦିଷ୍ଟ ହୁଅନ୍ତା, ସେତେବେଳେ ଦାରିଦ୍ର୍ୟଠୁ ଆରମ୍ଭ କରି ରୋଗ ବ୍ୟାଧି ପର୍ଯ୍ୟନ୍ତ ବହୁ ସମସ୍ୟାର ସମାଧାନ ହୁଅନ୍ତା।

ବିଜ୍ଞାନ ଛଡ଼ା କେତୋଟି ବଡ଼ ଶକ୍ତି ପରସ୍ପର ଶତ୍ରୁ ହୋଇ ରହିଥିବା ହେତୁ ନିଜ ନିଜର ଅନୁକୂଳ ପ୍ରଚାର, ଗୋପନ ବାହିନୀ, ଗୁପ୍ତଚର ବିଭାଗ ଇତ୍ୟାଦିର ଭରଣପୋଷଣ ନିରପେକ୍ଷ ଦେଶଗୁଡ଼ିକୁ ପ୍ରଭାବିତ କରିବା ଦିଗରେ ନାନାଦି ପ୍ରୟାସ ଇତ୍ୟାଦିରେ ଯେଉଁ ବିପୁଳ ସମ୍ପଦ କ୍ରମାଗତ ବ୍ୟୟିତ ହୋଇ ଚାଲିଛି, ତାହାର ବି ଗଠନମୂଳକ ବ୍ୟବହାର ହୋଇପାରନ୍ତା।



ଧରିତ୍ରୀରେ ମନୋଜ ଦାସ ଥିଲେ ଜଣେ ସ୍ତମ୍ଭକାର। ପାଠକଙ୍କ ପାଇଁ ୧୯୮୦ ମସିହା ମେ' ୪ ତାରିଖରେ ପ୍ରକାଶିତ ତାଙ୍କ ଲୋକପ୍ରିୟ ସ୍ତମ୍ଭ 'କେତେ ଦିଗନ୍ତ'ର ଏକ ପ୍ରବନ୍ଧକୁ ଏଠାରେ ପୁନଃ ଉପସ୍ଥାପିତ କରାଯାଇଛି।

ପୂର୍ବରୁ କୁହାଯାଇଥିଲା, ଯେତେବେଳେ ମଣିଷ ନିଜର ସଦ୍‌ବୁଦ୍ଧି ଦ୍ୱାରା ପ୍ରକୃତିର ଆଭିମୁଖ୍ୟ ସହିତ ସହଯୋଗ ନ କରେ; ସେତେବେଳେ ପ୍ରକୃତି ଅଗତ୍ୟା ଭିନ୍ନ ଉପାୟରେ ମଣିଷକୁ ଚେତାଇବାକୁ ଚେଷ୍ଟା କରେ ସାଧାରଣତଃ ସେ ଉପାୟ ବିଭ୍ରାଟମୂଳକ ହୋଇଥାଏ।

ବିଶ୍ୱ ଏକତାର ଭୂମିକା ହିସାବରେ ପ୍ରକୃତି ପ୍ରଥମେ ଏକ ଏକ ଜାତି ଗଠନ କରିଥାଏ। ହଜାର ହଜାର ବର୍ଷର ଘାତ ପ୍ରତିଘାତ ଭିତରେ ଏହା ହୋଇଥାଏ। ସ୍ଥୂଳ ଭାବରେ ଜାତିର ପରିଚୟ ବିକଶିତ ହେବା ପୂର୍ବରୁ ପ୍ରଥମେ ଜାତିର ଭାବଗତ ପ୍ରତିଷ୍ଠା ହୋଇଥାଏ। କେତେ ମୁନିଋଷି, ମନୀଷୀ, ଦାର୍ଶନିକ, କବି ଓ ଶିଳ୍ପୀଙ୍କ ଦିବ୍ୟଦୃଷ୍ଟି, ପ୍ରେରଣା, ସାହିତ୍ୟ ଶିଳ୍ପ ସୃଷ୍ଟି ଭିତରେ ଭାରତର ଭାବଗତ ସ୍ଥିତି ପ୍ରତିଷ୍ଠା ହୋଇଥିଲା। ତା'ପରେ ଐତିହାସିକ ଘଟଣା ପ୍ରବାହ ଭିତରେ ସେ ଭାରତ ଏକ ସ୍ଥୂଳ ରାଜନୈତିକ ରୂପରେଖ ବି ଗ୍ରହଣ କରିଥିଲା। ଏହା ଥିଲା ପ୍ରକୃତିର ଅଗ୍ରଗାମୀ ଅଭୀପ୍ସାର ଏକ ବିଶେଷ ସାଫଲ୍ୟର ଦୃଷ୍ଟାନ୍ତ।

କିନ୍ତୁ ହାଏ, ସେହି ମହତ୍ ସାଫଲ୍ୟକୁ ହତଭାଗ୍ୟ ମଣିଷ ଭାଙ୍ଗିଚୂରି ପକାଇଲା। ସେ ପୁଣି ତାହା କଲା ଧର୍ମଭିତ୍ତିରେ! ଧର୍ମର ଦୁଇଟି ସଂଜ୍ଞା। ପ୍ରକୃତ ସଂଜ୍ଞା ଦୃଷ୍ଟିରୁ ଧର୍ମ ମଣିଷକୁ ମହତର ସତ୍ୟର ସନ୍ଧାନ ଦେବା ସକାଶେ ଉଦ୍ଦିଷ୍ଟ। ବିଭେଦ ପାଇଁ ଉଦ୍‌ବୁଦ୍ଧ କରିବା ତା'ର କାମ ନୁହେଁ। ଦ୍ୱିତୀୟ ସଂଜ୍ଞା ଦୃଷ୍ଟିରୁ- ଆନୁଷ୍ଠାନିକ ଧର୍ମ ବୋଇଲେ ଯାହା ବୁଝାଏ, ତାହା ଏକ ରକ୍ଷଣଶୀଳ, ଅନ୍ଧ ଓ ନିଷ୍ଠୁର ବ୍ୟବସ୍ଥାଚକ୍ର। ମଣିଷ ଏ ଯୁଗରେ ତାକୁ ଅତିକ୍ରମ କରି ଅଗ୍ରସର ହେବା କଥା। ସେଭଳି ଧର୍ମର ଦ୍ୱାହିରେ ଗୋଟାଏ ସ୍ୱାଭାବିକ, ପ୍ରକୃତି ଜୀବନ୍ତ ଦେଶକୁ କାଟିପକାଇବା ମୂଢ଼ତା ଛଡା ଆଉକିଛି ହୋଇ ନ ପାରେ।

ଅର୍ଥାତ୍ ଧର୍ମ ନାମକୁ ଅବଲମ୍ବନ କରି ଅନ୍ଧକାର ଶକ୍ତିମାନେ ମଣିଷର ମତିଭ୍ରମ ଘଟାଇ ଭାରତ ବିଭାଗ କରାଇଲେ। ଅନ୍ଧ ଶକ୍ତି ପାଖରେ ଭାରତବାସୀଙ୍କ ଏହି ଆତ୍ମସମର୍ପଣର ପ୍ରାୟଶ୍ଚିତ୍ତ ଅଦ୍ୟାବିଧି ଚାଲିଛି। ସେହି ପ୍ରାୟଶ୍ଚିତ୍ତର ଏକ ପର୍ଯ୍ୟାୟ ସାମ୍ପ୍ରତିକ ଆସାମ। ସେଠାର ଯେଉଁମାନଙ୍କୁ 'ବିଦେଶୀ'ବୋଲି କହି ଆଜି ଉଚ୍ଛେଦ କରାଯିବାର ବ୍ୟବସ୍ଥା ହେଉଛି, ସେମାନେ ଏକଦା ଆମର ଭାରତବର୍ଷର ବାସିନ୍ଦା ଥିଲେ। ଆସାମ ସ୍ୱର୍ଗ ବୋଲି ଯେ ସେମାନେ ଆସାମକୁ ପଳାଇ ଆସିଲେ ତାହା ନୁହେଁ, ହଠାତ୍ ସେମାନଙ୍କ ନିଜ ଭୂମି 'ବିଦେଶ' ବନିଗଲା। କେହି ସହଜରେ ନିଜ ମାଟି ଛାଡ଼ି ଯାଏନାହିଁ- ଅନ୍ତତଃ ଗାଁଲୋକେ ନୁହନ୍ତି। ପାଠପଢୁଆଙ୍କ କଥା ଅଲଗା। ଅକଥ୍ୟ ନିର୍ଯାତନା ଭିତରେ ସେମାନେ ଆସାମ ପଳାଇ ଆସିଥିଲେ ପୂର୍ବ ବଙ୍ଗ ଛାଡ଼ି।

ଆସାମବାସୀମାନେ କହୁଛନ୍ତି, ତାଙ୍କ ରାଜ୍ୟରେ ଏହି 'ବିଦେଶୀ' (ଏକଦା ସ୍ୱଦେଶୀ!) ମାନେ ବିଭ୍ରାଟ ସୃଷ୍ଟି କରୁଛନ୍ତି। ସତ କଥା ହୋଇପାରେ। ସେ 'ସତକଥା' ଗୋଟିଏ ନିର୍ଦ୍ଦିଷ୍ଟ ସ୍ତରର ସତକଥା। ସେହି 'ସତକଥା' ଉପରେ ସମଗ୍ର ଆସାମବାସୀ ଏକତ୍ରିତ। କିନ୍ତୁ ସଂଖ୍ୟା ଯେ ସତ୍ୟର ମାପକାଠି ନୁହେଁ, ସେକଥା ଭୁଲିଗଲେ ଚଳିବ ନାହିଁ। ପ୍ରାଦେଶିକତାଧର୍ମୀ ଏହି ସତ୍ୟର ଊର୍ଦ୍ଧ୍ୱରେ ଏକ ମାନବିକତାର ସତ୍ୟ ରହିଛି। ଯେଉଁ ରୀତିରେ ଆସାମରେ ଆନ୍ଦୋଳନ ହେଉଛି, ତାହା ସେ ବୃହତର ସତ୍ୟ ପ୍ରତି ଅବମାନନା ପ୍ରଦର୍ଶନ କରୁଛି।

ଭାରତ ବିଭାଜନ ଥିଲା ପ୍ରକୃତିର ଆଭିମୁଖ୍ୟ ବିରୋଧରେ ଏକ ପ୍ରଚଣ୍ଡ ଅନ୍ଧ ଆଘାତ। ସେହିଭଳି ଆଘାତର ଆହୁରି କେତେ ପୁନରାବୃତ୍ତି ହେବ?





## ସମ୍ମାନ ଓ ପୁରସ୍କାର

ପଦ୍ମଭୂଷଣ- ୨୦୨୦
ପଦ୍ମଶ୍ରୀ- ୨୦୦୧
ସରସ୍ୱତୀ ସମ୍ମାନ - (ଅମୃତ ଫଳ, ୨୦୦୦)
କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର- (ମନୋଜ ଦାସଙ୍କ କଥା ଓ କାହାଣୀ, ୧୯୭୨)
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର- ୧୯୬୨ ଓ ୧୯୮୭
ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ- ୨୦୦୭
ସାହିତ୍ୟ ଏକାଡେମୀ ଫେଲୋସିପ- ୨୦୦୬
ଶାରଳା ପୁରସ୍କାର- ୧୯୮୧
ସାରଳା ସମ୍ମାନ- ୨୦୦୬ (ସାରଳା ସାହିତ୍ୟ ସଂସଦ, କଟକ)
ଉତ୍କଳ ରତ୍ନ ସମ୍ମାନ- ୨୦୦୧
ବିଷୁବ ପୁରସ୍କାର - ୧୯୮୭
ସାହିତ୍ୟ ଭାରତୀ ସମ୍ମାନ- ୧୯୯୫

## ରଚନାବଳୀ

-ଗଳ୍ପ ସଙ୍କଳନ-
ଅବୋଲକରା କାହାଣୀ (୧୯୯୧)
ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦)
ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭)
ମନୋଜ ପଞ୍ଚବିଂଶତି (୧୯୮୩)
ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ (୧୯୭୭)
ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ (୧୯୭୫)
ଲକ୍ଷ୍ମୀର ଅଭିସାର (୧୯୭୪)
ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧)
ଶେଷ ବସନ୍ତର ଚିଠି (୧୯୬୫)
ଆରଣ୍ୟକ (୧୯୬୧)
ବିଷକନ୍ୟାର କାହାଣୀ (୧୯୫୪)
ଜୀବନର ସ୍ୱାଦ (୧୯୫୩)
ସମୁଦ୍ରର କ୍ଷୁଧା (୧୯୫୨)

## କବିତା ସଙ୍କଳନ

କବିତା ଉତ୍କଳ (୨୦୦୩)
ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨)
ଉପନିବେଶ (୧୯୬୬)
ନନ୍ଦାବତୀର ମାଝି (୧୯୫୭)
ପଦଧ୍ୱନି (୧୯୫୦)
ବିପ୍ଲବୀ ଫକୀରମୋହନ (୧୯୫୦)
ଶତାବ୍ଦୀର ଆର୍ତ୍ତନାଦ (୧୯୪୯)

## ଉପନ୍ୟାସ

ତନ୍ଦ୍ରାଲୋକର ପ୍ରହରୀ – ୨୦୦୦
ଆକାଶର ଇସାରା – ୧୯୯୭
ଅମୃତ ଫଳ – ୧୯୯୬
ଗୋଧୂଳିର ବାଘ –୧୯୯୫
ପ୍ରଭଞ୍ଜନ –୧୯୯୨
ବୁଲଡୋଜର୍ସ –୧୯୮୯

## ପ୍ରବନ୍ଧ, ରମ୍ୟରଚନା

ପ୍ରଜ୍ଞା – ପ୍ରଦୀପିକା (୨୦୧୨)
ଉପକଥା ଶତକ (୨୦୦୨)
ସତ୍ୟ-ଅସତ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ (୨୦୦୨)
ସ୍ମୃତି ଓ ବିସ୍ମୃତିର ସାରନାଥ
ଅରଣ୍ୟ ଉଲ୍ଲାସ (୧୯୯୯)
ଭାରତର ଐତିହ୍ୟ: ଶତେକ ପ୍ରଶ୍ନର ଉତ୍ତର (୧୯୯୮)
ମହାଯୋଗୀ ଶ୍ରୀଅରବିନ୍ଦ (୧୯୯୭)
ସମୁଦ୍ର କୂଳର ଏକ ଗ୍ରାମ (୧୯୯୬)
ସନ୍ଧାନ ଓ ସଙ୍କେତ (୧୯୯୯)
ବିପୁଳାଚ ପୃଥୀ (୧୯୯୪)
କେତେ ଦିଗନ୍ତ (୧୯୮୬)

## ଶିଶୁ ସାହିତ୍ୟ

ରାକ୍ଷସର ସନ୍ଧାନରେ (୨୦୧୦)
କନକ ଉପତ୍ୟକାର କାହାଣୀ (୧୯୯୪)
ଅମର ସାହିତ୍ୟ (୧୯୭୩)
ଆଲୋକ ଓ ଆନନ୍ଦର କାହାଣୀ (୧୯୭୦)

## ଇଂଲିଶ ରଚନାବଳୀ-

ଚେଜିଂ ଦି ରେନ୍‌ବୋ: ଗ୍ରୋଇଙ୍ଗ ଅପ୍ ଇନ୍ ଆନ୍ ଇଣ୍ଡିଆନ ଭିଲେଜ(୨୦୦୪)
ଲିଜେଣ୍ଡ ଅଫ୍ ଦି ଗୋଲ୍ଡେନ ଭ୍ୟାଲି(୧୯୯୬)
ଦି ସବ୍‌ମର୍ଜଡ ଭ୍ୟାଲି ଆଣ୍ଡ ଅଦର ଷ୍ଟୋରିଜ(୧୯୮୬)
ଫେଆରବେଲ ଟୁ ଏ ଘୋଷ୍ଟ(୧୯୯୪)
ଦି କ୍ରୋକୋଡାଇଲ ଲେଡି(୧୯୭୫)

(ଏହା ବ୍ୟତୀତ ତାଙ୍କର ଅନେକ ପୁସ୍ତକ ରହିଛି)

## ଦିବ୍ୟ ଚେତନାର ପ୍ରବକ୍ତା ଥିଲେ



ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା। ସେ କେବଳ ସାହିତ୍ୟିକ ନ ଥିଲେ, ଦିବ୍ୟ ଚେତନାର ପ୍ରବକ୍ତା ଥିଲେ। -ରମାକାନ୍ତ ରଥ, ବିଶିଷ୍ଟ କବି

## ସାହିତ୍ୟ ଆକାଶର ଉଜ୍ଜ୍ୱଳ ନକ୍ଷତ୍ର ଅସ୍ତମିତ



ସାହିତ୍ୟ ଆକାଶର ଉଜ୍ଜଳ ନକ୍ଷତ୍ର ଅସ୍ତମିତ ହୋଇଗଲେ। ତାଙ୍କ ସହ କିଛି ବ୍ୟକ୍ତିଗତ ସମ୍ପର୍କ ନ ଥିଲା ସତ, ମାତ୍ର ସେ ଖୁବ୍ ଆତ୍ମୀୟ ଲାଗନ୍ତି। ଆମେ ଏକା ବ୍ୟାଚ୍‌ରେ ପଢୁଥିଲୁ। ମୁଁ ଓଡ଼ିଆ ବିଭାଗରେ ପଢୁଥିବାବେଳେ ସେ ଇଂଲିଶ ବିଭାଗରେ ପଢୁଥିଲେ। ତାଙ୍କ ସହ ମିଶିବା ପାଇଁ ଆମର ସାମର୍ଥ୍ୟ ନ ଥିଲା, କାରଣ ସେ ସମୟ ବେଳକୁ ମନୋଜ ଦାସ ବହୁତ ପ୍ରସିଦ୍ଧ ହୋଇ ସାରିଥିଲେ। ତାଙ୍କ ଲେଖା ଖୁବ୍ ଭଲ ଲାଗେ।
**– ଦାଶରଥି ଦାସ, ପୂର୍ବତନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

## ଫକୀର ମୋହନଙ୍କର ସେ ସାର୍ଥକ ଦାୟାଦ ଥିଲେ



ଆମେ ସମସ୍ତେ ଶୋକଗ୍ରସ୍ତ। ଯଦିଓ ମନୋଜ ବାବୁ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ କିନ୍ତୁ କରୋନାଠାରୁ ଦୂରରେ ଥିଲେ ବୋଲି ଖୁସି ଲାଗୁଥିଲା। ମାତ୍ର ହଠାତ୍ ତାଙ୍କର ବିୟୋଗରେ ଓଡ଼ିଆ ସାହିତ୍ୟ ନିଶ୍ଚିତ ଭାବେ କ୍ଷତି ଘଟିଲା। ସେ ଆଦର୍ଶବାଦୀ ଥିଲେ। ମୁଁ ବିଶ୍ୱାସ କରୁଛି ଯେ ସେ ବ୍ରହ୍ମରେ ବିଲୀନ ହୋଇଛନ୍ତି। କେବଳ ଆମେ ନୁହେଁ ବରଂ ଆମର ଉତ୍ତରପୀଢ଼ିମାନେ ମଧ୍ୟ ତାଙ୍କ ସାହିତ୍ୟ ପଢିବେ। ଗଳ୍ପ ସାହିତ୍ୟରେ ସେ ଥିଲେ ଅସାଧାରଣ। ଫକୀର ମୋହନଙ୍କର ସେ ଯଥାର୍ଥ ସାର୍ଥକ ଦାୟାଦ ଥିଲେ। ତାଙ୍କ ଲେଖାରେ ବିଚକ୍ଷଣତା ସହ ସ୍ୱତନ୍ତ୍ର ଭାଷା, ଶୈଳୀ ଓ ସ୍ୱତନ୍ତ୍ର ପରିବେଷଣ ଶୈଳୀ ରହିଥିଲା। ସେ ଜଣେ ବିଚକ୍ଷଣ ବାଗ୍ମୀ ଥିଲେ। ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା। ଏତେ ବଡ଼ ସାହିତ୍ୟିକ ହୋଇ ମଧ୍ୟ ସାଧାରଣ ଲୋକଙ୍କ ଭଳି ଥିଲେ। **-ପ୍ରତିଭା ରାୟ, ବିଶିଷ୍ଟ ଔପନ୍ୟାସିକା**

## ପରମ୍ପରାର କଥାକାର ଓ ସାମ୍ପ୍ରତିକ ଚେତନାର ପ୍ରବକ୍ତା



ଓଡ଼ିଆ ସାହିତ୍ୟର ବିଷ୍ଣୁ ଶର୍ମା ଚାଲିଗଲେ। ତାଙ୍କ ବିୟୋଗରେ ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ କଥା ସାହିତ୍ୟ ସ୍ୱୀକୃତି ପାଇବା କଷ୍ଟକର ହୋଇଯିବ। ତାଙ୍କର ଶ୍ରେଷ୍ଠ ସାଂସ୍କୃତିକ ପ୍ରତ୍ୟାବର୍ତ୍ତନ ସ୍ୱରକୁ ସ୍ପଷ୍ଟ ଭାବେ ଲକ୍ଷ୍ୟ କରାଯାଉଥିଲା। ସେ ବିଷୟ ବିନ୍ୟାସରେ, ପାରମ୍ପରିକ ଶୈଳୀ, ଓ ମହାଭାରତୀୟ ଭାବାବେଗକୁ ପରିମାର୍ଜିତ ରୂପ ଦେଇଥିଲେ। ତାଙ୍କ ସୃଷ୍ଟି ଭିତରେ ବ୍ୟକ୍ତି ବିଶ୍ୱ ଓ ବିଶ୍ୱ ବ୍ୟକ୍ତିର ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରିଥିଲେ। ପରମ୍ପରାର କଥାକାର ଓ ସାମ୍ପ୍ରତିକ ଚେତନାର ପ୍ରବକ୍ତା ଭାବେ ସେ ଉତ୍ତରପୀଢ଼ିକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି।
**-ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

## ଆଧୁନିକ ଭାରତୀୟ ସାହିତ୍ୟ ଜଗତର ବିଷ୍ଣୁ ଶର୍ମା



ମନୋଜ ଦାସ ହେଉଛନ୍ତି ଆଧୁନିକ ଭାରତୀୟ ସାହିତ୍ୟ ଜଗତର ବିଷ୍ଣୁ ଶର୍ମା। ତାଙ୍କର ପ୍ରଜ୍ଞା ଓ ପ୍ରତିଭା ବଳରେ ଭାରତୀୟ ଓ ବିଶ୍ୱ କଥା ସାହିତ୍ୟରେ ଅସାଧାରଣ ବିଜ୍ଞତା ଥିଲା। ତାଙ୍କ ସାହିତ୍ୟ ସାହାଯ୍ୟରେ ବିଶ୍ୱ ସାହିତ୍ୟକୁ ଧରିବାର ଆମେ ଯେଉଁ ଉପକ୍ରମ କରିଥିଲୁ ଏବେ ତାହା ଦୁର୍ବଳ ମନେ ହେଉଛି। ତାଙ୍କ କଥା ସାହିତ୍ୟରେ ବାଗ୍ମୀତା ରହିଥିଲା। କଥା ସାହିତ୍ୟରେ ଯେଉଁ ଧୀ-ମତା ତାଙ୍କଠାରେ ଥିଲା ତାହା ଅନ୍ୟମାନଙ୍କ ଠାରେ ନାହିଁ। ଶବ୍ଦ, ଭାଷା ଓ ଭାବରେ ଅତୁଳନୀୟ ବିଜ୍ଞତା ରହିଥିଲା। ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା।
-ଶରତ କୁମାର ଜେନା, ସହକାରୀ ପ୍ରଫେସର, ବିଶ୍ୱ ଭାରତୀ, ପଶ୍ଚିମବଙ୍ଗ

## ବିଶ୍ୱ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି



ମନୋଜ ଦାସଙ୍କ ସହିତ ମୋର ଦୀର୍ଘ ୨୦ ବର୍ଷର ନିବିଡ଼ ସମ୍ପର୍କ ରହିଥିଲା। ତାଙ୍କର ପ୍ରତ୍ୟେକ ସୃଷ୍ଟିକୁ ପଢ଼ିଛି। ପ୍ରତ୍ୟେକ ଗଳ୍ପ ଓ ଉପନ୍ୟାସ ଉପରେ ଆଲୋଚନା ମଧ୍ୟ କରିଛି। ତାଙ୍କ ବିୟୋଗ କେବଳ ଓଡ଼ିଆ ସାହିତ୍ୟ ପାଇଁ ନୁହେଁ ବରଂ ବିଶ୍ୱ ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି। ଭାରତୀୟ ସଂସ୍କୃତିର ଆତ୍ମାକୁ ମନୋଜ ବାବୁ ଯେପରି ବୁଝିଥିଲେ ତାହା ଅନ୍ୟ ସାହିତ୍ୟଙ୍କ ଠାରେ ଦେଖାଯାଇ ନାହିଁ। ତାଙ୍କର କଥା ସାହିତ୍ୟ, କବିତା, ଲଳିତ ନିବନ୍ଧ ପ୍ରତ୍ୟେକ ସୃଷ୍ଟିରେ ଭାରତ ଜୀବନବୋଧର ମହ ମହ ବାସ୍ନାକୁ ସୁରଭିତ କରିଛନ୍ତି। ମନୋଜ ଦାସଙ୍କୁ ହରାଇ ଭାରତୀୟ ସଂସ୍କୃତିର ମହାନ ଦାୟାଦଙ୍କୁ ହରାଇଛୁ।
ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, କୋରାପୁଟ ସେଣ୍ଟ୍ରାଲ ୟୁନିଭର୍ସିଟି।

## ଲେଖକର ମୃତ୍ୟୁ ନ ଥାଏ



ମନୋଜ ଦାସ ମୋ ବାପା ଅଭିରାମ ମହାପାତ୍ରଙ୍କ ପରମ ବନ୍ଧୁ ଥିଲେ। ତେଣୁ ସେ ମୋ' ପାଇଁ ପିତୃତୁଲ୍ୟ ବ୍ୟକ୍ତି ଥିଲେ। ତାଙ୍କର ସମସ୍ତ ପ୍ରକାଶନ ଗ୍ରନ୍ଥ ମନ୍ଦିରରେ ପ୍ରକାଶିତ ହୋଇଛି। ତାଙ୍କର ମୃତ୍ୟୁକୁ ସ୍ୱୀକାର କରି ହେବ ନାହିଁ କାରଣ ଲେଖକର ମୃତ୍ୟୁ ନ ଥାଏ। **-ମନୋଜ କୁମାର ମହାପାତ୍ର, ଗ୍ରନ୍ଥ ମନ୍ଦିର ପ୍ରକାଶକ, କଟକ**

## ଭାରତୀୟ ସାହିତ୍ୟ ଏକ ଅମୂଲ୍ୟ ରତ୍ନ ହରାଇଲା



ତାଙ୍କ ବିୟୋଗକୁ ବିଶ୍ୱାସ କରିପାରୁନାହିଁ। ଭାରତୀୟ ସାହିତ୍ୟ ଏକ ଅମୂଲ୍ୟ ରତ୍ନ ହରାଇଲା। ସେ ଜଣେ ମହାନ ସାଧକ ଥିଲେ। ତାଙ୍କର ଲେଖାରେ ଯେଉଁ ମାଧୁର୍ଯ୍ୟ ରହିଛି ତାହା ଅନ୍ୟ ଲେଖକଙ୍କ ଠାରୁ ପାଇବା ନାହିଁ। ତାଙ୍କ ବିୟୋଗକୁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ତାଙ୍କ ଅଭାବକୁ କେହି ପୂରଣ କରିପାରିବେ ନାହିଁ। ତାଙ୍କ ବିୟୋଗରେ ଆଧ୍ୟାତ୍ମିକ ସାହିତ୍ୟ ଜଗତର ରବି ଅସ୍ତମିତ ହୋଇଗଲା। ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳିଜଣାଉଛି।**-ନବୀନ ଜାଲ୍, ଅଧ୍ୟାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ**

## ବାଲେଶ୍ୱର ମାଟିର ଗୌରବ



ଆଧ୍ୟାତ୍ମିକ ଚିନ୍ତା-ଚେତନାର ମଣିଷ ମନୋଜ ଦାସଙ୍କ ବିୟୋଗ ଆମ ପାଇଁ ଅସରା ଦୁଃଖ। ଶ୍ରଦ୍ଧାଶୀଳ ଓ ଉଦାର ସ୍ୱଭାବ ଯୋଗୁ ସେ ଅନ୍ୟକୁ ସହଜରେ ଆପଣାର କରିପାରୁଥିଲେ। ନମ୍ରତା ଓ ନମନୀୟତା ହିଁ ତାଙ୍କ ଚରିତ୍ରର ବିଶେଷ ଅଳଙ୍କାର। ଶକ୍ତିଶାଳୀ ବକ୍ତବ୍ୟରେ ସେ ଶ୍ରୋତାଙ୍କ ମାନସିକତାକୁ ସହଜରେ ପ୍ରଭାବିତ କରିପାରୁଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ଲେଖକ ଭାବେ ସେ ପରିଚୟ ସୃଷ୍ଟି କରି ବାଲେଶ୍ୱର ମାଟିର ଗୌରବ ବୃଦ୍ଧି କରିଛନ୍ତି। ଚିରଦିନ ସେ ଆମ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାଦାୟକ ହୋଇ ରହିବେ। ଆମ ମାଟି ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଛି। ତାଙ୍କ ଆତ୍ମା ମୋକ୍ଷ ଲାଭ କରୁ ଏହା ହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା। **-କବି ପ୍ରଶାନ୍ତ ଦାସ, ବାଲେଶ୍ୱର**

## ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା



ମନୋଜ ଦାସ ଥିଲେ ବିଶ୍ୱ ସାହିତ୍ୟର ଉଚ୍ଚାଙ୍ଗ ଉଚ୍ଚାରଣ, ସ୍ୱର୍ଦ୍ଧିତ ସ୍ୱର, ଓଡ଼ିଆ ସାହିତ୍ୟର ମଉଡ଼ମଣି ଏବଂ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ତାଙ୍କ ବିୟୋଗରେ ଭାରତୀୟ ସାହିତ୍ୟ ଜଗତରେ ଏକ ବଡ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା। ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।
**-ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର, ନୀଳଗିରି।**

## ମନୋଜ ଦାସଙ୍କ ସୃଜନ ସମ୍ଭାର ପ୍ରାଣସ୍ପର୍ଶୀ



ପ୍ରାଣବନ୍ତ ସାହିତ୍ୟ ସୃଷ୍ଟି କରିଥିବା ଆମ ବାଲେଶ୍ୱର ମାଟିର ଅନନ୍ୟ ମହକ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଓଡ଼ିଆ କଥାକାର ମନୋଜ ଦାସଙ୍କ ସୃଜନ ସମ୍ଭାର ପ୍ରାଣସ୍ପର୍ଶୀ। ନିଜସ୍ୱ ସାଂସ୍କୃତିକ ବିଚାରବୋଧରେ ଆମ ଭାଷା ସାହିତ୍ୟକୁ ଯଶ ବିମଣ୍ଡିତ କରିଥିବା ଏହି ବରପୁତ୍ରଙ୍କର ଅକାଳ ବିୟୋଗରେ ମୁଁ ବିଶେଷ ମର୍ମାହତ। ଏ ଜାତି ଜଣେ ଯଶସ୍ୱୀ ସାରସ୍ୱତ ସାଧକଙ୍କୁ ହରାଇଲା।
**-କବି ପ୍ରାଧ୍ୟାପକ ଶରତ କୁମାର ମହାପାତ୍ର, ବାଲେଶ୍ୱର**

## ଗୌରବମୟ ସାରସ୍ୱତ ଯୁଗର ଅବସାନ



ଓଡ଼ିଆ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ସାରସ୍ୱତ ସ୍ରଷ୍ଟା ମନୋଜ ଦାସଙ୍କ ବିୟୋଗ ସାହିତ୍ୟପ୍ରେମୀଙ୍କୁ ମର୍ମାହତ ଓ ସ୍ତବ୍ଧ କରିଛି। ତାଙ୍କ କାଳଜୟୀ ରଚନାଗୁଡ଼ିକ ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଛି। ତାଙ୍କ ଅବର୍ତ୍ତମାନରେ ଓଡ଼ିଆ ମାଟି, ଓଡ଼ିଆ ଜାତି ତଥା ଜନ୍ମମାଟି ବାଲେଶ୍ୱର ଜିଲା ଜଣେ ଅସାଧାରଣ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ହରାଇଲା। ତାଙ୍କ ବିୟୋଗ ଯୋଗୁ ଏକ ଗୌରବମୟ ସାରସ୍ୱତ ଯୁଗର ଅବସାନ ଘଟିଲା।
**-ବିମଳ ଜେନା, କେନ୍ଦ୍ର ସାହିତ୍ୟ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ**

> ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ୍। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। ... ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। —ଶ୍ରୀମା

# ଲେଖକ ଓ ସମ୍ବେଦନଶୀଳତା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ନିକଟରେ ପ୍ରକାଶ ପାଇଥିବା ନିରଞ୍ଜନ ସାହୁଙ୍କ ଆତ୍ମଜୀବନୀ 'କଥା ଅନେଶ୍ୱତ'ରେ ବର୍ଣ୍ଣିତ ଏକ ସମ୍ବେଦନଶୀଳ ଘଟଣାରୁ ପ୍ରବନ୍ଧଟି ଆରମ୍ଭ କରୁଛି। ଲେଖକ ଥାଆନ୍ତି ତହସିଲଦାର। ଦିନେ ସେ ଅଫିସରେ ପଶୁ ପଶୁ ଦେଖିଲେ ଜଣେ ବୁଢ଼ାଲୋକ ଚଦର ଘୋଡ଼ିହୋଇ ଅଫିସର ଗୋଟିଏ କୋଣରେ ବସିଛି। ଲେଖକ ଲୋକଟିର ପରିଚୟ ଜିଜ୍ଞାସା କରନ୍ତେ ବିଭାଗୀୟ ଅଧିକାରୀ କହିଲେ, ସିଏ ହେଉଛି ଅଫିସର ରାତି ଜଗୁଆଳି ପଣ୍ଡୁର ବାପା। ପୁଅ ପାଖକୁ କୌଣସି କାମରେ ଆସିଛି। ପଣ୍ଡୁ ଯାଇଛି ଚା ଆଣିବା ପାଇଁ। ସେ ତାକୁ ଅପେକ୍ଷା କରିଛି। ଲେଖକ ସଙ୍ଗେ ସଙ୍ଗେ ବୁଢ଼ା ଲୋକଟିକୁ ତାଙ୍କ କକ୍ଷକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଲେ। ଲୋକଟିର ବୟସ ଷାଠିଏରୁ ପଞ୍ଚଷଠି ଭିତରେ। ଲେଖକ ତାକୁ ମଉସା ସମ୍ବୋଧନ କରି ନିଜ ବାମ ପାର୍ଶ୍ୱରେ ଖାଲିଥିବା ଚଉକିରେ ବସିବା ପାଇଁ କହିଲେ। ମାତ୍ର ସେ ସେଠି ବସିବା ପାଇଁ ସଙ୍କୋଚ ପ୍ରକାଶ କଲା। ବୋଧହୁଏ ସେ ଭାବିଲା ଲେଖକ ତାକୁ ଥଟ୍ଟା କରୁଛନ୍ତି। ଲେଖକ ତାକୁ ସେଠି ବସିବାକୁ ବାଧ୍ୟ କରନ୍ତେ ଶେଷରେ ବଡ଼ କଷ୍ଟରେ ଚଉକିର ଧାରରେ ଜାକିହୋଇ ବସିଲା। ସେ ଆଶ୍ୱସ୍ତି ଅନୁଭବ କଲା। ତା' ଆଖିରୁ ବହି ଚାଲିଲା ଧାର ଧାର ଲୁହ। ଲେଖକ କାନ୍ଦିବାର କାରଣ ପଚାରନ୍ତେ, ବୁଢ଼ାଟି କହିଲା, ମୁଁ ବୁଝିପାରୁନାହିଁ, ଏହା ସତ ନା ମିଛ। ମୋ ପୁଅ ଆପଣଙ୍କ ଅଫିସରେ ପିଅନ। ମୁଁ ଏଠି ବସିବା ପାଇଁ ଯୋଗ୍ୟ ନୁହେଁ। ମୋତେ ଏଠାରୁ ଯିବା ପାଇଁ ଆପଣ ଆଦେଶ ଦିଅନ୍ତୁ। ଏତିକି କହି ସେ ଉଠିପଡ଼ିଲା। ଲେଖକଙ୍କୁ ଆନ୍ଦୋଳିତ କଲା ଦୁଇଟି ପ୍ରଶ୍ନ। ପ୍ରଥମଟି ତହସିଲଦାରଙ୍କ ପାଖରେ ବସିବା ପାଇଁ ଲୋକଟି ସଙ୍କୋଚ ପ୍ରକାଶ କଲା କାହିଁକି ଓ ଦ୍ୱିତୀୟଟି ହେଉଛି ତା' ଆଖିରୁ ଲୁହ ବହିଲା କାହିଁକି ? କୌଣସି ଉଚ୍ଚ ପଦାଧିକାରୀ ଜଣେ ନିମ୍ନପଦସ୍ଥ କର୍ମଚାରୀର ବାପାକୁ ଏଭଳି ବ୍ୟବହାର କେବେ ଦେଖାନ୍ତି ନାହିଁ। ଏଣୁ ତହସିଲଦାର ତାଙ୍କ ନିକଟରେ ବସିବା ପାଇଁ କହିବାରୁ ସେ ସଙ୍କୋଚ ପ୍ରକାଶ କଲା। ମାତ୍ର ସେ ଯେତେବେଳେ ତହସିଲଦାରଙ୍କ କଥାରେ ଆନ୍ତରିକତା ଥିବାର ଅନୁଭବ କଲା ସେ ଭାବବିହ୍ୱଳ ହୋଇ କାନ୍ଦି ପକାଇଲା, କାରଣ ଏହା ଥିଲା ତା' ପାଇଁ ଅପ୍ରତ୍ୟାଶିତ। ଲେଖକ ଜଣେ ସମ୍ବେଦନଶୀଳ ମଣିଷ। ଏଣୁ ସେ ଲେଖିଛନ୍ତି, 'ଆମେ ଆମ ଜାଣତରେ କିମ୍ବା ଚଳାବାଟରେ ଏମିତି ଗୋଟିଏ ପୃଥିବୀ ଗଢ଼ି ଦେଇଛେ, ଯେଉଁଠି ଗୋଟିଏ ଅଫିସର ଲୋକମାନେ ଭାବନ୍ତି ପିଅନଟିଏର ସାମାଜିକ ସ୍ଥିତି ଅଫିସ ଭିତରେ ଯାହା, ତା'ର ଭାଇ, ଭଉଣୀ, ବାପା ବା ପୁଅ ସମସ୍ତେ ସେଇ ନଜରରେ ଦେଖାହେବେ। କିରାଣିଟିଏ ଯାହା ତା'ର ନିଜସ୍ୱ ଲୋକମାନଙ୍କ ମାନ ବି ଠିକ୍ ସେୟା। ଠିକ୍ ଏହାଛଡ଼ା ଆମେ ଭାବୁ ଅଫିସର ହାକିମ ଯାହା ତାଙ୍କର ବାପା, ଭାଇ ବି ସେହି ସମ୍ମାନର ହକ୍‌ଦାର। କେବେଠାରୁ ଏହି ଧାରଣା ଚାଲିଆସିଛି ତା'ର ହିସାବ ନାହିଁ। କଲେକ୍ଟରଙ୍କ ଭାଇ କହିଦେଲେ ବି ତାଙ୍କ ତଳ ଅଧିକାରୀ ଠିଆ ହୋଇପଡ଼ନ୍ତି ଅଥଚ ପିଅନର ବାପା କହିଦେଲେ ସେମାନଙ୍କ ଭିତରେ ଟିକିଏ ସମ୍ମାନ ଦେବାକୁ ଇଚ୍ଛା ବା ଆଗ୍ରହ ସୃଷ୍ଟି ହୁଏ ନାହିଁ।

ସେଦିନ ଏହି ଲେଖକ- ତହସିଲଦାରଙ୍କଠାରେ ଯେଉଁ ମାନବୀୟ ବ୍ୟବହାର ଲକ୍ଷ୍ୟ କରିଥିଲା, ତାହା ଥିଲା ସମ୍ବେଦନା। ତାଙ୍କର ଏହି ସମ୍ବେଦନଶୀଳତାରୁ ସୃଷ୍ଟି ହୋଇଛି 'କଥା ଅନେଶ୍ୱତ'। ଏହି ସମ୍ବେଦନଶୀଳତା ନ ଥିଲେ ଲେଖକ ଯେତେବଡ଼ ଉଚ୍ଚ ପଦାଧିକାରୀ ହୋଇଥିଲେ ମଧ୍ୟ ବା ଯେତେ ଜ୍ଞାନର ଅଧିକାରୀ ହୋଇଥିଲେ ମଧ୍ୟ ତାହା କଲମରୁ ସୃଷ୍ଟି ହୋଇଥିବା ସାହିତ୍ୟ କୌଣସି ଆବେଦନ ସୃଷ୍ଟି କରିପାରେ ନାହିଁ। ସମ୍ବେଦନଶୀଳତା ଏକ ମଣିଷୋଚିତ ଗୁଣ। ସାଧାରଣ ମଣିଷଠାରୁ ଲେଖକଟିଏ ବେଶି ସମ୍ବେଦନଶୀଳ। ଏହି ସମ୍ବେଦନଶୀଳତା ନ ଥିଲେ କାଳୋତ୍ତୀର୍ଣ୍ଣ ସାହିତ୍ୟ ସୃଷ୍ଟି ହୋଇପାରେ ନାହିଁ। ମହାକାବ୍ୟ ରାମାୟଣର ସୃଷ୍ଟି ହୋଇଥିଲା ଏହି ସମ୍ବେଦନଶୀଳତା ମଧ୍ୟରୁ। କାମାସକ୍ତ କ୍ରୌଞ୍ଚଯୁଗଳଙ୍କ ମଧ୍ୟରୁ ଗୋଟିଏ କ୍ରୌଞ୍ଚକୁ ନିଷାଦ ଶରାଘାତ କରନ୍ତେ ଦୃଶ୍ୟଟି ଦେଖୁଥିବା ଋଷି ବାଲ୍ମୀକିଙ୍କ ହୃଦୟରେ ଯେଉଁ ବେଦନା ସୃଷ୍ଟି ହେଲା ସେଥିରୁ ଜନ୍ମ ନେଲା ରାମାୟଣର ପ୍ରଥମ ଶ୍ଳୋକ- 'ମାନିଷାଦ ପ୍ରତିଷ୍ଠାଂତ୍ୱମଗମଃ ଶାଶ୍ୱତିଃ ସମାଃ/ଯତ୍ କ୍ରୌଞ୍ଚମିଥୁନାଦେକମବଧୀ କାମମୋହିତମ୍।' ଋଷି ବେଦନାଜର୍ଜରିତ ହୃଦୟରେ ଅଭିଶାପ ଦେଲେ 'ରେ ନିଷାଦ ! ତୁ କାମାସକ୍ତ ଥିବା କ୍ରୌଞ୍ଚ ଯୁଗଳରୁ ଗୋଟିଏ କ୍ରୌଞ୍ଚକୁ ହତ୍ୟା କରିଥିବାରୁ ତୁ ଅନନ୍ତ କାଳ ପର୍ଯ୍ୟନ୍ତ ଶାନ୍ତିଲାଭ କରିପାରିବୁ ନାହିଁ।' ପରବର୍ତ୍ତୀ ସମୟରେ ଏହି ରାମାୟଣ ହେଲା କାଳଜୟୀ ସାହିତ୍ୟ। ସେହିଭଳି ଜଣେ ସମ୍ବେଦନଶୀଳ ବ୍ୟକ୍ତି ଥିଲେ କାହ୍ନୁଚରଣ ମହାନ୍ତି। ବିଶିଷ୍ଟ ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କଠାରୁ ଶୁଣିଥିବା ତାଙ୍କ ଜୀବନର ଏକ ଘଟଣା। ଶୀତରାତିରେ କଲେଜ ଛାତ୍ର ଥିବା ବୈଷ୍ଣବବାବୁ ସାଇକେଲରେ ନିଜ ବସାକୁ ଫେରୁଥାନ୍ତି। କଟକର ରାଜା ବଗିଚାରେ ଅନ୍ଧାର ରାତିରେ ରାସ୍ତା କଡ଼ରେ ବସିଥାନ୍ତି ଜଣେ ବୃଦ୍ଧ। ସେ କମଳଟିଏ ଘୋଡ଼େଇ ହୋଇଥାନ୍ତି ଓ ହାତରେ ଗୋଟିଏ ଲଣ୍ଠନ ଧରିଥାନ୍ତି। ବୈଷ୍ଣବବାବୁ ଆଗେଇ ଯାଆନ୍ତେ ସେ ପାଟିକରି କହିଲେ କିଏ ? ଦେଖିକରି ଯାଅ, ପଡ଼ିଯିବ। ଆଗରେ ମ୍ୟାନହୋଲ ଅଛି। ବୈଷ୍ଣବବାବୁ ଅଟକିଗଲେ। ଶୀତରାତିରେ ବୁଢ଼ା ବୟସରେ ରାସ୍ତା କଡ଼ରେ ବସିଥିବାର କାରଣ ବୈଷ୍ଣବବାବୁ ପଚାରନ୍ତେ ସେ କହିଲେ, ଆଗରେ ଥିବା ମ୍ୟାନହୋଲର ଢାଙ୍କୁଣି ଉଠିଯାଇଛି। କିଛି ସମୟ ପୂର୍ବରୁ ଜଣେ ରିକ୍ସାବାଲା ତାହା ଦେଖି ନ ପାରି ସେଠାରେ ପଡ଼ି ଖଣ୍ଡିଆଖାବରା ହୋଇଗଲା। ରିକ୍ସା ଟାଣି ସେ କୁଟୁମ୍ବ ପୋଷେ। ଏବେ ବିଚରା ଚଳିବ କେମିତି ? ଆଉ କେହି ସେଠି ନ ପଡୁ, ସେଥିପାଇଁ ମୁଁ ଏଠି ଜଗିବସିଛି। ବୈଷ୍ଣବବାବୁ ତାଙ୍କ ପରିଚୟ ଜାଣିବାକୁ ଚାହାନ୍ତେ ସେ କହିଲେ, ମୁଁ କାହ୍ନୁ ମହାନ୍ତି। ନିକଟରେ ମୋର ଘର। ହା ଅନ୍ନ, ଶାସ୍ତି, ବାଲିରାଜା, ପଳାତକ ଭଳି ବହୁ କାଳଜୟୀ ଉପନ୍ୟାସର ସ୍ରଷ୍ଟା କାହ୍ନୁଚରଣ ମହାନ୍ତିଙ୍କ ସମ୍ବେଦନଶୀଳତା ଉପଲବ୍ଧି କରି ବୈଷ୍ଣବବାବୁ ବିସ୍ମିତ ହୋଇଥିଲେ ଓ ତା' ପରଦିନ ପୌର କାର୍ଯ୍ୟାଳୟକୁ ଯାଇ ସେହି ମ୍ୟାନହୋଲ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏହି ମାନବୀୟ ସମ୍ବେଦନା ନ ଥିଲେ ସଫଳ ସାହିତ୍ୟର ସୃଷ୍ଟି ସମ୍ଭବ ନୁହେଁ। କାହ୍ନୁ ଚରଣଙ୍କ ପ୍ରତ୍ୟେକ ଉପନ୍ୟାସରେ ଏହା ପ୍ରତିଫଳିତ। ଅନୁରୂପ ଭାବେ କବୟିତ୍ରୀ ଗାବ୍ରିଏଲ ମିଷ୍ଟ୍ରାଲ ଦିନେ ସୂର୍ଯ୍ୟାସ୍ତ ସମୟରେ ଗହମ ଖେତ ବାଟେ ଘରକୁ ଫେରୁଥିଲେ। ଜଣେ ଗର୍ଭବତୀ ନାରୀ ଶ୍ରମିକକୁ କେତେକ ପୁରୁଷ ରୂଢ଼ ମନ୍ତବ୍ୟ ଦେଇ ଉପହାସ କରୁଥିବାର ଦୃଶ୍ୟ ତାଙ୍କୁ ଏତେ ଆଘାତ ଦେଲା ଯେ ସେ ରାତିସାରା ଶୋଇପାରି ନଥିଲେ। ସେ ଅନୁଭବ କରିଥିଲେ ମାତୃତ୍ୱର ଅସହାୟତା ଓ ସେହି ରାତିରେ ଲେଖିଥିଲେ ମାତୃତ୍ୱର ଗରିମା ଉପରେ ତାଙ୍କର ପ୍ରଥମ କବିତା, ପରେ ସେ ଯେତେ କବିତା ଲେଖିଥିଲେ ସବୁଥିରେ ମୂଳ ବିଷୟବସ୍ତୁ ଥିଲା ମା' ଓ ଶିଶୁ। ପରବର୍ତ୍ତୀ ସମୟରେ ସେ ତାଙ୍କର ସାହିତ୍ୟ କୃତି ପାଇଁ ନୋବେଲ ପୁରସ୍କାର ପାଇଲେ।

ଆଧୁନିକ ଯୁଗରେ ଲେଖକମାନଙ୍କ ସଂଖ୍ୟା ଅତି ମାତ୍ରାରେ ବଢ଼ିଛି। ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସେମାନଙ୍କ ସାହିତ୍ୟ ଜଳଯାତ୍ରା ରୋମାଞ୍ଚକର ହେଲେ ମଧ୍ୟ ଯାତ୍ରା ମଝିରେ ଅନେକ ଲେଖକଙ୍କ ଜାହାଜ ଧ୍ୱଂସପ୍ରାପ୍ତ ହେଉଛି। କିଛି ଲେଖକ ନିଜସ୍ୱ ପ୍ରତିଭା ନ ଥିଲେ ମଧ୍ୟ ପ୍ରତିଷ୍ଠା ଓ ପୁରସ୍କାର ଆଶାୟୀ ହୋଇ ଲେଖନୀ ଚାଳନା କରୁଛନ୍ତି ଓ ଅନ୍ୟର ଲେଖାକୁ ବିନା ସୂଚନାରେ ନକଲ କରୁଛନ୍ତି। ପୁନଶ୍ଚ ନିଜସ୍ୱ ଅନୁଭୂତି ନ ଥାଇ ଓ ମାନବୀୟ ସମ୍ବେଦନା ନ ଥାଇ ଲେଖନୀ ଚାଳନା କରୁଛନ୍ତି। ଏହିଭଳି ଲେଖା ଆବେଦନ ସୃଷ୍ଟି କରିପାରୁନାହିଁ। ଏଭଳି ଲେଖକଙ୍କୁ ସାହିତ୍ୟ ମହାଭାରତର ଲେଖକ ସଞ୍ଜୟ ପୌଣ୍ଡ୍ରକ ଆଖ୍ୟା ଦେଇଛନ୍ତି।

ପୌଣ୍ଡ୍ରକ ଥିଲେ ଜରାସନ୍ଧଙ୍କ ମିତ୍ର। ତାଙ୍କ ପିତାଙ୍କ ନାମ ଥିଲା ବସୁଦେବ। ତେଣୁ ସେ ନିଜକୁ ବାସୁଦେବ ବୋଲି କହୁଥିଲେ। ମାତ୍ର ସେ ନିଜକୁ ବାସୁଦେବ ବୋଲି ପରିଚୟ ଦେବା ବେଳକୁ ଶ୍ରୀକୃଷ୍ଣ ବାସୁଦେବ ଭାବରେ ପ୍ରସିଦ୍ଧି ଅର୍ଜନ କରିସାରିଥିଲେ। ଥରେ ନାରଦ ପୌଣ୍ଡ୍ରକଙ୍କ ଆଗରେ ଶ୍ରୀକୃଷ୍ଣ-ବାସୁଦେବଙ୍କ ଖ୍ୟାତି ବର୍ଣ୍ଣନା କରନ୍ତେ ସେ ଉତ୍କ୍ଷିପ୍ତ ହୋଇ କହିଲେ, ସେ ହେଉଛନ୍ତି ଅସଲି ବାସୁଦେବ ଓ ଶ୍ରୀକୃଷ୍ଣ ହେଉଛନ୍ତି ନକଲି। ପୁନଶ୍ଚ ସେ ନିଜ ଦେହରେ ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ପରି ନୀଳରଙ୍ଗ ବୋଳି ହେଲେ ଓ ହାତରେ ଶଙ୍ଖ ଚକ୍ର ଧରି ନିଜକୁ ପ୍ରକୃତ ବାସୁଦେବ ବୋଲି ପ୍ରଚାର କଲେ। ଲେଖକଙ୍କ ଏହି ପ୍ରକାର ଉଦ୍ୟମ ଅବଶ୍ୟ ନିନ୍ଦନୀୟ। ଏଣୁ ନିଜସ୍ୱ ଅନୁଭୂତି ଓ ମାନବୀୟ ସମ୍ବେଦନା ନ ଥାଇ ଲେଖନୀ ଚାଳନା କରିବା ସାହିତ୍ୟିକ ଭାବରେ ନିଜକୁ ପ୍ରତିଷ୍ଠିତ କରିବାର ଅପଚେଷ୍ଟା ବୋଲି କୁହାଯାଇପାରେ।

ଟିଟିଲାଗଡ଼, ମୋ-୯୪୩୭୩୨୯୨୬୩

# ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ

ସୁମନ୍ତ କୁମାର ଭୂୟାଁ

ଭାରତୀୟ ସଂସ୍କୃତିରେ ଏକ ମୂଲ୍ୟବାନ୍ ଉପଦେଶ ରହିଆସିଛି- ତାହା ହେଲା, ଜ୍ୟେଷ୍ଠାୟ ନମଃ, ଶ୍ରେଷ୍ଠାୟ ନମଃ। ଜ୍ୟେଷ୍ଠମାନଙ୍କୁ, ଶ୍ରେଷ୍ଠମାନଙ୍କୁ ନମସ୍କାର। ଯେତେବେଳେ ଯୌଥ ପରିବାରର ସଂସ୍କୃତି ପ୍ରଚଳିତ ଥିଲା ; ସେତେବେଳେ ଜ୍ୟେଷ୍ଠମାନଙ୍କୁ ଜ୍ଞାନ, ଅଭିଜ୍ଞତା ଓ ପ୍ରଜ୍ଞାର ଭଣ୍ଡାର ବୋଲି କନିଷ୍ଠମାନେ ବିଚାର କରୁଥିଲେ। ମା'ବାପା ବଞ୍ଚିଥିବା ବେଳେ ପୁଅମାନେ ଯେତେ ବୟସ୍କ ହୁଅନ୍ତୁ ନା କାହିଁକି ସବୁବେଳେ ଭାବୁଥିଲେ ଯେ ସେମାନେ ତରୁଣ ଓ ସ୍ୱପ୍ନଶୀଳ। କୌଣସି କଥାରେ ସେମାନଙ୍କର ଖାତିର ନଥାଏ କି ଭୟ ନଥାଏ। କାରଣ ତାଙ୍କ ଉପରେ ଛତା ଭଳି ମା'ବାପା ଜଗିଛନ୍ତି। ଗୋଟିଏ ଗୋଟିଏ ଯୌଥ ପରିବାରରେ ଏକାଥରକେ ତିନି/ଚାରି ପୁରୁଷ ଲୋକ ଗୋଟିଏ ଜାଗାରେ ରହୁଥିଲେ। ଯେହେତୁ ମା'ବାପା ଘରେ ଅଛନ୍ତି, ତେଣୁ ସେମାନେ ଘର ପ୍ରତି ସେତେ ଯତ୍ନଶୀଳ ହେଉନଥିଲେ। କାଳକ୍ରମେ ଯୌଥ ପରିବାର ଭାଙ୍ଗିବାକୁ ଲାଗିଲା। ଭଉଣୀମାନେ ବାହା ହୋଇ ସେମାନଙ୍କ ଶାଶୁଘରକୁ ଚାଲିଗଲେ। ଭାଇମାନେ ବିବାହ ହେଲା ପରେ ଅଲଗା ଅଲଗା ସେମାନଙ୍କ ସଂସାର ଗଢ଼ିଲେ। ପ୍ରଶ୍ନ ଉଠିଲା ମା'ବାପା ତେବେ ରହିବେ କେଉଁଠି? ତେଣୁ ପାଳିକରି ମା'ବାପାଙ୍କୁ ପୁଅମାନେ ରଖିବା ଆରମ୍ଭ କଲେ। ପରିବାର ଆହୁରି ଛୋଟ ହୋଇ ଅଣପରିବାରରେ ପରିଣତ ହେଲା। ସ୍ତ୍ରୀ-ସ୍ୱାମୀ, ଝିଅ-ପୁଅ ବା ପୁଅଟି ଆଉ ଝିଅଟିଏ। ତେଣୁ ବୃଦ୍ଧ ମାତା ପିତାଙ୍କ ସମସ୍ୟା ଆହୁରି ବଢ଼ିଗଲା। ଯେଉଁ ବାପା ଦିନେ ରୋଜଗାରର ମୁଖ୍ୟ ଥିଲେ, ଘରର ମୁଖିଆ ଥିଲେ, ବାର୍ଦ୍ଧକ୍ୟଜନିତ କାରଣରୁ ସେହି ସ୍ଥାନରୁ ସେ ଖସି ଆସି ପୁଅ ଉପରେ ସବୁ କଥାରେ ନିର୍ଭରଶୀଳ ହେଲେ। କ୍ୱଚିତ୍ ପରିବାରରେ ପୁଅର ନିଷ୍ପତ୍ତିକ୍ରମେ ଘର ଚାଲେ। ଅନ୍ୟ କ୍ଷେତ୍ରରେ ସ୍ତ୍ରୀମାନେ ହିଁ ରୋଜଗାର ଥାଉ କି ନଥାଉ, ଘରର ମଙ୍ଗୁଆଳ ସାଜିଲେ। ତାଙ୍କ କଥାକୁ ସ୍ୱାମୀ ଯଦି ସାମାନ୍ୟତମ ବ୍ୟତିକ୍ରମ ଘଟାନ୍ତି, ତେବେ କଥା ସରିଲା। ଅଶାନ୍ତିର ବହ୍ନିରେ ଘର ଜଳିଉଠେ। ପରିଶେଷରେ ରାଗ ଶୁଝାଯାଏ ବୃଦ୍ଧ ମା'ବାପାଙ୍କ ଉପରେ। ଖାଦ୍ୟପେୟ, ବାର୍ଦ୍ଧକ୍ୟଜନିତ ରୋଗର ଉପଶମରେ ଅବହେଳା, କଟୂକ୍ତି, କଟାକ୍ଷ ସମେତ ଶାରୀରିକ ନିର୍ଯାତନା ଆଦି କୌଶଳ ଅବଲମ୍ବନ କରି ସେମାନଙ୍କୁ ଅପେକ୍ଷା କରାଯାଏ। ଯେଉଁ ଘର ନିଜ ଅର୍ଥବଳ ଓ ବାହୁବଳରେ ମା'ବାପା ତିଆରି କରିଥିଲେ, ପ୍ରଚୁର ଅର୍ଥ ବ୍ୟୟକରି ପିଲାମାନଙ୍କୁ ବହୁ ଯତ୍ନ ସହକାରେ ପାଠ ପଢ଼ାଇ ମଣିଷ କରାଇଥିଲେ, ସେହି ଘରେ ସେମାନେ ଅଲୋଡ଼ା ହୋଇପଡ଼ନ୍ତି। ଅଧିକାଂଶ ସ୍ଥାନରେ ଏସବୁ ଦେଖି ସହି ନ ପାରୁଥିବା ପୁଅଟି ଚୁପ୍ ହୋଇ ରହିବାକୁ ବାଧ୍ୟ ହୁଏ। ଯେଉଁ ଦାଣ୍ଡଦୁଆରେ ବାପା ଘର ଜଗିବା ପାଇଁ କୁକୁର ବାନ୍ଧୁଥିଲେ, ସେହି ଦୁଆରେ ଆରାମ ଚୌକି ଖଣ୍ଡିଏ ପକେଇଦେଇ ବାପାଙ୍କୁ ବସେଇ ଦିଆଯାଏ। ବାପା ଦିଶନ୍ତି ସତେଯେପରି ଏକ ପ୍ରଶ୍ନବାଚୀ ଚିହ୍ନ ପରି। କଥାବାର୍ତ୍ତା ଖୁବ୍ କମ୍, ଦିନରେ ଅସୁମାରି ସ୍ମୃତିଚାରଣ, ସଫଳତା ଓ ବିଫଳତାର ହିସାବ ଆଉ ମୃତ୍ୟୁକୁ ଅପେକ୍ଷା। ଘରେ ମା'ବୁଢ଼ୀ ସତେକି ଗୋଟିଏ ସୋଫା ସେଟ, ଗୋଟେ ଫ୍ରିଜ୍, ଗୋଟେ ପୁରୁଣା ଢାବଲ ବା କୌଣସି ଅବ୍ୟବହୃତ ଆସବାବପତ୍ର ପରି ଘରର ଗୋଟିଏ କୋଣରେ ପଡ଼ି ରହିଥା'ନ୍ତି। ତେଣୁ ବାର୍ଦ୍ଧକ୍ୟ ଏକ ଅଭିଶାପ ନା ଏକ ଆଶୀର୍ବାଦ ! ଏ ପ୍ରଶ୍ନ ଅନେକଙ୍କୁ ଅନେକ ସମୟରେ ଘାରିଥାଏ। କିନ୍ତୁ ବାର୍ଦ୍ଧକ୍ୟ ଯେ ଅନିର୍ବାର୍ଯ୍ୟ, ତାହାକୁ ଆମେ ସ୍ୱୀକାର କରିବାକୁ ପଡ଼ିବ। ଖାଲି ବାର୍ଦ୍ଧକ୍ୟ ନୁହେଁ, ବାର୍ଦ୍ଧକ୍ୟ ସହିତ ନିର୍ଜନତା, ରୋଗ ବୈରାଗ୍ୟ, ସାମାଜିକ, ବିଚ୍ଛିନ୍ନତା, ଅନ୍ୟାଶ୍ରିତ ଅବସ୍ଥା ଓ ସର୍ବୋପରି ସ୍ମୃତି ଦହନର ଜ୍ୱାଳା ପାରିବାରିକ ଅବହେଳା ଆଦି ସହିବାକୁ ପଡ଼ିବ। ଯଦି ସନ୍ତାନମାନେ ନିଜକୁ କିଛି ପ୍ରଶ୍ନ ପଚାରନ୍ତେ, ତେବେ ଏ ସମସ୍ୟା ଅନେକାଂଶରେ ସମାଧିତ ନ ହେଲେ ମଧ୍ୟ ବୃଦ୍ଧ ମାତାପିତାଙ୍କୁ ସାନ୍ତ୍ୱନା ଦେବାରେ ସହାୟକ ହୁଅନ୍ତା। ତାହା ହେଲା ଆମେ କାହିଁକି ଭୁଲିଯାଉଛୁ ଯେ ଆମେ ଯଦି ଏ ସଂସାରରେ ଏପରି ବଞ୍ଚିଛୁ ତାହାରି ମୂଳରେ ଆମ ମାତାପିତା। କାହିଁକି ଆମେ ଭୁଲିଯାଉଛୁ ଆମେ ଯଦି ଆଜି ଉଚ୍ଚ ଶିକ୍ଷିତ ହେଇଛୁ, ତାହାରି ପଛରେ କେବଳ ମା'ବାପା। କାହିଁକି ଆମେ ଭୁଲିଯାଉଛୁ ଆମର ସମସ୍ତ ରୋଗ ବୈରାଗ୍ୟରୁ ଆମକୁ ଯିଏ ମୁକ୍ତ କରି ଏ ସଂସାରରେ ବଞ୍ଚାଇଛନ୍ତି, ସେମାନେ ହେଲେ ଆମର ମା'ବାପା। ଆମକୁ ଯଦି ପ୍ରଥମେ ହାତ ଧରି କିଏ ଚାଲି ଶିଖେଇଛନ୍ତି, ପାଟିରେ ଦାନା ଦେବା ଶିଖେଇଛନ୍ତି, ସିଏ ହେଲେ ଆମ ମା'ବାପା। ପିଲା ଥିଲାବେଳେ ସିନା ଜାଣିପାରୁ ନ ଥିଲୁ, କିନ୍ତୁ ଏବେ ଯେତେବେଳେ ସମୟ ଆସିଛି, ଜାଣିପାରୁଛୁ ସେତେବେଳେ ସେମାନଙ୍କଠାରୁ ପାଇଥିବା ନିଃସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ଆଦର ଓ ଯତ୍ନକୁ ଫେରାଇବା ତ ସମ୍ଭବପର ନୁହେଁ, ତାହାର ପ୍ରତିବଦଳରେ କିଞ୍ଚିତ୍ ଯଦି ଫେରାଇପାରନ୍ତେ, ତାହା ସେମାନଙ୍କ ପାଇଁ ବହୁ ଆଶ୍ୱାସନାର କଥା ହୋଇପାରନ୍ତା। କିନ୍ତୁ ଏକଥା ସେମାନଙ୍କୁ ମାନିବାକୁ ପଡ଼ିବ ଯେ, ପିଲାମାନେ ପଚାରନ୍ତୁ ବା ନ ପଚାରନ୍ତୁ ମା'ବାପାଙ୍କ ଶେଷନିଃଶ୍ୱାସ ପର୍ଯ୍ୟନ୍ତ ସେମାନେ ସନ୍ତାନମାନଙ୍କୁ ମଙ୍ଗଳ ହିଁ ମଙ୍ଗଳ କାମନା କରନ୍ତି। ତେଣୁ ବୃଦ୍ଧ ମାତାପିତାଙ୍କୁ ବୋଝ ବୋଲି ବିଚାର ନ କରି ଜୀବନରେ ଆଶାର ଝଲକ ବୋଲି ଭାବିଲେ ଉଭୟ ପକ୍ଷର ମଙ୍ଗଳ ହୁଅନ୍ତା। କିନ୍ତୁ ବିଡ଼ମ୍ବନାର ବିଷୟ, ଆଜି ଅଧିକାଂଶ ସ୍ଥଳରେ ତାହା ଘଟୁନାହିଁ। ଏକ ତଥ୍ୟ ଅନୁସାରେ ଭାରତରେ ୧୦ଟି ବୃଦ୍ଧ ଦମ୍ପତିଙ୍କ ମଧ୍ୟରୁ ୬ଟି ଗୃହ ଛାଡ଼ି ପଳାଇଯିବା ପାଇଁ ପିଲାମାନଙ୍କ ଦ୍ୱାରା ବାଧ୍ୟ ହୋଇଥା'ନ୍ତି। କେଉଁଠି ରହିବାକୁ ସ୍ଥାନ ନ ପାଇ, ସବୁ ଆଶା ହରାଇ ଶେଷରେ ସେମାନେ ଜରାଶ୍ରମରେ ରହିବାକୁ ବାଧ୍ୟ ହୁଅନ୍ତି ; ଯେଉଁଠି ସେମାନେ ତାଙ୍କର ଯୌବନାବସ୍ଥାରେ ପାଇଥିବା ସମସ୍ତ ପାରିବାରିକ ସୁଖ ଓ ସୁବିଧାରୁ ବଞ୍ଚିତ ହୋଇଥା'ନ୍ତି। ଏ ସମସ୍ୟା ଯେ ଆଗକୁ ଆହୁରି ବଢ଼ିବ, ଏକଥା ଚିନ୍ତା କରିବା ବେଳକୁ ମନ ଭିତରେ ଗଭୀର ଉଦ୍‌ବେଗ ସୃଷ୍ଟି ହେଉଛି। ପିଲାମାନେ ଭାବିବା କଥା ଯେ ସେମାନେ ବି ଦିନେ ଏଭଳି ସ୍ଥିତିରେ ଉପନୀତ ହେବେ।

ମୋ: ୯୯୩୭୪୭୦୯୮୦

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ କୃଷିକୁ ପ୍ରଭାବିତ କରିବାରେ ଲାଗିଛି। ଫସଲ ନଷ୍ଟ ହେବା ଦ୍ୱାରା ମୁଖ୍ୟତଃ କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନେ ନାହିଁ ନ ଥିବା କ୍ଷତି ସହୁଛନ୍ତି। ସେମାନଙ୍କ ପାଇଁ କୃଷିବୀମାର ବ୍ୟବସ୍ଥା ରହିଥିଲେ ବି ଭାରତରେ ଏଡ଼ି ବର୍ଗର ପ୍ରାୟ ୬୦% ଚାଷୀ ଏହା ବୀମାରୁ ବଞ୍ଚିତ ହେଉଛନ୍ତି। ଏଣୁ ଏଭଳି ସମସ୍ୟା ସୁଧାରିବା ଲାଗି ଯତୀନ ସିଂ ଏବଂ ଧ୍ୟାନେଶ ଭଟ୍ଟଙ୍କ ପ୍ରୟାସ ପ୍ରଶଂସନୀୟ। ଏମାନେ 'ଗ୍ରାମ କଭର' ନାମକ ଷ୍ଟାର୍ଟଅପ ପ୍ରତିଷ୍ଠା କରି ବିଭିନ୍ନ ଋଣପାଇବାରୁ ବଞ୍ଚିତ ନାମମାତ୍ର ଚାଷୀଙ୍କୁ ବୀମା ଯୋଜନାରେ ଯୋଡୁଛନ୍ତି। ଚାଷୀମାନେ ବୀମାର ସର୍ବନିମ୍ନ ପ୍ରିମିୟମ ୩୫ ଟଙ୍କା ଦେଇ ଜଳବାୟୁ ଜନିତ ଫସଲ କ୍ଷତି ୪୫ ଦିନ ମଧ୍ୟରେ ବୀମାର ସବିଶେଷ ବିବରଣୀ ସହ କ୍ଷତିପୂରଣ ପାଇପାରୁଛନ୍ତି। ପ୍ରିମିୟମର ସର୍ବୋଚ୍ଚ ସୀମା ରଖାଯାଇଛି ୨୦୦ ଟଙ୍କା। ୨୦୧୮ରେ ଯତୀନ ଓ ଧ୍ୟାନେଶ 'ଗ୍ରାମ କଭର' ଗଠନ କରିବା ପରେ ଏବେ ସୁଦ୍ଧା ପଶ୍ଚିମବଙ୍ଗ, ଆସାମ, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ଆଦି ରାଜ୍ୟରୁ ୫୦,୦୦୦ ଚାଷୀଙ୍କୁ ବୀମାଭୁକ୍ତ କରିସରିଲେଣି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବି ଚାଷୀ ମାନେ ଅନ୍ତର୍ଭୁକ୍ତ ହେବାର ବ୍ୟବସ୍ଥା କରୁଛନ୍ତି। ଯେଉଁମାନେ ଏହା ଅଧୀନକୁ ଆସୁନାହାନ୍ତି ସେମାନଙ୍କୁ ତାଙ୍କ ଷ୍ଟାର୍ଟଅପ ବୀମାଭୁକ୍ତ କରାଉଛି। ତାଙ୍କ ଷ୍ଟାର୍ଟଅପ ସହ ବିଭିନ୍ନ ଇନସ୍ୟୁରାନ୍ସ କମ୍ପାନୀଗୁଡ଼ିକ ଅଂଶୀଦାର ଭାବେ କାର୍ଯ୍ୟ କରୁଛନ୍ତି। ଗତ ତିନ ବର୍ଷର ଏହି ଯୋଜନା ଶତ ପ୍ରତିଶତ ସଫଳ ହୋଇଛି। ୨୦୨୧ରେ ଗ୍ରସ୍ ପ୍ରିମିୟମ ୧୦୦ କୋଟି ଟଙ୍କା ଟପିଯିବ ବୋଲି କହନ୍ତି ଯତୀନ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୯୬

- ଆର୍ଥିକ ବର୍ଷର ଅଧା ସମୟ ବିତିଯିବା ପରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ବଜେଟ ବିଲ୍‌ରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି।
- ଯଦି ତାଇୱାନ୍ ଚୀନ ସହ ମିଶିବାକୁ ରାଜି ହୁଏ, ତେବେ ସେଠାରେ ଚୀନ ପକ୍ଷରୁ ଜଣେ ହେଲେ ସୈନ୍ୟ ମୁତୟନ କରାଯିବ ନାହିଁ ବୋଲି ଚୀନ୍ ରାଷ୍ଟ୍ରପତି ଜିଆଙ୍ଗ ଜେମିନ ପ୍ରତିଶ୍ରୁତି ଦେଇଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 4 |
| | 4 | | | | 6 | 9 | 7 | |
| 8 | | | | | | | 5 | 6 |
| | | | | | 7 | | | 9 |
| | | | | 9 | | | 2 | |
| | 5 | 1 | | | | | 8 | |
| | | | | 7 | | 5 | | |
| 4 | 7 | | | | | | | |
| | 2 | | 6 | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 3 | 5 | 9 | 2 | 4 | 8 | 6 |
| 8 | 9 | 2 | 6 | 7 | 4 | 3 | 1 | 5 |
| 6 | 4 | 5 | 1 | 3 | 8 | 7 | 9 | 2 |
| 9 | 2 | 8 | 4 | 5 | 7 | 6 | 3 | 1 |
| 7 | 5 | 1 | 9 | 6 | 3 | 8 | 2 | 4 |
| 4 | 3 | 6 | 8 | 2 | 1 | 5 | 7 | 9 |
| 2 | 6 | 4 | 7 | 8 | 9 | 1 | 5 | 3 |
| 3 | 1 | 7 | 2 | 4 | 5 | 9 | 6 | 8 |
| 5 | 8 | 9 | 3 | 1 | 6 | 2 | 4 | 7 |

ଗତକାଲିର ଉତ୍ତର

# ଆସ ଗଛ କାଟି ଅକ୍ସିଜେନ୍ ଖୋଜିବା



ଡ. ଭାରତ ଭୂଷଣ ରଥ

କରୋନା ପୁଣି ଲେଉଟିଲା। ଲେଉଟାଣି କରୋନା ଖୁବ୍ ଦମ୍ଭର ସହିତ ଲେଉଟିଛି। ଏବେ କରୋନାର ନୂଆ ରୂପ ଏବଂ ନୂଆ ତମାସା। ସତରେ ଜନଜୀବନ ଅସ୍ତବ୍ୟସ୍ତ। ତେବେ ଏଥର ମାନବଶରୀରରେ ଅମ୍ଳଜାନ (ଅକ୍ସିଜେନ୍)ର ଅଭାବ ହେବା ଏକ ନୂତନ ଲକ୍ଷଣ। କରୋନା ସଂକ୍ରମିତ ହେଉ ହେଉ ବ୍ୟକ୍ତି ଶରୀରରେ ଅମ୍ଳଜାନର ଅଭାବ ପରିଲକ୍ଷିତ ହେଉଛି। ଠିକ୍ ସମୟରେ ଅମ୍ଳଜାନ ମିଳିଗଲେ ପ୍ରାଣୀ ବଞ୍ଚିଯାଉଛି। କାରଣ କେବଳ କରୋନାର ଔଷଧୀୟ ଚିକିତ୍ସାବଳରେ ସମସ୍ତ ରୋଗୀଙ୍କର ବଞ୍ଚିବା ସମ୍ଭବ ହେଉନି। ଦିନକୁଦିନ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଡାକ୍ତରଖାନାରେ ଅକ୍ସିଜେନର ଅଭାବ ଏବଂ ରୋଗୀଙ୍କର ପଞ୍ଜୀକରଣ ପାଇଁ ଶଯ୍ୟାର ଅଭାବ। ଏପରି ଅବସ୍ଥା ହୋଇଛି ଯେ, ଅନେକ ବଡ଼ ବଡ଼ ଚିକିତ୍ସାଳୟର ପ୍ରସିଦ୍ଧ ଡାକ୍ତରମାନେ କେବଳ ଅକ୍ସିଜେନ୍ ଅଭାବରୁ ରୋଗୀଙ୍କୁ ବଞ୍ଚେଇପାରୁ ନାହାନ୍ତି। ଡାକ୍ତର ଆଜି ହତବାକ୍। ମାନବ ଜ୍ଞାନବିଜ୍ଞାନର ଶ୍ରେଷ୍ଠ ସୀମାରେ ପହଞ୍ଚିସାରି ଚନ୍ଦ୍ରପୃଷ୍ଠରେ ଘର କରିବା ପାଇଁ ପ୍ରସ୍ତୁତ ହେଉଛି ସତ, କିନ୍ତୁ ସେ ନିଜେ ଯେଉଁଠାରେ ସ୍ଥାୟୀ ଭାବରେ ବସତିସ୍ଥାପନ କରିଛି ସେଠାରେ ପ୍ରାଣବାୟୁର ଅଭାବ ପରିଲକ୍ଷିତ ହେଉଛି। ଏହାଠାରୁ ଦୁଃଖଦ ଚିତ୍ର ଆମ ସମ୍ମୁଖରେ ଆଉ କ'ଣ ବା ଥାଇପାରେ ?

ଏଥର ଭାରତର ରାଜଧାନୀ ଦିଲ୍ଲୀ ଅକ୍ସିଜେନ୍ ଅଭାବରୁ ବିଶେଷ ଭାବରେ ହନ୍ତସନ୍ତ ହେଉଛି। ଦିଲ୍ଲୀ ! ବାବୁଭାୟାଙ୍କର ସହର। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର ସମସ୍ତ ଶ୍ରେଷ୍ଠ ଅଧିକାରୀ ଏବଂ ବିତ୍ତଶାଳୀ ଦିଲ୍ଲୀର ନାଗରିକ। ସେହିଠାରେ ହିଁ ଭାରତର ଭାଗ୍ୟ ନିର୍ଦ୍ଧାରଣ ହୁଏ। କିନ୍ତୁ ଭାରତର ଭାଗ୍ୟ ନିର୍ଦ୍ଧାରଣ କରୁଥିବା ସୌଖୀନ ସହରଟିରେ ବାସକରୁଥିବା ସରଳ ଏବଂ ନିରୀହ ନାଗରିକମାନେ ଯେ କେତେ ଅସୁରକ୍ଷିତ ଏହାର ଜ୍ୱଳନ୍ତ ପ୍ରମାଣ ପ୍ରତ୍ୟେକଙ୍କର ଚକ୍ଷୁସାମ୍ନାରେ ନିତି ଦୃଷ୍ଟିଗୋଚର ହେଉଛି।

ତେବେ ପ୍ରଶ୍ନ ଉଠେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହେଲା ମହାରାଷ୍ଟ୍ରର ମୁମ୍ବାଇ ସହର, ଛତିଶଗଡ଼ ଏବଂ ଗୁଜରାଟର କିଛି ଅଞ୍ଚଳରୁ। ଏହାପରେ କରୋନା ଦିଲ୍ଲୀ ସହରକୁ ଗ୍ରାସକଲା। ତେବେ ଅନ୍ୟ ସ୍ଥାନଗୁଡ଼ିକ ଅପେକ୍ଷା ଦିଲ୍ଲୀ ଅକ୍ସିଜେନ୍ ଅଭାବରୁ ବିଶେଷଭାବରେ ପ୍ରଭାବିତ କାହିଁକି ? ଏହାର କାରଣ ମଧ୍ୟରୁ ଗୋଟିଏ ପ୍ରମୁଖ କାରଣ ହେଲା ଦିଲ୍ଲୀର ଦୂଷିତ ଜଳବାୟୁ। ବିଗତ ଦଶନ୍ଧି ଧରି ଦେଖାଯାଉଛି ଦିଲ୍ଲୀର ବାୟୁମଣ୍ଡଳରେ ପ୍ରଦୂଷଣ ଏକ ସମସ୍ୟା ହୋଇ ଉଭା ହୋଇଛି। ତେବେ ଏ ସମସ୍ୟାର ନିରାକରଣ ପରିବର୍ତ୍ତେ ଦିଲ୍ଲୀରେ ଦିନୁଦିନ କଳକାରଖାନା, ଯାନବାହନ ଏବଂ ବୃହତ୍ ଅଟ୍ଟାଳିକାମାନ ବୃଦ୍ଧି ପାଉଛି। ପ୍ରତ୍ୟେକ ବିକାଶଶୀଳ କାର୍ଯ୍ୟ ପାଇଁ ଦିଲ୍ଲୀରେ ଥିବା ବିଶାଳ ବୃକ୍ଷମାନ ବଳିପଡୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଦିଲ୍ଲୀ ଏତେ ବିକଶିତ ହୋଇଛି ଯେ, ବୃକ୍ଷରୋପଣ ପାଇଁ ସ୍ଥାନାଭାବ ପରିଲକ୍ଷିତ ହେଲାଣି। ଯେଉଁ ଅଳ୍ପକିଛି ଗଛ ସେଣ୍ଟ୍ରାଲ ଦିଲ୍ଲୀରେ ଅଛି ତାହା ପର୍ଯ୍ୟାପ୍ତ ପରିମାଣରେ ଅକ୍ସିଜେନ୍ ଯୋଗାଇଦେବାରେ ସମର୍ଥ ନୁହେଁ। ଏହାର ଅର୍ଥ ହେଲା ଦିଲ୍ଲୀର ଜନସାଧାରଣ ଦିନରେ ଚବିଶ ଘଣ୍ଟା ସୁସ୍ଥ ବାୟୁ ଟିକେ ମଧ୍ୟ ପାଇପାରୁନାହାନ୍ତି। ଯେଉଁ ବାୟୁ ମଣିଷଜୀବନର ପ୍ରଥମ ଆବଶ୍ୟକତା ଏବଂ ଯେଉଁ ବାୟୁ ମାଧ୍ୟମରେ ଆତ୍ମା ଏହି ଶରୀର ଭିତରେ ପ୍ରବେଶକରି ଶରୀରକୁ ପରିଚାଳିତ କରେ ଯଦି ତାହା ନ ମିଳେ ; ତା'ହେଲେ ପ୍ରାଣୀ ବଞ୍ଚିବ କେମିତି ? କିନ୍ତୁ ଏ କ୍ଷେତ୍ରରେ ମୁମ୍ବାଇର ନାଗରିକ ସାମାନ୍ୟ ଭାଗ୍ୟବାନ କାରଣ ବମ୍ବେ ସହର ବିସ୍ତୀର୍ଣ୍ଣ ସମୁଦ୍ରଜଳରାଶିର ତଟବର୍ତ୍ତୀ ଅଟେ। ସମୁଦ୍ର ଜଳରୁ ସ୍ୱାଭାବିକ ଅକ୍ସିଜେନ୍ ପାଇବାରେ ବମ୍ବେ ସହରକୁ ଅସୁବିଧା ହୁଏନାହିଁ। ଛତିଶଗଡ଼ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ବୃକ୍ଷରାଜିରେ ପରିପୂର୍ଣ୍ଣ। ଯଦିଓ ଭାରତର ପ୍ରତି ଗାଁଗହଳିରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବୃକ୍ଷଲତା ଏବଂ ଅରଣ୍ୟ ପଶୁପକ୍ଷୀମାନେ ବିନାଶଶୀଳ ଅବସ୍ଥାରେ ଅଛନ୍ତି ତଥାପି ବର୍ତ୍ତମାନ ପରିସ୍ଥିତିରେ ଅନ୍ୟ ସ୍ଥାନରେ ଅକ୍ସିଜେନ୍ ଅଭାବ ବିଶେଷଭାବେ ଦେଖାଯାଇନି।

ପରିବେଶରୁ ଅକ୍ସିଜେନ୍ ନ ପାଇବା ଦ୍ୱାରା ଦିଲ୍ଲୀର କରୋନାଗ୍ରସ୍ତ ରୋଗୀଟିଏ ଅତିଶୀଘ୍ର ଅକ୍ସିଜେନ୍ ଆବଶ୍ୟକ କରୁଛି। ଯେହେତୁ କରୋନା ଶ୍ୱାସପ୍ରଶ୍ୱାସକୁ ପ୍ରଥମେ କବଳିତ କରି ତା'ପରେ ଫୁସଫୁସ୍‌କୁ ନିଜ ନିୟନ୍ତ୍ରଣରେ ଆଣୁଛି ତେଣୁ ପ୍ରଚୁରମାତ୍ରାରେ ଅକ୍ସିଜେନ୍ ଗ୍ରହଣ କଲେ ଯାଇ ରୋଗୀ ସୁସ୍ଥ ରହିପାରିବ। ଅପରପକ୍ଷେ ହଠାତ୍ ଏତେ ପରିମାଣରେ କୃତ୍ରିମ ଅକ୍ସିଜେନ୍ ସିଲିଣ୍ଡର ପ୍ରସ୍ତୁତକରି ଦିଲ୍ଲୀକୁ ପଠାଇବା ସମ୍ଭବ ହୋଇପାରୁନି। ଓଡ଼ିଶା ସମେତ ଯେଉଁ କେତେକ ରାଜ୍ୟ ଏବଂ ଦେଶ ଏଭଳି ବିଷମ ସ୍ଥିତିରେ ଦିଲ୍ଲୀକୁ ସହାୟତାର ହାତ ବଢ଼ାଇଛନ୍ତି ସେମାନେ ନିଶ୍ଚୟ ମାନବିକତାର ପରିଚୟ ଦେଇଛନ୍ତି। ତେବେ ଓଡ଼ିଶା ସରକାର ଏବଂ ଜନସାଧାରଣ ମଧ୍ୟ ଏହି ସମୟରେ ଉଚିତ ଶିକ୍ଷାଗ୍ରହଣ କରି ନିଜ ପରିବେଶରେ ପର୍ଯ୍ୟାପ୍ତ ବୃକ୍ଷରୋପଣ କରିବା ସହିତ ଭବିଷ୍ୟତରେ ଦିଲ୍ଲୀ ଭଳି ହତାଶ ହେବାଠାରୁ ବର୍ତ୍ତିଯିବା ଆବଶ୍ୟକ। ବିଶେଷକରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଥିବା ପଣସ, ବର, ଅଶ୍ୱତ୍ଥ ଏବଂ ବିଲ୍ୱ ଭଳି ମହାଦ୍ରୁମମାନ ଦିନୁଦିନ ବିଲୀନ ହୋଇ ଡିଜାଇନ ଫୁଲଗଛରେ ସଜେଇହେବା ଭବିଷ୍ୟତ ପାଇଁ ମହାକାଳର ରୂପ ନେଇପାରେ। ତେଣୁ ସମସ୍ତେ ସାବଧାନ ହୋଇ ଅକ୍ସିଜେନ୍ ଉତ୍ପାଦନ କରୁଥିବା ବୃକ୍ଷରୋପଣ ପାଇଁ ସଂକଳ୍ପବଦ୍ଧ ହେବା।

ଅଧ୍ୟାପକ, ସଂସ୍କୃତ ସାହିତ୍ୟ
କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ
ତିରୁପତି - ଆନ୍ଧ୍ରପ୍ରଦେଶ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷାକରନ୍ତୁ

ମହାଶୟ,

ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଦିବସ ଉପଲକ୍ଷେ ସମସ୍ତ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଯେଉଁ ମହାନ୍ ପରଲୋକଗତ ବ୍ୟକ୍ତିମାନେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପ୍ରାଣଘାତ ଉଦ୍ୟମ କରିଥିଲେ, ସେମାନଙ୍କ ଅମରାତ୍ମା ଉଦ୍ଦେଶ୍ୟରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ସେମାନେ ଏପରି ଉଦ୍ୟମ କରି ନଥିଲେ ଆମ୍ଭେମାନେ ଆଜି ଓଡ଼ିଶା ପ୍ରଦେଶ ଦେଖିବାକୁ ସକ୍ଷମ ହୋଇ ନ ଥା'ନ୍ତେ । ଓଡ଼ିଆ ଭାଷା ଏକ ପୁରାତନ ବଳିଷ୍ଠ ଭାଷା। ଏହି ଭାଷାର ମର୍ଯ୍ୟାଦା ବଙ୍ଗଳା ଭାଷାଠାରୁ ବହୁ ଉର୍ଦ୍ଧ୍ୱରେ । ଏକଥା ବଙ୍ଗାଳୀମାନେ ସ୍ୱୀକାର ନ କଲେ ମଧ୍ୟ ସତ୍ୟ । ଉଚ୍ଚ ଶିକ୍ଷିତ ହେଲେ ମଧ୍ୟ କୌଣସି ଓଡ଼ିଶାବାସୀ ଓଡ଼ିଆ ଭାଷାକୁ ହେୟ ଦୃଷ୍ଟିରେ ଦେଖନ୍ତୁନି । ଇଂଲିଶ୍ ଭାଷା ଶିଖିବା ପାଇଁ କେହି ମନା କରୁନି । ଏହାର ମାନେ ନୁହେଁ ଯେ ଓଡ଼ିଆ ଭାଷାକୁ ଏବଂ ଓଡ଼ିଶା ମା'କୁ ପଦଦଳିତ କରିବା ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଜେଲ ଅଦାଲତ ସ୍ୱାଗତଯୋଗ୍ୟ

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଅପରାଧୀଙ୍କ ସଂଖ୍ୟା ହ୍ରାସ ପାଇଁ ଜେଲ ମଧ୍ୟରେ ଅଦାଲତ କରାଯାଇ ଫଇସଲା କରାଯାଇପାରିବ। ଅପରାଧୀମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ତାମିଲନାଡୁ ଓ ଝାଡ଼ଖଣ୍ଡ ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ଲାଗୁ କରାଯାଇଅଛି ; ଯାହା କି ଗୋଟିଏ ସ୍ଥାନରେ ସହଜରେ ବିଚାର କରାଯାଇ ସମାଧାନ କରାଯାଇପାରିବ। କୌଣସି ସାଧାରଣ ଭାବରେ ନିଜକୁ ପ୍ରସ୍ତୁତ କରିପାରିବେ। ଜେଲଗୁଡ଼ିକରେ ସ୍ଥାନାଭାବ ଦେଖାଦେଉଥିବାରୁ ନୂତନ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ତା'ଛଡ଼ା କୋର୍ଟରେ ବହୁ ମାମଲା ବିଳମ୍ବ ଘଟୁଥିବାରୁ ଏହା ସହାୟକ ହେବ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର,କଟକ

## ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର
ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ
ବିଷର ବାସନା। (ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତ୍ରୁଟିଶୂନ୍ୟ ଯୋଜନା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

■ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍-୧୯ ସମୀକ୍ଷା
■ ୩୦ ପ୍ରତିଶତ ବେଡ୍‌ରେ ଅକ୍ସିଜେନ ବ୍ୟବସ୍ଥା

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ପ୍ରତିଟି ଜୀବନ ମୂଲ୍ୟବାନ। ଗୋଟିଏ ଗୋଟିଏ ଜୀବନ ରକ୍ଷା ପାଇଁ ଆମେ ସର୍ବଦା ଚେଷ୍ଟା ଜାରି ରଖିଛୁ। କୋଭିଡ ବିରୁଦ୍ଧରେ ଲଢେଇ ଏକ ଲମ୍ବା ଲଢେଇ। ଏହାକୁ ଜିତିବାକୁ ହେଲେ ଆମ ସମସ୍ତଙ୍କୁ ଦାୟିତ୍ୱର ସହ କାମ କରିବାକୁ ପଡିବ। ମଙ୍ଗଳବାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର କୋଭିଡ୍ ସ୍ଥିତି ସମୀକ୍ଷା ବେଳେ ମୁଖ୍ୟମନ୍ତ୍ରୀ ଏକଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗୋଟିଏ ସଂକ୍ରମଣ କମିଲେ ଗୋଟିଏ ବେଡ ଓ ଗୋଟିଏ ଆଇସିୟୁ ଉପରୁ ଚାପ କମିଥାଏ। ଏହାଦ୍ୱାରା ଜୀବନ ମରଣ ପରିସ୍ଥିତିରେ ଯନ୍ତ୍ରଣା ଦୂର ହୋଇଥାଏ। ରାଜ୍ୟ ସରକାର କୋଭିଡ୍ ରୋଗୀମାନଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ଦିନରାତି ସେବା ଜାରି ରଖିଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଯେପରି ଚାପ କମ୍ ରହିବ ସେଥିପାଇଁ ଦାୟିତ୍ୱପୂର୍ଣ୍ଣ ଭାବେ କାମ କରିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାରା ଦେଶ ବର୍ତ୍ତମାନ ଏକ ଗୁରୁତର ସଙ୍କଟ ଦେଇ ଗତି କରୁଛି। ବଡ ବଡ ସହର ଓ ମେଟ୍ରୋଗୁଡିକରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଚାପଗ୍ରସ୍ତ। ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତିର ମୁକାବିଲା ପାଇଁ ସତର୍କ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେତେକ ଜିଲାରେ ସଂକ୍ରମଣ ସ୍ଥିତି ଆମ ପାଇଁ ଉଦ୍‌ବେଗ ସୃଷ୍ଟି କରିଛି। ଭାଇରସ୍‌ର ଡବଲ ଓ ତ୍ରିପଲ ମ୍ୟୁଟାଣ୍ଟ ଦ୍ରୁତ ଗତିରେ ବ୍ୟାପୁଛି। ଏହି ଦ୍ୱିତୀୟ ଲହରରେ ଯୁବଗୋଷ୍ଠୀ ବିଶେଷ ଭାବେ ସଂକ୍ରମିତ ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କ ସ୍ୱାସ୍ଥ୍ୟ ଜଟିଳତା ଦେଖାଦେଉଛି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମୟରେ ଯେଉଁ ନୀତି ଅବଲମ୍ବନ କରାଯାଇଛି କୋଭିଡ ମୁକାବିଲାରେ ସବୁଠାରୁ ଖରାପ ସ୍ଥିତିକୁ ସାମନା କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ତୃଣମୂଳ ସ୍ତରରେ ପରିସ୍ଥିତିର ଆକଳନ କରି ତ୍ରୁଟି ଶୂନ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପର୍ଯ୍ୟବେକ୍ଷକମାନେ ଏଥିପ୍ରତି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏ ସବୁ ବିଷୟ ନିୟମିତ ସମୀକ୍ଷା କରି ପରବର୍ତ୍ତୀ ବୈଠକରେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ପରାମର୍ଶ ଦେଇଛନ୍ତି।


ଭିଡିଓ କନ୍‌ଫରେନ୍ସରେ ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

କୋଭିଡ ନିୟନ୍ତ୍ରଣରେ ବିଭିନ୍ନ ଜିଲାର ବଣିକ ସଙ୍ଗଠନଗୁଡିକ ଯେପରି ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଛନ୍ତି ତାହା ସ୍ୱାଗତ ଯୋଗ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଆବାସିକ ସଂଘ, ବଣିକ ସଂଘ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ଭିତ୍ତିକ ସଙ୍ଗଠନଗୁଡିକ ସହିତ ସହଭାଗିତା ଭିତ୍ତିରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଯେପରି ରୋଗୀ ପାଖରେ ପହଞ୍ଚିପାରିବ ସେଥିପ୍ରତି ଯତ୍ନବାନ ହେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜରୁରୀ ଔଷଧ ମହଜୁଦ ରଖିବା ଏବଂ ତାହାର ଯୋଗାଣ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀମାନେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କୋଭିଡ୍ କେୟାର ସେଣ୍ଟରଗୁଡିକୁ କ୍ରିୟାଶୀଳ କରାଯିବା ସହିତ ସମସ୍ତ କୋଭିଡ ହସ୍ପିଟାଲଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି। ମେଡିକାଲ କଲେଜଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି ସହିତ ନୂଆ ବେସରକାରୀ ହସ୍ପିଟାଲଗୁଡିକୁ କୋଭିଡ ହସ୍ପିଟାଲରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ୩୦ପ୍ରତିଶତ ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ୩୫ ପ୍ରତିଶତ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି ମହାପାତ୍ର କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି. କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ସୂଚନା ଦେଇ କହିଥିଲେ, ରାଜ୍ୟରେ ୫୦,୯୫୮ କୋଭିଡ ଆକ୍ଟିଭ କେସ ରହିଛି। ସେଥିରୁ ୭ ଜିଲାରେ ୬୦ ପ୍ରତିଶତ। ରାଜ୍ୟରେ ଥିବା ସମୁଦାୟ ୩୧,୪୭୧ ବେଡ ମଧ୍ୟରୁ ୧୭,୪୯୫ ବେଡ୍‌ରେ ଅକ୍ସିଜେନ ବ୍ୟବସ୍ଥା ହୋଇଛି। ପୋଲିସ ମହାନିର୍ଦ୍ଦେଶକ ଅଭୟ କୋଭିଡ ନିୟମ ପାଳନ ଦିଗରେ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବାଲେଶ୍ୱର, ସୁନ୍ଦରଗଡ, ଝାରସୁଗୁଡା, ଓ ଖୋର୍ଦ୍ଧା ଜିଲାର ଜିଲାପାଳମାନେ କୋଭିଡ ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ବୈଠକ ପରିଚାଳନା କରିଥିଲେ।

## ପିପିଲି ଉପନିର୍ବାଚନ ବନ୍ଦ ଦାବି


ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ନେତୃବୃନ୍ଦ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା କଂଗ୍ରେସ
ଭାଜପା, ବିଜେଡିର ନାପସନ୍ଦ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ କରୋନା ମହାମାରୀର ୨ୟ ଲହର ପ୍ରଭାବ ତୀବ୍ରତର ହେବାରେ ଲାଗିଛି। ଏପରି କି ମେ' ଦ୍ୱିତୀୟ ସପ୍ତାହରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଭଳିସ୍ଥିତିରେ ରାଜ୍ୟବାସୀ ଓ ପିପିଲି ନିର୍ବାଚନମଣ୍ଡଳୀ ନାଗରିକଙ୍କ ମନରେ ଭୟ ଓ ଚିନ୍ତା ବଢ଼ିଯାଇଛି। ତେଣୁ ମେ' ୧୬ରେ ହେବାକୁ ଥିବା ପିପିଲି ଉପନିର୍ବାଚନକୁ ଏବେ ସ୍ଥଗିତ କରାଯାଉ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଦାବି କରାଯାଇଛି। ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଏବଂ ବିଜୟଲକ୍ଷ୍ମୀ ସାହୁ ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ନିର୍ବାଚନ ସ୍ଥଗିତ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଅନ୍ୟ ରାଜନୈତିକ ଦଳକୁ ନିର୍ବାଚନ ସ୍ଥଗିତ ନେଇ ସହଯୋଗ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ପ୍ରଦୀପ ଅନୁରୋଧ କରିଛନ୍ତି। ପିସିସିର ୫ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଅପରପକ୍ଷରେ କଂଗ୍ରେସର ଏଭଳି ପ୍ରସ୍ତାବକୁ ଭାଜପା ଓ ବିଜେଡି ନାପସନ୍ଦ କରିଛନ୍ତି। ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କଂଗ୍ରେସ ଅଭିଯୋଗର କୌଣସି ବାସ୍ତବତା ଓ ସତ୍ୟତା ନାହିଁ। ଏହା କେବଳ ରାଜନୈତିକ ଫାଇଦା ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ସେହିପରି ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ନିର୍ବାଚନ କମିଶନ ଯେଉଁ ପ୍ରୋଟୋକଲ କରିଛନ୍ତି, ସେହି ଅନୁଯାୟୀ ନିର୍ବାଚନ ହେଉଛି। ଶୋଭାଯାତ୍ରା ନ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଦେବୀ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କଠାରୁ ଲୁଟିନେଲେ ୩.୫ ଲକ୍ଷ

**ବାସୁଦେବପୁର,୨୭।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବଜାରରେ ଦୁଇ ମହିଳାଙ୍କଠାରୁ ସାଢ଼େ ୩ ଲକ୍ଷ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମହିଳା ଦ୍ୱୟ ନୂଆଗାଁ ପଞ୍ଚାୟତ ଭାଟପଡ଼ା ଗ୍ରାମର ଜୟଗୁରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଆଶାମଣି ନାୟକ ଓ ସମ୍ପାଦିକା ମାଳତୀ ଜେନା ବୋଲି ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନରେ ଉଭୟ ଏସ୍‌ବିଆଇ ବାସୁଦେବପୁର ଶାଖାରୁ ୩.୫ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ରଖି ଘରକୁ ଫେରୁଥିଲେ। ଇରମ ଟ୍ରେକର ଷ୍ଟାଣ୍ଡ ନିକଟରେ ଦୁଇ ଦୁର୍ବୃତ୍ତ ଏକ କଳା ପଲସରରେ ଆସି ସେମାନଙ୍କ ହାତରୁ ବ୍ୟାଗକୁ ଛଡ଼ାଇ ଚମ୍ପଟ ମାରିଥିଲେ। ମହିଳା ଦ୍ୱୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଆଇଆଇସି ଗୌରାଙ୍ଗ ସାହୁ କହିଛନ୍ତି। ତେବେ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ କଳା ପଲସର ଓ ଲୁଟେରାଙ୍କ ଆତଙ୍କ ଦେଖାଦେଇଥିବାରୁ ପାଟ୍ରୋଲିଂ କଡ଼ାକଡ଼ିକୁ ଦାବି ହେଉଛି।

### ପ୍ରେମିକ ସହ ମିଶି ସ୍ୱାମୀଙ୍କ ତଣ୍ଟିଚିପି ମାରିଲେ ସ୍ତ୍ରୀ

**ଆଠମଲ୍ଲିକ,୨ ୭।୪(ଡି.ଏନ୍.ଏ.):** ଆଠମଲ୍ଲିକ ଥାନା କରାଡ଼ସିଂହ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ପ୍ରେମିକ ସହ ମିଶି ସ୍ତ୍ରୀ ସ୍ୱାମୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ମାନସ ବେହେରା (୩୩)। ମୃତକଙ୍କ ଭାଇ ଗୌତମ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୬୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମାନସ କିଶୋରନଗର ଅଞ୍ଚଳର ସରସ୍ୱତୀ (୨୨)ଙ୍କୁ ବିବାହ କରିଥିଲେ। ଉଭୟଙ୍କ ୭ ମାସର ଏକ ପୁଅ ଅଛି। ସରସ୍ୱତୀଙ୍କ ପଡ଼ୋଶୀ ଗୋବର୍ଦ୍ଧନ ମିର୍ଦ୍ଧାଙ୍କ ସହିତ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ସୋମବାର ରାତିରେ ସରସ୍ୱତୀଙ୍କ ନିକଟକୁ ଗୋବର୍ଦ୍ଧନ ଯାଇଥିବାବେଳେ ମାନସଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଏହାକୁ ନେଇ ୩ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣା ପ୍ରଘଟ ଆଶଙ୍କାରେ ସରସ୍ୱତୀ ପ୍ରେମିକ ଗୋବର୍ଦ୍ଧନଙ୍କ ସହିତ ମିଶି ମାନସଙ୍କ ତଣ୍ଟି ଚିପି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଅଭିଯୁକ୍ତ ଗୋବର୍ଦ୍ଧନ ଏବଂ ସରସ୍ୱତୀଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଆଇଆଇସି ପ୍ରିୟବ୍ରତ ଦାଶ କହିଛନ୍ତି।

## ଟ୍ୟୁଶନ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଅଧ୍ୟାପକ ଗିରଫ

ଆସିକା,୨୭।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳରେ ଜଣେ ଟ୍ୟୁଶନ ଛାତ୍ରୀଙ୍କୁ ଦୀର୍ଘ ୭ ବର୍ଷ ଧରି ବଳାତ୍କାର କରିବା ଓ ପରେ ଏହାର ଭିଡିଓକୁ ଭାଇରାଲ କରିଥିବା ଅଭିଯୋଗରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ସୋରଡ଼ା କଲେଜ ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରଦୀପ ସାହୁ। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଛି। ଏ ନେଇ ଆସିକା ଥାନାରେ ନଂ.୨୫୮/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

ପ୍ରକାଶ ଯେ, ପୀଡ଼ିତା ୨୦୧୪ରେ ନବମ ଶ୍ରେଣୀରେ ପଢୁଥିଲା ବେଳେ ପ୍ରଦୀପଙ୍କ ପାଖକୁ ଟ୍ୟୁଶନ ପାଇଁ ଯାଉଥିଲେ। ଏହାର ସୁଯୋଗ ନେଇ ପ୍ରଦୀପ ତାଙ୍କୁ ବହୁବାର ବଳାତ୍କାର କରିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇବା ସହ ଓ ଭିଡିଓ ଉତ୍ତୋଳନ କରିଥିଲେ। ପ୍ରାୟ ୭ ବର୍ଷ ଧରି ପ୍ରଦୀପ ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ରହିଥିଲେ। ପରେ ସେ ଯୁବତୀଙ୍କୁ ବିବାହ କରିବା ଲାଗି ବାଧ କରିଥିଲେ। ଏପରିକି ତାଙ୍କର ଯୁକ୍ତ୨


ପ୍ରଦୀପ ସାହୁ

ସାର୍ଟିଫିକେଟ ଓ ସୁନା ଅଳଙ୍କାର ହାତେଇଥିଲେ। ବିବାହ ନ କଲେ ସମସ୍ତ ଫଟୋ ଓ ଭିଡିଓ ଭାଇରାଲ କରିବେ ବୋଲି ଧମକ ଦେବା ସହ ଯୁବତୀ ଓ ତାଙ୍କ ପରିବାରର ସମସ୍ତଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଯୁବତୀ ଜଣକ ବିବାହ ପାଇଁ ରାଜି ନ ହେବାରୁ ପ୍ରଦୀପ ଉକ୍ତ ଫଟୋ ଓ ଭିଡିଓ ଭାଇରାଲ କରିଥିଲେ। ଅନ୍ୟ ଉପାୟ ନ ପାଇ ଯୁବତୀ ଜଣକ ଏ ନେଇ ମଙ୍ଗଳବାର ଆସିକା ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ନକଲି ଘିଅ, ତେଲ ଗୋଦାମରେ ଚଢ଼ାଉ

**ଭଞ୍ଜନଗର,୨୭।୪(ଡି.ଏନ.ଏ):** ଭଞ୍ଜନଗର କଲେଜ ରୋଡ ବାଇପାସ୍ ଛକ ନିକଟରେ ଥିବା ଏକ ନକଲି ଘିଅ, ତେଲ ଗୋଦାମରେ ମଙ୍ଗଳବାର ସନ୍ଧ୍ୟାରେ ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ନକଲି ଘିଅ, ତେଲ, ମରିଚ ଗୁଣ୍ଡ, ପ୍ଲାଷ୍ଟିକ ବୋତଲ ଓ ପଲିଥିନ ଆଦି ଠାବ କରାଯାଇଛି। ପୋଲିସ ଗୋଦାମ ମାଲିକଙ୍କ ଲଣ୍ଡେଇସାହିସ୍ଥିତ ଘର ଉପରେ ମଧ୍ୟ ଚଢ଼ାଉ କରିଛି। ଏ ନେଇ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ଚଢ଼ାଉ ଜାରି ରହିଛି। ସରିଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କହିଛନ୍ତି।

## ଉଦ୍ଧାର ୨ ଭାଲୁଛୁଆ ନନ୍ଦନକାନନ ଆସିଲେ

ବାରଙ୍ଗ,୨୭।୪(ଡି.ଏନ.ଏ.)

ଗଡ଼ଖୋର୍ଦ୍ଧାରୁ ଗତ ଗୁରୁବାର ସନ୍ଧ୍ୟାରେ ବିପ୍ରଚରଣ ବେହୁରିଆଙ୍କ ବାଡ଼ିପଟୁ ଖୋର୍ଦ୍ଧା ବନ ବିଭାଗ ଉଦ୍ଧାର କରିଥିବା ୨ଭାଲୁଛୁଆକୁ ମଙ୍ଗଳବାର ଦ୍ୱିପ୍ରହରରେ ନନ୍ଦନକାନନ ଅଣାଯାଇଛି। ଏଥିପାଇଁ ବନ ବିଭାଗର ଏକ ଟିମ୍ ଯାଇଥିବାବେଳେ ସତର୍କତା ଭାବେ ଭାଲୁଛୁଆଦ୍ୱୟଙ୍କୁ ଆଣି ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ଭାଲୁଛୁଆ ଆସିବା ପରେ ଡାକ୍ତରଖାନାର କ୍ୱାରାଣ୍ଟାଇନରେ ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅନୁଧ୍ୟାନ କରାଯାଉଛି। ନନ୍ଦନକାନନରେ ଏବେ ଦେଶୀଭାଲୁ ସଂଖ୍ୟା ବୃଦ୍ଧିପାଇ



୨୩ରେ ପହଞ୍ଚିଛି। ପୂର୍ବରୁ ଚନ୍ଦକା ବନବିଭାଗ ମଧ୍ୟ ଗଙ୍ଗପଡା ରାସ୍ତାପାର୍ଶ୍ୱରୁ ଉଦ୍ଧାର କରିଥିବା ୫ଟି ଭାଲୁଛୁଆକୁ ନନ୍ଦନକାନନରେ ଆଣି ଛାଡ଼ିଥିଲେ। ଚନ୍ଦକା ଜଙ୍ଗଲରୁ ଗୁରୁବାର ଦିନରେ ୫ଟି ଓ ରାତିରେ ୨ଟିକୁ ମିଶାଇ ସମୁଦାୟ ୭ଟି ଦେଶୀ ଭାଲୁ ରାସ୍ତାରେ ବୁଲୁଥିଲେ।

## ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା

କୋଡ଼ିଙ୍ଗା,୨୭।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ବାଙ୍କୁଲି ପଞ୍ଚାୟତ ଭଣ୍ଡିମାଳ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସ୍ୱାମୀ ଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକମାନେ ହେଲେ ଡୁମରଓଡ଼ା ଗ୍ରାମର ନୀଳଧର ଜାନି (୨୨) ଓ ତାଙ୍କ ସ୍ତ୍ରୀ ପାର୍ବତୀ (୨୦)।

ସୂଚନା ଅନୁଯାୟୀ, ସ୍ୱାମୀ ସ୍ତ୍ରୀ ୨ ଛୁଆଙ୍କୁ ନେଇ ଭଣ୍ଡିମାଳସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ରାତି ପ୍ରାୟ ୧୦ଟାରେ ଉଭୟେ ଶୌଚହେବାକୁ ଘରଠାରୁ କିଛି ଦୂରକୁ ଯାଇଥିଲେ। ଅନେକ ସମୟ ଧରି ଉଭୟେ ଘରକୁ ଫେରି ନ ଥିଲେ। ସେମାନଙ୍କର ୭ମାସର ପୁଅଟି କାନ୍ଦିବାରୁ ସମ୍ପର୍କୀୟମାନେ ଖୋଜାଖୋଜି ଆରମ୍ଭ କରିଥିଲେ। କିନ୍ତୁ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳୁ ପାର୍ବତୀଙ୍କ ବେକ କଟାଯାଇଥିବା ମୃତଦେହ ଓ କିଛି ଦୂରରେ ଥିବା ଗୋଟିଏ ଗଛରେ ନୀଳଧରଙ୍କ ଝୁଲନ୍ତା ମୃତଦେହ ଗ୍ରାମବାସୀ ଦେଖିଥିଲେ। ଏହାପରେ ସେମାନେ ତାଙ୍କ ସମ୍ପର୍କୀୟ ଓ ପୋଲିସକୁ ଖବର ଦେଇଥିଲେ। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଡ଼ିଙ୍ଗା ଥାନାଧିକାରୀ ସରିତା ମହାପାତ୍ର, ଏସ୍‌ଆଇ ଦେବଦତ୍ତ ମଲ୍ଲିକ ଓ କଳାହାଣ୍ଡିରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସକୁ ମିଳିଛି। ଏ ନେଇ ପୋଲିସ ୫/୨୧ରେ ଏକ ଅପମୃତ୍ୟୁ ମାମଲା ଓ ୭୫/୨୧ରେ ହତ୍ୟା ମାମଲା ରୁଜୁ କରିଛି।


ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ସାହିଯାତ ଅବସରରେ ମଙ୍ଗଳବାର ଲଙ୍କାପୋଡ଼ି ନୀତି ସମ୍ପନ୍ନ କରାଯାଉଛି।

# ଟିକାକରଣକୁ ନେଇ ଉତ୍ତେଜନା

ସିଡିଏ ସେକ୍ଟର-୭ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କଟକ ଅଫିସ,୨୭।୪

କଟକ ସିଡିଏ ସେକ୍ଟର-୭ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଟିକାକରଣକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବା ପାଇଁ ବହୁ ସଂଖ୍ୟକ ଲୋକ ଧାଡିରେ ଅପେକ୍ଷା କରିଥିଲେ। ହେଲେ ସେମାନଙ୍କୁ ଟିକା ମିଳି ନ ଥିଲା। ଏହି ସମୟରେ ସେଠାରୁ କିଛି ଟିକା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ଉପସ୍ଥିତ ଲୋକମାନେ ଜାଣିବାକୁ ପାଇଥିଲେ। ଫଳରେ ସେମାନେ ଏହାର ପ୍ରତିବାଦ କରିବା ସହ ଟିକାଦାନରେ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ କରି ହୋହଲ୍ଲା କରିଥିଲେ। ମର୍କତନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଘଟଣାସ୍ଥଳରେ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ଟିକା ଆଣି ପାରିନାହାନ୍ତି। ସେଥିଲାଗି ବିଭିନ୍ନ ଅଞ୍ଚଳରେ ଟିକାକରଣ ନେଇ ଉତ୍ତେଜନା ଦେଖାଦେଉଛି ବୋଲି ମୋକିମ କହିଛନ୍ତି। ଅନ୍ୟପକ୍ଷରେ କଟକ ଜିଲାର କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ କହିଛନ୍ତି, ସିଡିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦୦ ଡୋଜ୍ ଟିକାର ଆବଶ୍ୟକତା ରହିଥିଲା। ହେଲେ ମୁଣ୍ଡୁଳିସ୍ଥିତ ଟିକା କେନ୍ଦ୍ରରେ ୧୦୦ ଡୋଜ୍ ଟିକା ହୋଇଥିଲେ ଟିକାକରଣ ସମ୍ପୂର୍ଣ୍ଣ ହୋଇପାରିଥାନ୍ତା। ଏଣୁ ଏହି ୧୦୦ ଡୋଜ୍ ଟିକାକୁ ସେଠାକୁ ପଠାଯାଉଥିଲା। କିନ୍ତୁ ଲୋକମାନେ ହୋହଲ୍ଲା କରିବାରୁ ଉକ୍ତ ୧୦୦ ଡୋଜ୍ ଟିକା ସେକ୍ଟର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଲୋକମାନଙ୍କୁ ଦିଆଯାଇଛି।


ବିଧାୟକ ମହମ୍ମଦ ମୋକିମ ଟିକାକରଣ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି
(୧) ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୧୧-୨୧-୨୨, ତାରିଖ: ୨୧।୦୪।୨୦୨୧
କାର୍ଯ୍ୟ: ରାୟପୁର ଡିଭିଜନର ରାୟପୁର-ଲାଖୋଲି ସେକ୍ସନ ମଧ୍ୟରେ ଛୋଟ ସେତୁଗୁଡ଼ିକରେ ପୁରୁଣା ପଥର ଯୋଡ଼େଇକୁ ପୁନରୁଦ୍ଧାର କରିବାର ବଳକା କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୫୯,୦୬,୫୯୧/- । ଟେଣ୍ଡର ଦାଖଲ: ତା୨୭।୦୫।୨୦୨୧ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବ: ତା୨୭।୦୫।୨୦୨୧ରିଖ ୧୧.୦୦ ଘଟିକାରେ ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଞ୍ଜିନିୟର (ସିଓ.)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ ।
ସିନିୟର ଡିଭିଜନାଲ ଇଞ୍ଜିନିୟର (ଲାଇନ)
PR/R/Engg/IP/10 ରାୟପୁର ।
South East Central Railway @secrail

ଏସ୍.ଇ. ରେଳପଥ ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୧-୨୦୨୧-୨୨, ତାରିଖ: ୨୩।୦୪।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ଦକ୍ଷିଣ ପୂର୍ବ ରେଳପଥ, ବଣ୍ଡମୁଣ୍ଡାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ବର୍ଣ୍ଣନା: ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ୫୪୦୦ କେଭିଏ ଲୋକୋ ମେନ୍ ଟ୍ରାନ୍ସଫର୍ମର (କପର୍ ୱାଇଣ୍ଡିଂ ଟାଇପ୍)ର ମରାମତି ଓ ପୁନରୁଦ୍ଧାର । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୨,୪୩,୪୧,୪୦୦/-। ଅମାନତ ରାଶି: ଶୂନ୍ୟ । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୧।୦୫।୨୦୨୧ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍ ସୂଚନା ଓ ବିବରଣୀ: http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । (PR-35)
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୭୭-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୧୩-୨୦୨୧, ତାରିଖ: ୨୭।୦୪।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/II, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ନାରାୟଣଗଡ଼-ଭଦ୍ରକ ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ସମସ୍ତ ୟାର୍ଡ ସମେତ ବାଲେଶ୍ୱର (ଏକ୍ସ) (କିମି ୨୨୯.୮୩୫)ରୁ ରୁପ୍‌ସା (ଏକ୍ସ) (କିମି ୨୧୪.୫୦) ମଧ୍ୟରେ ଏମ୍ବାଙ୍କମେଣ୍ଟ/କଟିଂରେ ଆର୍ଥୱାର୍କ ଇନ୍ ଫର୍ମେଶନ୍, ଛୋଟ ସେତୁଗୁଡ଼ିକର ବିସ୍ତାର, ପର୍ମାନେଣ୍ଟ ୱେ ଲିଙ୍କିଙ୍ଗ୍, ବାଲାଷ୍ଟ ଯୋଗାଣ ଏବଂ ତତ୍‌ସମ୍ପର୍କିତ କାର୍ଯ୍ୟର ନିର୍ବାହ । ଆନୁମାନିକ ମୂଲ୍ୟ: ₹୯୬.୧୪ କୋଟି । ସମାପ୍ତି ଅବଧି: ୨୪ ମାସ । ବନ୍ଦ ହେବା ତାରିଖ: ତା୧୭।୦୫।୨୦୨୧ରିଖ । ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-42)

WANTED
Female full time MAID CUM COOK in Bhubaneswar. Accommodation will be provided.
Contact: 9132933333

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ପଞ୍ଚାୟତ ଏବଂ ବ୍ଲକରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
CONTACT : 8448123162

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BIKASHA FINANCE
BIKASHA FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
OFFICE ADDRESS
Retamunda, Bhatigaon, Baragarh

FREE ADMISSION
UNDER RTE 25% SEAT RESERVATION
SARASWATI SISHU VIDYA MANDIR
Plot No. 603, Brahmeswar Colony, Rasulgarh
For STD-I only.
Phone No.- 8093299788
(SC, ST, OBC, Ration Card Holder & other group under RTE can apply.)

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟ୍ରକ୍ ଚାପାରେ ଯୁବକଙ୍କ ମୃତ୍ୟୁ

ପାରାଦୀପ,୨୭।୪(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କି ଗୋଲେଇ ଛକରେ ମଙ୍ଗଳବାର ଟ୍ରକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବଡ଼ପଡ଼ିଆସ୍ଥିତ ସଂଗ୍ରାମ କୁମାର ସାହୁ (୩୫)। ସେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଅଠରବାଙ୍କି ଗୋଲେଇ ଛକରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ଟ୍ରକର ପଛ ଚକା ତଳେ ସଂଗ୍ରାମ ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବାଟରେ ସଂଗ୍ରାମଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସମ୍ପୃକ୍ତ ଟ୍ରକ୍‌କୁ ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୯୦/୨୧) ରୁଜୁ ହୋଇଛି।

### ରାଜନଗରରେ ଦିନକରେ ସରପଞ୍ଚଙ୍କ ସମେତ ୮ ପଜିଟିଭ

ରାଜନଗର,୨୭।୪(ଡି.ଏନ୍.ଏ.): ରାଜନଗର ବ୍ଲକରେ କରୋନା କାୟା ବିସ୍ତାର କରିବାରେ ଲାଗିଛି। ଚଳିତ ମାସରେ ରାଜନଗରରେ ୮୫ ଜଣ ପଜିଟିଭ ଚିହ୍ନଟ ହୋଇ ସାରିଲେଣି। ମଙ୍ଗଳବାର ଗୋଟିଏ ଦିନରେ ୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଆରଟି-ପିସିଆର ରିପୋର୍ଟରେ ରାଜନଗର ବ୍ଲକର ଓସ୍ତିଆ, ଜରିମୂଳ, ଗୋସିଗାଁର ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଣ୍ଟିଜେନ୍ ଟେଷ୍ଟରେ ଆଜି ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜନଗର ବ୍ଲକ ଅଧୀନ ଡାଙ୍ଗମାଳ ପଞ୍ଚାୟତର ସରପଞ୍ଚଙ୍କ ସମେତ ତାଙ୍କ ପରିବାରର ୩ଜଣ, ଚନ୍ଦନପୁର ଗାଁର ଜଣେ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ୮୫ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨୦ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟମାନେ ଘରେ ଆଇସୋଲେଶନରେ ଅଛନ୍ତି। ରାଜନଗରରେ କେବଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ପରୀକ୍ଷା କରାଯାଉଛି। ପ୍ରତିଦିନ ୧୦୦ରୁ ୧୨୦ ଜଣଙ୍କର କରୋନା ପରୀକ୍ଷା କରାଯାଉଛି।

### କୁଜଙ୍ଗ ବଜାର ଚୋରି ଘଟଣା: ୨ ଅଟକ

କୁଜଙ୍ଗ,୨୭।୪(ଡି.ଏନ୍.ଏ.): କୁଜଙ୍ଗ ଥାନା ପାଚେରିକୁ ଲାଗିଥିବା ଜେଆରଡ୍ଡାଇ ମାର୍କେଟ କମ୍ପ୍ଲେକ୍ସର ୪ଟି ଦୋକାନ, ଥାନା ସମ୍ମୁଖରେ ଥିବା ନୂଆ ମାର୍କେଟର ଏକ ଦୋକାନ ଓ କେନାଲ ନିକଟରେ ଥିବା ଏକ ସାଇକେଲ୍ ଦୋକାନରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅପରପକ୍ଷେ ସିସିଟିଭି ଫୁଟେଜରୁ ଯେଉଁ ଯୁବକଙ୍କ ଫଟୋ ମିଳିଛି ତାଙ୍କ ଟେର ଏପର୍ଯ୍ୟନ୍ତ ପୋଲିସକୁ ମିଳିପାରିନାହିଁ। ଏ ସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି, ୨୫ତାରିଖ ରାତିରେ ଥାନାର ୪ ଜଣ କର୍ମଚାରୀ ଡ୍ୟୁଟିରେ ଥିଲେ। ସେମାନେ ବଜାରର ଅନ୍ୟ ସ୍ଥାନକୁ ଡ୍ୟୁଟିରେ ଯାଇଥିବା ବେଳେ ଏହି ଚୋରି ଘଟଣା ହୋଇଥିଲା। ତେଣୁ ଏହି ମାମଲାରେ ଥାନା ସହ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଜାରି ରହିଛି। ତୁରନ୍ତ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।

### ଟିକା ଗ୍ରହଣ କେନ୍ଦ୍ରରେ ପ୍ରବଳ ଗହଳି

ଆଳି,୨୭।୪(ଡି.ଏନ୍.ଏ.): କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆସିବା ପରେ ସମଗ୍ର ଦେଶ ଚିନ୍ତିତ ହୋଇପଡ଼ିଛି। ଦ୍ୱିତୀୟ ଲହରରେ ସମଗ୍ର ମାନବସମାଜ ଭୟର ବାତାବରଣ ମଧ୍ୟରେ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି। ହେଲେ ଟିକା ଗ୍ରହଣ କେନ୍ଦ୍ରରେ କରୋନା କଟକଣା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ମହୁ, ବାଟିପଡା ଉପକେନ୍ଦ୍ରରେ ଖୋଲିଥିବା ଟିକା ଗ୍ରହଣ କେନ୍ଦ୍ରରେ କରୋନା କଟକଣାକୁ ଫୁ କରି ଦୈନିକ ଶତାଧିକ ଲୋକ ଟିକା ନେବା ପାଇଁ ଗହଳି କରୁଛନ୍ତି। ଅନେକ ଲୋକ ମୁହଁରେ ମାସ୍କ ବ୍ୟବହାର କରୁ ନ ଥିବା ଦେଖିବାକୁ ମିଳୁଛି। ସାମାଜିକ ଦୂରତା କଥାକୁ ପଚାରେ କିଏ। ଯଦି ଏଭଳି ଗହଳି ହୁଏ, ତାହାଲେ କରୋନା ସଂକ୍ରମଣ ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ଖର୍ଚ୍ଚ ୨୫ ଲକ୍ଷ, ୧୦ ପ୍ରତିଶତ ଗଛ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୨୭।୪

ଚାରାରୋପଣ ଦୁର୍ନୀତି କେନ୍ଦ୍ରାପଡ଼ା ଜିଲାରେ ଥମିବାରେ ନାଁ ଧରୁ ନାହିଁ। ରାଜକନିକା ବ୍ଲକ ଅଞ୍ଚଳର ୮୬ ଲକ୍ଷ ଟଙ୍କାର ଚାରାରୋପଣ ଦୁର୍ନୀତିକୁ ନେଇ ଦୀର୍ଘଦିନ ଆନ୍ଦୋଳନ ହୋଇଥିଲା। ସେହିପରି ରାଜନଗର ବ୍ଲକ ବଡକୋଟଠାରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଇସିଜେଡଏମପି ପକ୍ଷରୁ ହେନ୍ତାଳ ବଣରେ ୧ ପ୍ରତିଶତ ଗଛ ନ ଥିବା ଘଟଣା ମାର୍ଚ୍ଚରେ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଏବେ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତରେ ଏପରି ଘଟଣା ଦେଖିବାକୁ ମିଳିଛି। ପଞ୍ଚାୟତର ବିଭିନ୍ନ ସ୍ଥାନରେ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକ ଦେଖିବାକୁ ମିଳୁଥିଲେ ମଧ୍ୟ ୧୦ ପ୍ରତିଶତ ଗଛ ନାହିଁ। ଏ ନେଇ ଭିଜିଲାନ୍ସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରି ବଙ୍ଗାଳପୁରବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ଦିଆଯାଇଛି।

ଏ ସମ୍ପର୍କରେ ଦାବିପତ୍ର ପ୍ରଦାନକାରୀ ସୁବାସ ଚନ୍ଦ୍ର ସାମଲ କହିଛନ୍ତି, କରୋନା ସଂକ୍ରମଣ ସମୟରେ କର୍ମନିଯୁକ୍ତି ସ୍ଥାନୀୟ ଲୋକଙ୍କ ସମସ୍ୟା ଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ରୋଜଗାର ଦେବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବନୀକରଣ କରାଯାଇଥିଲା। ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ଏହି ପଞ୍ଚାୟତରେ ବନ୍ଧସାହିଠାରୁ ପଡ଼ାବଙ୍ଗାଳପୁର ଗ୍ରାମ ପର୍ଯ୍ୟନ୍ତ ବନୀକରଣ କରାଯାଇଥିବା ସୂଚନାଫଳକ



ଚାରାରୋପଣ ହୋଇଥିବା ଜାଗାରେ ସୂଚନା ଫଳକ ଲଗାଯାଇଛି।

■ ସୂଚନା ଫଳକରେ ସୀମିତ ଚାରାରୋପଣ
■ ଭିଜିଲାନ୍ସ ତଦନ୍ତ ଦାବି କଲେ ବଙ୍ଗାଳପୁରବାସୀ

ଅଛି। ଶ୍ରମିକଙ୍କୁ ଦୈନିକ ମଜୁରି ବାବଦ ୨୦୭ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୧୪୨୪ଟି ଶ୍ରମ ଦିବସ ସୃଷ୍ଟି କରାଯାଇ ବନୀକରଣ ବାବଦ ୨,୯୪,୯୨୮ ଟଙ୍କା ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ ମୋଟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକରେ ଦର୍ଶାଯାଇଥିଲେ ମଧ୍ୟ ୧୦ ପ୍ରତିଶତ ଗଛ ଦେଖିବାକୁ ମିଳୁନାହିଁ। ଫଳକର ଅପରପାର୍ଶ୍ୱରେ ଥିବା ସୂଚନା ଅନୁଯାୟୀ, ଚଇଁପୁର ଗାଦିମୂଳଠାରୁ ବନ୍ଧସାହି ପର୍ଯ୍ୟନ୍ତ ବନୀକରଣରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ତଥ୍ୟ ଅଛି। ସେହିପରି ଚଇଁପୁର ଖେଳପଡିଆ ପ୍ରକଳ୍ପରେ ୫ ଲକ୍ଷ ଓ ଚଇଁପୁର ମାଛବନ୍ଧଠାରୁ ଜେନାସାହି ପର୍ଯ୍ୟନ୍ତ ୧୦ ଲକ୍ଷ ଟଙ୍କାର ବନୀକରଣ ହୋଇଥିବା ସୂଚନା ଫଳକରେ ଲେଖାଯାଇଛି। ତେବେ ଏହି ୨୫ ଲକ୍ଷ ଟଙ୍କା ବ୍ୟୟରେ କେତେ ଗଛ ଲଗାଯାଇଛି, ତାହାର ହିସାବ ନାହିଁ। ହାତଗଣତି କେତୋଟି ଗଛ ଲଗାଯାଇଥିବା ବେଳେ ଯୋଜନାର ଅର୍ଥକୁ ହଡପ କରାଯାଇଛି। ଯେଉଁ କେତୋଟି ଗଛ ଲଗାଯାଇଛି, ତାହାର ଯତ୍ନ ନିଆଯାଉନାହିଁ। ଅପରପକ୍ଷରେ ଏହି ଯୋଜନାର ସମୁଦାୟ ଶ୍ରମିକଙ୍କ ମଜୁରି ଖର୍ଚ୍ଚ ମଷ୍ଟର ରୋଲ ମାଧ୍ୟମରେ ହୋଇଥାଏ। ତେବେ ମଷ୍ଟର ରୋଲରେ ବହୁ ଅନିୟମିତତା ଅଛି। ସୂଚନା ଫଳକରେ ଯୋଜନାକୁ ସୀମିତ ରଖାଯାଇ ଅନୁଦାନ ଅର୍ଥକୁ ହଡପ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବନୀକରଣ ଯୋଜନା ଏଠାରେ ଫେଲ ମାରିଥିବାରୁ ଏହାର ଭିଜିଲାନ୍ସ ଦାବି କରାଯାଇଛି। ତଦନ୍ତ ପରେ ଯୋଜନାକୁ କାର୍ଯ୍ୟକାରୀ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ଦିଲୀପ କୁମାର ପରିଡା କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଟେଲିଫୋନ ମାଧ୍ୟମରେ ଜାଣିବା ପରେ ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ ଆଦେଶ ଦିଆଯାଇଛି।

## ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଦାବି

କେନ୍ଦ୍ରାପଡ଼ା ଅଫିସ, ୨୭।୪

କରୋନା ସଂକ୍ରମଣର ଦ୍ୱିତୀୟ ଲହର ମଧ୍ୟବିତ୍ତ ପରିବାରର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେବାରେ ଲାଗିଛି। ପ୍ରବାସୀ ଫେରୁଥିବା ବେଳେ କର୍ମ ନିଯୁକ୍ତି ସ୍ଥାନୀୟ ଅଞ୍ଚଳରେ ମିଳୁନାହିଁ। ଅପରପକ୍ଷରେ ଦରଦାମ ବୃଦ୍ଧି ଉପରେ କୌଣସି ଲଗାମ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରକୁ ରୋକାଯାଇ ସୁଲଭ ମୂଲ୍ୟରେ ଯୋଗାଣ ପାଇଁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏକ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ଦାବିପତ୍ର ସମ୍ପର୍କରେ ଜିଲା ସଭାପତି ନିରଞ୍ଜନ ପରିଡ଼ା କୁହନ୍ତି, କରୋନା ମହାମାରୀ ଦେଶ ପାଇଁ ବିପଦ ହୋଇଥିବା ବେଳେ ମଧ୍ୟବିତ୍ତ ପରିବାର ସର୍ବାଧିକ କ୍ଷତି ସହୁଛନ୍ତି। ଲକ୍‌ଡାଉନ, ଶଟ୍‌ଡାଉନ ମଧ୍ୟରେ ବହୁ କମ୍ପାନୀ ବନ୍ଦ ହୋଇଛି। ପ୍ରବାସୀ ଏବେ ଘରମୁହାଁ ହୋଇଛନ୍ତି। କରୋନା ସଂକ୍ରମଣ କଟକଣା ଯୋଗୁ ସ୍ଥାନୀୟ ଅଞ୍ଚଳରେ କର୍ମନିଯୁକ୍ତି ବାଧକ ସାଜିଛି। ବେରୋଜଗାରି ସମସ୍ୟା ହୋଇଥିବା ବେଳେ ଅହେତୁକ ଭାବେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ହୋଇଛି। ଦୈନନ୍ଦିନ ଖାଉଟି ସାମଗ୍ରୀ ଭାବେ ଡାଲି କିଗ୍ରା ପ୍ରତି ୧୨୦ ଟଙ୍କା ହୋଇଥିବା ବେଳେ ଖାଇବା ତେଲ ଲିଟର ପ୍ରତି ୧୭୦ ଟଙ୍କା ହୋଇଛି। ସେହିପରି ଅଟା କେଜି ପ୍ରତି ୪୦ ଟଙ୍କା ବ୍ୟବସାୟୀ ନେଉଛନ୍ତି। ଏଥିସହ ଅନ୍ୟାନ୍ୟ ଖାଇବା ସାମଗ୍ରୀର ଦର ଆକାଶଛୁଆଁ ହୋଇଥିବା ବେଳେ ପ୍ରଶାସନର ଏଥିପ୍ରତି ଅଙ୍କୁଶ ନାହିଁ। କଳାବଜାରକୁ ରୋକିବା ସହ ଅତ୍ୟାବଶ୍ୟକ ସାମଗ୍ରୀକୁ ସୁଲଭ ମୂଲ୍ୟରେ ଯୋଗାଇବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଉପସଭାପତି ସମ୍ପଦ ସ୍ୱାଇଁ ଓ ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର ସାମିଲ ହୋଇଥିଲେ।


ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର କର୍ମକର୍ତ୍ତା ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

# ‘ମହିଳାମାନେ ଏଠି ସୁରକ୍ଷିତ ନୁହନ୍ତି’


ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ସଦସ୍ୟମାନେ।

କେନ୍ଦ୍ରାପଡ଼ା ଅଫିସ, ୨୭।୪

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସିସିଆଇ (ଶିଶୁ ପ୍ରଯତ୍ନ କେନ୍ଦ୍ର)ରେ ଶିଶୁ ଜନ୍ମ ଘଟଣା ଏବେ ବହୁ ଅନାଲୋଚିତ ତଥ୍ୟ ପଦାକୁ ଆଣିଛି। ମହିଳାମାନେ ଏଠାରେ ସୁରକ୍ଷିତ ନୁହନ୍ତି ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଦର୍ଶାଯାଇଥିବା ବେଳେ ପରିଚାଳନା ଭାର ରାଜ୍ୟ ସରକାର ନିଜେ ନିଅନ୍ତୁ ବୋଲି ପ୍ରସ୍ତାବ ଦେଇଛି। ସହରର ପ୍ରେସ କ୍ଲବଠାରେ ଓସା ପକ୍ଷରୁ ଏହି ପ୍ରସଙ୍ଗରେ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ପ୍ରଦୀପ ପ୍ରଧାନ, ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ଆଳୟ ସାମନ୍ତରାୟ, ଜିତେନ୍ଦ୍ର

**ସିସିଆଇରେ ଶିଶୁ ଜନ୍ମ ଘଟଣା**

ସାହୁ ପ୍ରମୁଖ ଯୋଗଦେଇ ସିସିଆଇ ମାମଲାର ତଦନ୍ତ ସମ୍ପର୍କରେ କେତେକ ପ୍ରଶ୍ନ ଉଠାଇବା ସହ ମହିଳା ଓ ଶିଶୁଙ୍କ ଭବିଷ୍ୟତ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଦର୍ଶାଇଥିଲେ। ସେମାନେ କହିଥିଲେ, ଏହି ସିସିଆଇର ବାଇ ଲ’ ଅନୁଯାୟୀ ସଭାପତିଙ୍କଠାରୁ ସମ୍ପାଦିକାଙ୍କ କ୍ଷମତା ଅଧିକ। ତେବେ ଘଟଣାକ୍ରମରେ ସମ୍ପାଦିକା ଅଭିଯୋଗକାରୀ ହୋଇଥିବାରୁ ତଦନ୍ତ ସମୟରେ କୋହଳ ମନୋଭାବ ପ୍ରକାଶ କରାଯାଉଛି। ସେହିପରି ଏଠାରେ ଥିବା ପୀଡ଼ିତା ମହିଳାଙ୍କ ତୃତୀୟ ଶିଶୁ ପୂର୍ବରୁ ୨ଟି ଶିଶୁ ନିଖୋଜ ହୋଇଥିବା ନେଇ ମାମଲା ଚାଲିଛି। ଏହି ଶିଶୁ ଏବେ କେଉଁଠି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ ଜଣେ ନାବାଳିକାଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ତାଙ୍କର ଜନ୍ମିତ ଶିଶୁ ମଧ୍ୟ ନିଖୋଜ ଅଛି। ଏହା ବ୍ୟତୀତ ସମାନ୍ତରାଳ ଭାବେ ଜଗତ୍‌ସିଂହପୁର ଜିଲାର ଏକ ସ୍ଥାନରେ ଥିବା ସିସିଆଇରେ ଏହି ସିସିଆଇର କାର୍ଯ୍ୟକର୍ତ୍ତା ପରିଚାଳନା କରୁଛନ୍ତି। ଅନୁଷ୍ଠାନ ପାଇଁ ସୀମିତ ଜମି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ବେଳେ ଜବରଦଖଲରେ ବହୁ ଜମି ରଖିଛନ୍ତି। ମହିଳା ଓ ଶିଶୁ ଏଠାରେ ସୁରକ୍ଷିତ ନ ଥିବାରୁ ରାଜ୍ୟ ସରକାର ଏହି ମାମଲାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପରିଚାଳନା ଭାର ନିଜ ହାତକୁ ନେବାକୁ ସେମାନେ ଦାବି କରିଛନ୍ତି।

## ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଏରସମା,୨୭।୪(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ଗ୍ରାମର ଜଣେ ମହିଳା ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସୋମବାର ରାତିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାପ ଘରେ ଛାଡ଼ିବା ପରେ ମଙ୍ଗଳବାର ସମ୍ପୃକ୍ତା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ହେଲେ ଏହି ଥାନା ଅନ୍ତର୍ଗତ ଗଡବିଶୁନିପୁର ଗ୍ରାମର ସୁବାସ ଦାସଙ୍କ ଝିଅ କବିତା। ୧୩ ମାର୍ଚ୍ଚ ୨୦୧୯ରେ ଏହି ଥାନା ଅନ୍ତର୍ଗତ ଶିଆଳି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ସେ ବୈଦିକ ରୀତିରେ ବିବାହ କରିଥିଲେ। ଏହି ସମୟରେ ବରଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର କିଛି ଦିନ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶାଶୁଘରର ଅନ୍ୟ ସଦସ୍ୟମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗତ କିଛି ଦିନ ହେବ କବିତା ବାପ ଘରେ ରହୁଥିଲେ। ତାଙ୍କୁ ଅନ୍ୟତ୍ର ଘରଭଡା କରି ରଖିବା ବାହାନାରେ ସ୍ୱାମୀ ସୋମବାର ବାପ ଘରେ ପହଞ୍ଚି ସାଙ୍ଗରେ ନେଇଯାଇଥିଲେ। ମାତ୍ର ବଳରାମପୁର ଗ୍ରାମ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ ବୋଲି କବିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଥାନା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦୀନେଶ କୁମାର ପଟ୍ଟା କହିଛନ୍ତି, ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ।

## କୈବର୍ତ୍ତ ସମ୍ପ୍ରଦାୟର ଚଇତି ପର୍ବ

ବିରିଡ଼ି,୨୭।୪(ଡି.ଏନ୍.ଏ.)

ଚୈତ୍ର ପୂର୍ଣ୍ଣିମା ଅବସରରେ କୈବର୍ତ୍ତ ସମ୍ପ୍ରଦାୟର ବାସୁଳି ପୂଜା ବିରିଡି ବ୍ଲକର ବିଭିନ୍ନ ସ୍ଥାନରେ କୋଭିଡ୍ ନିୟମ ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟା ଓ ମଙ୍ଗଳବାର ସକାଳୁ ବ୍ଲକର କୁଳକଇଜଙ୍ଗା, ଅଳିପଡା, କୃତ୍ତିବାସପାଟଣା, ବନ୍ଧକୁଳସାହି, ଶଙ୍ଖାରିସାହି, ହାଜିପୁର, ଗରାମ, ଅଡ଼ଙ୍ଗ, ବରାହପୁର, ମଧ୍ୟଶାସନରେ ଚଇତି ପର୍ବ ପାଳିତ ହୋଇଥିଲା। କୁଳକଇଜଙ୍ଗା ବେହେରା ସାହିରେ ବାସୁଳି ପୂଜା ଅନୁଷ୍ଠିତ ହୋଇଥିଲା। ସକାଳେ ବାସୁଳି ମନ୍ଦିରକୁ ଶୋଧନ କରାଯିବା ପରେ ମହିଳାମାନେ ଚିତା ପକାଇଥିଲେ। ପରେ ଚିତ୍ରକରଙ୍କ ଘରୁ ଭକ୍ତମାନେ ବାସୁଳି ମୁଣ୍ଡ (ଘୋଡ଼ା ମୁଣ୍ଡ) ଆଣିବା ପାଇଁ ଯାଇଥା’ନ୍ତି। ଏହି ବାସୁଳି ମୁଣ୍ଡକୁ ଠାକୁର ଘର ପର୍ଯ୍ୟନ୍ତ ଅଣାଯିବା ବାଟରେ ପଣାଭୋଗ କରିବା ପରମ୍ପରା ରହିଛି। ଠାକୁର ଘରେ ହୋମ ସହ ପୂଜାର୍ଚ୍ଚନା କରାଯାଇଥାଏ।


ଘୋଡା ମୁଣ୍ଡକୁ ପୂଜାର୍ଚ୍ଚନା କରାଯାଉଛି।

ସନ୍ଧ୍ୟାରେ ଘୋଡ଼ାର ପ୍ରତିମୂର୍ତ୍ତି ସମ୍ମୁଖରେ ସଜ ବସିଥିବା ପାଖରେ ପୋଡା ମାଛିବଳି ଦିଆଯିବା ସହ ଦିନବେଳା ପିଠା, ଖିରି ଭୋଗ ଲାଗି ହୋଇଥିଲା। କୈବର୍ତ୍ତ ସମ୍ପ୍ରଦାୟର ମହିଳାପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ। କୁଳକଇଜଙ୍ଗାର ରବୀନ୍ଦ୍ର ବେହେରା ପୂଜାର୍ଚ୍ଚନା କରିଥିଲେ। ସେହିପରି ଉପରୋକ୍ତ ଗ୍ରାମରେ ମଧ୍ୟ କୋଭିଡ୍ ନିୟମ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।

## ଟ୍ରେନ୍ ଆଗକୁ ଡେଇଁ ଯୁବତୀଯୁବକଙ୍କ ଆତ୍ମହତ୍ୟା

କଳିଙ୍ଗନଗର,୨୭।୪(ଡି.ଏନ.ଏ.)

ଯାଜପୁର ରୋଡ୍-କୋରେଇ ଷ୍ଟେଶନ ରେଳଧାରଣା ମଧ୍ୟରେ ଥିବା ତେନ୍ତୁଲିଖୁଣ୍ଟା ଓଭରବ୍ରିଜ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଯୁବତୀଯୁବକ ଏକ ମାଲ୍‌ବାହୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଯାଜପୁର ରୋଡ ଜିଆରପି ଅଧିକାରୀ ପପୁ କୁମାର ନାୟକ ପହଞ୍ଚି ମୃତଦେହକୁ ଜବତ କରିଛନ୍ତି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ଯୁବକଙ୍କ ବୟସ ୩୦ ବର୍ଷ ଏବଂ ଯୁବତୀଙ୍କ ବୟସ ୨୫ ହେବ ବୋଲି ଅନୁମାନ କରାଯାଉଛି। ଯୁବକ ଏକ ଧଳା କଳା ଚେକ୍ ସାର୍ଟ ଏବଂ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବାବେଳେ ଯୁବତୀ ବ୍ଲୁ ଟପ୍ ଏବଂ ପ୍ୟାଣ୍ଟ ପିନ୍ଧିଥିଲେ। ତେବେ କେଉଁ କାରଣ ପାଇଁ ସେମାନେ ଆତ୍ମହତ୍ୟା କଲେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଜିଆର୍‌ପି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

ଯାଜପୁର ଟାଉନ,୨୭।୪(ଡି.ଏନ.ଏ.)

ଅଜଣା ଗାଡ଼ି ଧକ୍କାରେ ସୋମବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଥାନା ଅଧୀନ ଚଇନପୁର ପଞ୍ଚାୟତ ଗୁରୁଦାସପୁର ଗ୍ରାମର ବିଷ୍ଣୁ ଚରଣ ବେହେରା(୫୫)। ବିଷ୍ଣୁ ଥାନା ଅଧୀନ କୁବେରେଶ୍ୱର ମନ୍ଦିର ନିକଟ ରାସ୍ତାପାର୍ଶ୍ୱରେ ରାତିରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ଗାଡ଼ି ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁ ଲୋକଙ୍କଠୁ ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ମଙ୍ଗଳବାର ହସ୍ପିଟାଲରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଆବଶ୍ୟକ ନ ଥାଇ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଯାଉଛି

ନାଉଗାଁ,୨୭।୪(ସ୍ୱ.ପ୍ର.)

ବର୍ତ୍ତମାନ କରୋନାର ୨ୟ ଲହର ସାରା ରାଜ୍ୟରେ ଚିନ୍ତା ବଢାଇ ଦେଇଛି। ଏହି ସମୟରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଅଧିକାଂଶ ପରୀକ୍ଷାକୁ ବାତିଲ କରାଯାଇଛି। ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ଶିକ୍ଷା ବିଭାଗର ଅଧିକାଂଶ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରାଯାଉଛି। ଏଭଳିସ୍ଥିତିରେ ନାଉଗାଁ ବ୍ଲକରେ ଗତ କିଛିଦିନ ହେବ ଆବଶ୍ୟକ ନ ଥାଇ ଶିକ୍ଷକମାନଙ୍କୁ ବ୍ଲକ ମଧ୍ୟରେ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ଡେପୁଟେଶନରେ ପଠାଯାଉଛି। ବ୍ଲକ ଅନ୍ତର୍ଗତ ଡାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଲି ସ୍ୱାଇଁଙ୍କୁ ଗନ୍ଧଣ ପ୍ରାଥମିକ ବିଦ୍ୟାଳୟ, ଗାରୋଇ ପ୍ରାଣକୃଷ୍ଣ ପ୍ରାଥମିକ ବିଦ୍ୟାଳୟର ସମୀର କୁମାର ଦାସଙ୍କୁ ଡାବର ପ୍ରାଥମିକ ବିଦ୍ୟାଳୟ, ଶିଖରଘାଟ ପ୍ରାଥମିକ ବିଦ୍ୟାଳୟର ପ୍ରତିମା ନାୟକଙ୍କୁ ଘୋଡାଂଶର ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ଏରେଡା ପଞ୍ଚାୟତିରାଜ ହାଇସ୍କୁଲର ନିତାଲତା ପରିଡାଙ୍କୁ ନାରିସୀମା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଆହୁରି କେତେଜଣ ଶିକ୍ଷକଙ୍କୁ ଡେପୁଟେଶନରେ

**ଶିକ୍ଷା ବିଭାଗର ବିଚିତ୍ର ନୀତି**
■ ମନମୁଖିଭାବେ ସ୍ଥାନାନ୍ତର କରାଯାଉଛି
■ ଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

ପଠାଇବା ପାଇଁ ପ୍ରକ୍ରିୟା ଜାରି ରହିଛି। ଶିକ୍ଷା ବିଭାଗର ନିୟମାନୁସାରେ ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ପିଲାଙ୍କ ଉପସ୍ଥାନ ରହିଛି ସେଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରାଯାଉଛି। ଯେଉଁ ବିଦ୍ୟାଳୟରେ ୨୫ରୁ ଉର୍ଦ୍ଧ୍ୱ ଉପସ୍ଥାନ ରହିଛି ସେଠାରେ ୨ ଜଣ ଶିକ୍ଷକ ଓ ୫୦ରୁ ଉର୍ଦ୍ଧ୍ୱ ଉପସ୍ଥାନ ରହିଲେ ସେଠାରେ ଅତିକମ୍‌ରେ ୩ ଶିକ୍ଷକ ରହିବା ପାଇଁ ସରକାରୀ ନିୟମ ରହିଛି। କିନ୍ତୁ ଏହାକୁ ବିଚାରକୁ ନିଆ ନ ଯାଇ ମନମୁଖିଭାବେ ଶିକ୍ଷକମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମାଗୁଣି ଚରଣ ମହାନ୍ତି କୁହନ୍ତି, ଗଜରାଜପୁରର ଗୋପାଳଜୀଉ ବିଦ୍ୟାଳୟରେ ୨ ଶିକ୍ଷକ ଅବସର ପରେ ସେଠାକୁ ୨ ଜଣ ଶିକ୍ଷକଙ୍କୁ ପଠାଯାଇଛି। ଅନ୍ୟ ଡେପୁଟେଶନଗୁଡ଼ିକୁ ସେ କରିନାହାନ୍ତି ବୋଲି କହିଛନ୍ତି।

# ଗମ୍ଭୀର ପରିସ୍ଥିତିରେ ଧର୍ମାନୁଷ୍ଠାନ ବନ୍ଦ ହେବ

ଜଗତ୍‌ସିଂହପୁର ଅଫିସ, ୨୭।୪

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଜିଲାର ବିଭିନ୍ନ ଧର୍ମାନୁଷ୍ଠାନ କର୍ମକର୍ତ୍ତାଙ୍କ ସହିତ ଜିଲା ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି କୋଭିଡ୍-୧୯ ୨ୟ ଲହରର ପ୍ରକୋପ ଓ ଧର୍ମାନୁଷ୍ଠାନଗୁଡିକ ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, କରୋନା ସଂକ୍ରମଣ ଯୋଗୁ ରାଜ୍ୟର ପ୍ରସିଦ୍ଧ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନଗୁଡିକ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜଗତ୍‌ସିଂହପୁର ଜିଲାରେ ମଧ୍ୟ କୋଭିଡ ସଂକ୍ରମଣ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ଜିଲାର ମନ୍ଦିର, ମସଜିଦ୍ ଓ ଗୀର୍ଜାଗୁଡିକରେ ଜନଗହଳି ନିୟନ୍ତ୍ରଣ କରିବାକୁ ଧାର୍ମିକ ସମାରୋହ ଉପରେ କଟକଣା ଲଗାଯାଇଛି। କିନ୍ତୁ ଧାର୍ମିକ ପ୍ରଥା ଯଥା ରୀତି ଓ ନୀତି ଆଦି କରାଯିବ। ଏହି କାର୍ଯ୍ୟ ଧର୍ମାନୁଷ୍ଠାନରେ ନିୟୋଜିତ ସେବାୟତ, କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ପାଦନ ହେବ। କିନ୍ତୁ ସର୍ବସାଧାରଣଙ୍କ ଯିବାଆସିବା ଉପରେ ପ୍ରତିବନ୍ଧକ ରହିବ। ପରିସ୍ଥିତି ଗମ୍ଭୀର


ବୈଠକରେ ଉପସ୍ଥିତ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତାମାନେ।

■ ବାହାର ରାଜ୍ୟର ଲୋକ ଗାଁକୁ ଆସିଲେ ଜଣାଇବାକୁ ପରାମର୍ଶ
■ କୋଭିଡ୍ କଟକଣାରେ ଚନ୍ଦନ ଯାତ୍ରା ଓ ଇଦ୍ ପାଳନ ହେବ

ହେଲେ ଧର୍ମାନୁଷ୍ଠାନ ବନ୍ଦ କରାଯିବ। ଯେହେତୁ ଏବେ ସେଭଳି ପରିସ୍ଥିତି ଉପୁଜି ନାହିଁ ତେଣୁ କଟକଣା କୋହଳ ରହିଛି। ଅନ୍ୟପକ୍ଷେ ଗାଁ ଗହଳିରେ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ବଜାୟ ରଖିବା, ସାବୁନରେ ହାତ ଧୋଇବା ଉପରେ ସଚେତନତାର ଆବଶ୍ୟକତା ରହିଛି। ଏହାଛଡ଼ା ବାହାର ରାଜ୍ୟର ଲୋକ ଗାଁକୁ ଆସିଲେ ତୁରନ୍ତ ପ୍ରଶାସନକୁ ଖବର ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ମା’ଶାରଳା ମନ୍ଦିର ସେବାୟତମାନେ କହିଥିଲେ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଝାମୁଯାତ୍ରା ସମ୍ପନ୍ନ ହୋଇଛି। ମେ ୧୫ରେ ଚନ୍ଦନ ଯାତ୍ରା ଆରମ୍ଭ ହେବ। ସେହିପରି ରସୁଲପୁରସ୍ଥିତ ଜାମିଆ-ଅଲ୍-ହବିବ୍ ଟ୍ରଷ୍ଟର ସେକ୍ ତମିଜ୍ ଉଦ୍ଦିନ କହିଥିଲେ, ଏବେ ରମ୍‌ଜାନ୍ ମାସ ଆରମ୍ଭ ହୋଇଛି। ନମାଜ ପାଠ ସମୟରେ ଜନସମାଗମ ଉପରେ କଟକଣା ଜାରି କରାଯାଇଛି। ମେ ୧୪ରେ କୋଭିଡ୍ କଟକଣା ମଧ୍ୟରେ ଇଦ୍ ପର୍ବ ପାଳନ ହେବ। ଧାନକୁଦ ଜଗନ୍ନାଥ ମନ୍ଦିର ଓ ଗ୍ରାମେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସେବାୟତଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ ହୋଇଥିଲା। ବୈଠକରେ ଡେପୁଟି କଲେକ୍ଟର ଅଜୟ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲା ଜରୁରୀ ବିଭାଗ କର୍ମଚାରୀ, ପାରାଦୀପ ୟୁନାଇଟେଡ୍ ଚର୍ଚ୍ଚର ପାଷ୍ଟର ଅମୋଶ ଚନ୍ଦ୍ର ନାଗ, ସୁବାସ ଚନ୍ଦ୍ର ନାୟକ, ଷଣ୍ଢକୁଦ ବେଥେଲ ଚର୍ଚ୍ଚର ପାଷ୍ଟର ସେକ୍ ତମିଜ୍‌ଉଦ୍ଦିନ, ସେକ୍ ତାହିରୁଦ୍ଦିନ, ପାରାଦୀପ ଜାମା ମସଜିଦ୍‌ର ମହମ୍ମଦ ଆବ୍ରାର ଆଲାମ, ଧାନକୁଦ ମନ୍ଦିର ସେକ୍ରେଟାରି ବିଭୁଦତ୍ତ ସାହୁ, ଗୋରେଖନାଥ ମନ୍ଦିର କୋଷାଧ୍ୟକ୍ଷ ସରୋଜକାନ୍ତ ସାହାଣୀଙ୍କ ସମେତ ଅନ୍ୟାନ୍ୟ ମନ୍ଦିର, ଚର୍ଚ୍ଚ ଓ ମସ୍‌ଜିଦ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟର ଜବତ

**ଚଣ୍ଡିଖୋଲ,୨୭।୪(ଡି.ଏନ.ଏ.):** ଦର୍ପଣ ତହସିଲ ଅଧୀନ ଚଣ୍ଡିଆ ପାହାଡ଼ରେ ମଙ୍ଗଳବାର ଚଣ୍ଡିଖୋଲ ବନବିଭାଗ କର୍ମଚାରୀ ଚଢ଼ାଉ କରି ଏକ ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଗତ ୧୦ ତାରିଖରେ ଯେଉଁ ମାଲିକଙ୍କ ମୂର୍ତ୍ତିପଥର ବୋଝେଇ ଟ୍ରାକ୍ଟର ଜବତ ହୋଇଥିଲା ପୁଣି ସେହି ମାଲିକଙ୍କ ଅନ୍ୟ ଏକ ମୂର୍ତ୍ତିପଥର ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଦୁଇଟି ଯାକ ଟ୍ରାକ୍ଟର ଏବେ ଚଣ୍ଡିଖୋଲ ଉପଖଣ୍ଡ ବନପାଳ ଅଫିସରେ ରହିଛି। ପଥର ଚୋରା ଚାଲାଣ କରୁଥିବା ବ୍ୟକ୍ତି ଅନ୍ୟ ଜଣେ ମାଲିକଙ୍କଠାରୁ ଟ୍ରାକ୍ଟରଗୁଡ଼ିକୁ ଭଡ଼ାରେ ଆଣିଥିବା ଶୁଣିବାକୁ ମିଳିଛି। ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀ ଚଢ଼ାଉ କରି ଟ୍ରାକ୍ଟରକୁ ଜବତ କରିଛନ୍ତି। ତହସିଲ ଅନ୍ତର୍ଗତ ମାଣ୍ଡୁକା, ଧାଉଡ଼ିଆପଦା, ମଝିପଡ଼ା, ଚଣ୍ଡିଆ ଓ ଉଦୟଗିରି ଅଞ୍ଚଳରୁ ଚୋରା ପଥର ବେପାରୀ ବ୍ୟାପକ ପଥର ଚୋରା ଚାଲାଣ କରୁଛନ୍ତି। ତେଣୁ ତୁରନ୍ତ ବେଆଇନ ଖନନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଜରି ନୂଆମାହାରା ମୁହାଣ ଖନନ ଦାବି

**ସିଂହପୁର,୨୭।୪(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅଧୀନ ଜରି ନୂଆମାହାରା ମୁହାଣ ଖନନ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଡ୍ରେନେଜ୍ ବିଭାଗ ପକ୍ଷରୁ ଏବେ ନୂଆମାହାରା ଖନନ କରାଯାଉଛି। ହେଲେ ମୁହାଣ ଖନନ କରାଯାଉ ନ ଥିବାରୁ ନୂଆମାହାରା କୌଣସି କାର୍ଯ୍ୟରେ ଲାଗୁନାହିଁ। କିଛିଦିନ ତଳେ ସାମାଜିକ କର୍ମୀ ବିଜୟ ସାମଲ, ଘନଶ୍ୟାମ ନାୟକଙ୍କ ସମେତ ଏକ ପ୍ରତିନିଧି ଦଳ ଡ୍ରେନେଜ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ନୂଆମାହାରା, ପୁରୁଣା ଘୋଷରା ଖନନ କରିବାକୁ ଦାବି କରିଥିଲେ। ଏବେ ଖନନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ଏହାର ମୁହାଣ ଖନନ କରାଯାଇ ନାହିଁ। ୧୦ ବର୍ଷ ତଳେ ନୂଆ ମାହାରା ଖନନ କରାଯାଇଥିଲେ ମଧ ମୁହାଣ ଖୋଲା ଯାଇ ନ ଥିଲା। ଫଳରେ ନଦୀ ପାଣି ଯିବାରେ ବାଧା ସୃଷ୍ଟି ହୋଇ ଆସୁଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନଦୀକୂଳ ଜନସାଧାରଣ ଦାବି କରିଛନ୍ତି।

### ଉପଲବ୍ଧ ହେଲା କୁକୁର କାମୁଡ଼ା ଇଞ୍ଜେକଶନ

**ଚଣ୍ଡିଖୋଲ,୨୭।୪(ଡି.ଏନ.ଏ.):** ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ କୁକୁର କାମୁଡ଼ା ଇଞ୍ଜେକଶନ ମିଳୁ ନ ଥିଲା। ଅଞ୍ଚଳର ଲୋକଙ୍କୁ କୁକୁର କାମୁଡ଼ିଲେ ସେମାନେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା କଟକ ବଡ଼ ମେଡିକାଲକୁ ଯାଉଥିଲେ। ତେଣୁ ଏଠାରେ ଶୀଘ୍ର କୁକୁର କାମୁଡ଼ା ଇଞ୍ଜେକଶନ ଉପଲବ୍ଧ କରିବା ପାଇଁ ଦାବି ହୋଇ ଆସୁଥିଲା। ତେବେ ମଙ୍ଗଳବାରଠାରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା ଇଞ୍ଜେକଶନ ଉପଲବ୍ଧ ହୋଇଥିବା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଶାୟତ ସୂଚନା ଦେଇଛନ୍ତି। ସେ କହିଛନ୍ତି, କୁକୁର କାମୁଡା ଇଞ୍ଜେକଶନ ମହଜୁଦ ଅଛି ଏବଂ ଯେ କୌଣସି କୁକୁର କାମୁଡା ରୋଗୀ ଏଠାରେ ଏବେ ଇଞ୍ଜେକଶନ ନେଇପାରିବେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁଇଲକ୍ଷରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ଜାତୀୟରାଜପଥ କଡ଼ରେ ହୋଇଥିବାରୁ ଅନ୍ୟାନ୍ୟ ଜିଲାର ଲୋକ ମଧ ଏଠାକୁ ଆସିଥାନ୍ତି। ତେଣୁ ଏଠାରେ ଇଞ୍ଜେକଶନ ମିଳିବାରୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# କାମ ମିଳୁନି, ଭିଟାମାଟି ଛାଡୁଛନ୍ତି ଲୋକେ

**ଯାଜପୁର ଅଫିସ,୨୭।୪**


ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

- ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳର ଚିତ୍ର
- ବିଜୁ ପକ୍କାଘର, ଜବ୍ କାର୍ଡ ମିଳୁନାହିଁ
- ଲେବର କାର୍ଡ, ବିଧବା ଭତ୍ତା ପ୍ରଦାନ ଦାବି

ରତ୍ନଗର୍ଭା ସୁକିନ୍ଦାର ଖଣି ସଂସ୍ଥାଗୁଡ଼ିକ କେତେକ ୟୁନିୟନକୁ ହାତ କରି ପ୍ରଭାବିତ ଅଞ୍ଚଳବାସୀ ତଥା କ୍ଷତିଗ୍ରସ୍ତ ପରିବାରଙ୍କ ସମସ୍ୟାଠାରୁ ଦୂରେଇ ଯାଇଛନ୍ତି । ଅନ୍ୟପକ୍ଷେ ପ୍ରଶାସନିକ ଅବହେଳା କାରଣରୁ ବିଜୁ ପକ୍କାଘର, ଜବ୍ କାର୍ଡ, ଲେବର କାର୍ଡ, କାଳିଆ କୃଷି ଯୋଜନା, ବିଧବା ଭତ୍ତା ପାଇବାରୁ ଖଣି ପ୍ରଭାବିତ ଅଞ୍ଚଳବାସୀ ବଞ୍ଚିତ ହୋଇଛନ୍ତି। ବିକାଶର କାଣିଚାଏ ଆଲୁଅ ଖଣି ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଖଣିରେ ଯାନ୍ତ୍ରିକ ବ୍ୟବହାରକୁ ଅଧିକ ପ୍ରାଧାନ୍ୟ ଦିଆଯାଇଥିବାରୁ ଅଞ୍ଚଳବାସୀ ରୋଜଗାର ମଧ ପାଉନାହାନ୍ତି। ଏଥିପାଇଁ ପରିବାରର ମୁରବିମାନେ ରାଜ୍ୟ ବାହାରକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ଏପରି କି କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ପରିବାର ପ୍ରତିପୋଷଣ ପାଇଁ ଲୋକେ ଭିଟାମାଟି ଛାଡୁଛନ୍ତି। ଏହି ମର୍ମରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତ ବେଣାଗାଡିଆ ଗ୍ରାମର ମହିଳାମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୁକିନ୍ଦା ଅଞ୍ଚଳରେ ୧୭୩ ନିୟୁତ ଟନ୍ କ୍ରୋମାଇଟ୍ ଗଚ୍ଛିତ ଅଛି ବୋଲି ସରକାରୀ ଭାବେ ଆକଳନ କରାଯାଇଛି। ଏହାବାଦ୍ ପଡ଼ୋଶୀ କେନ୍ଦୁଝର ଜିଲାରେ ଥିବା ଖଣି ଖାଦାନରେ ମଧ ଯାଜପୁର ଜିଲାର ବହୁ ଲୋକ ନିର୍ଭର କରିଥା'ନ୍ତି। ଭାରତ ସ୍ୱାଧୀନତା ପୂର୍ବରୁ ଏଠାରୁ କ୍ରୋମାଇଟ୍ ଖନନ ଆରମ୍ଭ ହୋଇସାରିଛି। ଏଠାକାର ମୂଲ୍ୟବାନ୍ ପ୍ରାକୃତିକ ସମ୍ପଦରେ ଅନେକ କମ୍ପାନୀ ସେମାନଙ୍କ ମୂଳଦୁଆ ପକାଇଛନ୍ତି। ତେବେ ୨୦୦୦ ପରଠାରୁ ଜିଲାର ଖଣି, ଶିଳ୍ପ ଓ ରେଲୱେ ସାଇଡିଂରେ ଅଧିକାଂଶ ଯାନ୍ତ୍ରିକ ବ୍ୟବହାର କାରଣରୁ ଜିଲାର ଖଣି ପ୍ରଭାବିତ ଲୋକେ ବୃତ୍ତି ହରାଇ କ୍ଷୁଧାର ଶିକାର ହେଉଛନ୍ତି । ଉପରୋକ୍ତ ସମସ୍ୟାର ଆଶୁ ସମାଧାନ ପାଇଁ ସଂପୃକ୍ତ ଅଞ୍ଚଳବାସୀ ୨୦୧୫ରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳୁନାହିଁ । ଫଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖଣି ଖନନ ଓ ଶିଳ୍ପକୁ ଆଧାର କରି ଜିଲାର ସୁକିନ୍ଦା ନିର୍ବାଚନମଣ୍ଡଳୀର କଅଁସ, ଚିଙ୍ଗୁଡ଼ିପାଳ, କାଳିଆପାଣି, ରାହାଁସୋଳ, କାଙ୍କଡପାଳ ସମେତ ଦାନଗଦୀ ବ୍ଲକ ଅଞ୍ଚଳରେ କୌଣସି ଜଳସେଚନ ଭିତ୍ତିଭୂମି କରାଯାଇ ନାହିଁ । ସରକାର ଏହାକୁ ଅଣକୃଷି ଅଞ୍ଚଳ ଭାବେ ପରିଗଣିତ କରିଛନ୍ତି । ଖଣି ଖନନ, ଶିଳ୍ପାୟନ, ରେଲୱେ ସାଇଡିଂ ଓ ଟ୍ରକ ଲୋଡିଂ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ସେମାନଙ୍କ ଜମି, ଜଳ, ଜଙ୍ଗଲ, ଭିଟାମାଟି ଓ ଚାଷଜମି ସମର୍ପଣ କରି ସାରିଛନ୍ତି । ଏବେ ଖଣିରେ କାମ କରିବା ବ୍ୟତୀତ ସେମାନଙ୍କ ଅନ୍ୟ କୌଣସି ବିକଳ୍ପ ନାହିଁ । କିନ୍ତୁ ଏଠାରେ ପ୍ରଭାବିତ ଲୋକଙ୍କୁ କାମ ଯୋଗାଇ ଦେବା ବଦଳରେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଖଣି ମାଲିକଙ୍କ ସହଯୋଗରେ ଅଧିକ ଲାଭବାନ୍ ହେଉଛନ୍ତି। ସଙ୍ଗଠନର ମୁଖିଆଙ୍କ ଛତ୍ରଛାୟା ତଳେ ରହି ଖଣିସଂସ୍ଥାଗୁଡ଼ିକ ସିଏସ୍ଆର ପାଣ୍ଠିର ସଦ୍‌ବିନିଯୋଗ ମଧ କରୁନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରାୟ ୫୦୦୦ ଲୋକ ବସବାସ କରୁଥିବା ବେଣାଗାଡିଆ ଗ୍ରାମର ମହିଳାମାନେ ଏକ ବୈଠକରେ ନିଷ୍ପତ୍ତି ନେଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ବିଡିଓଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଭାନୁମତୀ ମହନ୍ତ, ପେଣ୍ଟୁ ନାଏକ, ନନ୍ଦିତା ନାଏକ, ସୁମିତ୍ର ମହାନ୍ତ, ଲଳିତା ମହାନ୍ତ ପ୍ରମୁଖ ସ୍ୱାକ୍ଷର କରିଛନ୍ତି।

# ନବମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ ଜବତ

**ବିଞ୍ଝାରପୁର,୨୭।୪(ଡି.ଏନ.ଏ.)**


ଶୁଭଲକ୍ଷ୍ମୀଙ୍କ ଫାଇଲ ଫଟୋ।

ବିଞ୍ଝାରପୁର ଥାନା ଫତେପୁର ପଞ୍ଚାୟତ ମଲିଆ ସେଠୀସାହିର ଜଣେ ନବମଶ୍ରେଣୀ ଛାତ୍ରୀଙ୍କ ପୋଡ଼ା ମୃତଦେହ ଘରର ଛାତ ଉପରୁ ମଙ୍ଗଳବାର ଜବତ କରାଯାଇଛି। ମୃତକ ହେଲେ ସେହି ଗ୍ରାମର ବବ୍ରୁବାହାନ ସେଠୀଙ୍କ ଝିଅ ଶୁଭଲକ୍ଷ୍ମୀ (୧୪)। ବିଞ୍ଝାରପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୧)ରୁଜୁ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ କେହି ପୋଡ଼ି ମାରିଦେଇଛନ୍ତି ସେ ନେଇ ଚର୍ଚ୍ଚା ଜୋର ଧରିଛି ।

ଛାତ୍ରୀଙ୍କ ବାପା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସୋମବାର ରାତିରେ ଶୁଭଲକ୍ଷ୍ମୀ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କ ଛାତରେ କ'ଣ ଜଳୁଥିବା ଦେଖି ପଡ଼ିଶା କୁଶ ସେଠୀଙ୍କ ପରିବାର ଲୋକେ ଡାକ ପକାଇଥିଲେ। ଏହା ଶୁଣି ବବ୍ରୁବାହାନ ଓ ତାଙ୍କ ପରିବାର ଲୋକେ ଛାତ ଉପରକୁ ଯାଇ ଶୁଭଲକ୍ଷ୍ମୀ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଦେଖିଥିଲେ । ତୁରନ୍ତ ଶୁଭଲକ୍ଷ୍ମୀଙ୍କ ଦେହରୁ ନିଆଁ ଲିଭାଇ ଚିକିତ୍ସା କରାଯାଇଥିଲେ ମଧ ତାଙ୍କର ମୃତ୍ୟୁ ଘଟିଥିଲା । ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିଛନ୍ତି ସେ ସଂକ୍ରାନ୍ତରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ତଦନ୍ତକାରୀ ଅଧିକାରୀ ମନୋଜ ବାରା କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର

## ଶିକ୍ଷକଙ୍କ ମୃତ୍ୟୁ ନେଇ ଧର୍ମଶାଳା ଡାକ୍ତରଖାନାରେ ଉତ୍ତେଜନା

**ଧର୍ମଶାଳା,୨୭।୪(ଡି.ଏନ.ଏ.)**

ଧର୍ମଶାଳା ଡାକ୍ତରଖାନାରେ ଜଣେ ଶିକ୍ଷକଙ୍କ ମୃତ୍ୟୁକୁ ନେଇ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସା ଅବହେଳାରୁ ସମ୍ପୃକ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୋଭିଡ୍‌ରେ ସମ୍ପୃକ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

ଖବର ପାଇ ଧର୍ମଶାଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଉତ୍ତେଜନା ଥମିଥିଲା। ମୃତକ ହେଲେ ଜେନାପୁର ଅଞ୍ଚଳର ଗଣେଶ୍ୱର ବେହେରା। କିଛି ଦିନ ତଳେ ଗଣେଶ୍ୱରଙ୍କୁ ଜ୍ୱର ହୋଇଥିବା ବେଳେ ସେ ଧର୍ମଶାଳା ଡାକ୍ତରଖାନାକୁ ଆସି କୋଭିଡ୍ ଟେଷ୍ଟ କରାଇଥିଲେ। ଏପରି କି ପରିବାର ଲୋକଙ୍କ ମଧ ଟେଷ୍ଟ ହୋଇଥିଲା। ଆଣ୍ଟିଜେନ ଟେଷ୍ଟରୁ ତାଙ୍କର ଏବଂ ପରିବାର ଲୋକଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। ତେବେ ମଙ୍ଗଳବାର ହଠାତ ଛାତିରେ ଯନ୍ତ୍ରଣା ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆଣ୍ଟିଜେନ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିବା ବେଳେ ଆରଟିପିସିଆର ଟେଷ୍ଟରେ ପଜିଟିଭ ଆସିଛି। କିନ୍ତୁ ପରିବାର ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। କୋଭିଡ୍ ଗାଇଡଲାଇନ ଅନୁସାରେ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିବା ସୂଚନା ମିଳିଛି।


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

# ସାମାଜିକ, ଅର୍ଥନୈତିକ, ପଛୁଆବର୍ଗ ଗଣନା ସ୍ଥଗିତ

**ରସୁଲପୁର,୨୭।୪(ଡି.ଏନ.ଏ.)**

ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ସାମାଜିକ, ଅର୍ଥନୈତିକ ଓ ପଛୁଆବର୍ଗ ଗଣନା କାର୍ଯ୍ୟ ଅନିର୍ଦ୍ଦିଷ୍ଟକାଳ ବନ୍ଦ ରଖିବା ପାଇଁ ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଛି। କରୋନା ଭୟବହତାକୁ ଦୃଷ୍ଟିରେ ରଖି ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ଉକ୍ତ ସର୍ଭେ ପାଇଁ ଏକ ସମୀକ୍ଷା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଡିଓ ଉମାକାନ୍ତ ପରିଡ଼ା, ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଅତିରିକ୍ତ ବିଡିଓ ଉପେନ୍ଦ୍ର ଜେନା, ସିଡିପିଓ ଦୀପ୍ତିମୟୀ ନାୟକ ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟ ଆରମ୍ଭ କରିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ ୭ ସୁପରଭାଇଜରଙ୍କୁ ଚୟନ କରାଯାଇଥିଲା। ବିଡିଓ ପରିଡ଼ା ଉକ୍ତ କାର୍ଯ୍ୟର ନୋଡାଲ ଅଧିକାରୀ ନିଯୁକ୍ତି ହୋଇଥିଲେ। ଗଣନା କାର୍ଯ୍ୟକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିଲା। କାର୍ଯ୍ୟ ପରିଚାଳନା କରିବାକୁ ଅଙ୍ଗନୱାଡି କର୍ମୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।

# ରାସ୍ତା ପାର୍ଶ୍ୱରେ ଶୁଖିଲାଗଛ, ପଥଚାରୀଙ୍କ ଲାଗି ବିପଦ


ରାସ୍ତାକଡ଼ରେ ଥିବା ଶୁଖିଲା ଗଛ।

**ରସୁଲପୁର,୨୭।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଗ୍ରାମ୍ୟ ରାସ୍ତା କଡ଼ରେ ଏକ ଶୁଖିଲା ଆମ୍ବଗଛ ରହିଛି। ଏହା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ମଲା ଗଛଟିକୁ ତୁରନ୍ତ ରାସ୍ତା କଡ଼ରୁ ହଟାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଖରସ୍ରୋତା ନଦୀ ବନ୍ଧ ସହ ଖଣ୍ଡିତର ଉଚ୍ଚ ବିଦ୍ୟାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାରେ ରସୁଲପୁର ପଞ୍ଚାୟତର ସୁଆଁସାହି, ଭୋଟକା ପଞ୍ଚାୟତର ବିଲିପଡ଼ା, ଅରଡ଼ା, ସେରପୁର, ସାନରମ୍ଭେଇ, ଭୋଟକା ଓ ଦକ୍ଷିଣ ଭୋଟକା ଆଦି ଗ୍ରାମରୁ ପିଲାମାନେ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ରାସ୍ତା ଦେଇ ସାହୁ ସାହିର ୨୦ରୁ ଊର୍ଦ୍ଧ୍ୱ ପରିବାର ୧୬ନଂ ଜାତୀୟ ରାଜପଥ, ବିଦ୍ୟାଳୟ, ମଙ୍ଗଳା ମନ୍ଦିର, ସାହାପୁର ସାପ୍ତାହିକ ହାଟକୁ ଯାତାୟାତ କରିବାର ଏକ ମାତ୍ର ମାଧ୍ୟମ। ନିକଟରେ ଉକ୍ତ ଗଛ ଡାଳ ଭାଙ୍ଗି ବିଦ୍ୟାଳୟ ପାଚେରି ଭାଙ୍ଗିଥିଲା। ଆଉ ଥରେ ପବନରେ ଶୁଖିଲା ଡାଳ ଭାଙ୍ଗି ରାସ୍ତାରେ ଖସି ପଡ଼ିଥିଲା। ସୌଭାଗ୍ୟ ସେହି ବାଟ ଦେଇଯାଉଥିବା ଜଣେ ସାଇକେଲ ଚାଳକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏ ସବୁ ଘଟଣା ପରେ ବି ପ୍ରଶାସନ ପକ୍ଷରୁ ଗଛ ହଟାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଝଡ଼ତୋଫାନରେ ଗଛଟି ରାସ୍ତା ଉପରେ ଉପୁଡି ପଡ଼ିବାର ସମ୍ଭାବନା ରହିଛି। ତେଣୁ ଏବେଠାରୁ ଗଛଟିକୁ କାଟିଦେଲେ ବିପଦ ଟଳିଯାଆନ୍ତା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

# ଥାଲାସେମିଆ ରୋଗୀଙ୍କୁ ରକ୍ତଦାନ ପାଇଁ ଗୁରୁତ୍ୱାରୋପ

**ଯାଜପୁର ଅଫିସ,୨୭।୪**

ଯୁବଗୋଷ୍ଠୀ କରୋନା ଟିକା ନେବା ପୂର୍ବରୁ ନିଜର ମୂଲ୍ୟବାନ୍ ରକ୍ତକୁ ଥାଲାସେମିଆ ରୋଗୀ ଓ ଗର୍ଭବତୀଙ୍କ ନିମନ୍ତେ ଦାନ କରିବାକୁ କ୍ଲବ ଦି ୟୁଥ ମାସ ସମ୍ପାଦକ ରାଜେଶ ରାଉତ ଅନୁରୋଧ କରିଛନ୍ତି। ବିଗତ କିଛି ବର୍ଷହେବ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୭ ଥାଲାସେମିଆ ରୋଗୀଙ୍କୁ ରକ୍ତ ଯୋଗାଇ ଦିଆଯାଉଛି । ଏଥିସହିତ ପ୍ରତିବର୍ଷ ଥାଲାସେମିଆ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ସରକାର ୧୮ରୁ ୪୫ ବର୍ଷ ବ୍ୟକ୍ତିଙ୍କୁ କରୋନା ଟିକାକରଣ କରାଇବା ପାଇଁ ଦିନ ଧାର୍ଯ୍ୟ କରିବା ପରେ ଥାଲାସେମିଆ ରୋଗୀ ଓ ଗର୍ଭବତୀ ମହିଳା, କର୍କଟ ରୋଗୀଙ୍କ ପାଇଁ ରକ୍ତର ଅଭାବ ଦେଖାଦେବାର ଆଶଙ୍କା ରହିଛି। କରୋନା ଟିକା ନେବା ପରେ ସେହି ବ୍ୟକ୍ତିମାନେ ୩ ମାସ ପର୍ଯ୍ୟନ୍ତ ରକ୍ତଦାନ କରିପାରିବେ ନାହିଁ ବୋଲି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୈଠକରେ ମତପ୍ରକାଶ ପାଇଛି। କ୍ଲବର ସଭାପତି ପ୍ରକାଶ କୁମାର ଜେନା, ସନ୍ତୋଷ ରାଉତ, ଅଜିତ ପରିଡ଼ା, ତବିନ ସାମଲ, ମନୋଜ ଦାସ, ଅସିତ ଦାସ, ରଘୁନାଥ ପାତ୍ର, ରଞ୍ଜନ ମଲ୍ଲିକ, ସମରେନ୍ଦ୍ର ବେହେରା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

# କୁନିଙ୍କ ଚିକିତ୍ସା ପାଇଁ ହାତ ବଢ଼ାଇଲା ପ୍ରଶାସନ

**ଯାଜପୁର ଅଫିସ,୨୭।୪**


କୁନିଙ୍କ ମା'ଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ସମିଆଁ ପଞ୍ଚାୟତର କୁଣ୍ଡବାସ ସାହିର କୁନି ତିରିଆଙ୍କ ଚିକିତ୍ସା ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ରେଡ୍‌କ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି । ଜନ୍ମରୁ ଲିଭରଜନିତ ସ୍ପ୍ଲେନୋମେଗାଲୋ ରୋଗରେ ପୀଡ଼ିତ ଥିବା ୫ବର୍ଷର କୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଗଣମାଧ୍ୟମରେ ତଥ୍ୟ ପ୍ରକାଶ ପାଇବା ପରେ ଏହାର ଅନୁଧ୍ୟାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଇଥିଲା। କୁନିଙ୍କ ବାପା ସୁନାରାମଙ୍କ ୪ବର୍ଷ ତଳେ ମୃତ୍ୟୁ ଘଟି ସାରିଛି । କୁନିଙ୍କ ଆଉ ୫ ଭାଇ ଓ ଗୋଟିଏ ଭଉଣୀ ଅଛନ୍ତି। ୨ ଭଉଣୀଙ୍କୁ ବୁଢ଼ା କେନ୍ଦୁଆସ୍ଥିତ ନେଶନ୍ ଶିଶୁ ପରିଚର୍ଯ୍ୟା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି । ମଙ୍ଗଳବାର ୪୦ ହଜାର ଟଙ୍କାର ସହାୟତାକୁ ଜିଲା ରେଡ୍‌କ୍ରସ୍ ସୋସାଇଟି ସମ୍ପାଦକ ତଥା ଡେପୁଟି କଲେକ୍ଟର କୁଳମଣି ନାୟକ କୁନିଙ୍କ ମା' ପାର ତିରିଆଙ୍କୁ ଦେଇଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ରେଡ୍‌କ୍ରସ୍ ସହାୟକ ଗଙ୍ଗାଧର ଜେନା, ଅଜୟ ବେହେରା ପ୍ରମୁଖ ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ୧୨ ଦୋକାନରେ ଉପଲବ୍ଧ ହେବ କରୋନା ଔଷଧ

## ତାଲିକା ଘୋଷଣା କଲା ଜିଲା ପ୍ରଶାସନ

**ଯାଜପୁର ଟାଉନ,୨୭।୪(ଡି.ଏନ.ଏ.)**

କରୋନା ଚିକିତ୍ସା ପାଇଁ ବିଶେଷ ଉପଯୋଗୀ ରେମ୍‌ଡେସିଭର୍ ଇଞ୍ଜେକଶନ ଏବଂ ଫାଭିଫିରାଭିର ଟାବଲେଟ ବିକ୍ରୟ ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ଡ୍ରଗ୍ସ ଷ୍ଟୋର ବା ଔଷଧ ଦୋକାନକୁ ଅନୁମତି ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଡ୍ରଗ୍ସ କଣ୍ଟ୍ରୋଲର ନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ସୂଚନା ମୁତାବକ ଯାଜପୁର ଟାଉନର ଧବଳେଶ୍ୱର ମେଡିକାଲ ଷ୍ଟୋର, ଲଳିତେଶ୍ୱର ମେଡିସିନ ଷ୍ଟୋର, ବିଞ୍ଝାରପୁର ବ୍ଲକ ସିଂହପୁରର ଲିଟୁ ମେଡିସିନ ଷ୍ଟୋର, ପାଣିକୋଇଲିର ତାରିଣୀ ମେଡିକାଲ ଷ୍ଟୋର, ଯାଜପୁର ରୋଡ୍‌ର ଏସ୍‌ବିଆଇ ମୁଖ୍ୟ ଶାଖା ନିକଟସ୍ଥ ଅନିମା ମେଡିସିନ୍‌ସ ଓ ସ୍ଥାନୀୟ କଳ୍ପନା ମେଡିସିନ ଷ୍ଟୋର, କୁଆଖିଆର ବରାଂଶ ଅଞ୍ଚଳରେ ଥିବା ରାଜେଶ ମେଡିକାଲସ ଷ୍ଟୋର, ବରୀ ବ୍ଲକର ରମ୍ଭା ମୌଜାରେ ଥିବା କ୍ରିଷ୍ଣା ମେଡିସିନ ଷ୍ଟୋର, ଜାରକାର ଶତପଥୀ ମେଡିକାଲ ଷ୍ଟୋର, ଚଣ୍ଡିଖୋଲର ରୁକ୍ମଣି ମେଡିସିନ ଷ୍ଟୋର, ସୁକିନ୍ଦା ବ୍ଲକ ଡୁବୁରୀର କର ମେଡିକାଲ ଷ୍ଟୋର ଏବଂ ଦଶରଥପୁରର ଲୁଟୁ ମେଡିକାଲ ଷ୍ଟୋରରେ ଏହି ଔଷଧ ଉପଲବ୍ଧ ହେବ ବୋଲି ଜିଲା ପ୍ରଶାସନ ଏବଂ ଯାଜପୁର ଜିଲା ଡ୍ରଗ୍ସ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ତେବେ କୌଣସି ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପସନରେ ଏହା ପ୍ରଦାନ କରାଯିବ ନାହିଁ। କେବଳ ରୋଗୀ ବା ତାଙ୍କ ସମ୍ପର୍କୀୟ ନିଜର ପରିଚୟ ପ୍ରଦାନ କରି ଔଷଧ ନେଇ ପାରିବେ। ସେହିପରି ରୋଗୀ କିମ୍ବା ତାଙ୍କ ପ୍ରତିନିଧି ନିଜର ପରିଚୟ ପତ୍ରର ପ୍ରମାଣପତ୍ର ପ୍ରଦର୍ଶନ କରିବା ବାଧ୍ୟତାମୂଳକ। ଏଥି ସହିତ ନିଜର ଆବାସିକ ପ୍ରମାଣପତ୍ର, ଯୋଗାଯୋଗ ଠିକଣା ଦୋକାନୀଙ୍କ ପାଖରେ ରହିବା ଆବଶ୍ୟକ। ରେମ୍‌ଡେସିଭର୍ ଇଞ୍ଜେକସନ ପ୍ରଦାନ କ୍ଷେତ୍ରରେ କର୍ତ୍ତୃପକ୍ଷ କଡ଼ା ନିୟମ ଜାରି କରିଛନ୍ତି। ଏହା କେବଳ ଚିକିତ୍ସା ପାଇଁ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପ୍ରେସ୍‌କ୍ରିପସନରେ ଥିବା ପରିମାଣ ଅନୁଯାୟୀ ପ୍ରଦାନ କରାଯିବ। ଅନ୍ୟଥା ଏହାକୁ କେହି ନେଇ ଘରେ ମହଜୁଦ ରଖିପାରିବେ ନାହିଁ ବୋଲି କୁହାଯାଇଛି। ସମସ୍ତ ଔଷଧ ଦୋକାନ ଗୁଡ଼ିକ ନିଜର କ୍ରୟ ଏବଂ ବିକ୍ରୟର ସବିଶେଷ ବିବରଣୀ ସ୍ଥାନୀୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତି ସପ୍ତାହରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ରାସ୍ତା ଅବରୋଧ



ଛାତ୍ରମାନେ ରାସ୍ତା ଅବରୋଧ କରିଛନ୍ତି।

**କଳିଙ୍ଗନଗର,୨୭।୪(ଡି.ଏନ.ଏ.)**

ବ୍ୟାସନଗର ମହାବିଦ୍ୟାଳୟ ସମେତ ଅନ୍ୟ ୫ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ ପରୀକ୍ଷା ବାତିଲ ଦାବିରେ ମଙ୍ଗଳବାର ଶତାଧିକ ଛାତ୍ର ସ୍ଥାନୀୟ ଗୋପବନ୍ଧୁ ଛକରେ ନାରାବାଜି କରିବା ସହିତ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ କହିବା ଅନୁସାରେ, କରୋନା ସଂକ୍ରମଣ ଯୋଗୁ ମାତ୍ରାଧିକ ସମୟ ମହାବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଛି। ମାତ୍ର କିଛି ଦିନ ତଳେ ରାଜ୍ୟ ସରକାର ଯୁକ୍ତ ୨ ଦ୍ୱିତୀୟ ବର୍ଷ ପରୀକ୍ଷାକୁ ଅଫଲାଇନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ସାରା ରାଜ୍ୟରେ ଛାତ୍ରୀଛାତ୍ର ବିରୋଧ କରୁଥିବାରୁ ଆମ୍ଭେ ଏହାକୁ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛୁ। ଆନ୍ଦୋଳନ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଯାଜପୁର ରୋଡ୍ ଥାନାଧିକାରୀ ଅନୀଲ କୁମାର ମହାନ୍ତି ଏବଂ ସବ୍‌ଇନ୍ସପେକ୍ଟର ପବିତ୍ର ମହାରଣା ପହଞ୍ଚି ଆନ୍ଦୋଳନରତ ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଆନ୍ଦୋଳନ ଥମିଥିଲା। ଛାତ୍ରନେତାମାନେ ଥାନାଧିକାରୀଙ୍କ ଜରିଆରେ ପରୀକ୍ଷା ବାତିଲ ସମ୍ବନ୍ଧୀୟ ଏକ ଦାବିପତ୍ର ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଓଡ଼ିଶାର ପ୍ରଥମ ବାରିଷ୍ଟର, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର କର୍ଣ୍ଣଧାର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଓଡ଼ିଆ ଜାତି ପ୍ରତି ଅବଦାନ ଅବର୍ଣ୍ଣନୀୟ। ସ୍ୱାଭିମାନୀ ଓଡ଼ିଆ ଭାବେ ଦିଗବିଦିଗ ପରିଚିତ ମଧୁବାବୁ ଜଣେ ବାଗ୍ମୀ ଓ ସମାଜ ସଂସ୍କାରକ ଥିଲେ। ତାଙ୍କୁ କୁଳବୃଦ୍ଧ ବୋଲି କୁହାଯାଉଥିଲା। ସେ ଏକାଧାରାରେ ଜଣେ ଓକିଲ, ସାମ୍ବାଦିକ, ରାଜନୀତିଜ୍ଞ ଥିଲେ। ଏପ୍ରିଲ୍ ୨୮ ତାରିଖ ତାଙ୍କ ଜନ୍ମଦିନକୁ ରାଜ୍ୟରେ ଆଇନଜୀବୀ ଦିବସ ଭାବେ ପାଳନ କରାଯାଉଛି।

# ସ୍ୱାଭିମାନର ସୌଦାଗର

**ଡ. ପ୍ରଫୁଲ୍ଲ କୁମାର ସାହୁ**



କଟକସ୍ଥିତ ମଧୁସୂଦନ ସଂଗ୍ରହାଳୟ

**ସଂକ୍ଷେପରେ**

**ମଧୁସୂଦନ ଦାସ**
୧୮୪୮ ରୁ ୧୯୩୪

| | |
|---|---|
| **ଜନ୍ମ:** | ୧୮୪୮ ଏପ୍ରିଲ ୨୮, ସତ୍ୟଭାମାପୁର, ବହୁଗ୍ରାମ୍, କଟକ |
| **ପିତା:** | ଚୌଧୁରୀ ରଘୁନାଥ ଦାସ |
| ମାତା: | ପାର୍ବତୀ ଦେବୀ |
| ୧୮୫୯: | ରେଭେନ୍ସା କଲିଜିଏଟ ସ୍କୁଲ୍‌ରେ ପାଠପଢ଼ା |
| ୧୮୬୪: | ମାଟ୍ରିକ୍ ପାସ୍ |
| ୧୮୬୮: | ଏଫ୍.ଏ(ଆଇ.ଏ)ପାସ୍ |
| ୧୮୭୦: | ପ୍ରଥମ ଓଡ଼ିଆ ଗ୍ରାଜୁଏଟ ଭାବେ କଲିକତାରୁ ବିଏ ପାସ୍ |
| ୧୮୭୩: | ପ୍ରଥମ ଓଡ଼ିଆ ଭାବେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍ଏ ପାସ୍ |
| ୧୮୭୮: | ବିଏଲ୍(ଆଇନ ପାସ୍) ଓ ଓକିଲାତି ଆରମ୍ଭ |
| ୧୯୦୩: | ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା |
| ୧୯୧୩: | ବିହାର-ଓଡ଼ିଶା ବିଧାନସଭାରୁ ନିର୍ବାଚିତ |
| ୧୯୩୪: | ଫେବୃୟାରୀ ୪ ମହାପ୍ରୟାଣ |



ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ବା ମଧୁବାବୁ। ଦୁର୍ନିବାର ଶ୍ରଦ୍ଧା ଓ ସ୍ୱାଭିମାନର ଜଣେ ଦୁର୍ଦ୍ଧର୍ଷ ସୌଦାଗର। ବିଶ୍ୱ ଦରବାରରେ ଓଡ଼ିଆ ଜାତିର ପରିଚୟ ଓ ପ୍ରତିଷ୍ଠା ନିମନ୍ତେ ତ୍ୟାଗ, ସଂକଳ୍ପ ଓ ସାଧନାର ଯେଉଁ ଅନନ୍ୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି, ତାହାକୁ ଅଭିନିବେଶ ସହକାରେ ତନ୍ନ ତନ୍ନ କରି ନିରୀକ୍ଷଣ କଲେ ବିସ୍ମୟ ପ୍ଲାବିତ ଶ୍ରଦ୍ଧାରେ ପୂରିଉଠେ ଅନ୍ତରର କୋଣ ଅନୁକୋଣ। ଆଖି ଆଗରେ ନାଚିଯାଏ ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଯୋଜନାବଦ୍ଧ ଭାବରେ ବିନିଯୋଗ କରିଥିବା ଜଣେ ଛଳନାହୀନ କର୍ମଯୋଗୀର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଅଖଣ୍ଡ ସେ ବ୍ୟକ୍ତିତ୍ୱ। ଅସାଧାରଣ ସେ ନେତୃତ୍ୱ। ଉଚ୍ଚଶିକ୍ଷା ଆହରଣ କରିବାକୁ ଯାଇ ମଧୁବାବୁ ଯେତେବେଳେ କୁଳ ହରେଇ, ଧର୍ମ ହରେଇ କଲିକତା ମାଟିରେ ଏକୁଟିଆ ଲଢୁଥିଲେ, ସେତେବେଳେ ସେଠାରେ ଆରମ୍ଭ ହୋଇସାରିଥିଲା 'ୟଙ୍ଗ ବେଙ୍ଗଲ'ର ଯୁଗ। ସେଥିରେ ପ୍ରଭାବିତ ହୋଇ ସେ ଦେଖିଥିଲେ 'ୟଙ୍ଗ ଓଡ଼ିଶା'ର ସ୍ୱପ୍ନ। କଲିକତା ମହାନଗରୀର ବିଶାଳ ବକ୍ଷରେ ବୁଲି ବୁଲି ନିଜ ଜାତି ଭାଇଙ୍କୁ ଏକାଠି କରିଥିଲେ ଏବଂ ସେଠାରେ ନିର୍ଯାତିତ ନିରକ୍ଷର ଓଡ଼ିଆ ଶ୍ରମିକମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ମାଟିଆବୁରୁଜ୍ ଓ ଅନ୍ୟ କେତେକ ସ୍ଥାନରେ ପ୍ରତିଷ୍ଠା କରିଥିଲେ ନୈଶ ବିଦ୍ୟାଳୟ। ମଧୁବାବୁ ସେଠାରେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ଥିବାରୁ ତାଙ୍କ ପ୍ରତି ସେତେବେଳେ ବଙ୍ଗାଳୀମାନଙ୍କର ତୁଚ୍ଛ ତାଚ୍ଛଲ୍ୟ ସମ୍ବୋଧନ ଥିଲା 'ମଧୁଉଡେ'। ସ୍ୱାଧୀନ ଭାରତ ବର୍ଷରେ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହେବାର ଗୋଟିଏ ଶତାବ୍ଦୀ ପୂର୍ବରୁ କଲିକତା ମାଟିରେ ମଧୁବାବୁ ଆରମ୍ଭ କରିଥିବା ଏହି ସାକ୍ଷରତା ଅଭିଯାନକୁ ଭଣ୍ଡୁର କରିବାକୁ ଯାଇ ସେମାନେ କହି ବୁଲିଲେ- ଓଡ଼ିଆ ଶ୍ରମିକମାନଙ୍କୁ ଖ୍ରୀଷ୍ଟିଆନ କରିବା ପାଇଁ ଏହା ମଧୁ ଉଡେର ଚକ୍ରାନ୍ତ।

୧୮୮୧ରେ ମଧୁବାବୁ ଜ୍ଞାନ ଓ ସ୍ୱାଭିମାନର କବଚ କୁଣ୍ଡଳ ପିନ୍ଧି ଆପଣା ଭୂଇଁକୁ ଫେରି ଆସିଲେ ଓ କଟକରେ ଆରମ୍ଭ କଲେ ଆଇନ୍ ବ୍ୟବସାୟ। ମାତ୍ର ପ୍ରଥମ ଓଡ଼ିଆ ଓକିଲ ଭାବରେ ତିରସ୍କୃତ ହେବା ଥିଲା ତାଙ୍କ ପ୍ରାରମ୍ଭିକ ଭାଗ୍ୟଲିପି। ଏପରି କି ଓକିଲାତି ଆରମ୍ଭ ବେଳେ ତାଙ୍କୁ ବସିବାକୁ ଜାଗା ଦେଇ ନ ଥିଲେ ବରିଷ୍ଠ ବଙ୍ଗାଳୀ ଓକିଲମାନେ। ମାତ୍ର ଧୀରେ ଧୀରେ ଆପଣା ବିଜ୍ଞତା, ବାଗ୍ମୀତା, ବିଚକ୍ଷଣତା ଓ ସାମାଜିକ ଦାୟବଦ୍ଧତା ବଳରେ ବୃତ୍ତିରେ ସେ ସାଉଣ୍ଟିବାକୁ ଲାଗିଲେ ଆଶାତୀତ ସଫଳତା ଓ ଖ୍ୟାତି। ଏ ସମ୍ପର୍କରେ ଦୃଷ୍ଟାନ୍ତଟିଏ। ପୁରୀ ସହରର ଜନୈକ ଧନୀ ମହନ୍ତ ମକଦ୍ଦମା କରିଥିଲେ ଜଣେ ଗରିବ ଚାଷୀ ବିରୋଧରେ। ଧନ ବଳରେ ସେ ଏମିତି ଚକ୍ରବ୍ୟୂହ ରଚନା କଲେ ଯେ ଯେମିତି ଚାଷୀ ଜଣକ ସପକ୍ଷରେ ଠିଆ ହେବାକୁ ନ ଥିବେ ଜଣେ କେହି ଓକିଲ। ଯୋଜନା ଅନୁସାରେ ସବୁ ଓକିଲଙ୍କଠାରୁ ଓକଲାତ୍ ନାମାରେ ସେ ଦସ୍ତଖତ କରାଇ ନେଲେ ନିଜ ଲ' ଏଜେଣ୍ଟଙ୍କ ଜରିଆରେ। ବାକି ରହି ଯାଇଥିଲେ ଏକମାତ୍ର ନୂଆ ଓଡ଼ିଆ ଓକିଲ ମଧୁବାବୁ। ସେ ମହନ୍ତଙ୍କ ଅର୍ଥ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି ଠିଆ ହେଲେ ଗରିବ ଚାଷୀଟି ସପକ୍ଷରେ। ସବୁ ବଡ଼ ବଡ଼ ଓକିଲ ତାଙ୍କ ପାଇଁ ଲଢୁଥିବାରୁ ଏ ନୂଆ ଓଡ଼ିଆ ଓକିଲକୁ ନେଇ କିଛି ଫରକ ପଡ଼ିବନି ବୋଲି ଭାବିଥିଲେ ମହନ୍ତ। ମାତ୍ର ବିଧିର ବିଧାନ ଥିଲା ଅଲଗା। ମଧୁବାବୁଙ୍କ ବଳିଷ୍ଠ ଜମାନବନ୍ଦୀ ଓ ମୋକଦ୍ଦମା ପରିଚାଳନା କୌଶଳ ଆଗରେ ହାର୍ ମାନିଲେ ସବୁ ନାମୀଦାମୀ ଓକିଲ। ଜିତାପଟ ନେଲା ଗରିବ ଚାଷୀ। ତା'ପରଠାରୁ ଆକାଶଛୁଆଁ ହେଲା ମଧୁବାବୁଙ୍କ ସୁନାମ। ମଧୁବାବୁ ବାରିଷ୍ଟରୀ ପଢ଼ି ନ ଥିଲେ, କିନ୍ତୁ ଲୋକେ ତାଙ୍କୁ ସ୍ୱତଃ କହିବାକୁ ଲାଗିଲେ ସମ୍ମାନ ମଧୁ ବାରିଷ୍ଟର। ବାରିଷ୍ଟର ବୋଲାଇଲା ପରେ ବି ବଦଳି ନ ଥିଲା ତାଙ୍କ ଖାଦ୍ୟପେୟ ଓ ସରଳ ଜୀବନ ଯାପନ ଶୈଳୀ। ଜଣେ ଖାଣ୍ଟି ଓଡ଼ିଆ ପୁଅର ସ୍ୱଭାବ ଓ ରୁଚି ନେଇ ସେ ଖାଉଥିଲେ ବଗଡ଼ା ଚାଉଳର ଭାତ ଓ ମଦରଙ୍ଗା ଶାଗ।

ଉତ୍କଳର ପରିଚୟ ଗଠନ ଥିଲା ମଧୁବାବୁଙ୍କ ଜୀବନବ୍ୟାପୀ ସାଧନାର ଲକ୍ଷ୍ୟ। ସେହି ଲକ୍ଷ୍ୟ ହାସଲ ପାଇଁ ସେ ନିଜେ ବତି ଭଳି ଜଳି ଜଳି ଖୋଜୁଥିଲେ ଆଗକୁ ବଢ଼ିବାର ରାସ୍ତା। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଜାତିପ୍ରାଣମାନଙ୍କୁ ଏକାଠି କରି ଗଢ଼ିଥିଲେ (୧୯୦୩) ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ। ସମ୍ମିଳନୀର ମହାମନ୍ତ୍ର ଘୋଷଣା କରି ଲେଖିଥିଲେ- ''ଏଇ ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ ଡେଇଁ ପଡି ସିନ୍ଧୁ ନୀରେ।'' ସମ୍ମିଳନୀ ମଣ୍ଡପରୁ ଗାନ କରାଯାଇଥିବା ଏହି କବିତା ଥିଲା ସମଗ୍ର ଓଡ଼ିଆ ଜାତିକୁ ଏକାଠି କରିବାର ଏକ ଅଗ୍ନିମୟ ଆହ୍ୱାନ। ତା'ର ପ୍ରତିଟି ଶବ୍ଦ ଅନୁଭବସିଦ୍ଧ ସତ୍ୟତା ବିଶ୍ୱାସର ବହ୍ନିରେ ଏଭଳି ପ୍ରଜ୍ୱଳିତ ଥିଲା ଯେ ତା'ର ଯାଦୁକରୀ ମାୟାରେ ଚେଇଁ ଉଠିଥିଲା ସୁପ୍ତ ଓଡ଼ିଆ ଜାତି। ସତ୍ୟର ଜୟଗାନରେ ଜୀବନ ଯାହାର ବ୍ରତୀ, ଆତ୍ମ ତ୍ୟାଗର ଦୁର୍ଗମ ପଥରେ ଯାତ୍ରା ପାଇଁ ପ୍ରାଣ ଯା'ର ସଂକଳ୍ପବଦ୍ଧ, ସେଇ କେବଳ କବିତାରେ ପଚାରିପାରେ-''ଜାତି ନନ୍ଦିଘୋଷ ଚଳିବକି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେକିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ।'' ଓଡ଼ିଆ ସ୍ୱାଭିମାନର ଓଁକାର ଥିଲା ମଧୁବାବୁଙ୍କ ଦୁକୁଦୁକିର ପ୍ରତିନିୟତ ପ୍ରତିଧ୍ୱନି। ସେଥିପାଇଁ ଉତ୍କଳ ମାତାକୁ ପାଇବା ପାଇଁ ଅହରହ ଛଟପଟ ହେଉଥିଲା ତାଙ୍କ ଓଡ଼ିଆ ପ୍ରାଣ। ଉତ୍କଳ ମା' କହିଲେ ସେ ବୁଝିଥିଲେ ଗଂଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ବିଶାଳ ଭୂଖଣ୍ଡ, ଯେଉଁ ଭୂଖଣ୍ଡର ଲୋକେ ଜଗନ୍ନାଥ ଦାସଙ୍କ 'ଭାଗବତ' ଓ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ପଢ଼ନ୍ତି ଖୁବ୍ ଶ୍ରଦ୍ଧା ଓ ଭକ୍ତିରେ। ମଧୁବାବୁଙ୍କ ଦୃଷ୍ଟିରେ ଏହା ସାମାନ୍ୟ ଖଣ୍ଡେ ଭୂମି ନୁହେଁ, ଜନନୀ ଜନ୍ମଭୂମି। ସେହି ଜନ୍ମଭୂମିର ଚରଣ ବନ୍ଦନା ପାଇଁ ପ୍ରାଣର ବେଦନାକୁ ନିଃଶ୍ୱାସର ନୈବେଦ୍ୟ କରି ସେ ଗାଇଛନ୍ତି-''ମା' ମା' ବୋଲି କେତେ ମୁଁ ଡାକିଲି ମା'କୁ ପାଇଲି ନାହିଁ, ଭାଇ ଭାଇ ବୋଲି କେତେ ମୁଁ ଡାକିଲି ଉତ୍ତର ମିଳିଲା ନାହିଁ।''

ମଧୁବାବୁଙ୍କ ସାଙ୍ଗଠନିକ ନେତୃତ୍ୱ ଓ ଦାବି ଉପସ୍ଥାପନ କୌଶଳ ଯୋଗୁ ୧୯୦୫ରେ ମଧ୍ୟପ୍ରଦେଶ ଓ ବିହାରରୁ ଆସି ଓଡ଼ିଶାରେ ମିଶିଲା ସମ୍ବଲପୁର, କଳାହାଣ୍ଡି, ପାଟଣା, ସୋନପୁର, ବାମଣ୍ଡା, ରେଢାଖୋଲ, ଗାଙ୍ଗପୁର, ବଣେଇ ଓ ଷଢ଼େଇକଳା ଆଦି ଅଞ୍ଚଳ। ୧୯୨୮ରେ ସାଇମନ କମିଶନ ସୁପାରିସ ଜରିଆରେ ଗଠନ ହେଲା (୧୯୩୬)ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ।

ରାଜନୀତି ଥିଲା ମଧୁବାବୁଙ୍କ କର୍ମମୟ ଜୀବନର ପ୍ରମୁଖ ଅଙ୍ଗ। ମାତ୍ର ରାଜନୀତି ଅର୍ଥ ସେ ବୁଝିଥିଲେ ନିଃସ୍ୱାର୍ଥପର ସେବା ବଳରେ ଜନ ମଙ୍ଗଳ। ୧୯୨୧ରେ ବିହାର ଓଡ଼ିଶା ପ୍ରଦେଶର ମନ୍ତ୍ରୀ ଭାବରେ ସେ ଦୃଢ଼ ଭାବରେ ଦାବି କରିଥିଲେ ମନ୍ତ୍ରୀ ପଦକୁ ଅବୈତନିକ କରିବା ପାଇଁ। ଏ ଦାବି ଅଗ୍ରାହ୍ୟ ହୋଇଯିବାରୁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତୀୟ ରାଜନୀତିରେ ସୃଷ୍ଟି କଲେ ଏକ ନୂଆ ଇତିହାସ। ନେତୃତ୍ୱ ଯେଉଁଠି ଆଦର୍ଶ ହୋଇ ଦିଗ୍‌ଦର୍ଶନ ଦିଏ, ସେଠାରେ ଉତ୍ତରପିଢ଼ି ପାଇଁ ତାହା ରହିଯାଏ ଆଲୋକ ବର୍ତ୍ତିକା ହୋଇ।

କେବଳ ଓକିଲାତି ବା ରାଜନୀତି ନୁହେଁ, ସମାଜର ବିକାଶ ପାଇଁ ଅନ୍ୟ ଅନେକ କ୍ଷେତ୍ରରେ ସେ ଥିଲେ ଆଦ୍ୟ ଓ ଏକକ ଉଦ୍ୟୋକ୍ତା। ଓଡ଼ିଆ ଗଣ ଜୀବନକୁ ଭାରତ ମାନଚିତ୍ରରେ ଉଜ୍ଜ୍ୱଳ କରିବା ପାଇଁ ସେ ହିଁ ପ୍ରଥମେ ଆରମ୍ଭ କରିଥିଲେ ଗ୍ରାମ୍ୟ ଶିଳ୍ପ ଆନ୍ଦୋଳନ। ବିଶ୍ୱବ୍ୟାପୀ ଓଡ଼ିଶାର ଶିଳ୍ପ ଗୌରବ ପ୍ରଚାର ପାଇଁ ପ୍ରତିଷ୍ଠା କରିଥିଲେ ଉତ୍କଳ ଟ୍ୟାନେରି। ଶ୍ରମ ଓ ଶ୍ରମିକର ମର୍ଯ୍ୟାଦା ନିମନ୍ତେ କଟକରେ ଆରମ୍ଭ କରିଥିଲେ ଭାରତ ବିଖ୍ୟାତ ତାରକସି ଶିଳ୍ପ। ମଧୁବାବୁ ଥିଲେ ସମବାୟ ଆନ୍ଦୋଳନର ଆଦ୍ୟ ଉଦ୍ୟୋକ୍ତା। ଗାନ୍ଧିଜୀଙ୍କ ବହୁ ପୂର୍ବରୁ ସେ ଲୁଣମରା ଅଭିଯାନ ଆରମ୍ଭ କରିଥିଲେ ଓ ସମ୍ମିଳନୀ ମଣ୍ଡପରେ ବସି ସୂତା କାଟିଥିଲେ ଅରଟରେ। ହରିଜନଙ୍କ ପ୍ରତି ସେ ପୋଷଣ କରିଥିବା ଦୃଷ୍ଟିଭଙ୍ଗୀରେ ମୁଗ୍ଧ ହୋଇ ଗାନ୍ଧିଜୀ କହିଥିଲେ-''ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରି ଚାଲିଛେ, ମଧୁବାବୁ ସେ ସମ୍ପର୍କରେ ମୋର ଆଖି ଖୋଲି ଦେଇଛନ୍ତି।'' କେବଳ କଥାରେ ନୁହେଁ, ମଧୁବାବୁ ଥିଲେ ମନରେ, ପିଣ୍ଡରେ ଓ ପ୍ରାଣରେ ଓଡ଼ିଆ। ଜୀବନରେ ସେ ବିପୁଳ ଅର୍ଥ ଉପାର୍ଜନ କରିଛନ୍ତି କିନ୍ତୁ ଜାତି ପାଇଁ ସବୁ ବିନିଯୋଗ କରି ପାଲଟି ଯାଇଛନ୍ତି ନିଃସ୍ୱ। ଶେଷ ଜୀବନରେ ସେ ଶୂନ୍ୟହସ୍ତ ହୋଇ ଯାଇଥିଲେ ବି ଆତ୍ମ ସମ୍ମାନ ହରାଇ ନାହାନ୍ତି ଶେଷ ପର୍ଯ୍ୟନ୍ତ। କାରଣ ତାଙ୍କ ବ୍ୟକ୍ତିଗତ ଜୀବନ ଦର୍ଶନ ଥିଲା – 'ଆଲୋ ସଖୀ ଆପଣା ମହତ୍ ଆପେ ରଖି।'' ଅବସ୍ଥା ଚକ୍ରରେ ପଡ଼ି ମଧୁବାବୁ ଧର୍ମାନ୍ତରିତ ହୋଇଥିଲେ ସତ, କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ତାଙ୍କ ଆରାଧ୍ୟ ଦେବତା। ବ୍ରିଟିଶ୍ ସରକାରଙ୍କ ଚକ୍ରାନ୍ତରୁ ଗଜପତି ପରମ୍ପରାର ସୁରକ୍ଷା ପାଇଁ ସେ ଯେଉଁ ଅଦାଲତି ଲଢ଼େଇ ଲଢ଼ିଥିଲେ ତାହା ତାଙ୍କ ଜଗନ୍ନାଥପ୍ରାଣତାର ପ୍ରକୃଷ୍ଟ ନିଦର୍ଶନ। ଉତ୍କଳ ସମ୍ମିଳନୀଠାରୁ ଇମ୍ପିରିଆଲ କାଉନ୍ସିଲ ପର୍ଯ୍ୟନ୍ତ ସେ ସବୁଠି ଜଗନ୍ନାଥଙ୍କର ଜୟ ଜୟକାର କରିବା ସହିତ ଓଡ଼ିଆ ଜାତିକୁ ଆହ୍ୱାନ ଦେଇ ଲେଖିଛନ୍ତି- ''କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ ଡାକ ତ୍ରାହି ଜଗନ୍ନାଥ, ଅନ୍ଧାର ଘୁଞ୍ଚିବ ନିଶ୍ଚୟ ଦେଖିବ ଜାତିର ଉନ୍ନତିପଥ।''

୧୮୪୮ ଏପ୍ରିଲ ୨୮ ତାରିଖ ଅବିଭକ୍ତ କଟକ ଜିଲାର ସତ୍ୟଭାମାପୁରରେ ଜନ୍ମ ନେଇଥିବା ସେ ମହାନାୟକଙ୍କର ମହାପ୍ରୟାଣ ହେଲା ୧୯୩୪ ଫେବୃୟାରୀ ୪ ତାରିଖ ରାତିରେ। ଇତିମଧ୍ୟରେ ବିତି ଗଲାଣି ଦୀର୍ଘ ୮୬ ବର୍ଷ। ମାତ୍ର ଏଯାଏ ସ୍ନେହମୟୀ ଉତ୍କଳ ଜନନୀ ଭୁଲି ନାହିଁ ତା'ର ସର୍ବଶ୍ରେଷ୍ଠ ସନ୍ତାନକୁ ହରାଇବାର ଦୁଃଖ। ଆଜି ଏକ ଅବକ୍ଷୟମାଣ ରାଜନୈତିକ ପୃଷ୍ଠଭୂମିରେ ଏ ଜାତି ମଧୁବାବୁଙ୍କୁ ଯଥୋଚିତ ସମ୍ମାନ ଦେଇପାରିନି ସତ, ହେଲେ ପ୍ରତ୍ୟେକ ଓଡ଼ିଆପ୍ରାଣ ବ୍ୟକ୍ତିଙ୍କ ଭିତରେ ସେ ବଞ୍ଚିଛନ୍ତି ଓ ବଞ୍ଚିବେ କାଳ କାଳ ପାଇଁ। କାରଣ ତାଙ୍କ ଏକନିଷ୍ଠ ସାଧନାର ମୂଳଦୁଆ ଉପରେ ଠିଆ ହୋଇଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ-୯୪୩୮୫୫୦୮



ମଧୁସୂଦନ ସଂଗ୍ରହାଳୟରେ ସ୍ଥାନ ପାଇଥିବା ସାମଗ୍ରୀ।

## ବନ୍ଦ ହେଲା ଜନଜାତି ସଂଗ୍ରହାଳୟ, କଳାଭୂମି

**ଭୁବନେଶ୍ୱର, ୨୭।୪(ବ୍ୟୁରୋ):** କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସି ଏସ୍‌ଟି ଆର୍‌ଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ପର୍ଯ୍ୟଟକଙ୍କ ପାଇଁ ସୋମବାରଠାରୁ ବନ୍ଦ କରାଯାଇଛି। ତେବେ ସଂଗ୍ରହାଳୟକୁ ଭର୍ଚୁଆଲ ମୋଡ୍‌ରେ ପର୍ଯ୍ୟଟକମାନେ ଦେଖିପାରିବେ। ଆସନ୍ତା ରବିବାରଠାରୁ ପର୍ଯ୍ୟଟକମାନେ ଭର୍ଚୁଆଲ୍ ମୋଡ୍‌ରେ ଜନଜାତି ସଂଗ୍ରହାଳୟକୁ ଦେଖିବା ସହ ବିଭିନ୍ନ ଜନଜାତି ବର୍ଗଙ୍କ ଜୀବନଶୈଳୀ ଓ ସଂସ୍କୃତି ଉପରେ ଅବଗତ ହୋଇପାରିବେ ବୋଲି ସୂଚନା ଦିଆଯାଇଛି। ଏଥିସହ www.ostm.in ମାଧମରେ ଘରେ ବସି ମଧ ପ୍ରତିଦିନ ଜନଜାତି ସଂଗ୍ରହାଳୟ ସମ୍ପର୍କରେ ତଥ୍ୟ ପାଇପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟକୁ ମଧ ପର୍ଯ୍ୟଟଙ୍କ ପାଇଁ ବନ୍ଦ କରାଯାଇଛି। ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ କଳାଭୂମି-ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ଓ ଏଠାରେ ଥିବା ବିକ୍ରୟ କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ ରଖାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମାଟିଆ କଇଁଛ ଦେଲା ଅଣ୍ଡା

**ବାରଙ୍ଗ,୨୭।୪(ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ପ୍ରାଣୀ ଭାରତୀୟ ମାଟିଆ କଇଁଛ ଅଣ୍ଡାଦାନ କରିଛି। ଏମାନେ ସରୀସୃପ ଉଦ୍ୟାନର ୫୧ନଂ. ଏନ୍‌କ୍ଲୋଜରରେ ରହିଥିବାବେଳେ ଅଣ୍ଡା ଦେଇଥିବା କର୍ମଚାରୀମାନେ ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହି ମାଟିଆ କଇଁଛ ଏକାଥରେ ପ୍ରାୟ ୧୪ଟି ଅଣ୍ଡା ଦେଇଛି। ଏହି ଏନ୍‌କ୍ଲୋଜରରେ ୩ ଅଣ୍ଡିରା ଓ ୩ ମାଈ ମାଟିଆ କଇଁଛ ରହୁଥିଲେ।

## ବୌଦ୍ଧରୁ ଆସିଲା ଚତୁର୍ଥ ପର୍ଯ୍ୟାୟ ରଥକାଠ


ପୁରୀ ବଡ଼ଦାଣ୍ଡରେ ପହଞ୍ଚିଥିବା ରଥକାଠ।

**ପୁରୀ ଅଫିସ, ୨୭।୪**

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାବେଳେ ମଙ୍ଗଳବାର ବୌଦ୍ଧ ବନଖଣ୍ଡରୁ ଚତୁର୍ଥ ପର୍ଯ୍ୟାୟରେ ୩ଟି ରଥକାଠ ବୋଝେଇ ଟ୍ରକ ପୁରୀରେ ପହଞ୍ଚିଛି। ଚତୁର୍ଥ ପର୍ଯ୍ୟାୟରେ ୪୦ଫୁଟିଆ ଧଉରା କାଠ ୪୫ଖଣ୍ଡ ଆସିଛି। କାଠଗୁଡ଼ିକ ରଥର ଦଣ୍ଡା ଏବଂ ଗୟଳ ନିର୍ମାଣରେ ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସୋମବାର ନୟାଗଡ଼ ବନଖଣ୍ଡରୁ ତୃତୀୟ ପର୍ଯ୍ୟାୟରେ ୧୭ଟି ଧଉରା ଓ ଅସନ କାଠ ଆସିଥିଲା। ଚଳିତବର୍ଷ ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୬୯ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୯୬ ଖଣ୍ଡ କାଠର ଆବଶ୍ୟକତା ରହିଛି। ତେବେ ୭୯୬ଖଣ୍ଡରୁ ମଙ୍ଗଳବାର ସୁଦ୍ଧା ମୋଟ ୧୭୫ଖଣ୍ଡ ବର୍ତ୍ତମାନ ପୁରୀରେ ପହଞ୍ଚିଥିବା ବେଳେ ବଳକା କାଠ ପର୍ଯ୍ୟାୟ କ୍ରମେ ଆସି ପହଞ୍ଚିବ। ବୌଦ୍ଧରୁ ୧୦୦ଟି କଞ୍ଚାକାଠ ଆସିବ। ଗତ ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ଟି କାଠକୁ ପାରମ୍ପରିକ ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଅକ୍ଷୟ ତୃତୀୟା ଦିନ ୩ ରଥ ନିର୍ମାଣର ଶୁଭାରମ୍ଭ ହେବାର ବିଧି ରହିଛି। ପରମ୍ପରା ଅନୁଯାୟୀ ଶ୍ରୀରାମ ନବମୀଠାରୁ କଟକସ୍ଥିତ ଖପୁରିଆ କରତକଳରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଓଡ଼ିଶା ଡାଇଲଗ୍ ପକ୍ଷରୁ ପାଳନ ହେବ ମଧୁବାବୁଙ୍କ ଜୟନ୍ତୀ

**ଭୁବନେଶ୍ୱର,୨୭।୪:** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଓଡିଶା ଡାଇଲଗ ପକ୍ଷରୁ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ଭର୍ଚୁଆଲ ଭାବେ ଆୟୋଜନ କରାଯିବ। ଅନୁଷ୍ଠାନ ପକ୍ଷରୁ ମଧୁ ବାବୁଙ୍କ ଜୟନ୍ତୀକୁ ଏହାର ବାର୍ଷୀକ ଉତ୍ସବ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ବିଶେଷ ବକ୍ତୃତାମାଳା ଏବଂ ଗବେଷଣା ଭିତ୍ତିକ କାର୍ଯ୍ୟକ୍ରମ ମଧ ଆରମ୍ଭ କରାଯିବ। ଏହି ଅବସରରେ ମଧୁବାବୁ ସ୍ମାରକୀ ଲେକଚର କାର୍ଯ୍ୟକ୍ରମରେ ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବଂ ଗଣତନ୍ତ୍ରର ସୁରକ୍ଷା ଉପରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ଭୀମରାଓ ଲୋକୁର ବକ୍ତବ୍ୟ ରଖିବେ। କାର୍ଯ୍ୟକ୍ରମରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ପୂର୍ବତନ ପ୍ରଫେସର ପୁଲୀନ ବି. ନାୟକ ଅଧକ୍ଷତା କରିବେ। ମଧୁବାକୁ ଗବେଷଣା ବୃତ୍ତି କାର୍ଯ୍ୟକ୍ରମ ମଧ ଏହି ପରିପ୍ରେକ୍ଷୀରେ ଆରମ୍ଭ କରାଯିବ। ମଧୁବାବୁଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ଏକ ଭିଡିଓ ମଧ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ଓଡିଶା ଡାଇଲଗ ପ୍ଲାଟଫର୍ମ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବୁଦ୍ଧିଜୀବିଙ୍କ ମଧରେ ବେଶ ଆଦୃତ ହେଉଥିବା ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ରାଜେଶ ମହାପାତ୍ର କହିଛନ୍ତି।

## ମେ' ୧୫ ପର୍ଯ୍ୟନ୍ତ କାଳିଜାଈ ପୀଠରେ ଦର୍ଶନ ବନ୍ଦ



**କୃଷ୍ଣପ୍ରସାଦ,୨୭।୪(ଡି.ଏନ୍.ଏ.)**

ପୁରୀ ଜିଲା ସମେତ ରାଜ୍ୟରେ କୋଭିଡ୍ ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଯାଈ ପୀଠରେ ସର୍ବସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାରଠାରୁ ଆସନ୍ତା ମେ' ୧୫ ପର୍ଯ୍ୟନ୍ତ ଏହି କଟକଣା ଜାରି କରାଯାଇଛି। ଏନେଇ ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓ ସୂଚନା ଦେଇଛନ୍ତି। ତେବେ ଏହି ସମୟରେ ପୂର୍ବଭଳି ସୀମିତ ପୂଜକଙ୍କୁ ଦୈନନ୍ଦିନ ନୀତିକାନ୍ତି ସମ୍ପାଦନ ହେବ। ମାସ୍କ ପରିଧାନ ବାଧତାମୂଳକ କରାଯାଇଥିବା ବେଳେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ପାରିକୁଦ ଗଡ଼ କୃଷ୍ଣପ୍ରସାଦ ଘିମୁଦା ଚିଲିକା କୂଳରେ ଯାତ୍ରୀଙ୍କ ସମାଗମ ଉପରେ ଆଇଆଇସି ଦିଲୀପ କୁମାର ସ୍ୱାଇଁ କଡ଼ା ନଜର ରଖିଛନ୍ତି। କରୋନା କଟକଣା ପାଇଁ ଏହି ନିୟମକୁ ପାଳନ କରିବା ପାଇଁ ଶ୍ରଦ୍ଧାଳୁଙ୍କୁ ସେ ମଧ ଅନୁରୋଧ କରିଛନ୍ତି।

# ବାଣିଜ୍ୟ କାରବାର ଏକ ଚତୁର୍ଥାଂଶ ହ୍ରାସ

**ମୁମ୍ବାଇ,୨୭।୪**

କୋଭିଡ୍-୧୯ର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ରୋକିବା ଲାଗି ବର୍ତ୍ତମାନ ରାଜ୍ୟ ସ୍ତରରେ ଲକ୍‌ଡାଉନ ଜାରି କରାଯାଇଛି। କୋଭିଡ୍ ପୂର୍ବରୁ ଯେଉଁ ସ୍ତରରେ ବାଣିଜ୍ୟିକ କାରବାର ହୋଇଥିଲା ସେହି ତୁଳନାରେ ବର୍ତ୍ତମାନ କାରବାର ପ୍ରାୟ ଏକ ଚତୁର୍ଥାଂଶ କମିଥିବା ଜାପାନ ଭିତ୍ତିକ ବ୍ରୋକ୍‌ରେଜ ଫାର୍ମ ନୋମୁରା ପକ୍ଷରୁ ଏକ ରିପୋର୍ଟରେ ମଙ୍ଗଳବାର ପ୍ରକାଶ ପାଇଛି।

ବାଣିଜ୍ୟିକ କାରବାର କମୁଥିବାରୁ ଏହା ଭାରତର ଅର୍ଥନୀତି ଉପରେ କିଛିଟା ପ୍ରଭାବ ପକାଇପାରେ। ମାତ୍ର ଅଭିବୃଦ୍ଧି ବେଶି ପ୍ରଭାବିତ ହେବନାହିଁ ବୋଲି ଏହି ଏଜେନ୍ସି କହିଛି। ନୋମୁରା ବିଜ୍‌ନେସ ରିଜମ୍ପସନ ଇଣ୍ଡେକ୍ସ ରିପୋର୍ଟ ମୁତାବକ କାରବାର ୨୪ ପରସେଣ୍ଟେଜ ପଏଣ୍ଟ ହ୍ରାସ ହୋଇ ୭୫.୯% ସ୍ତରରେ ରହିଛି।

ରିପୋର୍ଟରେ କୁହାଯାଇଛି ଯେ, ଲକ୍‌ଡାଉନ ଯୋଗୁ ଯାନବାହନ ଚଳାଚଳ ଉପରେ ସର୍ବାଧିକ ପ୍ରଭାବ ପଡୁଛି। ସେହିଭଳି ଶକ୍ତି ଚାହିଦା, ଜିଏସ୍‌ଟି ଇ-ୱେ ବିଲ୍ ଏବଂ ରେଳ ଯୋଗେ ମାଲ ପରିବହନ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ପ୍ରଥମ ଲହର ତୁଳନାରେ ଅର୍ଥ ବ୍ୟବସ୍ଥାକୁ ବର୍ତ୍ତମାନ ଯାଏ ସେତେ ପରିମାଣର କ୍ଷତି ସହିବାକୁ ପଡିନାହିଁ। ଆଗାମୀ ଦିନରେ ଯଦି ଅଧିକ ରାଜ୍ୟ କଟକଣାକୁ ବଢ଼ାନ୍ତି ତେବେ ଏପ୍ରିଲ-ଜୁନ ତ୍ରୈମାସରେ ଜିଡିପି ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି ଏହି ଏଜେନ୍ସି ଆଶଙ୍କା ପ୍ରକଟ କରିଛି। ୨୦୨୧ ଲାଗି ଏହି ଏଜେନ୍ସି ଭାରତ ବଜାରର ଅଭିବୃଦ୍ଧି ୧୧.୫% ରହିବ ବୋଲି ଆକଳନରେ କୌଣସି ପରିବର୍ତ୍ତନ କରିନାହିଁ। ମଧ୍ୟମ ମିଆଦୀ ଭିତ୍ତିରେ ଅଭିବୃଦ୍ଧି ଅନୁମାନକୁ ଏହା ସ୍ଥିର ରଖିଛି।



## ମାସେ ଲକ୍‌ଡାଉନରେ ଜିଡିପିକୁ ୨% କ୍ଷତି

ବର୍ତ୍ତମାନ କେବଳ ରାଜ୍ୟ ଏବଂ ଆଞ୍ଚଳିକ ସ୍ତରରେ ଲକ୍‌ଡାଉନ ହେଉଥିବା ଦେଖାଯାଉଛି। ଯଦି ସାରା ଦେଶରେ ଗୋଟିଏ ମାସ ଲାଗି ଲକ୍‌ଡାଉନ ହୁଏ ତେବେ ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ରୁ ୧ରୁ ୨% ପୋଛିନେବ ବୋଲି ବ୍ୟାଙ୍କ ଅଫ୍ ଆମେରିକା ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ମହାମାରୀ ନିୟନ୍ତ୍ରଣ କରିବା ଲାଗି ଆଞ୍ଚଳିକ ଲକ୍‌ଡାଉନ ସଫଳତା ନେଇ ଏହି ରିପୋର୍ଟରେ ଆଶଙ୍କା ପ୍ରକଟ କରାଯାଇଛି। ଗତ ୩୦ ଦିନରେ ଦୈନିକ ସଂକ୍ରମଣ ୬.୫ ଗୁଣ ବଢ଼ିଛି। ବର୍ତ୍ତମାନ ସାରା ବିଶ୍ୱରେ ଭାରତର ସ୍ଥିତି ସଙ୍କଟଜନକ ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

## ସଂକ୍ଷେପରେ

### ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ତ୍ରୁଟି ରହିଛି: ମିସ୍ତ୍ରିଙ୍କ ରିଭ୍ୟୁ ପିଟିଶନ

**ନୂଆଦିଲ୍ଲୀ,୨୭।୪:** ସାଇରସ୍ ମିସ୍ତ୍ରି ଟାଟା ଗ୍ରୁପ୍ ମାମଲାରେ ସୁପ୍ରିମକୋର୍ଟ ଟାଟା ଗ୍ରୁପ୍ ସପକ୍ଷରେ ରାୟ ଦେଇଛନ୍ତି। ଏହା ବିରୋଧରେ ସାପୋରଜୀ ପାଲୋଜୀ ଗ୍ରୁପ୍ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରି ରିଭ୍ୟୁ ପିଟିଶନ ଦାୟର କରିଛନ୍ତି। ଏହି ପିଟିଶନରେ କୁହାଯାଇଛି ଯେ, ସର୍ବୋଚ୍ଚ ଅଦାଲତଙ୍କ ନିଷ୍ପତ୍ତିରେ ତ୍ରୁଟି ରହିଛି। ଏହା ଠିକ୍ ନ୍ୟାୟ ଦେବାରେ ସହାୟକ ହୋଇନାହିଁ। କମ୍ପାନୀ ଆଇନର ମୂଳ ତତ୍ତ୍ୱକୁ ଏହା ବିରୋଧାଭାସ କରିଛି। କ୍ଷୁଦ୍ର ଅଂଶୀଦାରଙ୍କ ଅଧିକାରକୁ ଏଥିରେ ଅଣଦେଖା କରାଯାଇଛି। ଉଲ୍ଲେଖଯୋଗ୍ୟ, ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସାଇରସ୍ ମିସ୍ତ୍ରି-ଟାଟା ମାମଲାର ଶୁଣାଣି କରିଥିଲେ। ଏହା ମିସ୍ତ୍ରିଙ୍କ ବିରୋଧରେ ଯାଇଥିଲା। ବର୍ତ୍ତମାନ ଏହା ଉପରେ ସେ ରିଭ୍ୟୁ ପିଟିଶନ ଫାଇଲ କରିଛନ୍ତି।

### ଇଭିସିରେ ଯାଞ୍ଚ କରିହେବ ମାସିକ ଜିଏସ୍‌ଟି ରିଟର୍ନ

**ନୂଆଦିଲ୍ଲୀ,୨୭।୪:** କୋଭିଡ୍‌କୁ ନଜରରେ ରଖି ସରକାର କ୍ଷୁଦ୍ର ବାଣିଜ୍ୟଗୁଡ଼ିକ ଲାଗି କିଛିଟା କୋହଳ ବ୍ୟବସ୍ଥା କରିଛନ୍ତି। ଏହି ବିଜ୍‌ନେସ୍‌ଗୁଡିକ ଚଳିତ ବର୍ଷ ମେ ମାସ ୩୧ ଯାଏ ସେମାନଙ୍କ ମାସିକ ଜିଏସ୍‌ଟି ରିଟର୍ନକୁ ଇଲେକ୍‌ଟ୍ରୋନିକ ଭେରିଫିକେଶନ କୋର୍ଡ(ଇଭିସି) ଦ୍ୱାରା ଯାଞ୍ଚ କରିପାରିବେ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ ଏ ସଂକ୍ରାନ୍ତ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଅକ୍ସିଜେନ ପାଇଁ ୧୦ କୋଟି ସଂଗ୍ରହ କରିବ ପେଟିଏମ୍

**ନୂଆଦିଲ୍ଲୀ,୨୭।୪:** ଅକ୍ସିଜେନ କନ୍‌ସେନ୍‌ଟ୍ରେଟ୍‌ର ଯୋଗାଣ ଲାଗି ପେମେଣ୍ଟ ପ୍ଲାଟ୍‌ଫର୍ମ ପେଟିଏମ୍ ୧୦ କୋଟି ଟଙ୍କା ସଂଗ୍ରହ କରିବ। ଅକ୍ସିଜେନ ଯୋଗାଣ ସମସ୍ୟାକୁ ଧ୍ୟାନରେ ରଖି ୩ ହଜାର ଅକ୍ସିଜେନ କନ୍‌ସେନ୍‌ଟ୍ରେଟର କମ୍ପାନୀ କ୍ରୟ କରିବ ବୋଲି କହିଛି। ଏହି ମହତ ଉଦ୍ଦେଶ୍ୟ ଲାଗି ଅର୍ଥ ଦାନ କରିବାକୁ କମ୍ପାନୀ ପକ୍ଷରୁ ଏହାର ୟୁଜରଙ୍କୁ ନିବେଦନ କରାଯାଇଛି।

# ରେନୋ ଇଣ୍ଡିଆର ଏମ୍‌ୱାଇ୨୧ ଟ୍ରାଇବର




**ଭୁବନେଶ୍ୱର,୨୭।୪:** ରେନୋ ଇଣ୍ଡିଆ ଏହାର ପ୍ରତିଶ୍ରୁତିକୁ ଦୋହରାଇବା ସହ ଟ୍ରାଇବରର ସଫଳତାକୁ ଆଉ ପାଦେ ଆଗକୁ ନେଇଛି। ରେନୋ ଇଣ୍ଡିଆ ସମ୍ପୂର୍ଣ୍ଣ ନୂଆ ରେନୋ ଟ୍ରାଇବର ଏମ୍‌ୱାଇ ୨୧କୁ ଆକର୍ଷଣୀୟ କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୫.୩ ଲକ୍ଷ ଟଙ୍କା ରହିଥିବା ବେଳେ କିଛି ସୁବିଧା ଓ ଫିଚର ପ୍ରଦାନ କରୁଛି। ଏହାକୁ କମ୍ପାନୀ ୨୦୧୯ରେ ଆରମ୍ଭ କରିଥିଲା। ରେନୋ ଟ୍ରାଇବର ହେଉଛି ସୁପର ସ୍ପେସିୟସ ଅଲ୍‌ଟ୍ରା ମଡ୍ୟୁଲାର ଭେଇକିଲ ଓ ଭାରତରେ ରେନୋ ପାଇଁ ଏହା ସ୍ୱଳ୍ପ ଉତ୍ପାଦ ଯାହାର ୭୫ ହଜାରରୁ ଊର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ରହିଛନ୍ତି। ଭାରତ ଓ ଫ୍ରାନ୍ସର ରେନୋ ଟିମ୍‌ର ମିଳିତ ଉଦ୍ୟମକ୍ରମେ ରେନୋ ଟ୍ରାଇବରକୁ ସ୍ୱତନ୍ତ୍ର ଭାବେ ଭାରତୀୟ ବଜାରକୁ ଦୃଷ୍ଟିରେ ରଖି ଏହାର ପ୍ରସ୍ତୁତ କରାଯାଇଛି। ଏହି ୪ମିଟରରୁ କମ୍ ଲମ୍ବର କାରରେ ଗ୍ରାହକମାନେ ଅନେକ ସୁବିଧା ପାଇପାରିବେ ବୋଲି ଜଣାପଡିଛି। ଏଥିରେ ପର୍ଯ୍ୟାପ୍ତ ପରିମାଣର ପାସେଞ୍ଜର ଆରାମ ପାଇଁ ସ୍ଥାନ ରହିଛି। ସେହିଭଳି ରେନୋ ଟ୍ରାଇବରରେ ରହିଛି ଷ୍ଟିୟରିଂ ହୁଇଲ ମାଙ୍ଗଟେଡ ଅଡିଓ ଓ ଫୋନ କଣ୍ଟ୍ରୋଲ ତଥା ଡ୍ରାଇଭର ସିଟ୍ ହାଇଟ ଆଡଜଷ୍ଟ ଭଳି ବୈଶିଷ୍ଟ୍ୟ, ଯାହା କାର୍‌କୁ ଅଧିକ ନମନୀୟତା ପ୍ରଦାନ କରେ। ଏହାର ଉପଯୋଗିତା ଓ ସୁଲଭତା ସବୁ ଦୃଷ୍ଟିକୋଣରୁ ଲାଭଦାୟକ। ରେନୋ ଟ୍ରାଇବର ହେଉଛି ଏହି ସେଗ୍‌ମେଣ୍ଟର ସବୁଠାରୁ ସୁଲଭ ମୂଲ୍ୟଯୁକ୍ତ ଏଏମ୍‌ଟି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା ଯାନ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୬୦୦ ଟନ୍ ମେଡିକାଲ ଅକ୍ସିଜେନ ଦେଲା ଟାଟା ଷ୍ଟିଲ୍

**ଭୁବନେଶ୍ୱର,୨୭।୪:** କୋଭିଡ୍-୧୯ ସାରା ଦେଶକୁ କବଳିତ କରି ରଖିଥିବା ବେଳେ ଟାଟା ଷ୍ଟିଲ୍ ପକ୍ଷରୁ ଏହାର କର୍ମଚାରୀ, ଅଂଶୀଦାର ଓ ଏହାର କାର୍ଯ୍ୟ କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ମେଡିକାଲ ଅକ୍ସିଜେନ ଅଭାବକୁ ଧ୍ୟାନରେ ରଖି କମ୍ପାନୀ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲକୁ ପ୍ରାୟ ୬୦୦ ଟନ୍ ତରଳ ମେଡିକାଲ ଅମ୍ଳଜାନ ଯୋଗାଇ ଦେଉଛି। ଏକ ଦାୟିତ୍ୱବାନ କର୍ପୋରେଟ୍ ଭାବେ, ଏହି ପରିସ୍ଥିତିରେ ମୁକାବିଲା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କମ୍ପାନୀ ପକ୍ଷରୁ ସମସ୍ତ କାର୍ଯ୍ୟ କ୍ଷେତ୍ରରେ ନିଜ କର୍ମଚାରୀଙ୍କ ସହିତ ସ୍ଥାନୀୟ ଲୋକମାନଙ୍କ ପ୍ରତି ଥିବା ବିପଦକୁ ହ୍ରାସ କରିବା ପାଇଁ ଟିକାକରଣ ଭଳି ବିଭିନ୍ନ ପଦକ୍ଷେପ ଓ ନିୟମକୁ ଅନୁପାଳନ କରାଯାଉଛି। ଗତ ବର୍ଷ ମହାମାରୀ ଆରମ୍ଭ ହେବା ଦିନଠାରୁ କମ୍ପାନୀ ବିଭିନ୍ନ କୋଭିଡ୍ ନିୟମ ପାଳନ କରୁଛି।

# ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ କୋଭିଡ୍ ପରିଚାଳନା



**ମୁମ୍ବାଇ,୨୭।୪ :** ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ମୁମ୍ବାଇରେ କୋଭିଡ୍ ପରିଚାଳନାରେ ବ୍ୟାପକ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। କୋଭିଡ୍ ରୋଗୀଙ୍କ ପାଇଁ ୮୭୫ ହସ୍ପିଟାଲ ଶଯ୍ୟା ପରିଚାଳନା ସହିତ କୋଭିଡ୍ ଯତ୍ନ ପାଇଁ ଯୋଗଦାନ ଜାରି ରହିଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସୂଚନା ରହିଛି। ମୁମ୍ବାଇର ୱର୍ଲିରେ ଥିବା ନ୍ୟାଶନାଲ ସ୍ପୋର୍ଟସ୍ କ୍ଲବ ଅଫ୍ ଇଣ୍ଡିଆରେ ସାର୍ ଏଚ୍‌ଏନ୍ ରିଲାଏନ୍ସ ଫାଉଣ୍ଡେଶନ ହସ୍ପିଟାଲ ଏକ ଉତ୍ସର୍ଗୀକୃତ ୬୫୦ ଶଯ୍ୟାର କୋଭିଡ୍ କେୟାର ବ୍ୟବସ୍ଥାର ପରିଚାଳନା ନେଇ ନିଷ୍ପତ୍ତି ହୋଇଛି। ରିଲାଏନ୍ସ ଫାଉଣ୍ଡେଶନ ତରଫରୁ ୧୦୦ ନୂଆ ଆଇସିୟୁ ଶଯ୍ୟା ସୃଷ୍ଟି କରାଯାଉଛି। ଲକ୍ଷଣବିହୀନ ରୋଗୀଙ୍କ ପାଇଁ ବିକେସି ସ୍ଥିତ ଟ୍ରାଇଡେଣ୍ଟ ହୋଟେଲରେ ୧୦୦ ଶଯ୍ୟା ସ୍ଥାପନ କରାଯାଇଛି। ସେହିଭଳି ସେଭେନ୍ ହିଲସ୍ ହସ୍ପିଟାଲରେ ଆଇସିୟୁ ଶଯ୍ୟା ସଂଖ୍ୟା ବୃଦ୍ଧି, ୪୫ ଆଇସିୟୁ ଶଯ୍ୟା ସମେତ ମୋଟ ସଂଖ୍ୟା ୧୨୫ ଶଯ୍ୟାକୁ ବୃଦ୍ଧି ହୋଇଛି। ଏନ୍‌ଏସ୍‌ସିଆଇ ଓ ସେଭେନ୍ ହିଲସ୍ ହସ୍ପିଟାଲରେ ସମସ୍ତ ରୋଗୀଙ୍କୁ ବିନା ମୂଲ୍ୟରେ ଚିକିତ୍ସା ପ୍ରଦାନ ବ୍ୟବସ୍ଥା ହୋଇଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଛି।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅକ୍ସିଜେନ ଯୋଗାଣ

**ଭୁବନେଶ୍ୱର,୨୭।୪:** ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍) ପକ୍ଷରୁ ଏହାର ଯାଜପୁର ପ୍ଲାଣ୍ଟରୁ ମେଡିକାଲ ଅକ୍ସିଜେନ ଯୋଗାଣ ଆରମ୍ଭ ହୋଇଛି। ଶନିବାର ଠାରୁ କମ୍ପାନୀ ଏ ଦିଗରେ ଯୋଗଦାନ ରଖିଛି। ବର୍ତ୍ତମାନ ସୁଦ୍ଧା ଦୈନିକ ଭିତ୍ତିରେ ୪୦ ଟନ୍ ତରଳ ମେଡିକାଲ ଅକ୍ସିଜେନ କମ୍ପାନୀ ଯୋଗାଇ ଦେଇଛି। ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟଗୁଡିକର ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ବିଭିନ୍ନ ମେଡିକାଲକୁ କମ୍ପାନୀ ୧୨୮ ଟନ୍ ଅକ୍ସିଜେନ ଏବେ ସୁଦ୍ଧା ଯୋଗାଇ ଦେଇଛି। ଉଭୟ ହିସାର ଏବଂ ଯାଜପୁର ପ୍ଲାଣ୍ଟରୁ ଅକ୍ସିଜେନ ଯୋଗାଣ କରାଯାଉଛି ବୋଲି କମ୍ପାନୀର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି।

## ଦିଲ୍ଲୀରେ ପହଞ୍ଚିଲା ୭୦ ଟନ୍ ଅକ୍ସିଜେନ

**ମୁମ୍ବାଇ,୨୭।୪:** ଦିଲ୍ଲୀକୁ ଯାଉଥିବା ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ ୭୦ ଟନ୍ ମେଡିକାଲ ଅକ୍ସିଜେନ ସହ ପହଞ୍ଚିଛି। ଦିଲ୍ଲୀ ସରକାରଙ୍କ ବିଭିନ୍ନ ହସ୍ପିଟାଲଗୁଡିକୁ ଏହା ପ୍ରଦାନ କରାଯିବ। ରେଳମନ୍ତ୍ରୀ ପୀୟୂଷ ଗୋୟଲ ଟୁଇଟ ଯୋଗେ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କୋଭିଡ୍ ଲଢ଼େଇରେ ରେଲୱେ ନିରନ୍ତର ଯୋଗଦାନ ରଖୁଛି। ହସ୍ପିଟାଲଗୁଡିକୁ ଅକ୍ସିଜେନ ପହଞ୍ଚାଇବା ପାଇଁ ଦିଲ୍ଲୀ ସରକାର ଟ୍ୟାଙ୍କର ବ୍ୟବସ୍ଥା କରିଛନ୍ତି।

# ୟୋନୋରେ ଭିଡିଓ କେୱାଇସି ସୁବିଧା

**ନୂଆଦିଲ୍ଲୀ,୨୭।୪:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହାର ମୋବାଇଲ ବ୍ୟାଙ୍କିଙ୍ଗ୍ ଆପ୍ଲିକେଶନ ୟୋନୋରେ ସଞ୍ଚୟ ଖାତା ଖୋଲିବା ଲାଗି ଭିଡିଓ କେୱାଇସି ସୁବିଧା ଆରମ୍ଭ ସମ୍ପର୍କରେ ଘୋଷଣା କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଫେସିଆଲ ରିକଗ୍ନିଶନ ଟେକ୍ନୋଲୋଜି ଦ୍ୱାରା ସ୍ପର୍ଶବିହୀନ ଏବଂ ପେପରବିହୀନ ଧାରାରେ ଏହା ସେବା ଲୋକଙ୍କୁ ମିଳିପାରିବ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ସୁରକ୍ଷିତ ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ ଦିଗରେ ଏଭଳି ପଦକ୍ଷେପ ସହାୟକ ହୋଇପାରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ୟୁନୋ ଡାଉନ୍‌ଲୋଡ କରି ନୂଆ ଖାତା ଖୋଲିବାକୁ ଥିଲେ ଏହି ସୁବିଧା ବେଶ୍ ଲାଭକାରୀ ହୋଇପାରିବ। ଆଧାର ତଥ୍ୟ ଏବଂ ପ୍ରମାଣନ ପରେ ବ୍ୟକ୍ତିଗତ ତଥ୍ୟ ଦେଲା ପରେ ଭିଡିଓ ଦ୍ୱାରା କେୱାଇସି ପ୍ରକ୍ରିୟା ଶେଷ ହେବ। କେୱାଇସି ସଫଳ ହେବା ପରେ ଆକାଉଣ୍ଟ ଖୋଲିବା ସହଜ ହେବ। ୟୋନୋରେ ବର୍ତ୍ତମାନ ୩୭ ନିୟୁତ ପଞ୍ଜୀକୃତ ୟୁଜର ରହିଛନ୍ତି।

# ମହାମାରୀ ଯୋଗାଣ ଚେନ୍‌କୁ ପୁନଃ ସଙ୍ଗଠିତ କରିଛି: ଗଡକରୀ

**ନୂଆଦିଲ୍ଲୀ,୨୭।୪:** ମହାମାରୀ ବିଶ୍ୱ ଯୋଗାଣ ଚେନ୍‌କୁ ପୁନଃ ସଙ୍ଗଠିତ କରିବା ଦିଗରେ କାମ କରିଛି। ବର୍ତ୍ତମାନ ବିଭିନ୍ନ ଦେଶ ଏବଂ ଶିଳ୍ପ ସମୂହ ସେମାନଙ୍କ ଯୋଗାଣ ଏବଂ ସେବାକୁ ବିସ୍ତୃତୀକରଣ ଦିଗରେ କାମ କରିଛନ୍ତି। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଲାଗି ବଡ଼ ସୁଯୋଗ ସୃଷ୍ଟି ହୋଇଛି। ବିଶ୍ୱ ଯୋଗାଣ ଚେନ୍ ସହ ଏମ୍‌ଏସ୍‌ଏମ୍‌ଇ ଏହା ଦ୍ୱାରା ଯୋଡ଼ିହେବାକୁ ସକ୍ଷମ ହେବେ। ଏଥିଲାଗି ଭାରତ ସରକାର ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ବେଦାନ୍ତର ସାଥୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ସେ କହିଲେ, ଏମ୍‌ଏସ୍‌ଏମ୍‌ଇଗୁଡ଼ିକର କ୍ଷମତା ବୃଦ୍ଧି ଉପରେ ଫୋକସ କରିବାର ସମୟ ଆସିଛି। ଡିଜାଇନ ମାନୁଫାକ୍‌ଚରିଂ ପ୍ରଡକ୍ଟ ଗୁଣବତ୍ତା ଏବଂ ସେମାନଙ୍କ ବିଜ୍‌ନେସ ବୃଦ୍ଧିକୁ ମଧ୍ୟ ନଜରରେ ରଖିବା ଆବଶ୍ୟକତା ରହିଛି। ବେଦାନ୍ତ ଭଳି କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଥିବା ସାଥୀ କାର୍ଯ୍ୟକ୍ରମ ଏହି ଦିଗରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସାଥୀ କାର୍ଯ୍ୟକ୍ରମ ଏମ୍‌ଏସ୍ ଏମ୍‌ଇ ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ ବୋଲି ବେଦାନ୍ତ ରିସୋର୍ସେସ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ କହିଛନ୍ତି।

# ବିବାଦୀୟ ପୋଷ୍ଟ ଲାଗି ଆଡମିନ ଦାୟୀ ରହିବେନି: ହାଇକୋର୍ଟ




**ନୂଆଦିଲ୍ଲୀ,୨୭।୪:** ହ୍ୱାଟ୍ସଆପ୍ ଗ୍ରୁପ୍‌ରେ କୌଣସି ସଦସ୍ୟଙ୍କ ବିବାଦୀୟ କିମ୍ବା ଆପତ୍ତିଜନକ ପୋଷ୍ଟ ଲାଗି ଆଡମିନିଷ୍ଟ୍ରେଟର ଦାୟୀ ରହିବେ ନାହିଁ। ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୩୩ ବର୍ଷ ବୟସ୍କ ଜଣେ ପୁରୁଷଙ୍କ ବିରୋଧରେ ଦାୟର ହୋଇଥିବା ମାମଲାକୁ ନ୍ୟାୟାଳୟ ଖାରଜ କରିଦେଇଥିବା ଜଣାପଡିଛି। ଗତ ମାସରେ ଏହି ମାମଲାର ରାୟ ଆସିଥିବା ବେଳେ ଏହାର କପି ଗତ ସପ୍ତାହରେ ଉପଲବ୍ଧ କରାଯାଇଛି। ଶୁଣାଣି କରିଥିବା ଏହି ଖଣ୍ଡପୀଠରେ ଜଷ୍ଟିସ ଜେଡ୍.ଏ. ହକ୍, ଏ.ବି.ବୋରକାର ରହିଥିଲେ। ଖଣ୍ଡପୀଠ କହିଛନ୍ତି, ଆଡମିନଙ୍କର ନିୟନ୍ତ୍ରଣ କିମ୍ବା ସେନ୍‌ସର କ୍ଷମତା ନାହିଁ। ସେ କେବଳ ମେମ୍ବରଙ୍କୁ ଗ୍ରୁପ୍‌ରେ ଯୋଡିବା କିମ୍ବା ବାହାର କରିବା ଭଳି କାମ କରିପାରିବେ। ଏ ସଂକ୍ରାନ୍ତ ଆବେଦନ ହ୍ୱାଟ୍ସଆପ୍ ଗ୍ରୁପ ଆଡମିନିଷ୍ଟ୍ରେଟର କିଶୋର ତରୋଣେ(୩୩)ଙ୍କ ପକ୍ଷରୁ ଦାୟର କରାଯାଇଥିଲା।


**BHUBANESWAR MUNICIPAL CORPORATION**
28339, 26.4.2021
**E-PROCUREMENT NOTICE** No.C-171
E-Mail ID-ee2@bmc.gov.in and Sethyshyamsundar@gmail.com

1. Bid reference No. : BMC-EED-II-01/2021-22 Dt.26.4.2021
2. Tender Call Notice No. : No.28339, Dt.26.04.2021
3. No. of work : 20 Nos.
4. Bid value : Rs.2,23,205/- to Rs.43,74,951/-
5. Period of completion : 30 to 120 days

Date and time schedule

| Start | End | Opening |
|---|---|---|
| 11.00 A.M. of 28.4.21 | 5 P.M. of 7.5.21 | 11.00 A.M. 10.5.21 |

6. Tender details: Can be seen for the procurement portal: **https://www.tendersodisha.gov.in**, BMC website **https://www.bmc.gov.in**.

Sd./- Executive Engineer, Div.-II, Bhubaneswar Municipal Corporation
OIPR-13002/11/0019/2122

**କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ**
ବିଜ୍ଞାପନ ସଂଖ୍ୟା: ୪୧ // ତା.୧୭.୦୪.୨୦୨୧ରିଖ
**ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ ଦ୍ୱାରା ମୁଖ୍ୟ ବଜାର ପ୍ରାଙ୍ଗଣରେ ତିଆରି ହୋଇଥିବା ୧୦ ଗୋଟି ନୂତନ ଦୋକାନ ଗୃହକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କଠାରୁ ମୁଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଅଫିସ୍ କାର୍ଯ୍ୟ ନିର୍ଘଣ୍ଟ ସମୟରେ କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ କାର୍ଯ୍ୟାଳୟରୁ ଏଥି ସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା.୨୬.୦୪.୨୦୨୧ରିଖଠାରୁ ତା.୧୦.୦୫.୨୦୨୧ରିଖ ମଧ୍ୟରେ ସଂଗ୍ରହ କରିପାରିବେ । ଆବେଦନ ପତ୍ରକୁ ସଠିକ୍ ଭାବେ ପୂରଣ କରି ଆବଶ୍ୟକୀୟ କାଗଜପତ୍ର ସହ ତା.୧୨.୦୫.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ । ଦରଖାସ୍ତଗୁଡ଼ିକ ତା.୧୩.୦୫.୨୦୨୧ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ସବିଶେଷ ତଥ୍ୟ ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ କନ୍ଧମାଳ ନିୟନ୍ତ୍ରିତ ବଜାର କମିଟି, ଫୁଲବାଣୀ କାର୍ଯ୍ୟାଳୟରେ ମିଳିପାରିବ ।
ସ୍ୱା./- ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କନ୍ଧମାଳ

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-191 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.1801 Dt.27.04.2021
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Procurement of Stainless steel Combo Dining Table & Chair for SSD Schools/Hostels under I.T.D.A., Koraput".
Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only
OIPR-14073/11/0003/2122 MANAGING DIRECTOR

See Career Appointment on every Wednesday & Saturday

**OFFICE OF THE MUNICIPAL COUNCIL, SUBARNAPUR**
No. 1521 Dt.27.04.2021
**QUOTATION CALL NOTICE**
No. C-170: Sealed quotations are invited in prescribed proforma from the reputed ISI Certified Firms/Manufacturers/Authorised Dealers having GST Clearance Certificate, PAN No., Sales Tax. The quotationer shall have to quote the price item of their respecitve company for supply and installation of **Voltas Water Cooler 150/150 FSS** in Subarnapur Municipality for the year 2021-22. The rate quoted documents should be submitted to the undersigned on or before **05.05.2021 at 1.00 P.M.** and the same will be opened on **Dt.06.05.2021 at 9.00 A.M.** in presence of quotationers or their authorised representatives. Beyond the date no quotation shall be entertained. The quotation paper with terms and conditions is available in district website of Subarnapur i.e. **www.subarnapur.nic.in** w.e.f. 28.04.2021 to 05.05.2021 at 1.00 P.M. The quotationer shall have to deposit Rs.5000/- (Rupees five thousand) only towards SD Money in shape of D.D. in favour of Executive Officer, Subarnapur Municipality payable at Sonepur Nationalized Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.
Sd./- Executive Officer, Subarnapur Municipality
OIPR-13151/11/0002/2122

GOVERNMENT OF ODISHA
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**WORKS DEPARTMENT**
e-mail: ceworidbankprojects@gmail.com
**"e"- PROCUREMENT NOTICE**
**1st Corrigendum to Bid Identification No. CE-W.B.P. (O) - 25/2020-21**
No. B-49: The following changes are made to the work vide BID Identification No. CE-WBP (O) - 25/2020-21.
**Modification in Critical Dates:**
- The Bids shall be received only on "Online" on or before **5.00 P.M. of Dt.28.04.2021**.
- The Bids received Online shall be opened at **11.30 hours on Dt.29.04.2021**.

**Modification in DTCN Clause No. 06 & No. 28 (iii)**
- **Bid Security/Earnest Money Deposit (EMD)**
  The bidders are required to submit along with their BID, a "BID Security Declaration" as per the Office Memorandum No. 8943 Dtd.18.03.2021 of Finance Departement, Government of Odisha in lieu of Bid Security in the format annexed.

**Additional Performance Security (as per Office Memorandum No. 4559 Dtd.05.04.2021 of Works Department, Government of Odisha)**
Additional Performance Security (APS) is being obtained from the Successful Bidder when the Bid amount is less than estimated cost put to tender to the extent of exact amount of differential cost i.e estimated cost put to tender minus the quoted amount in shape of Term Deposit Receipt pledged in favour of Divisional Officer/ Bank Guarantee in favour of the Divisional Officer from any Nationalized/Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-Mail) to the successful bidder otherwise the bid of the successful bidder shall be cancelled and the Earnest Money Deposit/Bid Security shall be forfeited. Further, proceeding for Blacklisting shall be initiated against the bidder as per amendment to Para 3.5.5 (v) of OPWD Code, Volume-I vide Works Department Office Memorandum No. 14459/W dated 20.09.2018.
In view of the above, the State Government is pleased to fix the following rate of Additional Performance Security.

| Sl. No. | Range of Difference between the estimated cost put to tender and Bid amount | Additonal Performance Security to be deposited by the successful bidder |
|---|---|---|
| i. | Below 5% | No Additional Performance Security |
| ii. | From 5% and above the below 10% | 50% of (Difference between estimated cost put to tender and Bid Amount) |
| iii. | From 10% and above | 150% of (Difference between estimated cost put to tender and Bid Amount) |

All other terms and conditions are remain unchanged.
Sd./- Chief Engineer, World Bank Project, Odisha
OIPR-34003/11/0001/2122

**OFFICE OF THE DIVISIONAL FOREST OFFICER, KARANJIA DIVISION**
AT/P.O.- KARANJIA, DIST.- MAYURBHANJ, PIN- 757 037 (ODISHA)
PHONE NO. 06796-220226, FAX- 06796-220223,
E-mail: dfokaranjia@yahoo.com
Letter No. 2653/ Dtd. 27.04.2021
**CANCELLATION OF TENDER CALL NOTICE**
No.MM-16:- This Office Tender Notice No.2286 dtd. 08.04.2021 for inviting Tender Call Notice for supply of Sal Leaf Cluster Equipment's to Karanjia Forest Division is hereby cancelled due to single bidder.
Sd./- DFO-cum-DMU Chief, Karanjia Forest Division
OIPR-08019/11/0002/2122

**SAMBALPUR MUNICIPAL CORPORATION, SAMBALPUR (ODISHA)**
E-mail id: sambalpurm.hud@nic.in, Phone No. 0663-2411012
Notice No. 4068/SMC Date: 26.04.2021
**PUBLIC NOTICE**
No. C-166: Expression of Interest (EoI) is invited from NGOs/Community based Organization/Agency/other similar organizations for Operation and Maintenance (O&M) of **Crematoria at Burla (One at Bishnumandir Para (Ward No. 04) named Baikuntha Ghat and another at P.W.D. Colony)**.
Bidders are required to submit the bid document in sealed cover must reach the undersigned on or before 03.05.2021, 1 P.M. by Speed Post/Regd. Post/Courier only. The detail terms and conditions in this regard is available in SMC website (**www.smcsambalpur.nic.in**).
Sd./- Municipal Commissioner
Sambalpur Municipal Corporation
OIPR-13122/11/0003/2122

**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
Near Jarada Bunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
Government of Odisha "e" Procurement Notice
**NATIONAL COMPETITIVE BIDDING**
Bid Identification No. EERWSSBAM- 03 /2021-22
No.O-99:- The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No. of work (Tender) | 30 Nos. |
| 3 | Estimated cost (Approximate) | From Rs.7.36 lakhs to Rs.235.85 lakhs |
| 4 | Period of completion | From 120 days to 365 days |
| 5 | Date & time of availability of bid document in the Portal. | From 04.05.2021 at 11.00 hrs. to 20.05.2021 upto 17.00 hrs. |
| 6 | Last date & time for seeking clarification | 13.05.2021 up to 17.00 hrs. |
| 7 | Dt. of opening of Bid | 21.05.2021 at 11.00 hrs. |
| 8 | Last date / time for receipt of bids in the Portal | 20.05.2021 upto 17.00 hrs. |
| 9 | Name & address of the Officer inviting tender. | Executive Engineer, RWSS Division, Near Jarada Bungalow, Berhampur-760004, Dist.- Ganjam, Odisha |

Further details can be seen from the e-procurement portal https://tendersorissa.gov.in
Superintending Engineer, RWS&S Division, Berhampur
OIPR-25035/11/0001/2122

# ଆର୍‌ସିବିର ଉତ୍କଣ୍ଠାପୂର୍ଣ୍ଣ ବିଜୟ

**ଅହମଦାବାଦ, ୨୭।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମଙ୍ଗଳବାର ଅନୁଷ୍ଠିତ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୧ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଛି। ଆରସିବି ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିବାବେଳେ ଦିଲ୍ଲୀ ୨୦ ଓଭରରେ ୪ ଉଇକେଟ ହରାଇ ୧୭୦ ରନ କରି ପାରିଥିଲା। ଶେଷ ବଲ୍‌ରୁ ବିଜୟ ପାଇଁ ଛକା ଆବଶ୍ୟକ ହେଉଥିବାବେଳେ ଅଧିନାୟକ ରିଷଭ ପନ୍ତ ଚୌକା ମାରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ଫଳରେ ଆରସିବି ୬ ମ୍ୟାଚରୁ ୫ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀ ୬ ମ୍ୟାଚରୁ ୨ୟ ପରାଜୟ ସହ ୩ୟ ସ୍ଥାନକୁ ଖସିଛି।

## ଡିଭିଲର୍ସଙ୍କ ଦ୍ରୁତ ୫୦୦୦

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଦିଲ୍ଲୀ। ଅଧିନାୟକ ବିରାଟ କୋହଲି ଓ ଦେବଦତ୍ତ ପଡିକାଲ ଆରସିବି ପାଇଁ ଭଲ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଓପନିଂ ଯୋଡ଼ିରେ ୨୪ ବଲ୍‌ରୁ ୩୦ ରନ ସଂଗ୍ରହ କରିଥିଲେ। ମାତ୍ର ସମାନ ରନ୍‌ରେ ଦୁଇ ଓପନର ଆଉଟ ହେବା ଆରସିବିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ୪ର୍ଥ ଓଭରର ଶେଷ ବଲ୍‌ରେ କୋହଲିଙ୍କୁ ଆଭେଶ ଖାଁ ଏବଂ ୫ମ ଓଭରର ପ୍ରଥମ ବଲ୍‌ରେ ପଡିକାଲଙ୍କୁ ପ୍ୟାଭିଲିୟନ ପଠାଇ ଇଶାନ୍ତ ଶର୍ମା ଦିଲ୍ଲୀ ଶିବିରରେ ଖୁସି ଖେଳାଇ ଦେଇଥିଲେ। କୋହଲି ୧୧ ବଲ୍‌ରୁ ୧୨(୨ ଚୌକା) ଏବଂ ପଡିକାଲ ୧୪ ବଲ୍‌ରୁ ୧୭(୩ ଚୌକା) ରନ କରିପାରିଥିଲେ। ଉଭୟ ଖେଳାଳି କ୍ଲିନ୍ ବୋଲ୍ଡ ହୋଇଥିଲେ। କେବଳ ସେତିକି ନୁହେଁ ନିର୍ଭରଯୋଗ୍ୟ ଗ୍ଲେନ ମ୍ୟାକ୍ସୱେଲ ବଡ଼ ସ୍କୋର କରି ନ ପାରିବା ଆରସିବିର ଚିନ୍ତା ବଢ଼ାଇ ଦେଇଥିଲା। ସେ ୨୦ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୨୫ ରନ କରିଥିବାବେଳେ ଅମିତ ମିଶ୍ରଙ୍କ ଅଫ୍‌ଷ୍ଟମ୍ପ ବାହାରର ବଲ୍‌କୁ ମାରିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ଷ୍ଟିଭ୍ ସ୍ମିଥଙ୍କୁ କ୍ୟାଚ ଦେଇଥିଲେ। ଅମିତ ଏହାକୁ ମିଶାଇ ଆଇପିଏଲରେ ୫ ଥର ମ୍ୟାକ୍ସୱେଲଙ୍କୁ ଆଉଟ କରିଥିଲେ। ରଜତ ପଟିଦାର ଓ ଏବି ଡି'ଭିଲର୍ସ ୪ର୍ଥ ଉଇକେଟରେ ୩୮ ବଲ୍‌ରୁ ୫୪ ରନର ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ମାତ୍ର ପଟିଦାର ୨୨ ବଲ୍‌ରୁ ୨ ଛକା ସହ ୩୧ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଶର୍ଟ ଅଫ୍ ଲେନ୍ଥ ବଲ୍‌କୁ ପୁଲ୍ କରିବାକୁ ଯାଇ ଲଙ୍ଗ୍‌ଅନ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ ଦେବାରୁ ଯୋଡ଼ି ଭାଙ୍ଗିଥିଲା। ଚଳିତ ଲିଗ୍‌ରେ ୱାଶିଂଟନ ସୁନ୍ଦରଙ୍କ ବିଫଳତା ଜାରି ରହିଥିଲା। ସେ ଏଠାରେ ୯ ବଲ୍‌ରୁ ମାତ୍ର ୬ ରନ କରିଥିବାବେଳେ କାଗିସୋ ରାବାଡ଼ାଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ପୂର୍ବ ୩ ଇନିଂସରେ ସେ ଯଥାକ୍ରମେ ୧୦, ୮ ଓ ୭ ରନ କରିଥିଲେ। ସୁନ୍ଦର ଆଉଟ ହେବା ସହ ଆରସିବି ସ୍କୋର ୧୮ ଓଭର ବେଳକୁ ୧୩୯/୫ ହୋଇଥିଲା। ତେବେ ଡି'ଭିଲର୍ସ ବିସ୍ଫୋରକ ବ୍ୟାଟିଂ କରି ଡାନିଏଲ ସାମ୍ସଙ୍କ ସହ ୧୯ତମ ଓଭରରୁ ୯ ରନ ନେଇଥିବାବେଳେ ମାର୍କସ ଷ୍ଟୋଇନିସ ବୋଲିଂ କରିଥିବା ୨୦ତମ ଓଭରରୁ ୩ ଛକା ସହ ୨୩ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୨୦ ଓଭର ଶେଷରେ ୧୭୧/୫ରେ ପହଞ୍ଚାଇଥିଲେ। ଏହି ଅବସରରେ ଡି'ଭିଲର୍ସ ଅର୍ଦ୍ଧଶତକ ପୂରଣ ସହ ଆଇପିଏଲରେ ୫୦୦୦ ରନ ପୂରଣ କରିଥିଲେ। ବଲ୍ ସମ୍ମୁଖୀନ ଦୃଷ୍ଟିରୁ ଆଇପିଏଲରେ ସେ ଦ୍ରୁତ ୫୦୦୦ ରନ ସଂଗ୍ରହକାରୀ ମଧ୍ୟ ହୋଇଥିଲେ। ଏଠାରେ ୪୨ଟି ବଲ୍ ଖେଳିଥିବା ଡି'ଭିଲର୍ସ ୩ ଚୌକା ଓ ୫ ଛକା ସହାୟତାରେ ୭୫ ରନରେ ଅପରାଜିତ ରହିଥିଲେ। ସାମ୍ସ ୨ ବଲ୍‌ରୁ ମାତ୍ର ୩ ରନର ଯୋଗଦାନ ଦେଇଥିଲେ ହେଁ ଦୁହିଁଙ୍କ ଅସମାପ୍ତ ୬ଷ୍ଠ ଉଇକେଟ ଯୋଡ଼ିରେ ୧୩ ବଲ୍‌ରୁ ୩୨ ରନ ସଂଗ୍ରହ ହୋଇଥିଲା। ଦିଲ୍ଲୀ ପକ୍ଷରୁ ଇଶାନ୍ତ ଶର୍ମା, ଆଭେଶ ଖାଁ, ଅକ୍ଷର ପଟେଲ, ଅମିତ ମିଶ୍ର ଓ କାଗିସୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆରସିବି ଇନିଂସ ଶେଷ ପରେ ଧୂଳି ଝଡ଼ ଯୋଗୁ ଖେଳ କିଛି ସମୟ ବନ୍ଦ ରହିଥିଲା। ମାତ୍ର ଏଥିପାଇଁ କିଛି ଓଭର କମାଯାଇ ନ ଥିଲା।




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବି ଡି'ଭିଲର୍ସ। ଉଇକେଟ ନେବାପରେ ଉଲ୍ଲସିତ ଇଶାନ୍ତ ଶର୍ମା ଓ ଆଭେଶ ଖାଁ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୫ | ୧ | ୧୦ | +୦.୦୮୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୪ | ୧ | ୮ | +୧.୬୧୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୪ | ୨ | ୮ | +୦.୨୬୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୨ | ୩ | ୪ | −୦.୦୩୨ |
| ନାଇଟ ରାଇଡର୍ସ | ୬ | ୨ | ୪ | ୪ | −୦.୩୦୫ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | −୦.୬୦୮ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | −୦.୬୮୧ |
| ସନ୍‌ରାଇଜର୍ସ | ୫ | ୧ | ୪ | ୨ | −୦.୧୮୦ |

### ଆଇପିଏଲ୍‌ରେ ଦ୍ରୁତ ୫୦୦୦ ରନ (ବଲ୍ ଦୃଷ୍ଟିରୁ)

**ଏବି ଡି'ଭିଲର୍ସ:** ୧୬୧ ଇନିଂସ, ୩୨୮୮ ବଲ
**ଡେଭିଡ ୱାର୍ନର:** ୧୩୫ ଇନିଂସ, ୩୫୫୪ ବଲ
**ସୁରେଶ ରାଇନା:** ୧୭୩ ଇନିଂସ, ୩୬୨୦ ବଲ
**ରୋହିତ ଶର୍ମା:** ୧୮୮ ଇନିଂସ: ୩୮୧୭ ବଲ
**ବିରାଟ କୋହଲି:** ୧୫୭ ଇନିଂସ: ୩୮୨୭ ବଲ
**ଶିଖର ଧାୱନ:** ୧୬୮ ଇନିଂସ, ୩୯୫୬ ବଲ

## ରୋମାଞ୍ଚକ ପରିସମାପ୍ତି

୧୭୨ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଦିଲ୍ଲୀ ଓପନିଂ ଯୋଡ଼ିରେ ୧୫ ବଲ୍‌ରୁ ୨୩ ରନ ସଂଗ୍ରହ କରିବାପରେ ଇନ୍ ଫର୍ମ ବ୍ୟାଟ୍ସମ୍ୟାନ ଶିଖର ଧାୱନଙ୍କ ଉଇକେଟ ହରାଇଥିଲା। ପରେ ଷ୍ଟିଭ୍ ସ୍ମିଥ୍ ଆଉଟ ହେବାରୁ ୩.୩ ଓଭର ବେଳକୁ ସ୍କୋର ୨୮/୨ ହୋଇ ଯାଇଥିଲା। ଧାୱନ ୬ ଓ ସ୍ମିଥ ୪ ରନ କରିଥିଲେ। ସେଟ୍ ହୋଇ ଆସୁଥିବା ପୃଥ୍ୱୀ ଶ' ୧୮ ବଲ୍‌ରୁ ୩ ଚୌକା ସହାୟତାରେ ୨୧ ରନ କରିଥିବାବେଳେ ହର୍ଶଲ ପଟେଲଙ୍କ ବଲ୍‌ରେ ଡି'ଭିଲର୍ସଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ରିଷଭ ପନ୍ତ ଓ ମାର୍କସ ଷ୍ଟୋଇନିସ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସଜାଡ଼ିଥିଲେ। ୪ର୍ଥ ଉଇକେଟରେ ୩୪ ବଲ୍‌ରୁ ୪୫ ରନ ଯୋଗ ହେବାପରେ ଷ୍ଟୋଇନିସଙ୍କୁ ଡି'ଭିଲର୍ସଙ୍କ ହାତରେ କ୍ୟାଚ କରାଇ ହର୍ଶଲ ଯୋଡ଼ି ଭାଙ୍ଗିଥିଲେ। ୧୭ ବଲ୍‌ରୁ ୩ ଚୌକା ସହାୟତାରେ ଷ୍ଟୋଇନିସ ୨୨ ରନ କରିଥିଲେ। ଶେଷ ଭାଗରେ ପନ୍ତ ଓ ଶିମରନ ହେଟମେର ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୪ ରନ ଆବଶ୍ୟକ ହେଉଥିବାବେଳେ ୫ ବଲ୍‌ରୁ ଦୁହେଁ ୮ ରନ ସଂଗ୍ରହ କରିଥିଲେ। ଶେଷ ବଲ୍‌ରୁ ଛକା ଆବଶ୍ୟକ ହେଉଥିବାବେଳେ ପନ୍ତଙ୍କ ଶଟ୍ ଚୌକାରେ ସୀମିତ ରହିଥିଲା। ଫଳରେ ଆରସିବି ୧ ରନରେ ମ୍ୟାଚ ଜିତି ଯାଇଥିଲା। ପନ୍ତ ୪୮ ବଲ୍‌ରୁ ୫୮(୬ ଚୌକା) ଓ ହେଟମେର ୨୫ ବଲ୍‌ରୁ ୫୩(୨ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ। ଆରସିବି ପକ୍ଷରୁ ହର୍ଶଲ ପଟେଲ ୨ଟି ଏବଂ ମହମ୍ମଦ ସିରାଜ ଓ କାଏଲ ଜେମିସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୭୧/୫ (ଏବି ଡି'ଭିଲର୍ସ-୭୫*, ରଜତ ପଟିଦାର-୩୧, ଗ୍ଲେନ ମ୍ୟାକ୍ସୱେଲ-୨୫, ଆଭେଶ ଖାଁ-୧/୨୪, ଅମିତ ମିଶ୍ର-୧/୨୭, ଅକ୍ଷର ପଟେଲ-୧/୩୩, ଇଶାନ୍ତ ଶର୍ମା-୧/୨୬, କାଗିସୋ ରାବାଡ଼ା-୧/୩୮) ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୦/୪ (ରିଷଭ ପନ୍ତ-୫୮*, ଶିମରନ ହେଟମେର-୫୩*, ହର୍ଶଲ ପଟେଲ-୨/୩୭, ମହମ୍ମଦ ସିରାଜ-୧/୪୪, କାଏଲ ଜେମିସନ-୧/୩୨)।

# ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେନି ଲିପେର

**ମୋନାକୋ,୨୭।୪(ଏପି)**

ଆମେରିକୀୟ ପାରା ଅଲିମ୍ପିକ ଧାବକ ବ୍ଲାକ ଲିପେରଙ୍କୁ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି। ଏ ନେଇ ସେ ଆବେଦନ କରିଥିଲେ। ତେବେ ତାଙ୍କ ଆବେଦନକୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପ୍ରତ୍ୟାଖ୍ୟାନ କରିଛି। ତାଙ୍କର ଦୁଇଟି ନକଲି ବା କୃତ୍ରିମ ଗୋଡ ଅସାଧାରଣ ଭାବେ ଲମ୍ବା ରହିଛି। ତେଣୁ ସେ ଅନ୍ୟ ପ୍ରତିଯୋଗୀଙ୍କଠାରୁ ଅପେକ୍ଷାକୃତ ସୁବିଧା ହାସଲ କରିବାର ସମ୍ଭାବନା ଥିବାରୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ତାଙ୍କ ଆବେଦନକୁ ଗ୍ରହଣ କରିନାହିଁ।

ଲିପେର ଅସାଧାରଣ ଭାବେ ଡେଙ୍ଗା ଧାବକ ଭାବେ ଦୌଡୁଛନ୍ତି ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସ ମେକାନିକାଲ ଏଡ୍ସ ରିଭ୍ୟୁ ପ୍ୟାନେଲ ସୋମବାର ସ୍ପଷ୍ଟ କରିଛି। ଲିପର ତାଙ୍କ ଷ୍ଟାଣ୍ଡିଂ ଉଚ୍ଚତା ୧୮୪ ସେଣ୍ଟିମିଟରରେ ଦୌଡ଼ିବେ ବୋଲି ଆବେଦନ କରିଥିଲେ। ତେବେ ନିୟମ ଅନୁସାରେ ସେ ୧୭୪.୪ ସେଣ୍ଟିମିଟରରୁ ଅଧିକ ଉଚ୍ଚତାରେ ଦୌଡ଼ିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଆଣ୍ଠୁ ତଳକୁ ବିନା ଗୋଡରେ ଲିପେର ଜନ୍ମଗ୍ରହଣ କରିଥିଲେ। ତେଣୁ ସେ କୃତ୍ରିମ ଗୋଡ ନେଇ ୱାର୍ଲ୍ଡ ଆଥ୍‌ଲେଟିକ୍ସର ମେଜର ଇଭେଣ୍ଟ ଓ ଅଲିମ୍ପିକ୍ସରେ ଅଂଗ୍ରହଣ କରିପାରିବେ ନାହିଁ ବୋଲି କୁହାଯାଇଛି।

ଦକ୍ଷିଣ ଆଫ୍ରିକା ପାରା ଆଥ୍‌ଲେଟ ଓସ୍କାର ପିଷ୍ଟୋରିୟସଙ୍କ ମାମଲା ମଧ୍ୟ ସମାନ ଥିଲା। ତାଙ୍କ କୃତ୍ରିମ ଗୋଡ ଅନ୍ୟମାନଙ୍କ ତୁଳନାରେ ତାଙ୍କୁ ସୁବିଧା ପହଞ୍ଚାଉ ନ ଥିବା ନେଇ କୋର୍ଟ ଅଫ୍ ଅର୍ବିଟ୍ରେସନ ଫର ସ୍ପୋର୍ଟ୍ସ (କାସ) ହୃଦୟଙ୍ଗମ କରିଥିଲା। ଫଳରେ ତାଙ୍କୁ ବଡ଼ ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ଦେଇଥିଲା। ପିଷ୍ଟୋରିୟସ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାଗ ନେଇଥିଲେ ଓ ୪୦୦ ମି. ଦୌଡ଼ର ସେମିଫାଇନାଲରେ ପ୍ରବେଶ କରିଥିଲେ। ପାରାଅଲିମ୍ପିକ୍ସରେ ଲିପେର ପିଷ୍ଟୋରିୟସଙ୍କ ପଛରେ ରହି ୪୦୦ମି.ରେ ରୌପ୍ୟ ପଦକ ହାସଲ କରିଥିଲେ।



ବ୍ଲାକ ଲିପେର

# ନଟରାଜନଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ, ୨୭।୪ (ପି.ଟି.):** ଭାରତର ୟର୍କର ସେନ୍‌ସେସନ ଟି. ନଟରାଜନଙ୍କ ଆଣ୍ଠୁରେ ମଙ୍ଗଳବାର ସଫଳ ଅସ୍ତ୍ରୋପଚାର ହୋଇଛି। ଚଳିତବର୍ଷ ପ୍ରଥମ ଭାଗରେ ଅଷ୍ଟ୍ରେଲିଆ ଟୁର୍ ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଚଳିତ ଆଇପିଏଲ-୧୪ ସିଜନରେ ନଟରାଜନ ତାଙ୍କ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ମାତ୍ର ୨ଟି ଗେମ୍ ଖେଳି ସାରିବା ପରେ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ଅସ୍ତ୍ରୋପଚାର ଅପରିହାର୍ଯ୍ୟ ହୋଇପଡ଼ିଥିଲା। ୩୦ବର୍ଷୀୟ ଏହି ପେସ୍ ବୋଲର ତାଙ୍କର ଦେଖାଚାହାଁ କରୁଥିବା ବିସିସିଆଇ ଓ ମେଡିକାଲ ଟିମ୍‌କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅଷ୍ଟ୍ରେଲିଆ ଟୁର୍‌ରୁ ଫେରିବା ପରେ ନଟରାଜନ ରିହାବିଲିଟେଶନ ପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ ଯାଇଥିଲେ। ମ୍ୟାଚ ପାଇଁ ଶତ ପ୍ରତିଶତ ପ୍ରସ୍ତୁତ ନ ଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ତାଙ୍କୁ ଫିଟ୍ ଘୋଷଣା କରାଯାଇଥିବା କୁହାଯାଉଛି। ଗତ ଆଇପିଏଲ୍ ବେଳେ ଡେଥ୍ ଓଭରରେ ଚମତ୍କାର ୟର୍କର ବୋଲିଂ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ପରେ ସେ ଅଷ୍ଟ୍ରେଲିଆ ବିପକ୍ଷ ସମସ୍ତ ୩ଟି ଫର୍ମାଟରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଅଷ୍ଟ୍ରେଲିଆରୁ ଭାରତ ଫେରିବା ପରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ବିଷୟ ସେ ସାଧାରଣରେ ପ୍ରକାଶ କରି ନ ଥିଲେ।



ଟି. ନଟରାଜନ

# 'ଶୁଟର ଦିଦି'ଙ୍କ ପରଲୋକ



ଚାନ୍ଦ୍ରୋ ତୋମାର

**ନୂଆଦିଲ୍ଲୀ, ୨୭।୪ (ପି.ଟି.):** କରୋନା ସଂକ୍ରମିତ ବୟୋଜ୍ୟେଷ୍ଠ ଶୁଟର ଚାନ୍ଦ୍ରୋ ତୋମାରଙ୍କ ସ୍ଥାନୀୟ ଏକ ହସ୍ପିଟାଲରେ ପରଲୋକ ଘଟିଛି। ଉତ୍ତରପ୍ରଦେଶ ରାଜ୍ୟର ବାଗ୍‌ପାତ ବାସିନ୍ଦା ୮୯ ବର୍ଷୀୟା ଏହି ଶୁଟର 'ଶୁଟର ଦିଦି' ଭାବେ ପରିଚିତ ଥିଲେ। ଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ। ସେଠାରେ କୋଭିଡ୍ ଟେଷ୍ଟରେ ତାଙ୍କର ପଜିଟିଭ ଆସିଥିଲା। ଚାନ୍ଦ୍ରୋ ୬୦ ବର୍ଷ ବୟସ ଅତିକ୍ରମ କରିବା ପରେ ବନ୍ଧୁକ ଚାଳନା ଶିକ୍ଷା ଲାଭ କରିଥିଲେ। ସେ ବହୁ ଜାତୀୟ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ। ତାଙ୍କ ଜୀବନୀକୁ ନେଇ ଏକ ବଲିଉଡ୍ ଚଳଚ୍ଚିତ୍ର ନିର୍ମିତ ହୋଇଛି। ସେ ବିଶ୍ୱର ସବୁଠାରୁ ବୟସ୍କା ମହିଳା ଶାର୍ପଶୁଟର ଥିଲେ।

# କରୋନାରେ ହକି ଅମ୍ପାୟର ମ୍ୟାନେଜରଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୭।୪ (ପି.ଟି.)**

ଭାରତୀୟ ହକି ଅମ୍ପାୟର ମ୍ୟାନେଜର ବୀରେନ୍ଦ୍ର ସିଂଙ୍କର କରୋନାରେ ମୃତ୍ୟୁ ଘଟିଛି। ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ଉତ୍ତର ପ୍ରଦେଶ ଅନ୍ତର୍ଗତ ମିରଟରେ ତାଙ୍କର ଦେହାନ୍ତ ଘଟିଛି। ବୀରେନ୍ଦ୍ର ବହୁ ସଂଖ୍ୟାରେ ସର୍ବଭାରତୀୟ ଟୁର୍ନାମେଣ୍ଟ ଓ ଜାତୀୟ ଚାମ୍ପିୟନଶିପ୍ ପରିଚାଳନା କରିଛନ୍ତି। ଅମ୍ପାୟରଙ୍କ ମ୍ୟାନେଜର ଭାବେ ମ୍ୟାଚଗୁଡ଼ିକ ଲାଗି ସେ ଶ୍ରେଷ୍ଠ ସମ୍ଭାବ୍ୟ ଅମ୍ପାୟର ବାଛିବା ଦାୟିତ୍ୱ ନିର୍ବାହ କରିଛନ୍ତି। ନିକଟରେ ଅନୁଷ୍ଠିତ ୫୬ତମ ସର୍ବଭାରତୀୟ ବୀର ସିଂ ଜୁ ଦେବ ମେମୋରିଆଲ ଟୁର୍ନାମେଣ୍ଟ ଓ ୫ମ ସର୍ବଭାରତୀୟ ରାଜମାତା ବିଜୟରାଜେ ସିନ୍ଧିଆ ମହିଳା ଟୁର୍ନାମେଣ୍ଟରେ ସେ ଅମ୍ପାୟରଙ୍କ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇଥିଲେ। ରେଲୱେରେ କାର୍ଯ୍ୟରତ ସତ୍ତ୍ୱେ ସେ ୨୦୧୯ରେ ବାଙ୍ଗାଲୋର କପ୍ ଆମନ୍ତ୍ରଣୀୟ ସର୍ବଭାରତୀୟ ହକି ଟୁର୍ନାମେଣ୍ଟ, ଉତ୍ତରାଖଣ୍ଡର ହରିଦ୍ୱାରରେ ସର୍ବଭାରତୀୟ ସ୍ୱାମୀ ଶ୍ରଦ୍ଧାନନ୍ଦ ହକି ଟୁର୍ନାମେଣ୍ଟ ସମେତ ଅନ୍ୟ କେତେକ ଇଭେଣ୍ଟରେ ସଫଳତାର ସହ ମ୍ୟାଚ ପରିଚାଳନା କରିଛନ୍ତି। ତାଙ୍କ ବିୟୋଗରେ ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ର ନିଙ୍ଗମବାମ୍ ଗଭୀର ଶୋକପ୍ରକାଶ କରିଛନ୍ତି।



ବୀରେନ୍ଦ୍ର ସିଂ

# ରିଚାର୍ଡସନଙ୍କ ସ୍ଥାନରେ ସ୍କଟ୍ କଗ୍‌ଲିନ୍

**ଅହମଦାବାଦ, ୨୭।୪ (ପି.ଟି.)**

୧୪ର ଅବଶିଷ୍ଟ ଅଂଶ ପାଇଁ କେନ୍ ରିଚାର୍ଡସନଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ପେସ୍ ବୋଲର ସ୍କଟ କଗ୍‌ଲିନ୍‌ଙ୍କୁ ଦଳରେ ସାମିଲ କରିଛି। ଦେଶରେ ଦ୍ୱିତୀୟ କୋଭିଡ୍ ଲହର ପାଇଁ ଅଷ୍ଟ୍ରେଲିଆର ରିଚାର୍ଡସନ ଓ ଆଡାମ ଜାମ୍ପା ବ୍ୟକ୍ତିଗତ କାରଣ ଦର୍ଶାଇ ଟୁର୍ନାମେଣ୍ଟ ଅଧାରୁ ସେମାନଙ୍କ ଦଳ ଛାଡ଼ି ଚାଲିଯାଇଛନ୍ତି। କଗ୍‌ଲିନ୍ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ରିଜର୍ଭ ଖେଳାଳି ଭାବେ ଆଇପିଏଲ୍ ବାୟୋ-ବବଲର ଅଂଶବିଶେଷ ଥିଲେ। ଏହାଛଡ଼ା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ୨ଟି ଆଇପିଏଲ୍ ମ୍ୟାଚ ଖେଳିଛନ୍ତି। ଅନ୍ୟପକ୍ଷରେ ଜାମ୍ପାଙ୍କ ବଦଳ ଖେଳାଳିଙ୍କ ନାମ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ୨୯ବର୍ଷୀୟ କଗ୍‌ଲିନ୍ ନ୍ୟୁଜିଲାଣ୍ଡ ତରଫରୁ ୨ ଅନ୍ତର୍ଜାତୀୟ ଦିନିକିଆ, ୧୬ ଟି୨୦ ଖେଳି ସାରିଛନ୍ତି।



ସ୍କଟ କଗ୍‌ଲିନ

# ଗୋଆ-ଅଲ୍ ରାୟାନ ମ୍ୟାଚ ଡ୍ର

**ଗୋଆ,୨୭।୪**

ଚଳିତ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଏଫ୍‌ସି ଗୋଆ ଆଉ ଏକ ମ୍ୟାଚ୍ ଡ୍ର ରଖିଛି। ଫତୋର୍ଦାସ୍ଥିତ ଜବାହରଲାଲ ନେହରୁ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା କାତାର କ୍ଲବ ଅଲ ରାୟାନ ବିପକ୍ଷ ମ୍ୟାଚ୍‌କୁ ଗୋଆ ୧-୧ ଗୋଲ ବ୍ୟବଧାନରେ ଡ୍ର ରଖିଛି। ମ୍ୟାଚର ତୃତୀୟ ମିନିଟ୍‌ରେ ଜର୍ଜ ଓର୍ଟିଜ ମେଣ୍ଡୋଜା ଗୋଲ ସ୍କୋର କରି ଗୋଆକୁ ଅଗ୍ରଣୀ କରାଇଥିଲେ। ଗୋଆ ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ରାୟାନ ତରଫରୁ ଅଲି ଫେରିଡୁନ ଅନ୍ତିମ ମୁହୂର୍ତ୍ତରେ ଅର୍ଥାତ ୮୯ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ଶେଷରେ ମ୍ୟାଚ୍ ଅମିମାଂସିତ ରହିଥିଲା। ଅଳ୍ପକେ ବିଜୟ ହାତଛଡ଼ା ହୋଇଥିବାରୁ ଗୋଆ ନିରାଶ ହୋଇଛି। ପ୍ରଥମ ଭାରତୀୟ କ୍ଲବ ଭାବେ ଗୋଆ ଏଏଫସି ଚାମ୍ପିୟନ୍ସ ଲିଗ୍‌ରେ କୌଣସି ମ୍ୟାଚ୍ ଜିତି ଇତିହାସ ସୃଷ୍ଟି କରିଥାନ୍ତା। ତେବେ ଗୋଆର ଏହି ଆଶା ଶେଷରେ ଧୂଳିସାତ୍ ହୋଇଛି। ଗୋଆ ଏବେ ତା'ର ଷଷ୍ଠ ତଥା ଅନ୍ତିମ ମ୍ୟାଚ୍ ୨୯ ତାରିଖ ଗୁରୁବାର ଅଲ ୱାହଦା ବିପକ୍ଷରେ ଖେଳିବ।

ଏଥିସହ ଗ୍ରୁପ୍ ଇ'ରେ ଗୋଆ ୫ଟି ମ୍ୟାଚ୍ ଖେଳି ୩ ଡ୍ର ଓ ୨ ପରାଜୟ ସହ ୩ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ସେହିପରି ରାୟାନ ୫ ମ୍ୟାଚ୍ ଖେଳି ୨ଡ୍ର ଓ ୩ ପରାଜୟ ସହ ୨ ପଏଣ୍ଟ ପାଇଁ ଚତୁର୍ଥ ସ୍ଥାନରେ ରହିଛି। ପେରପୋଲିସ୍ ୫ ମ୍ୟାଚ୍ ଖେଳି ୪ ବିଜୟ, ଗୋଟିଏ ଡ୍ର ସହ ୧୨ ପଏଣ୍ଟ ପାଇଁ ଟେବୁଲ ଶୀର୍ଷରେ ରହିଛି। ମ୍ୟାଚ୍‌ରେ ରାୟାନ ବଲ୍ ପଜେଶନ, ପାସ ଓ ପାସ୍ ଆକ୍ୟୁରେସିରେ ଗୋଆଠାରୁ ଯଥେଷ୍ଟ ଆଗରେ ରହିଥିଲା। ଗୋଆ ମଧ୍ୟ ଲଢୁଆ ପ୍ରଦର୍ଶନ କରିଥିଲା।



ଏଫ୍‌ସି ଗୋଆ ଓ ଅଲ ରାୟାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇ ଫେଭରାଇଟ୍

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ରିଦିମ୍‌କୁ ଫେରିଥିବା ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୩ତମ ମ୍ୟାଚ୍‌ରେ ଡେଭିଡ୍ ୱାର୍ନରଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ବୁଧବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ଫେଭରାଇଟ୍ ମନେହେଉଛି। ସଂଘର୍ଷରତ ହାଇଦ୍ରାବାଦ ଗତ ମ୍ୟାଚ୍‌ରେ ସୁପର ଓଭରରେ ଦିଲ୍ଲୀ ଡେୟାର ଡେଭିଲ୍ସଠାରୁ ପରାସ୍ତ ହୋଇ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ପ୍ରତ୍ୟାବର୍ତ୍ତନ କରିବାକୁ ହାଇଦ୍ରାବାଦ ପ୍ରୟାସ ନିଶ୍ଚିତ କରିବ।

ପ୍ରଥମ ମ୍ୟାଚ୍‌ର ପରାଜୟ ପରେ ଚେନ୍ନାଇ ପୂରା ଦମ୍‌ରେ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇ ପୂରା ଫର୍ମରେ ରହିଛି। ଚେନ୍ନାଇ ଏହି ମୁମେଣ୍ଟମ ଓ ବିଜୟଧାରା ବଜାୟ ରଖିବାକୁ ଚାହିଁବ। ପୂର୍ବରୁ ୩ଥର ଚାମ୍ପିୟନ ହୋଇଥିବା ଚେନ୍ନାଇ ଗତ ସଂସ୍କରଣରେ ନିହାତି ମାମୁଲି ପ୍ରଦର୍ଶନ କରି ଆଇପିଏଲ୍ ଇତିହାସରେ ପ୍ରଥମଥର ପାଇଁ ପ୍ଲେ ଅଫ୍‌ରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଥିଲା। ଦଳ ଏଥର ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଭଲ ପ୍ରଦର୍ଶନ କରିଛି। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ପ୍ରେରଣାଦାୟୀ ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରବିବାର ଖେଳାଯାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ସେ ଅନ୍ତିମ ଓଭରରେ ହର୍ଶଲ ପଟେଲଙ୍କୁ ନିର୍ମମ ପ୍ରହାର କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ବ୍ୟାଟିଂରେ ଦମ୍ ଦେଖାଇବା ସହ ସେ ଉଚ୍ଚକୋଟୀର ସ୍ପିନ ବୋଲିଂ କରି ୩ଟି ମୂଲ୍ୟବାନ ଉଇକେଟ ମଧ୍ୟ ଅକ୍ତିଆର କରିଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ଼ ଓ ଫାଫ୍ ଡୁପ୍ଲେସି ଫର୍ମ ଫେରିପାଇଛନ୍ତି। ସେହିପରି ମିଡ୍‌ଲ ଅର୍ଡରରେ ସୁରେଶ ରାଇନା ଓ ଅମ୍ବାତି ରାୟୁଡୁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ହାଇଦ୍ରାବାଦ ତରଫରୁ ସ୍ପିନର ରସିଦ ଖାଁ ଉଚ୍ଚକୋଟୀର ବୋଲିଂ କରୁଥିଲେ ମଧ୍ୟ ଅନ୍ୟମାନେ ସେତେଟା ପ୍ରଭାବୀ ହୋଇପାରିନାହାନ୍ତି ଓ ଏକଥା ଚେନ୍ନାଇ ବ୍ୟାଟ୍ସମ୍ୟାନ ହୃଦୟଙ୍ଗମ କରିଛନ୍ତି।

ଅନ୍ୟପଟେ ହାଇଦ୍ରାବାଦ୍ ଅଧିନାୟକ ଡେଭିଡ୍ ୱାର୍ନର, ଅଭିଜ୍ଞ କେନ୍ ୱିଲିୟମସନ, ଓପନର ଜନି ବେୟାରଷ୍ଟୋ ଓ ରସିଦଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡ଼ିଛି। ବ୍ୟାଟ୍ସମ୍ୟାନଙ୍କ ଅସ୍ଥିର ପ୍ରଦର୍ଶନ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।



ଅଭ୍ୟାସ ଅବସରରେ ଡ୍ୱେନ୍ ବ୍ରାଭୋ।

**ଆଜିର ମ୍ୟାଚ**

ଚେନ୍ନାଇ ସୁପରକିଙ୍ଗ୍ସ
**ବନାମ**
ସନ୍‌ରାଇଜର୍ସ ହାଇଦ୍ରାବାଦ



ପ୍ରସାରଣ
ସ୍ଥାନ : ଦିଲ୍ଲୀ
ସମୟ : ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ

# ରାସ୍ତା ପ୍ରଶସ୍ତୀକରଣରେ ୧.୮୫ କୋଟି ଗଛ ବଳି

ଯାଜପୁର ଅଫିସ,୨୭।୪

୨୦୧୦-୧୧ରୁ ୨୦୨୦-୨୧ ମଧ୍ୟରେ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ମାଧ୍ୟମରେ ବିଭିନ୍ନ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଓଡ଼ିଶାରେ ଉଭୟ ଜଙ୍ଗଲ ଓ ଅଣଜଙ୍ଗଲ କିସମ ଜମିରୁ ୧,୮୫,୦୦,୭୪୮ ଗଛ କଟାଯାଇଛି। ତେବେ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁଯାୟୀ ଜଙ୍ଗଲ କିସମ ଜମିରୁ କଟା ହୋଇଥିବା ଗଛ ପ୍ରତିବଦଳରେ ୧୦ ଗୁଣା ଓ ଅଣଜଙ୍ଗଲ ଜମିରେ କଟାଯାଇଥିବା ଗଛର ୨ ଗୁଣା ଗଛ ଓଏଫ୍‌ଡିସି କିମ୍ବା ଜଙ୍ଗଲ ବିଭାଗ ଦ୍ୱାରା ଲଗାଯିବ। ପ୍ରଶସ୍ତୀକରଣ କାର୍ଯ୍ୟ ସରିବା ପରେ ରାସ୍ତାକଡ଼ରେ ଗଛ ଲଗାଯାଇଥାଏ। କିନ୍ତୁ କଟା ହୋଇଥିବା ଗଛ ପ୍ରତିବଦଳରେ ଏଯାଏ ମାତ୍ର ୩୪,୧୧,୬୪୪ ସଂଖ୍ୟକ ଗଛ ଲଗାଯାଇପାରିଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ନିକଟରେ ଶେଷ ହୋଇଥିବା ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ଅର୍ଥାତ ଏହା କଟାଯାଇଥିବା ମୋଟ ଗଛ ସଂଖ୍ୟାର ମାତ୍ର ୧୮%। ଏଥିରୁ ଓଏଫ୍‌ଡିସିର ଅପାରଗତା ଜଳଜଳ ହୋଇ ଦିଶୁଛି।


ପାଣିକୋଇଲି - ରେମୁଳି ଏନ୍‌ଏଚ୍।

ମନ୍ତ୍ରୀ ଆରୁଖଙ୍କ ରିପୋର୍ଟ ଅନୁସାରେ ଜଙ୍ଗଲ କିସମ ଜମିରୁ କଟାହୋଇଥିବା ଗଛ ପ୍ରତିବଦଳରେ ଓଏଫ୍‌ଡିସି ଦ୍ୱାରା ଗତ ୧୦ ବର୍ଷରେ ୬୬.୧୭ କୋଟି ଟଙ୍କା ବ୍ୟୟରେ ୨୯,୮୩,୫୭୩ ସଂଖ୍ୟକ ଗଛ ଲଗାଯାଇଛି। ଏତଦ୍‌ବ୍ୟତୀତ ଯାଜପୁର ଜିଲା ଦେଇ ଯାଇଥିବା ପାଣିକୋଇଲି-ରେମୁଳି ଓ ରେମୁଳି-ରାଜାମୁଣ୍ଡା ଜାତୀୟ ରାଜପଥ ସମେତ ସମ୍ବଲପୁର-ବରଗଡ଼ ଏବଂ ଭୁବନେଶ୍ୱର-ପୁରୀ ରାସ୍ତା ପ୍ରଶସ୍ତୀକରଣ ଯୋଗୁ କଟାଯାଇଥିବା ଗଛ ପ୍ରତିବଦଳରେ ବନ ବିଭାଗ ଦ୍ୱାରା ୪,୨୮,୦୭୧ ସଂଖ୍ୟକ ଗଛ ଲଗାଯାଇଛି। ଏଠାରେ ପାଣିକୋଇଲି-ରେମୁଳି ଓ ରେମୁଳି-ରାଜାମୁଣ୍ଡା ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ୧୬୩ କିମି ପାଣିକୋଇଲି-ରେମୁଳି ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୫୧.୯୪ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ ଜମି ଭାବେ ଅନୁମୋଦିତ ହୋଇଥିଲା। ସେହିପରି ୧୦୬ କିମି ରେମୁଳି-ରାଜାମୁଣ୍ଡା ରାସ୍ତା ପ୍ରଶସ୍ତୀକରଣ ପାଇଁ ଜଙ୍ଗଲ ଜମି ଅଣଜଙ୍ଗଲ ଜମିରେ ପରିଣତ ହୋଇଥିଲା। ତେବେ ନିୟମ ଅନୁସାରେ ଜଙ୍ଗଲ ଜମିରେ କଟାଯାଇଥିବା ଗଛର ୧୦ ଗୁଣ ଏହି ଉଭୟ ରାସ୍ତାକଡ଼ରେ ଲାଗି ନ ଥିବା ଦେଖିବାକୁ ମିଳିଛି। କେବଳ ୨ ରାସ୍ତା ମଝିରେ କିଛି କିଛି ସ୍ଥାନରେ କନିଅର ଗଛ ଲଗାଯାଇଥିବା ଦିଶୁଛି। ଉଭୟ ପାର୍ଶ୍ୱ ରାସ୍ତାକଡ଼ ସମ୍ପୂର୍ଣ୍ଣ

- ରାସ୍ତାକଡ଼ରେ ଦିଶୁନି ନୂଆ ଗଛ
- ପ୍ରଦତ୍ତ ଅର୍ଥ ଆତ୍ମସାତ ଅଭିଯୋଗ

ଭାବେ ଖାଲି ପଡିଛି। ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଏଠାରେ ପ୍ରଦତ୍ତ ଅର୍ଥ କୁଆଡେ ଗଲା ବୋଲି ପ୍ରଶ୍ନ ଉଠୁଛି। ଏହାଛଡ଼ା ସିଙ୍ଗାଡ଼ା-ବିଞ୍ଜବାହାଲ, ବିଞ୍ଜବାହାଲ-ତିଲେଇବଣି, ବାହାଡଗୋଡ଼ା-ସିଙ୍ଗାଡା, କଟକ-ଅନୁଗୋଳ, ଅନୁଗୋଳ-ସମ୍ବଲପୁର, ବୀରମିତ୍ରପୁର-ବାରକୋଟ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ କଟାଯାଇଥିବା ଗଛ ପ୍ରତିବଦଳରେ ୧୨,୭୩,୪୬୫ ସଂଖ୍ୟକ ବୃକ୍ଷରୋପଣ କରାଯିବାର ସର୍ତ୍ତ ରଖାଯାଇଛି ବୋଲି ମନ୍ତ୍ରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ବନବିଭାଗ ରେଞ୍ଜର ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଓଏଫ୍‌ଡିସି ଜରିଆରେ ବୃକ୍ଷରୋପଣ ହୋଇଛି। ତଦନୁସାରେ ସେମାନଙ୍କ ପାଖକୁ ଅର୍ଥ ମଧ୍ୟ ଆସିଛି।

## ୪ ଦୋକାନ ସିଲ, ୨୬,୮୦୦ ଜରିମାନା ଆଦାୟ

କଟକ ଅଫିସ,୨୭।୪

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ କରୋନା କଟକଣାକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ସହରର ବିଭିନ୍ନ ସ୍ଥାନରେ ଥିବା ବ୍ୟବସାୟୀକ ପ୍ରତିଷ୍ଠାନ ସିଲ୍ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାଣୀହାଟସ୍ଥିତ ଜଗନ୍ନାଥ ମେଡିସିନ ଷ୍ଟୋର, ଆନନ୍ଦ ମେଡିକାଲ ହଲ୍, ଏସ୍‌ଏଚ୍ ଆପିଏରେଲ ଏବଂ ମଙ୍ଗଳାବାଗସ୍ଥିତ ଅରୋ ଫାର୍ମାସିଟିକାଲକୁ ସିଲ୍ କରାଯାଇଛି। ପୋଲିସ ଏବଂ ସିଏମ୍‌ସି ଅଧିକାରୀଙ୍କ ମିଳିତ ସହଯୋଗରେ ସହରର ରାଣୀହାଟ, ମଙ୍ଗଳାବାଗ, ବଜ୍ରକବାଟୀ, ରିଂରୋଡ, ପିଠାପୁର, ତେଲେଙ୍ଗାବଜାର, ବାଦାମବାଡି ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଚଢାଉ କରାଯାଇ ୨୬,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

## ସଂକ୍ଷେପରେ

### ସ୍କୁଟି ଡିକିରୁ ୨.୫ ଲକ୍ଷ ଚୋରି

**ଚୌଦ୍ୱାର, ୨୭।୪(ଡି.ଏନ.ଏ.):** ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ ବଜାରରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ସ୍କୁଟି ଡିକି ଭାଙ୍ଗି ୨.୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଦୁର୍ଗା ବଜାରରେ ଥିବା ଏକ ହାର୍ଡୱେର ଷ୍ଟୋରର କର୍ମଚାରୀ ଭବାନୀ ଶଙ୍କର ମହାରଣା ବ୍ୟାଙ୍କରେ ଅଢେଇ ଲକ୍ଷ ଟଙ୍କା ଜମା କରିବା ପାଇଁ ତାହାକୁ ସ୍କୁଟିରେ ରଖିଥିଲେ। ବ୍ୟାଙ୍କଠାରୁ କିଛି ଦୂରରେ ଥିବା ଏକ ଜଳଖିଆ ଦୋକାନ ନିକଟରେ ଗାଡି ରଖି ଜଳଖିଆ ଖାଇବାକୁ ଯାଇଥିଲେ। ପ୍ରାୟ ୨୦ ମିନିଟ୍ ପରେ ଫେରିବା ପରେ ସ୍କୁଟି ଡିକି ଖୋଲାଥିବାବେଳେ ଉକ୍ତ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଅଗ୍ନିକାଣ୍ଡ: ୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

**ଚୌଦ୍ୱାର, ୨୭।୪(ଡି.ଏନ.ଏ):** ଚୌଦ୍ୱାର ଥର୍ମାଲ ରୋଡ୍‌ରେ ଥିବା ବିଦ୍ୟୁତ୍ ଡିଷ୍ଟ୍ରିବ୍ୟୁଶନ୍ ଷ୍ଟେଶନ ପଛପଟ ଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଅଣ୍ଡର କେବୁଲ କିଛିଅଂଶ ପୋଡିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଜଣାପଡିଛି। ଅଗ୍ନିକାଣ୍ଡ ଯୋଗୁ ଚୌଦ୍ୱାର ସହରରେ ପ୍ରାୟ ୨ଘଣ୍ଟା କାଳ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

### ଜେଲ ପରିଦର୍ଶନ କଲେ ଡିଆଇଜି

**ଚୌଦ୍ୱାର,୨୭।୪(ଡି.ଏନ୍.ଏ.):** ମଙ୍ଗଳବାର ଅପରାହ୍ନରେ ଚୌଦ୍ୱାର ଜେଲ ପରିଦର୍ଶନ କରିଥିଲେ ଜେଲ୍ ଆଇଜି ହିମାଂଶୁ ଲାଲ, ହେଡ୍ ଅଫିସ ଡିଆଇଜି ଶୁଭ୍ରକାନ୍ତ ମିଶ୍ର ଓ ଡିଆଇଜି (ପ୍ରିଜନ) କୁଳମଣି ବେହେରା। ସେମାନେ ଜେଲର ବିଭିନ୍ନ କୋଠରି ତଲାସି କରିବା ସହିତ ଜେଲ ହସ୍ପିଟାଲ, ଆଇସୋଲେଶନ ଗୃହ ଓ ବିଭିନ୍ନ ସେଲ୍‌ର ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ। ଜେଲ୍ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଜେଲର ଅବିନାଶ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଜେଲ୍‌ରେ କରୋନା କଟକଣାକୁ କଡାକଡି ପାଳନ କରିବା ପାଇଁ ସେମାନେ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ।

### ନାଳରେ ବୁଡି ଜଣେ ମୃତ

**ଲହୁଣୀପଡା, ୨୭।୪ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଇକଲାପୋଷ ଗ୍ରାମରେ ମଙ୍ଗଳବାର ନାଳରେ ବୁଡିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ରାଇକଲାପୋଷ ଗ୍ରାମ ନିକଟରେ ଥିବା ନାଳକୁ ଗ୍ରାମର ତରଣୀ ସାହୁ (୫୫) ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଇବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକ ଲହୁଣୀପଡା ପୋଲିସକୁ ଖବର ଦେଇଥିଲେ । ଲହୁଣୀପଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ସେକ୍ସ ର‌୍ୟାକେଟ ଠାବ ଘଟଣା
### ଦମ୍ପତିଙ୍କ ସହ ୩ ଗ୍ରାହକ କୋର୍ଟ ଚାଲାଣ

**ସମ୍ବଲପୁର,୨୭।୪(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା ସକ୍ଷୀପଡା ନ୍ୟୁ କଲୋନୀରେ ସେକ୍ସ ର‌୍ୟାକେଟ ଠାବ ଘଟଣାରେ ପୋଲିସ ର‌୍ୟାକେଟ ଚଳାଉଥିବା ଅଭିଯୋଗରେ ପ୍ରଭାତ କୁମାର ପାଢ଼ୀ, ତାଙ୍କ ସ୍ତ୍ରୀଙ୍କ ସମେତ ୩ ଗ୍ରାହକ ବିଶ୍ୱମ୍ଭର ମହାନା, ଆଲୋକ ମହାପାତ୍ର, ଲକ୍ଷ୍ମଣ ନାୟକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୧୬୩/୨୧ରେ ମାମଲା ରୁଜୁ ହୋଇଛି। ସେହିପରି ଉଦ୍ଧାର ହୋଇଥିବା ବାଲେଶ୍ୱର ଜିଲାର ୨ ଯୁବତୀଙ୍କୁ ଡାକ୍ତରୀ ମାଇନା ପରେ ଛାଡି ଦିଆଯାଇଛି।

# ପେଡ୍ କ୍ୱାରାଣ୍ଟାଇନ ସେବା ପାଇଁ ୪ ହୋଟେଲକୁ ଅନୁମତି

ରାଉରକେଲା ଅଫିସ୍, ୨୭।୪

**ରାଉରକେଲା**

ରାଉରକେଲା ସହରରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ବିଭିନ୍ନ ହୋଟେଲରେ ପେଡ୍‌କ୍ୱାରେଣ୍ଟାଇନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ବିଶେଷକରି ବାହାରୁ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ସହାୟକ ହେବ। ଏଥିପାଇଁ ରାଉରକେଲାର ୪ଟି ହୋଟେଲକୁ ଆର୍‌ଏମ୍‌ସି ପକ୍ଷରୁ ଅନୁମତି ମିଳିଛି। ଏ ସମ୍ପର୍କରେ ସୂଚନା ଦେଇଛନ୍ତି କମିଶନର ଦିବ୍ୟଜ୍ୟୋତି ପରିଡ଼ା।

ରାଉରକେଲା ପାନପୋଷ ରୋଡ ସ୍ଥିତ ହୋଟେଲ ମେ' ଫେୟାର ଏବଂ ହୋଟେଲ ଜେ ପି ହାଇଟ୍ସ, ଗୁରୁଦ୍ୱାର ରୋଡ୍ ସ୍ଥିତ ହୋଟେଲ ଅନୁରାଗ ଏବଂ ମେନ୍ ରୋଡ୍ ଡେଲି ମାର୍କେଟ ସ୍ଥିତ ହୋଟେଲ ଗ୍ରୀନ ଆପଲ୍‌ରେ ପେଡ୍ କ୍ୱାରେଣ୍ଟାଇନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ନିର୍ଦ୍ଧାରିତ ଦେୟ ପୈଠ କରି ଲୋକେ ଏହି ସୁବିଧା ପାଇ ପାରିବେ। ଏହିସବୁ ହୋଟେଲରେ କୋଭିଡ୍ ନିୟମ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଉରକେଲା ମହାନଗର ନିଗମ ପକ୍ଷରୁ ଜାରି ହୋଇଥିବା ଏହି ହୋଟେଲ ତାଲିକାରେ ବ୍ୟକ୍ତି ପିଛା ଦୈନିକ କେତେ ଦେୟ ଦେବାକୁ ପଡ଼ିବ ତାହା ଦର୍ଶାଯାଇଛି। ପେଡ୍ କ୍ୱାରେଣ୍ଟାଇନ୍ ସେବା ନେଉଥିବା ବ୍ୟକ୍ତିଙ୍କୁ ଉପରେ ଦିଆଯାଇଥିବା ଦର ସହିତ ଜିଏସ୍‌ଟି ଏବଂ ଖାଦ୍ୟ ବାବଦରେ ଅତିରିକ୍ତ ଦେୟ ଦେବାକୁ ହେବ। ଏହାବାଦ୍ କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ମାଗଣାରେ ଆନୁଷ୍ଠାନିକ କ୍ୱାରେଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି। ତେବେ ଯେଉଁମାନେ ଚାହିଁବେ ନିର୍ଦ୍ଦିଷ୍ଟ ହୋଟେଲକୁ ଯାଇ ପେଡ୍ କ୍ୱାରେଣ୍ଟାଇନ୍ ସେବା ନେଇ ପାରିବେ। ରାଉରକେଲା ସହରର ଅନ୍ୟ ହୋଟେଲଗୁଡ଼ିକ ମଧ୍ୟ ପେଡ୍ କ୍ୱାରେଣ୍ଟାଇନ ସେବା ଆରମ୍ଭ କରିପାରିବେ। ଏଥିପାଇଁ ଆଗ୍ରହୀ ହୋଟେଲ କର୍ତ୍ତୃପକ୍ଷ ରାଉରକେଲା ମହାନଗର ନିଗମକୁ ଆବେଦନ କରିପାରିବେ ବୋଲି କୁହାଯାଇଛି ।

## କରୋନା ଭୟ: ୫ଘଣ୍ଟା ପଡ଼ିରହିଲା ବୃଦ୍ଧଙ୍କ ମୃତଦେହ

କର୍ଲାମୁଣ୍ଡା, ୨୭।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରିଞ୍ଜା ଗ୍ରାମର ବୃହସ୍ପତି ସାହୁ (୬୫) ଜଣେ ବୃଦ୍ଧଙ୍କ ମଙ୍ଗଳବାର ଅପରାହ୍ନ ୩ଟାରେ ପରଲୋକ ହୋଇଥିଲା। ତେବେ କରୋନା ଭୟରେ ସମ୍ପର୍କୀୟମାନେ ପାଖ ମାଡିନାହାନ୍ତି। ରିପୋର୍ଟ ଲେଖା ହେବା ଯାଏ ରାତି ୮ଟା ମୃତଦେହ ତାଙ୍କ ଘରେ ପଡିରହିଥିବା ଜଣାଯାଇଛି। ପ୍ରକାଶଥାଉ କି ଗତ କିଛି ଦିନ ତଳେ ବୃହସ୍ପତିଙ୍କ କରୋନା ପଜିଟିଭ ହୋଇଥିଲେ। ଜିଲା କୋଭିଡ୍ ହସ୍ପିଟାଲ କାମଠଣାରେ ଭର୍ତ୍ତି ହୋଇଥିଲେ। ସେଠାରେ ୭ ଦିନ ଚିକିତ୍ସା ହେବା ପରେ ନେଗେଟିଭ ହେବା ଦର୍ଶାଇ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ତାଙ୍କର ମଙ୍ଗଳବାର ମୃତ୍ୟୁ ହେବା ପରେ କରୋନା ଭୟରେ ଦୀର୍ଘ ୫ ଘଣ୍ଟା ଧରି ମୃତଦେହ ପଡି ରହିଥିଲା । ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ପ୍ରଶାସନ ସହ ବାରମ୍ବାର ଯୋଗାଯୋଗ କରିବା ପରେ ରାତି ୯ଟାରେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଶବ ସତ୍କାର ଲାଗି ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି।

# ମୃତଦେହକୁ ନେଇ ସନ୍ଦେହ

ବରଗଡ଼ ଅଫିସ,୨୭।୪

ବରଗଡ଼ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ପଦ୍ମପୁର ଉପଖଣ୍ଡ ଭେଡ଼ଉଁରିଆ ଗ୍ରାମର ପଦ୍ମଲୋଚନ ବରିହା(୫୫)ଙ୍କ ମୃତଦେହକୁ ନେଇ ସନ୍ଦେହ ଉପୁଜିଛି। ମଙ୍ଗଳବାର ଭୋର୍‌ରୁ ତାଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ମୃତଦେହ

**ଶେଷ ଦର୍ଶନ ପାଇଁ ଜଗିଛନ୍ତି ପରିବାର**

ହସ୍ତାନ୍ତରରେ ବିଳମ୍ବ ହେଉଥିବାରୁ ସନ୍ଦେହ ହେଉଛି ବୋଲି ମୃତକଙ୍କ ଭାଇ ସୁଦର୍ଶନ କହିଛନ୍ତି। ପରିବାର ଲୋକେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ମୃତଦେହ ହସ୍ତାନ୍ତର ପାଇଁ ଅନୁରୋଧ କରିଥିଲେ ସୁଦ୍ଧା ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତ୍ରି ସାଢ଼େ ୮ଟା) ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହୋଇ ନ ଥିବା ସୂଚନା ମିଳିଛି। ଅନ୍ୟପଟେ ମୃତକଙ୍କ ଅନ୍ତିମ ଦର୍ଶନ ପାଇଁ ପରିବାର ଲୋକେ କୋଭିଡ୍ ହସ୍ପିଟାଲ ଆଗରେ ବସି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ମୃତଦେହ ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବା କହିଥିଲେ। ଏହି ଘଟଣା ପ୍ରଘଟ ହେବା ପରେ କୋଭିଡ୍ ହସ୍ପିଟାଲ ପରିସରରେ ବ୍ୟାପକ ପୋଲିସ ମୁତୟନ ହେବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପଦ୍ମଲୋଚନଙ୍କୁ ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ବରଗଡ଼ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ପାଇଁ ପରିବାର ଲୋକେ ମଙ୍ଗଳବାର ସକାଳୁ ହସ୍ପିଟାଲରେ ଥିବା ତାଙ୍କର ଜଣେ ପରିଚିତ ଲୋକଙ୍କୁ ଫୋନ କରିଥିଲେ। ମଙ୍ଗଳବାର ଭୋର୍‌ରୁ ପଦ୍ମଲୋଚନଙ୍କ ମୃତ୍ୟୁ ହୋଇଥିବା ନେଇ ସେ ସୂଚନା କୁଆଡ଼େ ଦେଇଥିଲେ ବୋଲି ସୁଦର୍ଶନ କହିଛନ୍ତି। ଏହାପରେ ସକାଳୁ ସୁଦର୍ଶନଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ପଦ୍ମଲୋଚନଙ୍କ ମୃତଦେହ ନେବା ପାଇଁ ସକାଳ ୮ଟାରୁ କୋଭିଡ୍ ହସ୍ପିଟାଲକୁ ପହଞ୍ଚିଥିଲେ ଏବଂ ମୃତଦେହ ହସ୍ତାନ୍ତର ପାଇଁ ଅନୁରୋଧ କରିଥିଲେ। ମାତ୍ର ହସ୍ତାନ୍ତରରେ ବିଳମ୍ବ ହେଉଥିବାରୁ ମୃତଦେହକୁ ନେଇ ସନ୍ଦେହ ଉପୁଜିଛି ବୋଲି ସୁଦର୍ଶନ କହିଛନ୍ତି।


ମୃତକଙ୍କ ପରିବାର ଲୋକେ କୋଭିଡ୍ ହସ୍ପିଟାଲ ବାହାରେ ମୃତଦେହ ଅନ୍ତିମ ଦର୍ଶନ ପ୍ରତୀକ୍ଷାରେ ବସିଛନ୍ତି।

# ଗାଡ଼ି ଧକ୍କାରେ ଭଉଣୀ, ଭାଇ ମୃତ

ନିରାକାରପୁର,୨୭।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ବଡ଼ପୋଖରିଆ ଛକ ନିକଟ ୧୬ନଂ.ଜାତୀୟ ରାଜପଥରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ଦୁଇ ଜଣ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା କୁକୁଡାଖଣ୍ଡି ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ସାଗରିକା ପାଢ଼ୀ ଓ ମାମୁ ପୁଅ କଁଟୁଡୁ ଗ୍ରାମର ରବୀନ୍ଦ୍ର ପାଢ଼ୀ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୮୮/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏକ ସ୍କୁଟି (ଓଡି ୩୨ଇ ୮୮୭୧)ରେ ଭଉଣୀଭାଇ ଭୁବନେଶ୍ୱରରୁ ବ୍ରହ୍ମପୁରର କୁକୁଡାଖଣ୍ଡି ଅଞ୍ଚଳକୁ ଯାଉଥିଲେ। ବଡ଼ପୋଖରିଆ ଛକ ନିକଟରେ ଏକ ଗାଡି ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସାଗରିକାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ରବୀନ୍ଦ୍ର ଗୁରୁତର ହୋଇଥିଲେ। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ୧୦୮ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ଉଭୟଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଡାକ୍ତର ଓ ବ୍ୟବସାୟୀଙ୍କ ପୁଅ ଅଟକ

**ସମ୍ବଲପୁର,୨୭।୪(ବ୍ୟୁରୋ):** ଆଇପିଏଲ୍ ବେଟିଂ ସନ୍ଦେହରେ ସମ୍ବଲପୁର ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ସୋମବାର ରାତିରେ ଚଢାଉ କରି ୨ ଯୁବକଙ୍କୁ ଉଠାଇ ନେଇ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ଜଣେ ଅଇଁଠାପାଲି ଥାନା ଅଞ୍ଚଳର ଡାକ୍ତରଙ୍କ ପୁଅ ଓ ଟାଉନ ଥାନା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାକୁ ପ୍ରାୟ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣଙ୍କୁ ଛାଡିବାକୁ ପୋଲିସ ସହ କୁଆଡେ ୫ଲକ୍ଷ ଟଙ୍କାର ମୁଲଚାଲ ହୋଇଥିବା ଜଣାପଡିଛି।

# ହେଲ୍ପ ଡେସ୍କ ଉଦ୍‌ଘାଟିତ

କଟକ ଅଫିସ, ୨୭।୪

ଓଡ଼ିଶା ମୋ ପରିବାର ପକ୍ଷରୁ ସତୀଚଉରା ଶ୍ମଶାନ ନିକଟରେ ମଙ୍ଗଳବାର ଏକ ହେଲ୍‌ପ ଡେସ୍କ ଖୋଲାଯାଇଛି। ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ମାଗଣାରେ ପିପିଇ କିଟ୍ ଓ ଶେଷକୃତ୍ୟ ସମ୍ପନ୍ନ ପାଇଁ ଆବଶ୍ୟକ ଉପକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଡେସ୍କ ଖୋଲାଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି)ର ସହଯୋଗ ଏବଂ ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ଡେସ୍କ ଖୋଲିଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାଏ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ହେଲ୍ପ ଡେସ୍କ ସଂଯୋଜକ ସନ୍ଦୀପ ରଥ ଓ ଗଦାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥି ଅରୂପ ପଟ୍ଟନାୟକ ହେଲ୍ପ ଡେସ୍କ ଉଦ୍‌ଘାଟନ କରୁଛନ୍ତି।

# ଏମ୍‌କେସିଜି କାଜୁଆଲିଟିରେ ଶଯ୍ୟା ନାହିଁ

ବ୍ରହ୍ମପୁର ଅଫିସ,୨୭।୪

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଥିବାର ଦୃଶ୍ୟ ଏବେ ଦୃଷ୍ଟିକୁ ଆସିଛି। ରାସ୍ତା, ବାରଣ୍ଡା ଯେଉଁଠି ଟିକିଏ ଜାଗା ମିଳୁଛି ସେଠାରେ ରୋଗୀ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିକୁ ଏମ୍‌କେସିଜି ମେଡିକାଲର ଅଧିକାରୀମାନେ ସ୍ୱୀକାର କରୁଥିଲେ ସୁଦ୍ଧା ସେମାନେ ମଧ୍ୟ ନାଚାର ପାଲଟିଛନ୍ତି। ରୋଗୀ ସଂଖ୍ୟା ହୁ ହୁ ହୋଇ ବଢୁଥିବା ବେଳେ ଶଯ୍ୟା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏମ୍‌କେସିଜି ମେଡିକାଲ ପରିସରରେ ୧୫୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟକ୍ଷମ ରହିଛି। ରୋଗୀ ସଂଖ୍ୟା ବଢୁଥିବାରୁ ଶଯ୍ୟା ସଂଖ୍ୟା ୧୬୦କୁ ବୃଦ୍ଧି କରାଯାଇଛି। ସେଠାରେ ୨୪ ଆଇସିୟୁ ଶଯ୍ୟା ରହିଛି। ସମସ୍ତ ଶଯ୍ୟାରେ ରୋଗୀ ରହିଛନ୍ତି। ସେପଟେ କାଜୁଆଲିଟିକୁ ପ୍ରତିଦିନ ୩୦/୪୦ କରୋନା ସନ୍ଦିଗ୍ଧ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଯାହାର ପଜିଟିଭ୍ ରିପୋର୍ଟ

**ଚଟାଣରେ ଚିକିତ୍ସିତ ହେଉଛନ୍ତି ରୋଗୀ**


ମିଳୁନି ବେଡ, ଚଟାଣରେ ଶୋଇଛନ୍ତି ରୋଗୀ

ଆସୁଛି ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ବେଡ୍ ନ ଥିବାରୁ ଅଧିକାଂଶ ରୋଗୀ କାଜୁଆଲିଟି ବାରଣ୍ଡା ଓ ରାସ୍ତାରେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ସୋମବାର ରାତିରେ କାଜୁଆଲିଟିରେ ପ୍ରାୟ ୭୦/୮୦ ରୋଗୀ ଥିବା କୁହାଯାଉଛି। ସଂଖ୍ୟା ବଢୁଥିବାରୁ ଏମ୍‌କେସିଜି ମେଡିକାଲ ପରିସରରେ ତିଆରି ହୋଇଥିବା ସୁପର ସ୍ପେଶିଆଲିଟି ବ୍ଲକକୁ ଦ୍ୱିତୀୟ କୋଭିଡ୍ ହସ୍ପିଟାଲରେ ପରିଣତ କରାଯାଇଛି। ସୋମବାର ଏହା ଉଦ୍‌ଘାଟିତ ହୋଇଛି। କିନ୍ତୁ ସେଠାକୁ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉ ନ ଥିବା ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ କାଜୁଆଲିଟିରେ ରୋଗୀ ଶଯ୍ୟା ନ ପାଇ ତଳେ ଶୋଇ ଛଟପଟ ହେଉଥିବା ବେଳେ ନୂତନ କୋଭିଡ୍ ହସ୍ପିଟାଲରେ ସେମାନଙ୍କୁ ଶଯ୍ୟା ପ୍ରଦାନ ନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡା. ସନ୍ତୋଷ କୁମାର ମିଶ୍ରଙ୍କ ମୋବାଇଲ ଫୋନ ନମ୍ବର ୯୪୩୭୧ -୬୬୦୭୬ କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକଙ୍କୁ ପଚାରିବାରୁ ବର୍ତ୍ତମାନ ରୋଗୀ ସଂଖ୍ୟା ବଢୁଛି। ତେଣୁ ମେଡିକାଲରେ ଶଯ୍ୟା ଅଭାବ ରହିଛି। ଦ୍ୱିତୀୟ କୋଭିଡ୍ ହସ୍ପିଟାଲ ସୋମବାର ଉଦ୍‌ଘାଟିତ ହୋଇ ସାରିଛି। ତେଣୁ ଖୁବଶୀଘ୍ର ସମସ୍ତଙ୍କୁ ଶଯ୍ୟା ମିଳିବ ବୋଲି ସେ କହିଛନ୍ତି।



ସାଉଥ୍ ଅଭିନେତ୍ରୀ ତଥା କଂଗ୍ରେସର ପୂର୍ବତନ ଏମ୍ପି ରମ୍ୟା ଉଭୟ ଚଳଚ୍ଚିତ୍ର ଏବଂ ରାଜନୀତିକୁ ଅଲବିଦା କହିଛନ୍ତି। ସେ କହିଛନ୍ତି ରାଜନୀତି ଏବଂ ଚଳଚ୍ଚିତ୍ର ଜଗତକୁ ଯାହା ଭାବି ଆସିଥିଲି, ତାହା ଘଟିଲା ନାହିଁ। ତେଣୁ ଏଠାରୁ ବିଦାୟ ନେଉଛି ବୋଲି ସୋସିଆଲ ମିଡିଆରେ ରମ୍ୟା ଏଭଳି ଘୋଷଣା କରିଛନ୍ତି। ଦୀର୍ଘ ଦିନ ଧରି ସେ କଂଗ୍ରେସର ସୋସିଆଲ ମିଡିଆ ଇନଚାର୍ଜ ଥିଲେ। ବେଙ୍ଗାଲୁରୁରେ ଜନ୍ମ ହୋଇଥିବା ରମ୍ୟା ଓରଫ ଦିବ୍ୟା ସ୍ପନ୍ଦାନା କନ୍ନଡ, ତାମିଲ ଏବଂ ତେଲୁଗୁ ଚଳଚ୍ଚିତ୍ରରେ ମଧ କାମ କରିଛନ୍ତି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଦୁଇଥର କନ୍ନଡ ଫିଲ୍ମଫେୟାର ପୁରସ୍କାର ଜିତିଛନ୍ତି। ୨୦୧୩ରେ ସେ କର୍ନାଟକର ମାଣ୍ଡ୍ୟା ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ଜିତିଥିଲେ।

# ବଳାତ୍କାରୀଙ୍କୁ ବିବାହ କର



ଯିଏ ତୁମକୁ ବଳାତ୍କାର କରିଛନ୍ତି, ତାଙ୍କୁ ତୁମେ ବିବାହ କର। ବଳାତ୍କାର ଆଇନର ଏହା ଏପରି ଗୋଟିଏ ନିୟମ, ଯାହା ବଳରେ ବଳାତ୍କାର କରିଥିବା ବା ସମାନ ଧରଣର ଅପରାଧ ଘଟାଇଥିବା ବ୍ୟକ୍ତିଙ୍କୁ ପୀଡ଼ିତାଙ୍କୁ ବିବାହ କରିବାକୁ କୁହାଯାଇଥାଏ। ଏଭଳି ଆଇନ ଅଭିଯୁକ୍ତଙ୍କୁ ଦଣ୍ଡମୁକ୍ତ କରିବା ଲାଗି ଏକ ଆଇନଗତ ବିକଳ୍ପ। 'ମ୍ୟାରି ୟୋର ରେପିଷ୍ଟ' ପଦ ୨୦୨୦ ଦଶକରେ ତିଆରି ହୋଇଥିଲେ ହେଁ ଇତିହାସରେ ଏପରି ଅନେକ ଆଇନ ବ୍ୟବସ୍ଥା ରହିଛି, ଯେଉଁଠି ଏହି ପରମ୍ପରା ଦେଖିବାକୁ ମିଳିଥାଏ। ଏଭଳି ଆଇନ ୧୯୭୦ ଦଶକ ପର୍ଯ୍ୟନ୍ତ ବିଶ୍ୱର ବିଭିନ୍ନ ଦେଶରେ ପ୍ରଚଳିତ ଥିଲା। ଏବେ ମଧ ସମାଜରେ ଏହା ବିଭିନ୍ନ ରୂପେ ରହିଛି। ଏହି ଆଇନକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମତରେ ରେପ୍-ମ୍ୟାରେଜ ଲ' ପୀଡ଼ିତାଙ୍କ କଷ୍ଟ ଯନ୍ତ୍ରଣାକୁ ବୁଝେନାହିଁ।

## ୨୦ ଦେଶରେ ପ୍ରଚଳିତ

ଅପରାଧୀଙ୍କୁ ଖସିଯିବା ପାଇଁ ସୁଯୋଗ ଦେଉଥିବା 'ମ୍ୟାରି ୟୋର ରେପିଷ୍ଟ' ଆଇନ ୨୦ଟି ଦେଶରେ ଏବେ ମଧ ପ୍ରଚଳିତ। ରୁଷିଆ, ଥାଇଲାଣ୍ଡ ଓ ଭେନିଜୁଏଲାରେ ପୀଡ଼ିତାଙ୍କୁ ବିବାହ କରିବା ପାଇଁ ବଳାତ୍କାରୀଙ୍କୁ ଅନୁମତି ଦିଆଯାଏ। ବିବାହ କଲେ ଦୋଷୀଙ୍କ ସବୁ ଦୋଷ ମାଫ୍ କରାଯାଏ। ପୀଡ଼ିତାଙ୍କ ଉପରେ ଦୋଷର ବୋଝ ଲଦି ଦେଉଥିବା ଏପରି ଆଇନକୁ ବୁଧବାର ଜାତିସଂଘ ବିଶ୍ୱ ଜନସଂଖ୍ୟା ଆଧାରିତ ବାର୍ଷିକ ରିପୋର୍ଟରେ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଛି। ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍ପିଏ) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କହିଛନ୍ତି, ଅଧିକାରରୁ ବଞ୍ଚିତ କରିବାକୁ ଆଇନରେ ସୁରକ୍ଷା ଦିଆଯାଇ ପାରିବ ନାହିଁ। ମ୍ୟାରି ୟୋର ରେପିଷ୍ଟ ଲ' ଦୋଷକୁ ପୀଡ଼ିତାଙ୍କ ମୁଣ୍ଡରେ ଲଦିଦିଏ ଏବଂ ଅପରାଧକୁ ସ୍ୱାଭାବିକ କରିବା ଲାଗି ଉଦ୍ୟମ କରିଥାଏ।

ଇକ୍ୱିଟି ନାଓର ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା କ୍ଷେତ୍ର ନିର୍ଦ୍ଦେଶକଙ୍କ ମତରେ ଏପରି ଆଇନରେ ଏକ ସଂସ୍କୃତି ପ୍ରତିଫଳିତ ହେଉଛି, ଯାହା ମହିଳାମାନଙ୍କ ନିଜସ୍ୱ ଶାରୀରିକ ସ୍ୱାୟତ୍ତତା ରହିବା ଉଚିତ ବୋଲି ବିବେଚନା କରେ ନାହିଁ।

## ଅପରାଧୀଙ୍କୁ ଦଣ୍ଡମୁକ୍ତ ପାଇଁ ଆଇନ

ମରକ୍କୋରେ ଜଣେ ପୀଡ଼ିତାଙ୍କୁ ବଳାତ୍କାର କରିଥିବା ଅପରାଧୀଙ୍କୁ ବିବାହ କରିବାକୁ ବାଧ କରାଯିବାରୁ ସେ ମର୍ମାହତ ହୋଇ ଆତ୍ମହତ୍ୟା କରିଥିଲେ। ଫଳରେ ଉକ୍ତ ଆଇନକୁ ଉଚ୍ଛେଦ କରାଗଲା। ଜୋର୍ଡାନ, ପାଲେଷ୍ଟାଇନ୍, ଲେବାନନ ଓ ଟ୍ୟୁନିସିଆ ମଧ ଏପରି ଆଇନକୁ ହଟାଇଦେଲା। କୁଏତ୍‌ରେ ଏବେ ମଧ ଏପରି ଆଇନ ପ୍ରଚଳିତ। ରୁଷିଆରେ ଅପରାଧୀଙ୍କୁ ଯଦି ୧୮ ବର୍ଷ ହୋଇଥିବ ଏବଂ ସେ ଜଣେ ୧୬ ବର୍ଷରୁ କମ୍ ବୟସର ଝିଅଙ୍କୁ ବଳାତ୍କାର କରିଥିବେ ତେବେ ପୀଡ଼ିତାଙ୍କୁ ବିବାହ କଲେ ଜେଲ ଦଣ୍ଡରୁ ଛାଡ଼ ପାଇଥାଆନ୍ତି। ଥାଇଲାଣ୍ଡରେ ବିବାହକୁ ବଳାତ୍କାରର ଏକ ଆପୋସ ବୁଝାମଣା ବୋଲି ଧରାଯାଏ। ଏଭଳି କ୍ଷେତ୍ରରେ କୋର୍ଟ ବିବାହ ପାଇଁ ଅନୁମତି ଦେଇଥାନ୍ତି। ୟୁଏନ୍ଏଫ୍ପିଏ ରିପୋର୍ଟରେ ଆହୁରି କୁହାଯାଇଛି ଯେ ବିଶ୍ୱର ୪୩ଟି ଦେଶର ଆଇନରେ ବୈବାହିକ ବଳାତ୍କାରକୁ ଅପରାଧ ବିବେଚନା କରାଯାଏ ନାହିଁ। ୫୭ ଦେଶରେ ୪୫% ମହିଳାଙ୍କୁ ଶାରୀରିକ ସ୍ୱାୟତ୍ତତା ଅଧିକାର ଦିଆଯାଇ ନାହିଁ। ସେମାନେ ନିଜ ପାର୍ଟନରଙ୍କ ସହ ଶାରୀରିକ ସମ୍ବନ୍ଧ ରଖିବାକୁ ମନା କରିପାରନ୍ତିନାହିଁ। ଆଫ୍ରିକୀୟ ରାଷ୍ଟ୍ର ମାଲି, ନାଇଜର ଓ ସେନେଗାଲରେ ସ୍ଥିତି ସବୁଠୁ ଖରାପ ରହିଛି।

# ୧୩ରେ ଆସିବନି ଜନ୍‌ଙ୍କ ଫିଲ୍ମ



ଜନ୍ ଆବ୍ରାହମ୍

**ମୁମ୍ବାଇ:** ସଲମାନ ଖାନଙ୍କ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ ଭାଇ' ଫିଲ୍ମ ସହ ମେ' ୧୩ରେ ଆସିବାକୁ ଥିବା ଜନ୍ ଆବ୍ରାହମ୍‌ଙ୍କ 'ସତ୍ୟମେବ ଜୟତେ ୨' ଚଳଚ୍ଚିତ୍ରର ରିଲିଜ୍ ତାରିଖ ଘୁଞ୍ଚାଇ ଦିଆଯାଇଛି। ରାଧେ ସହ ଏହି ଫିଲ୍ମ ଟକ୍କର ଦେବ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଏଥିରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କୋଭିଡ୍ ସଂକ୍ରମଣ ପାଇଁ ମିଲାପ ଜାଭେରିଙ୍କ ନିର୍ଦ୍ଦେଶିତ 'ସତ୍ୟମେବ ଜୟତେ ୨'ର ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ଦିଆଯାଇଛି। ଏଥିରେ ଜନ୍ ଆବ୍ରାହମ ଓ ଦିବ୍ୟ ଖୋସଲା କୁମାର ମୁଖ୍ୟ ଭୂମିକାରେ ଅଛନ୍ତି। ଇଦ୍ ଅବସରରେ ଏହି ଫିଲ୍ମ ରିଲିଜ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ ପରବର୍ତ୍ତୀ ତାରିଖକୁ ଟିମ୍ ପକ୍ଷରୁ କିଛି କୁହାଯାଇନାହିଁ। ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଉପରେ ଆଧାରିତ ସତ୍ୟମେବ ଜୟତେ ୨୦୧୮ରେ ରିଲିଜ ହୋଇଥିଲା। ଏହାର ସିକ୍ୱେଲର କାହାଣୀ ଅନ୍ୟାୟ ଏବଂ କ୍ଷମତାର ଅପବ୍ୟବହାର ଉପରେ ଆଧାରିତ। ଦେଶରେ କରୋନା ସଂକ୍ରମଣ ବ୍ୟାପିବା କାରଣରୁ ପୂର୍ବରୁ ଅକ୍ଷୟ କୁମାରଙ୍କ ସୂର୍ଯ୍ୟବଂଶୀ, ରାଣୀ ମୁଖାର୍ଜୀ ଓ ସୈଫ ଅଲ୍ଲୀ ଖାନଙ୍କ ବଣ୍ଟି ଔର ବବ୍ଲି ୨ ଫିଲ୍ମ ରିଲିଜ ତାରିଖ ମଧ ଘୁଞ୍ଚାଇ ଦିଆଯାଇଛି।

# କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ନୟାଗଡ଼, କଳାହାଣ୍ଡି ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ପରିବର୍ତ୍ତନ ନ ଆସିପାରେ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ ବିଜୁଳି ଘଡ଼ଘଡ଼ିର ସମ୍ଭାବନା ରହିଛି। ବୁଧବାର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଲସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୪ | ୨୫.୭ |
| ଚାନ୍ଦବାଲି | ୩୮.୫ | ୨୬.୮ |
| କଟକ | ୩୯.୦ | ୨୬.୦ |
| ପାରାଦୀପ | ୩୨.୧ | ୨୭.୪ |
| ଭୁବନେଶ୍ୱର | ୪୧.୭ | ୨୭.୨ |
| ଗୋପାଳପୁର | ୩୧.୭ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୪୨.୭ | ୨୬.୦ |
| ବାରିପଦା | ୪୨.୫ | ୨୫.୦ |
| ଝାରସୁଗୁଡ଼ା | ୪୧.୦ | ୨୩.୬ |
| କେନ୍ଦୁଝର | ୩୮.୬ | ୨୩.୦ |
| ସମ୍ବଲପୁର | ୪୧.୦ | ୨୪.୬ |
| ସୁନ୍ଦରଗଡ଼ | ୪୧.୦ | ୨୨.୦ |
| ହୀରାକୁଦ | ୪୦.୯ | ୨୩.୭ |
| ତାଳଚେର | ୪୨.୩ | ୨୫.୦ |
| ଭବାନୀପାଟଣା | ୪୦.୮ | ୨୫.୦ |
| ବଲାଙ୍ଗୀର | ୪୨.୪ | ୨୩.୪ |
| କୋରାପୁଟ | ୩୬.୨ | ୨୦.୦ |
| ଫୁଲବାଣୀ | ୩୯.୦ | ୧୮.୫ |
| ଟିଟିଲାଗଡ଼ | ୪୨.୫ | ୨୭.୩ |
| ମାଲକାନଗିରି | ୪୦.୦ | ୨୩.୫ |
| ସୋନପୁର | ୪୧.୮ | ୨୫.୦ |
| ଦାରିଙ୍ଗିବାଡ଼ି | ୩୬.୫ | ୨୨.୫ |
| ନୟାଗଡ଼ | ୪୧.୦ | ୨୪.୦ |
| ବୌଦ୍ଧ | ୪୩.୧ | ୨୪.୫ |
| ଛତ୍ରପୁର | ୩୩.୫ | ୨୫.୫ |
| ପାରଳାଖେମୁଣ୍ଡି | ୩୯.୦ | ୨୫.୫ |
| ରାୟଗଡ଼ା | ୩୭.୦ | – |

ଡିଗ୍ରୀ ସେଲ୍‌ସିୟସ୍





# ଭିଡିଓ କଲିଂରେ ବିବାହ

**ଅଜମେର:** ଦେଶରେ କରୋନା ମହାମାରୀ ସଂକ୍ରମଣ ଯୋଗୁ ଆତଙ୍କ ସୃଷ୍ଟି ହୋଇଛି। ସଂକ୍ରମଣରୁ ଦୂରେଇ ରହିବା ପାଇଁ ଏବେ ବିବାହ ଅନ୍‌ଲାଇନ୍‌ରେ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ସମ୍ପ୍ରତି ରାଜସ୍ଥାନର ଅଜମେରରେ ଏଭଳି ଏକ ବିବାହ ଅନୁଷ୍ଠିତ ହୋଇଛି। ବରକନ୍ୟା ବେଦୀରେ ଥିବାବେଳେ ପଣ୍ଡିତଙ୍କର ଦେଖା ନ ଥିଲା। ୪୦୦ କିଲୋମିଟର ଦୂରରେ ରହି ପଣ୍ଡିତ ଅନ୍‌ଲାଇନ୍‌ରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିଲେ। ମନ୍ତ୍ରପାଠ ସହିତ ପଣ୍ଡିତ ବରକନ୍ୟାଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦେଇ ବିବାହ କରାଇଥିଲେ। ପଣ୍ଡିତ ସତ୍ୟେନ୍ଦ୍ର ଶର୍ମା କିଶନଗଡ଼ରେ ଥିବାବେଳେ ବରକନ୍ୟା ରାଜସ୍ଥାନ-ଗୁଜରାଟ ସୀମାର ମାଓ୍ୱଲରେଠାରେ ବିବାହ କରିଛନ୍ତି। ବର ମୋହିତ ଏବଂ କନ୍ୟା ନିଶା ମୋବାଇଲ ସମ୍ମୁଖରେ ପଣ୍ଡିତଙ୍କୁ ପ୍ରଣାମ ମଧ କରିଥିବା ଦେଖିବାକୁ ମିଳିଥିଲା। ଏବେ ଏହି ବିବାହ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

## ରାଜ୍ୟ ଖବର

# ଖୁଚୁରା ବିକ୍ରୟ କେନ୍ଦ୍ରରେ ପିଓଏସ୍ ମେଶିନ ବ୍ୟବହାର ସ୍ଥଗିତ ଦାବି

**କଟକ ଅଫିସ, ୨୭।୪**

ଖୁଚୁରା ବିକ୍ରୟ କେନ୍ଦ୍ରରେ ପଏଣ୍ଟ ଅଫ ସେଲ୍ (ପିଓଏସ୍) ମେଶିନ ବ୍ୟବହାର ସ୍ଥଗିତ ରଖିବାକୁ କଟକ ରିଟେଲ ଡିଲର୍ସ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଆସୋସିଏଶନ ପକ୍ଷରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଯୋଗାଣ ଅଧିକାରୀଙ୍କ ଜରିଆରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ବର୍ତ୍ତମାନ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ହେଲେ ଅଦ୍ୟାବଧି ଖୁଚୁରା ବିକ୍ରୟ କେନ୍ଦ୍ରରେ ପିଓଏସ୍ ମେଶିନ ବ୍ୟବହାର ବନ୍ଦ କରିବା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଫଳରେ ଖୁଚୁରା ବିକ୍ରେତାମାନେ ଆଶଙ୍କା ମଧରେ କାର୍ଯ୍ୟ କରୁଛନ୍ତି। ଏଣୁ କରୋନା ସଂକ୍ରମଣରୁ ପଡ଼ିକାର୍ଡଧାରୀ ଓ ଖୁଚୁରା ବିକ୍ରେତାଙ୍କ ଜୀବନ ରକ୍ଷା ପାଇଁ ଖୁଚୁରା ବିକ୍ରୟ କେନ୍ଦ୍ରରେ ପିଓଏସ୍ ମେଶିନ ବ୍ୟବହାର ସ୍ଥଗିତ କରିବାକୁ ଦାବି କରାଯାଇଛି। ଏଥିସହ ପିଓଏସ୍ ମେଶିନ ବ୍ୟବହାର ବାବଦ ବକେୟା କମିଶନ ପ୍ରଦାନ, କାର୍ଯ୍ୟରତ ଖୁଚୁରା ବିକ୍ରେତାମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ସହ ସେମାନଙ୍କୁ ୨୫ ଲକ୍ଷ ଟଙ୍କା ବୀମା ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଗତଥର ବଣ୍ଟନ ହୋଇଥିବା ମାଗଣା ଚାଉଳ, ଗହମ, ଡାଲିର କମିଶନ ବାବଦ ଅର୍ଥ ପ୍ରଦାନ କରିବାକୁ ଦାବି କରାଯାଇଛି। ଆସୋସିଏଶନର କାର୍ଯ୍ୟକାରୀ ସଭାପତି ଏକ୍ରାମ ହୁସେନଙ୍କ ନେତୃତ୍ୱରେ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୀତବାସ ଜେଠୀ, ସଙ୍ଗଠନ ସମ୍ପାଦକ ଅଭିମନ୍ୟୁ ନାୟକ, ସମ୍ପାଦକ ସୁଲତାନ ଖାଁ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, ବିନୟ ବୈଶାଖ ପ୍ରମୁଖ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଶକ୍ତିମନ୍ତ୍ରୀଙ୍କୁ ବିଧାୟକଙ୍କ ଚିଠି

# କୋଭିଡ୍ ହସ୍ପିଟାଲକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଦାବି

**କଟକ ଅଫିସ, ୨୭।୪**

ସମସ୍ତ କୋଭିଡ୍ ହସ୍ପିଟାଲକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନିକଟକୁ ମଙ୍ଗଳବାର ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଏବେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିଚାଲିଛି। କରୋନା ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ବିଭିନ୍ନ ଅଞ୍ଚଳରେ କୋଭିଡ୍ ହସ୍ପିଟାଲ ଖୋଲାଯାଇଛି। ହେଲେ ଉକ୍ତ ହସ୍ପିଟାଲଗୁଡ଼ିକରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଆଇସିୟୁ ଓ ଭେଣ୍ଟିଲେଟରରେ ଥିବା କରୋନା ରୋଗୀଙ୍କ ଚିକିତ୍ସା ସେବାରେ ବାଧା ସୃଷ୍ଟି ହେଉଛି। ଏଣୁ ସମସ୍ତ କୋଭିଡ୍ ହସ୍ପିଟାଲକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ କରିବାକୁ ମୋକିମ ଚିଠିରେ ଉଲ୍ଲେଖ କରିଛନ୍ତି।

# ରେଢ଼ାଖୋଲରେ ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ

**ରେଢାଖୋଲ,୨୭।୪(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲଠାରେ ମଙ୍ଗଳବାର ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ୍. ମୁରଲୀଧର ଭର୍ଚୁଆଲ ମୋଡ୍‌ରେ କୋର୍ଟର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ଜଷ୍ଟିସ ଡ. ବି.ଆର୍. ଷଡ଼ଙ୍ଗୀ ଯୋଗଦେଇ ରେଢ଼ାଖୋଲରେ ଏହି କୋର୍ଟ ଖୋଲିବାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରେଢ଼ାଖୋଲ ଓକିଲ ସଂଘ ସଭାପତି ଗଣେଶ୍ୱର ପ୍ରଧାନ ମୁଖ୍ୟ ବିଚାରପତିଙ୍କୁ ଓକିଲ ସଂଘ ଓ ଜନସାଧାରଣଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରେଢ଼ାଖୋଲରେ ନୂତନ ଭାବେ ଯୋଗଦେଇଥିବା ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସବ୍‌ଜଜ୍ ଅପୂର୍ବା ଚୌଧୁରୀ, ଏସ୍‌ଡିଜେଏମ୍ ଅଞ୍ଜଳି ମଛଖଣ୍ଡ, ସମ୍ବଲପୁର କୋର୍ଟ ମ୍ୟାନେଜର ଗୁରୁଜିତ ମିଶ୍ର, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ବରିଷ୍ଠ ଆଇନଜୀବୀ ରାଜକିଶୋର ପ୍ରଧାନ, ବିଜିତେନ୍ଦ୍ର ପ୍ରଧାନ, ଶିବପ୍ରସାଦ ପ୍ରଧାନ, ସରକାରୀ ଓକିଲ ଅଶୋକ ସେନାପତି, ନାରାୟଣ ତ୍ରିପାଠୀ, ଉପଜିଲାପାଳ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରେଢ଼ାଖୋଲ ଓକିଲ ସଂଘ ସମ୍ପାଦକ ଉମାକାନ୍ତ ମହାନନ୍ଦ ଧନ୍ୟବାଦ ଦେଇଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଆଇନଜୀବୀ ଓ ଅନ୍ୟ ଅତିଥିମାନେ।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ଦୁର୍ଯ୍ୟୋଧନ ପ୍ରଧାନ
ଦାଣ୍ଡିସାହି, ପଙ୍ଗାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୨୯
ତିରୋଧାନ:୧୮।୦୪।୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାର, ଶୁଭେଚ୍ଛୁ ଓ ଆତ୍ମୀୟସ୍ୱଜନ ।
ଧ-୨୦୪୮୨

**ଦଶାହ ଉପଲକ୍ଷେ**



ସ୍ୱର୍ଗତ ଭୋଳାନାଥ ରାଉତ
ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ (ପ୍ରଥମଶ୍ରେଣୀ)
ବାଗୁରାଇ, ଭଦ୍ରକ
ଆବିର୍ଭାବ: ତା୧୫।୦୭।୧୯୩୧ରିଖ
ତିରୋଧାନ: ତା୧୯।୦୪।୨୦୨୧ରିଖ
ରାଜସ୍ୱ ନିରକ୍ଷକରୁ ଚାକିରି ଆରମ୍ଭ କରି ଭଦ୍ରକରୁ ପୌରପାଳିକା ଅଧିକାରୀରେ ୧୯୮୯ ମସିହାରେ ଅବସର ନେଇ ସୁନାମ ଅର୍ଜନ କରିଥିଲେ। ଆପଣଙ୍କ ପ୍ରେରଣା, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୬୦୬

**ଏକାଦଶାହ ଉପଲକ୍ଷେ**



୰ ଜିବେଶ ମିଶ୍ର
ପିତା - ୰ ଦୁର୍ଗାମାଧବ ମିଶ୍ର
ମାତା - ଶ୍ରୀମତୀ ଶୈଳରାଣୀ ମିଶ୍ର
ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ
ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ
ଆବିର୍ଭାବ : ୧୫.୦୮.୧୯୫୨
ତିରୋଧାନ : ୧୮.୦୪.୨୦୨୧
ଏକାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ତୁମର ସ୍ନେହ, ତ୍ୟାଗ, କର୍ତ୍ତବ୍ୟପରାୟଣତା, ପରୋପକାର ଓ ଆଦର୍ଶ ସବୁବେଳେ ଆମର ପାଥେୟ ହେଉ।
ଶୋକ ସନ୍ତପ୍ତ :
ମିଶ୍ର ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୦୬୦୯

**ଶ୍ରଦ୍ଧାଞ୍ଜଳି**



୰ ବିମ୍ବାଧର ମିଶ୍ର
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
ବିଂଶତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ
ବୋହୂ-ସୋନି, ସୋନାଲି
ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍
ନାତି-ପିଟୁ, ରିଓ, ନାତୁଣୀ-ଆହାନା, ରିହାନା
ଧ-୬୯୧୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବିନାରାୟଣ ଦାଶ
ପ୍ଲଟ୍ ନମ୍ବର-୬୫୫, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୦୮।୧୯୪୬
ତିରୋଧାନ: ୧୯।୦୪।୨୦୨୧
ଗତ ୧୯।୦୪।୨୦୨୧ ସପ୍ତମୀ ତିଥିରେ ଆମ୍ଭର ପିତା ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲୀନ ହୋଇଗଲେ। ତାଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ବନ୍ଧୁତା ଏବଂ ଆତ୍ମ ବିଶ୍ୱାସ ଆମ ପାଇଁ ଅଭୁଲା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜିର ଦଶାହ ତିଥିରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: କମଳେଶ ଓ ଜୀବିତେଶ, ସହଧର୍ମିଣୀ: ଅଳକା ଦାଶ, ବୋହୂ: ପ୍ରିୟଙ୍କା, ଅପରାଜିତା ଓ ରୋହିଣୀ, ନାତି: ଆଦିତ୍ୟ ଓ ଆରିୟାନ୍ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୦୬୧୭

**ଚତୁର୍ଦ୍ଦଶ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଶରଦଶଶୀ ନାୟକ
ଗୋ ମା, ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ ଓ ଚୌଧୁରୀ ସାହି ବାଲେଶ୍ୱର।
ଧ-୨୦୬୧୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ**



✓ ଅରୁଣ କୁମାର ମହାନ୍ତି
ଆବିର୍ଭାବ - ୧୯.୦୧.୧୯୫୯
ତିରୋଧାନ - ୨୮.୦୪.୨୦୧୬
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ତୁମର ଶୋକ ସନ୍ତପ୍ତ :
ପୁତ୍ର - ଅଭିଷେକ, ଝିଅ- ଇପ୍ସିତା ଏବଂ ମହାନ୍ତି ପରିବାର ବର୍ଗ ।
ଧ-୨୦୬୦୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଜଳଧର ମହାପାତ୍ର
ଡିମିରି, ଅଡ଼ଶପୁର
ଧର୍ମ ନିବାସ, ଏ. ଏଲ୍-୬୪, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ଆବିର୍ଭାବ: ୧୯୩୫ ତିରୋଧାନ:୨୦୨୧
ଏକାଦଶାହ ଅବସରରେ ତୁମର ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, କନ୍ୟା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୨୦୫୭୭

# ଚାଷୀଙ୍କ ପାଇଁ...

➤ଜଳସେଚନ ସୁବିଧା ଥିଲେ ପନିପରିବା ଯଥା କଖାରୁ ଜାତୀୟ ଫସଲ ଓ ଭେଣ୍ଡି ଆଦି ସଅଳ ବୁଣି ଦିଅନ୍ତୁ। ଶୀଘ୍ର ବୁଣିବା ଦ୍ୱାରା ବର୍ଷା ଆରମ୍ଭ ହେବା ବେଳକୁ ଗଛଗୁଡ଼ିକ ଭଲ ବଢ଼ିଯାଇଥିବ; ଯାହାଦ୍ୱାରା ବର୍ଷାରେ ଗଛଗୁଡିକ ନଷ୍ଟ ହେବ ନାହିଁ, ରୋଗ ପୋକ ଲାଗିବାର ଆଶଙ୍କା କମ୍ ରହିବ ଏବଂ ଚାଷୀଭାଇମାନଙ୍କୁ ସଅଳ ପନିପରିବାରୁ ଅଧିକ ଅର୍ଥ ମିଳିବ।

➤ପାଗ ଦେଖି ଏକର ପ୍ରତି ଏକ କେଜି ୧୨୦୦ ଗ୍ରାମ୍ ରାଶି ବିହନ ଧାଡିରେ ବୁଣନ୍ତୁ। ଉନ୍ନତ ଅଧିକ ଅମଳକ୍ଷମ କିସମ ଯଥା ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ ଗ୍ରାମ୍ ହିସାବରେ ଥିରାମରେ ବିଶୋଧନ କରନ୍ତୁ। ଶେଷ ଓଡ ଚାଷବେଳେ, ବିହନ ବୁଣିବା ପୂର୍ବରୁ ଏକର ପ୍ରତି ୬ କିଗ୍ରା ଯବକ୍ଷାରଜାନ, ୮ କିଗ୍ରା ଫସ୍‌ଫରସ୍, ୮ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ।

➤ସଅଳ ଲଗାଯାଇଥିବା ମକା ୩ରୁ ୪ ସପ୍ତାହ ହୋଇଗଲେ କୋଡାଖୁସା ଘାସ ବଛା ସାରି ୧୬ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ଜୁନ୍ ମାସ ଶେଷ ସୁଦ୍ଧା ବୁଣିବା କାର୍ଯ୍ୟ ଶେଷ କରନ୍ତୁ। କମ୍ପୋଜିଟ୍ କିସମ ଯଥା ନଭଜୋତ୍, ବିଜୟା,ଶକ୍ତି, ଡେକାନ୍ – ୧୦୭ ଓ ଡେକାନ୍ –୧୦୯ ବ୍ୟବହାର କରନ୍ତୁ।

➤ଆମ ରାଜ୍ୟର ଜଳବାୟୁରେ ଡିସେମ୍ବର ମାସ ପର୍ଯ୍ୟନ୍ତ ସଜନା ଗଛ ଲଗାଯାଇପାରିବ। ଅଧିକ ଛୁଇଁ ପାଇଁ ସଜନାର ପି.କେ. ଏମ୍ –୧ କିସମ ଚୟନ କରନ୍ତୁ। ଏକରକୁ ୨୫୦ ଗ୍ରାମ୍ ବିହନ ଦରକାର। ମଞ୍ଜିକୁ ସିଧା ଗାତରେ ଲଗାନ୍ତୁ ବା ଜରି ମୁଣାରେ ଚାରା ତିଆରି କରନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୪୫ x ୦.୪୫ x ୦.୪୫ ମିଟର ଗାତ କରନ୍ତୁ। ଗାତ ପ୍ରତି ୧୦ କେଜି ଖତ ଓ ୧୦୦ ଗ୍ରାମ୍ ନିମ୍ବ ପିଡିଆ ଦେଇ ମଞ୍ଜି ଲଗାନ୍ତୁ କିମ୍ବା ୧୦ x ୫ ସେମି ଜରି ମୁଣାରେ ତିଆରି ୪୦ ଦିନର ତଳି ପୋତନ୍ତୁ।



# ଖରିଫ ଫସଲ ପାଇଁ ଯୋଜନା



ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ତିନି ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖିଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା– ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।

# ଧାନରେ ଲେଡାପୋକ ଲାଗିଥିଲେ

ଧାନ ଫସଲରେ ଲେଡା ପୋକ ଲାଗିବାର ଆଶଙ୍କା ରହିଛି। ଏହି ପୋକ ଧାନ ଫସଲରେ ଦଳ ଦଳ ହୋଇ ଦେଖାଯାଏ। ଶୁଖିଲା ପାଗ ପରେ ଥଣ୍ଡା ପାଗ ଅନୁଭୂତ ହେଲେ ଏହି ପୋକ ଅଧିକ ଦେଖାଯାଆନ୍ତି। ଅଳ୍ପ ବୟସରେ ପୋକ କଅଁଳ ପତ୍ର ଖାଇବା ବେଳେ ଶେଷ ଅବସ୍ଥାର ଶୂକ ସମ୍ପୂର୍ଣ୍ଣ ଗଛ ଖାଇଯାଆନ୍ତି। ସାଧାରଣତଃ ଅଧିକ ବର୍ଷା ବା ବନ୍ୟା ପରେ ଏହି ଶୂକ ଦେଖାଯାଆନ୍ତି। ଏହାର ପ୍ରତିକାର ଲାଗି କ୍ଷେତ ଚାରିପାଖେ ହିଡରେ ଶତକଡା କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଏକର ପ୍ରତି ୧୦ରୁ ୧୨ କିଗ୍ରା ପ୍ରୟୋଗ କରନ୍ତୁ। ସନ୍ଧ୍ୟା ସମୟରେ ଏକର ପ୍ରତି ୧୦ରୁ ୧୨ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ(ଶତକଡା ୧.୫ ଭାଗ) ପ୍ରୟୋଗ କରନ୍ତୁ। ନଚେତ୍ ଏକର ପ୍ରତି ୨୦୦ ମିଲି ଡିଡିଭିପି କିମ୍ବା ୪୦୦ ମିଲି ଟାଏଜୋଫସ୍ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ୍ ବିଳମ୍ବିତ ଅପରାହ୍ନ ସମୟରେ ସିଞ୍ଚନ କରନ୍ତୁ।

# ଜୈବ ଉର୍ବରକ



ଡ. ପରେଶ କୁମାର ପଣ୍ଡା

ରାସାୟନିକ ପଦାର୍ଥର ବହୁଳ ଓ ଅନିୟମିତ ପ୍ରୟୋଗ ଫଳରେ ମୃତ୍ତିକାର ସ୍ୱାସ୍ଥ୍ୟ ଦୁର୍ବଳ ହେବାରେ ଲାଗିଛି। ଉପକାରୀ ଜୀବାଣୁ, ଜିଆ, ଉପକାରୀ କୀଟଗୁଡ଼ିକର ସଂଖ୍ୟା କମିଯିବା ଫଳରେ ଯେ କୌଣସି ସମୟରେ ଫସଲରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିଯାଉଛି। ଅଧିକ ସାର ପ୍ରୟୋଗ କରି ସୁଦ୍ଧା ଫସଲରେ ଆବଶ୍ୟକୀୟ ପୋଷକତତ୍ତ୍ୱ ଓ ଅଣୁସାର ଉପଲବ୍ଧ ହେଉନାହିଁ। ଏସବୁ ଦୃଷ୍ଟିକୋଣରୁ ଜୈବ ଉର୍ବରକ ପ୍ରୟୋଗର ଆବଶ୍ୟକତା ବୃଦ୍ଧି ପାଉଛି। ସେ ସବୁ ଜୈବ ଉର୍ବରକ ମଧ୍ୟରେ ଜୀବାଣୁ ସାର, ସବୁଜସାର, କମ୍ପୋଷ୍ଟ ଖତ, ଗୋବର ଗ୍ୟାସ୍ ଟାଙ୍କିର ଖତ, ଜିଆଖତ, ଆଜୋଲା ଓ ନୀଳ ହରିତ୍ ଶୈବାଳ ଅନ୍ୟତମ। ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ଓ ଉର୍ବରିଆ ଥିଲେ ବିଭିନ୍ନ ଫସଲର ଅମଳ ଆଶାନୁରୂପ ହୋଇଥାଏ। ତେଣୁ ପ୍ରତି ୨ ବର୍ଷରେ ଥରେ ମାଟି ପରୀକ୍ଷା କରିବା ଜରୁରୀ। ତଦନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖତସାର, ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧେ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥାଏ। ଅମ୍ଳମାଟି, ଲୁଣିମାଟି ଓ ଲୌହବହୁଳ ମାଟିର ପରିଚାଳନାରେ ଜୈବ ଉର୍ବରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ମୁଗ, ବିରି, ମସୁର, ହରଡ଼, ଝୁଡଙ୍ଗ, ବୁଟ, କୋଳଥ, ଚିନାବାଦାମ ଓ ସୋୟାବିନ୍ ଫସଲରେ ଯବକ୍ଷାରଜାନ ବିବନ୍ଧନ କରିବା ଓ ଫସଲ ବୃଦ୍ଧି ନିମନ୍ତେ ରାଇଜୋବିୟମ ଓ ଫସ୍‌ଫୋବ୍ୟାକ୍ଟର ଜୀବାଣୁ ସାରର ୨୦ ଗ୍ରାମ୍ କରି କି.ଗ୍ରା. ବିହନ ପ୍ରତି ଉପଚାର କରି ବୁଣାଯାଏ। ବିଭିନ୍ନ ଶସ୍ୟଜାତୀୟ, ତୈଳବୀଜ ଓ ପନିପରିବା ଫସଲରେ ଆଜୋଟୋବ୍ୟାକ୍ଟର ବା ଆଜୋସ୍ପିରିଲମ୍ ଜୀବାଣୁ ସାରକୁ ରାଇଜୋବିୟମ୍ ପରି ବିହନ ଉପଚାର କରି ବୁଣାଯାଏ କିମ୍ବା ତାହାର ୧.୫ରୁ ୨ କି.ଗ୍ରା.କୁ ଖତ ସହ ମିଶାଇ ଏକର ପ୍ରତି ପ୍ରୟୋଗ କରାଯାଏ।





ମାଟିର ଉର୍ବରତା, ଭୌତିକ, ରାସାୟନିକ ଓ ଜୈବିକ ଗୁଣରେ ଉନ୍ନତି ତଥା ମାଟିକୁ ଜୀବନ୍ତ ରଖିବା ଲାଗି ମାଟିରେ ଆବଶ୍ୟକ ପରିମାଣର ଜୈବାଂଶ ବୃଦ୍ଧି ନିମନ୍ତେ ଯଥେଷ୍ଟ ପରିମାଣର ଜୈବିକ ଖତ ଓ ସବୁଜ ସାର ପ୍ରୟୋଗ କରିବା ଦରକାର। ସାଧାରଣତଃ ଧାନ ଚାଷ ପୂର୍ବରୁ ଧଣିଚା, ଛଣପଟ, ବରଗୁଡ଼ି, ମକା, ଗହମ ଓ ଜୋଆର ଆଦିକୁ ସବୁଜ ସାର ଫସଲ ଭାବେ ଚାଷ କରି ଦେଢ଼ ମାସ ମଧ୍ୟରେ ତାହାକୁ ଚଷି ମାଟିରେ ମିଶାଇ ଦିଆଯାଏ। ତହିଁରୁ ଏକର ପ୍ରତି ୬୦–୮୦ କୁଇଣ୍ଟାଲ ସବୁଜ ପଦାର୍ଥ ଓ ୨୫–୩୦ କି.ଗ୍ରା. ଯବକ୍ଷାରଜାନ ଫସଲକୁ ମିଳିଥାଏ। ଏଥିସହ କ୍ଷେତ ବାଡ଼ିର ଘାସହଟା, ଅଳିଆ ଆବର୍ଜନା, ଫସଲ ଓ ପନିପରିବା ଗଛର ଅବଶିଷ୍ଟାଂଶ, ବିଲାତି/ପୋଖରୀ ଦଳ, ଅଦରକାରୀ ପଚା ବା ଶଢ଼ା ଫଳ ଇତ୍ୟାଦି ବର୍ଜ୍ୟବସ୍ତୁରୁ ଉନ୍ନତ କମ୍ପୋଷ୍ଟ ଖତ ପ୍ରସ୍ତୁତ କରାଯାଏ। ନାଦେପ୍ ପ୍ରଣାଳୀରେ ଖତ ତିଆରି ଆମ ରାଜ୍ୟରେ ବେଶ୍ ଲୋକପ୍ରିୟ ଓ ବ୍ୟୟସାପେକ୍ଷ କମ୍ପୋଷ୍ଟ ଖତରେ ୦.୫% ଯବକ୍ଷାରଯାନ + ୦.୩% ଫସ୍‌ଫରସ୍ + ୦.୫% ପଟାସ୍ ସହିତ ଅନ୍ୟ ଗୌଣସାର ଓ ଅଣୁସାର ରହିଥାଏ। ଦଳଗୁଡ଼ିକୁ ପୋଖରୀ ପାଣିରୁ କାଢ଼ି କୂଳରେ ପକାଯାଏ। ପାଣି ଗଡ଼ିଯିବା ପରେ ଗଦାଇ ରଖିଲେ ଖତଗଦାରେ ତାହା ପଚି ଭଲ ଖତରେ ପରିଣତ ହୋଇଥାଏ। ଗୋବର ଗ୍ୟାସ୍ ଟାଙ୍କିର ଅର୍ଦ୍ଧପଚନ ଓ ତରଳ ଖତ ଶୀଘ୍ର ମାଟିରେ ମିଶିଥାଏ ଏବଂ ୨% ଯବକ୍ଷାରଜାନ + ୦.୪% ଫସ୍‌ଫରସ୍ +୦.୫% ପଟାସ୍ ଧାରଣ କରିଥାଏ। ଛାଇଜାଗାରେ ସହଜରେ କୃଷିଜାତ, ଫସଲର ଅବଶେଷ, ପଶୁ/ପ୍ରାଣୀ/ପକ୍ଷୀମଳ, ଖାଦ୍ୟ ପ୍ରକ୍ରିୟାକରଣର ଅବଶେଷ, ଗୋବର ଗ୍ୟାସ୍ ଅଂଶକୁ ବ୍ୟବହାର କରି ଜିଆଖତ ପ୍ରସ୍ତୁତ କରାଯାଇଥାଏ। ଏହାର ପ୍ରୟୋଗରେ ମାଟିର ଅମ୍ଳ ଦୋଷ ଦୂର ହୋଇ ବାୟୁ ଚଳାଚଳ ସୁଗମ ହୋଇଥାଏ, ଜମିର ଉର୍ବରତା ବୃଦ୍ଧି ସହ ଫସଲ ଅମଳ ବଢ଼ିଥାଏ। ଜିଆଖତରେ ୧.୬% ଯବକ୍ଷାରଜାନ, ୦.୭% ଫସ୍‌ଫରସ୍ + ୦.୮% ପଟାସ୍ ସହ ଯଥେଷ୍ଟ ପରିମାଣର କ୍ୟାଲସିୟମ, ମ୍ୟାଗ୍ନେସିୟମ୍, ଦସ୍ତା, ତମ୍ବା, ଲୌହ ଓ ମାଙ୍ଗାନିଜ ଖାଦ୍ୟସାର, ଏନଜାଇମ୍ ଓ ହରମୋନ ରହିଥାଏ। ଧାନ ଓ ଡାଲିଜାତୀୟ ଫସଲରେ ୨୦କୁଇଣ୍ଟାଲ, ତୈଳବୀଜ ଫସଲରେ ୩୦–୫୦ କୁଇଣ୍ଟାଲ, ପନିପରିବା ଅର୍ଥକରୀ ଫସଲରେ ୪୦–୬୦ କୁଇଣ୍ଟାଲ ଏକର ପ୍ରତି ଏକାକି ଜିଆଖତ ଦରକାର ପଡ଼ିଥାଏ। ଆହୁରି ମଧ୍ୟ ଜିଆଜଳକୁ ୧:୧୦ ଅନୁପାତରେ ପାଣିରେ ମିଶାଇ ଫସଲରେ ସିଞ୍ଚନ କଲେ ଉତ୍ତମ ଫସଲ ସହ ଆଶାନୁରୂପ ବଢ଼ିଥାଏ। ଗୋମୂତ୍ର ସହ ଜିଆଜଳକୁ ୧:୧୦ ଅନୁପାତରେ ମିଶାଇ ଫସଲରେ ସିଞ୍ଚନ କଲେ ତାହା ଜୀବନାଶକ ରୂପେ କାର୍ଯ୍ୟ କରିଥାଏ।

ଠିଆ ଧାନ ଫସଲରେ ମୁଖ୍ୟ ଜମିରେ ଆଜୋଲା ଓ ନୀଳ ହରିତ୍ ଶୈବାଳକୁ ପ୍ରୟୋଗ କରି ଏକର ପ୍ରତି ଅନ୍ୟୂନ ୧୦ କି.ଗ୍ରା. ଯବକ୍ଷାରଜାନ ଫସଲକୁ ମିଳିବା ସହ ଏକ–ତୃତୀୟାଂଶ ଅଧିକ ଅମଳ ମିଳିଥାଏ ଏବଂ ମୃତ୍ତିକା ସୁସ୍ଥ ରହିବାରେ ସହାୟକ ହୋଇଥାଏ। ସୁତରାଂ, ଜୈବ ଉର୍ବରକକୁ ପ୍ରକୃତିର ଅବଦାନ ରୂପେ ଗ୍ରହଣ କରି ମୃତ୍ତିକାରେ ଆବଶ୍ୟକ ପରିମାଣର ପ୍ରୟୋଗ କରି ପରିବେଶ ସୁରକ୍ଷା ସହ ମୃତ୍ତିକାକୁ ସୁସ୍ଥ ରଖିପାରିବା ତଥା ଫସଲ ଅମଳକୁ ବୃଦ୍ଧି/ସମଗତିଶୀଳ କରିପାରିବା।

''ପ୍ରତି ୨ ବର୍ଷରେ ଥରେ ମାଟି ପରୀକ୍ଷା କରିବା ଜରୁରୀ। ତଦନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଫସଲ ଚାଷ ନିମିତ୍ତ ଖତସାର, ଜୈବସାର ଓ ମୃତ୍ତିକା ସୁଧାରକ ସମ୍ବନ୍ଧେ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥାଏ। ଅମ୍ଳମାଟି, ଲୁଣିମାଟି ଓ ଲୌହବହୁଳ ମାଟିର ପରିଚାଳନାରେ ଜୈବ ଉର୍ବରକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।''



*–ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ: ୭୨୦୫୦୯୬୦୮୦*

# ମାଟିର ଖରାଟିଆ ଚାଷ

ପ୍ର. ସୁବୋଧ କୁମାର ସାହୁ

(ଶେଷ ଭାଗ)

ଅନ୍ୟପକ୍ଷରେ ଖରାଟିଆ ଚାଷଦ୍ୱାରା ଜମିରେ ଫାଙ୍କ ସୃଷ୍ଟିହୁଏ ଏବଂ କିଛି ଢେଲା ମଧ୍ୟ ରହେ। ଫଳରେ ସୂର୍ଯ୍ୟକିରଣ ମାଟି ଉପରେ ସଳଖ ଭାବେ ନ ପଡି ତୀର୍ଯ୍ୟକ ଭାବେ ପଡ଼େ। ଏହାଦ୍ୱାରା ମାଟିର ଉତ୍ତାପ ୨୫ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ମଧ୍ୟରେ ରହି ମାଟିର ଉତ୍ତାପକୁ ବଢ଼ିବାକୁ ଦିଏନାହିଁ। ମାଟିର ରନ୍ଧ୍ରମଧ୍ୟରେ ବାୟୁ ଚଳାଚଳ ହେଉଥିବାରୁ ଏବଂ ଉତ୍ତାପ ନିୟନ୍ତ୍ରଣ ରହୁଥିବାରୁ, ଏହା ମାଟିର ଉପକାରୀ ଜୀବାଣୁଙ୍କ ପାଇଁ ଶୀତଳ ଭଣ୍ଡାର ପରି କାର୍ଯ୍ୟ କରେ। ଏହି ଉତ୍ତାପରେ ଧାନ ନଷ୍ଟ ନ ହୋଇ ସମ୍ପୂର୍ଣ୍ଣ ଗଜାହୁଏ। ଖରାଟିଆ ଚାଷପରେ ମାଟିର କଣିକା ସାନ୍ଦ୍ରତା କମି ଚାରାଗଛର ଚେରକୁ ଗଭୀରକୁ ପ୍ରବେଶ କରିବାରେ ସାହାଯ୍ୟ କରେ। ଅନାବନା ଘାସ ଫସଲର ମୁଖ୍ୟ ଶତ୍ରୁ। ଅନେକ ଘାସର ଚେର ଗଭୀର ମାଟିରେ ସୁପ୍ତ ଅବସ୍ଥାରେ ରହିଥାଆନ୍ତି। ବର୍ଷା ହେଲେ ଏହି ଚେର ଅଙ୍କୁରିତ ହୋଇ ବଂଶ ବିସ୍ତାର କରନ୍ତି। ଖରାଟିଆ ଚାଷ ହେଲେ ଉକ୍ତ ଚେର ମାଟି ଉପରକୁ ଆସି ମରିଯାଏ। ପରବର୍ତ୍ତୀ ସମୟରେ ଫସଲ ଘାସର ପ୍ରାଦୁର୍ଭାବରୁ ରକ୍ଷାପାଏ। ଫସଲ ଅମଳ ପରେ କେତେକ ରୋଗର ଜୀବାଣୁ ଏବଂ ଅନିଷ୍ଟକାରୀ ପୋକର ଅଣ୍ଡା ଏବଂ ଶୂକ ମାଟିର ନିମ୍ନ ସ୍ତରରେ ସୁପ୍ତ ଅବସ୍ଥାରେ ଥାଆନ୍ତି। ଅନୁକୂଳ ପାରିପାର୍ଶ୍ୱିକ ପରିବେଶରେ ରୋଗର ଜୀବାଣୁ ସକ୍ରିୟ ହୋଇ ଫସଲରେ ରୋଗ ସୃଷ୍ଟି କରନ୍ତି। ସେହିପରି ଅଣ୍ଡାରୁ ଶୂକ ବାହାରି ଫସଲକୁ ଖାଇ ଅନିଷ୍ଟ କରନ୍ତି। ଖରାଟିଆ ଚାଷ ଦ୍ୱାରା ନିମ୍ନ ସ୍ତରର ମାଟି ଉପରକୁ ଆସିଲେ ଲୁଚି ରହିଥିବା ରୋଗର ଜୀବାଣୁ, ଅନିଷ୍ଟକାରୀ କବକ ଏବଂ ପୋକର ଅଣ୍ଡା ଏବଂ ଶୂକ ବାହାରକୁ ଆସନ୍ତି। ପୋକର ଅଣ୍ଡା ଏବଂ କେତେକ ଶୂକ ସୂର୍ଯ୍ୟ ତାପରେ ନଷ୍ଟ ହୁଅନ୍ତି ଏବଂ ଅନ୍ୟ କେତେକକୁ ବିଭିନ୍ନ ପକ୍ଷୀ ଖାଇ ନଷ୍ଟ କରନ୍ତି। ଏହାଦ୍ୱାରା ଖରିଫ ଫସଲ ନିର୍ଦ୍ଦିଷ୍ଟ କେତେକ ରୋଗ ଏବଂ ପୋକ ଆକ୍ରମଣରୁ ରକ୍ଷାପାଏ।



ଖରାଟିଆ ଜମି ଚାଷକୁ ଚାଷୀ ଚିରାଚରିତ ପ୍ରଥାରେ ଏକ ଛୋଟ କାଠ ଲଙ୍ଗଳରେ କରିଆନ୍ତି। ଏହାଦ୍ୱାରା ଜମି ଅଗଭୀର ଚାଷହୁଏ। ଏପ୍ରକାର ଚାଷରୁ ବିଶେଷ କିଛି ଉପକାର ମିଳେ ନାହିଁ। ଲୁହା ଲଙ୍ଗଳ ଖରାଟିଆ ଚାଷ ପାଇଁ ଉପଯୁକ୍ତ। ବିଭିନ୍ନ ଲୁହା ଲଙ୍ଗଳ ମଧ୍ୟରୁ ମୋଲଡ଼ବୋର୍ଡ, ଡିସ୍କହାରୋ ପ୍ରଭୃତି ମୁଖ୍ୟ। ଏସବୁ ଲଙ୍ଗଳକୁ ଟ୍ରାକଟରରେ ଲଗାଇ ଜମିକୁ ଗଭୀର ଚାଷ କରାଯାଇ ପାରିବ। କାଠ ଲଙ୍ଗଳରେ ୨ ରୁ ୩ ସେ.ମି. ଗଭୀର ଚାଷ ହେଉଥିବା ବେଳେ ଲୁହା ଲଙ୍ଗଳରେ ୧୫ ରୁ ୨୦ ସେ.ମି. ଗଭୀରରେ ଚାଷ ହୋଇଥାଏ। ଖରାଦିନିଆ ଶୁଷ୍କ ଟାଣମାଟିକୁ ଲୁହା ଲଙ୍ଗଳ ଓଲଟ ପାଲଟ କରିଥାଏ। ଗଭୀର ଚାଷଦ୍ୱାରା ମାଟିର ବିଭିନ୍ନ ଭୌତିକ ଏବଂ ରାସାୟନିକ ପରିବର୍ତ୍ତନ ଘଟି ଅଧିକ ଫସଲ ଅମଳରେ ସାହାଯ୍ୟ କରେ।

*–ଶୈଳଶ୍ରୀ ବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

# ଆଖୁ ଚାଷରେ ଅଗବିନ୍ଧା ପୋକ ଦମନ



ଆଖୁ ଚାଷରେ ଅଗବିନ୍ଧା ପୋକ ଲାଗିଛି କି ? ଯଦି ହଁ, ତେବେ ଏହି ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ଏକର ପ୍ରତି ୫୦୦୦୦ ପ୍ରତି ଛାଡ଼ନ୍ତୁ। ଏହାଛଡା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ଅଥବା ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ ମିଲି ମନୋକ୍ରୋଟୋଫସ କିମ୍ବା କୁଇନାଲଫସ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ଦହିଆ ପୋକ ଲାଗିବାର ଆଶଙ୍କା ଅଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ।

# ଟମାଟୋ ତଳି ଲଗାଇବାର ପ୍ରଣାଳୀ

ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ଟମାଟୋ ବିହନ ଦରକାର। ଟମାଟୋ ତଳି ଲଗାଇବା ପୂର୍ବରୁ ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ, ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ପ୍ରସ୍ତୁତ କରନ୍ତୁ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦–୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ। ଅନ୍ୟପକ୍ଷରେ ଟମାଟୋର ପ୍ରମୁଖ ଉନ୍ନତ ବିହନ କିସମ ମଧ୍ୟରେ ରହିଛି ବିଟି–୨, ବିଟି–୧୦, ବିଟି–୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥି, ମର୍ନିସନ୍, ରଶ୍ମି ଏବଂ ନବୀନ।



# ବିଦେଶୀ ଖେଳାଳିଙ୍କୁ ବିସିସିଆଇର ପ୍ରତିଶ୍ରୁତି




## ଆଇପିଏଲ୍‌ରେ କୋଭିଡ୍ କଳାବାଦଲ

■ ଭାରତରୁ ବିମାନଯାତ୍ରାକୁ ସସ୍‌ପେଣ୍ଡ କଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ/ମେଲବୋର୍ନ,୨୭।୪(ପି.ଟି.)

ଭାରତରେ କୋଭିଡ୍‌ର ଦ୍ୱିତୀୟ ଲହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଉଥିବାରୁ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଅଂଶଗ୍ରହଣ କରିବାକୁ ଆସିଥିବା ବିଦେଶୀ ଖେଳାଳିଙ୍କ ଲାଗି ଏହା ଚିନ୍ତାର କାରଣ ହୋଇଛି। ସଂକ୍ରମିତଙ୍କ ଲାଗି ଦେଶରେ ଅକ୍ସିଜେନ ଓ କିଛି ଗୁରୁତ୍ୱପୂର୍ଣ୍ଣ ଔଷଧର ଅଭାବ ଦେଖା ଦେଇଥିବାରୁ ଅନେକ ପ୍ରାଣ ହରାଉଛନ୍ତି। ତେଣୁ ଟୁର୍ନାମେଣ୍ଟ ଶେଷ ହେଲେ ନିଜ ଦେଶକୁ କିପରି ସୁରକ୍ଷିତ ଭାବେ ଫେରିବେ ସେ ନେଇ ବିଦେଶୀ ଖେଳାଳିମାନେ ଆଶଙ୍କାରେ ରହିଛନ୍ତି। କରୋନା ଏହାର କାୟାବିସ୍ତାର କରି ଚାଲିଥିବାରୁ ଆଗକୁ ଭାରତକୁ ଯାତାୟାତ କଟକଣା ଆଶଙ୍କାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ବିଦେଶୀ ଖେଳାଳି। ଭୟରେ ଆଣ୍ଡ୍ର୍ୟୁ ଟାଇ ଆଗୁଆ ଅଷ୍ଟ୍ରେଲିଆ ଫେରିଯାଇଛନ୍ତି। କେନ୍ ରିଚାର୍ଡସନ ଓ ଆଡାମ ଜାମ୍ପା ବାଙ୍ଗାଲୋରସ୍ଥିତ ରୟାଲ ଚ୍ୟାଲେଞ୍ଜର୍ସ ବାୟୋ-ବବଲ ଛାଡ଼ି ସୋମବାର ଘରମୁହାଁ ହୋଇଛନ୍ତି। ଏହାର ଦିନକ ପରେ ଅଷ୍ଟ୍ରେଲିଆ ମେ’ ୧୫ ତାରିଖ ପର୍ଯ୍ୟନ୍ତ ଭାରତରୁ ବିମାନ ଯାତ୍ରାକୁ ସସ୍‌ପେଣ୍ଡ କରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କିନ୍ତୁ ବିଦେଶୀ ଖେଳାଳିଙ୍କୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଛି। ମେ’୩୦ରେ ଟୁର୍ନାମେଣ୍ଟ ଶେଷ ହେବାମାତ୍ରେ ଖେଳାଳିମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଘରେ ପହଞ୍ଚାଇବା ଦାୟିତ୍ୱ ଆମର ବୋଲି ବୋର୍ଡର ସିଓଓ ହେମାଙ୍ଗ ଅମିନ ପ୍ରକାଶ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ସେମାନଙ୍କ ଫେରିବା ଲାଗି ଏକ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରିବ ବୋଲି ମୁମ୍ବାଇ ଇଣ୍ଡିଆନ୍ସର ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ କ୍ରିସ୍ ଲିନ୍ ଆଶା ପ୍ରକାଶ କରିଥିଲେ। କାରଣ ପ୍ରତିଟି ଅଷ୍ଟ୍ରେଲିଆ ଖେଳାଳିଙ୍କର ପ୍ରତିଟି ଆଇପିଏଲ ଚୁକ୍ତିର ୧୦ ପ୍ରତିଶତ ଅର୍ଥ କ୍ରିକେଟ ଅଷ୍ଟ୍ରେଲିଆ ପାଣ୍ଠିକୁ ଯାଇଥାଏ ବୋଲି ସେ ଦର୍ଶାଇଛନ୍ତି। ଏଣେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ସ୍ପଷ୍ଟ କରିଦେଇଛନ୍ତି ଯେ, ତାଙ୍କ ଦେଶର ଯେଉଁମାନେ ଆଇପିଏଲ୍ ସହ ସଂଶ୍ଲିଷ୍ଟ ଅଛନ୍ତି ସେମାନଙ୍କୁ କୌଣସି ସରକାରୀ ସହାୟତା ଦିଆଯିବ ନାହିଁ। ସେମାନଙ୍କୁ ନିଜସ୍ୱ ବ୍ୟବସ୍ଥାରେ ଫେରିବାକୁ ହେବ। କାରଣ ସେମାନେ ଅଷ୍ଟ୍ରେଲିଆ ଜାତୀୟ ଦଳ ସହ ନୁହେଁ ଘରୋଇ ଭାବେ ଭାରତ ଗସ୍ତ କରିଛନ୍ତି। ଭାରତରେ ବର୍ତ୍ତମାନ ଦୈନିକ ହାରାହାରି ୩ଲକ୍ଷରୁ ଊର୍ଦ୍ଧ୍ୱ ନୂଆ କରୋନା ସଂକ୍ରମିତ ବାହାରୁଛନ୍ତି। ଦୈନିକ ୨,୦୦୦ରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। କରୋନା ରୋଗୀଙ୍କ ଲାଗି ଦେଶରେ ଅକ୍ସିଜେନ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ ଔଷଧର ଅଭାବ ଦେଖାଦେଇଛି।



# କୁମିନ୍ସଙ୍କ ପରେ ଲି’ଙ୍କ ବଦାନ୍ୟତା

ନୂଆଦିଲ୍ଲୀ,୨୭।୪(ପି.ଟି.)

ଭାରତର କୋଭିଡ୍- ୧୯ ମହାମାରୀ ଲଢେଇରେ ଏବେ ସାମିଲ ହୋଇଛନ୍ତି ପୂର୍ବତନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି। ବିଶ୍ୱର ୧ ନମ୍ବର ବୋଲର ନିଜ ଦେଶର ପ୍ୟାଟ୍ କୁମିନ୍ସଙ୍କଠାରୁ ପ୍ରେରଣା ପାଇ ସେ କରୋନା ଲଢେଇରେ ଭାରତକୁ ସାହାଯ୍ୟ କରିବା ପାଇଁ ଗୋଟିଏ ବିଟ୍‌କଏନ ଅର୍ଥାତ୍ ପାଖାପାଖି ୪୦ ଲକ୍ଷ ଟଙ୍କା ଦାନ କରିଛନ୍ତି।

ପୂର୍ବରୁ ସୋମବାର କୁମିନ୍ସ ଅକ୍ସିଜେନ ଯୋଗାଣ ପାଇଁ ପିଏମ୍ କେୟାର ପାଣ୍ଠିକୁ ୫୦, ୦୦୦ ଡଲାର ଦାନ କରିଥିଲେ। ମହାମାରୀରେ ଲୋକେ ପୀଡିତ ହୋଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅକ୍ସିଜେନ ଯୋଗାଣ ପାଇଁ ଏହି ପରିମାଣ ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଲି’ ଟୁଇଟ୍ କରି ଜଣାଇଛନ୍ତି। ଭାରତ ମୋ ପାଇଁ ଦ୍ୱିତୀୟ ଘର ସଦୃଶ। ଖେଳିବା ବେଳେ ଓ ଅବସର ନେବା ପରେ ଭାରତର ଲୋକମାନେ ବହୁତ ଭଲ ପାଇଛନ୍ତି ଓ ସମ୍ମାନ ଦେଇଛନ୍ତି ବୋଲି ବିଶ୍ୱର ଅନ୍ୟତମ ଦ୍ରୁତ ବୋଲର ଲି’ କହିଛନ୍ତି। କୁମିନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କୋଲକାତା ନାଇଟ ରାଇଡର୍ସ ତରଫରୁ ଖେଳୁଛନ୍ତି। ସେହିପରି ଲି’ ମଧ୍ୟ ଆଇପିଏଲ୍ ପାଇଁ କମେଣ୍ଟ୍ରି କରୁଛନ୍ତି। କରୋନା ମହାମାରୀ ବିରୋଧରେ ଏକାଠି ହୋଇ ଲଢିବାର ସମୟ ଆସି ପହଞ୍ଚିଛି। ଲୋକମାନେ ନିଜର ଯତ୍ନ ନେବା ସହ ଘରେ ରହି, ନିୟମିତ ହାତ ଧୋଇବାକୁ ଲି’ ନିବେଦନ କରିଛନ୍ତି। ଅତି ଦରକାର ପଡିଲେ ଘରୁ ବାହାରକୁ ଯାଆନ୍ତୁ ଓ ମାସ୍କ ପରିଧାନ କରନ୍ତୁ। କୁମିନ୍ସଙ୍କ ବଦାନ୍ୟତାକୁ ଲି’ ପ୍ରଶଂସା କରିଛନ୍ତି। ୪୪ ବର୍ଷୀୟ ଲି’ ଅଷ୍ଟ୍ରେଲିଆ ତରଫରୁ ପ୍ରତିନିଧିତ୍ୱ କରି ୭୬ଟି ଟେଷ୍ଟ, ୨୨୧ଟି ଦିନିକିଆ ଓ ୨୫ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଅସାଧାରଣ ଭାବେ ସଫଳତା ପାଇଛନ୍ତି।








For Institutional and Bulk Sales please write to bhubaneshwar@heromotocorp.com

Authorised Dealers: Bhubaneswar: Rohan Hero, Ph: 7799766422; Bharat Hero, Ph: 7799766378; DD Hero, Ph: 7799766329; Cuttack: JMG Hero, Ph: 7799766366; Sunny Hero, Ph: 7799766401; Essen Hero, Ph: 7799766425; Angul: Parbati Hero, Ph: 7799766342; Balasore: Neelam Hero, Ph: 7799766393; Baripada: Aditya Hero, Ph: 7799766370; Bhadrak: Sanjib Hero, Ph: 7799766380; Chandikhol: S. K. Hero, Ph: 7799766362; Jagatsinghpur: Trishul Hero, Ph: 7799766383; Jajpur Road: Soumik Hero, Ph: 7799766410; Jaleswar: Sai Hero, Ph: 7799766407; Jatni: Vishal Hero, Ph: 7799766398; Keonjhar: Supreme Hero, Ph: 7799766360; Nayagarh: Bhagabati Hero, Ph: 7799766417; Puri: Sanjib Hero, Ph: 8448389695; Behrampur: Lakshmi Motors (Dharma Nagar), Ph: 7799766350, Lakshmi Automotives (Gajapati Nagar), Ph: 9311853279; Jeypore: Supreme Hero, Ph: 7799766340; Phulbani: Narayani Hero, Ph: 7799766373; Raygada: Ajit Hero, Ph: 7799766358; Bargarh: Aakash Hero, Ph: 7799766396; Bhawanipatna: Arundhati Hero, Ph: 7799766385; Bolangir: Arundhati Hero, Ph: 7799766327; Jharsuguda: Vijaylaxmi Hero, Ph: 7799766368; Rourkela: Dua Hero, Ph: 7799766391; Sambalpur: Sri Shyam Hero, Ph: 7799766356; Sonepur: Jai Jawan Hero, Ph: 7799766419; Sundergarh: Robotech Hero, Ph: 8448183659; Dhenkanal: Som Hero, Ph: 7799766347; Talcher: Tarini Hero, Ph: 7799766374.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଗୋପାଳପୁର:** ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଗୋଳନ୍ଥରା ଚଟି ଛକରେ ମଙ୍ଗଳବାର ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜାଲାରିପେଣ୍ଠ ଗ୍ରାମର ଜି.ମୁରଲୀ ରାଓ (୫୭)। ଗୋପାଳପୁର ଥାନା ଅନ୍ତର୍ଗତ ଜାଲାରିପେଣ୍ଠ ଗ୍ରାମର ମୁରଲୀ କୌଣସି କାମରେ ଗୋଳନ୍ଥରା ଚଟି ଆସିଥିଲେ। କାମ ସାରି ପୂର୍ବାହ୍ନରେ ସାଇକେଲରେ ଗ୍ରାମକୁ ଫେରୁଥିବା କଲିକତା ଅଭିମୁଖେ ଯାଉଥିବା ଏକ ଟ୍ରକ ମୁରଲୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ନଂ. ୧୨୦/୨୧ରେ ପୋଲିସ ମାମଲା ରୁଜୁ କରିଛି।

# ସିସିସି ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା ନିର୍ଦ୍ଦେଶ

**ଛତ୍ରପୁର,୨୭।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଲକ୍ଷ୍ୟକରି ଜିଲାର ଅନେକ ବୁଦ୍ଧିଜୀବୀ ଲକ୍‌ଡାଉନ ସପକ୍ଷରେ ସୋସିଆଲ ମିଡିଆରେ ନିଜ ମତ ରଖିଛନ୍ତି। ଅନେକ ବ୍ୟବସାୟୀକ ସଂଘ ଦୋକାନ ବଜାର ବନ୍ଦ ରଖିବାକୁ ସ୍ୱତଃପ୍ରବୃତ ଭାବେ ନିଷ୍ପତ୍ତି ନେଇଛନ୍ତି । କରୋନା ପ୍ରତିହତ ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଜନସାଧାରଣ ମଧ୍ୟ ସଜାଗ ଓ ସଚେତନ ରହିବା ଜରୁରୀ ହୋଇପଡିଛି। ନିହାତି ଆବଶ୍ୟକ ନ ପଡିଲେ ଘରୁ ବାହାରନ୍ତୁ ନାହିଁ । ମାସ୍କ ପରିଧାନ, ପଞ୍ଚସୂତ୍ରୀ ନିୟମ ପାଳନ ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅନୁରୋଧ କରିଛନ୍ତି । ଜିଲାରେ କରୋନା ପରିଚାଳନା ସମୟରେ ଉନ୍ନୟନ କାର୍ଯ୍ୟ ବନ୍ଦ ହେବନାହିଁ। ଯନ୍ତ୍ରୀମାନେ କରୋନା କାର୍ଯ୍ୟରେ ନିୟୋଜିତ ହୋଇ ନ ଥିବାରୁ ଉନ୍ନୟନ କାର୍ଯ୍ୟ ପୂର୍ବଭଳି ଚାଲୁ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ସୋମବାର ସୁଦ୍ଧା ଜିଲାକୁ ୧୭,୭୭୧ ଜଣ ପ୍ରବାସୀ ଫେରିଥିବା ପଞ୍ଜୀକରଣ ତଥ୍ୟରୁ ଜଣାପଡିଛି । ଯାହାକି ଗତବର୍ଷ ତୁଳନାରେ ବହୁତ କମ୍ । ତେଣୁ ପଞ୍ଚାୟତସ୍ତରରୁ ଆରମ୍ଭ କରି ସମସ୍ତ ସ୍ଥାନରେ ପଞ୍ଜୀକରଣ, ସ୍ୱାସ୍ଥ୍ୟଯାଞ୍ଚ, ସଙ୍ଗରୋଧରେ ଥିବା ଆକ୍ରାନ୍ତଙ୍କ ଠିକ ଚିକିତ୍ସା ହୋଇପାରିଲେ ଜିଲାରୁ ଶୀଘ୍ର ସଂକ୍ରମିତ ସଂଖ୍ୟା ହ୍ରାସ ପାଇବ। ସମସ୍ତ କୋଭିଡ କେୟାର ସେଣ୍ଟର(ସିସିସି) ଶଯ୍ୟାରେ ଅକ୍ସିଜେନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲାପାଳ କହିଛନ୍ତି। ସମସ୍ତ ଚିକିତ୍ସାଳୟ ଏବଂ କୋଭିଡ କେୟାର୍ ସେଣ୍ଟରରେ ବିଦ୍ୟୁତ୍ ସରବରାହ ଯେପରି ବନ୍ଦ ହେବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସିସିସିରେ ଆବଶ୍ୟକୀୟ ଷ୍ଟାଫ ମୁତୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଏହାର ସୁପରିଚାଳନା ଦିଗରେ ଧ୍ୟାନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନର ସଂକ୍ରମଣ ସ୍ଥିତିକୁ ଲକ୍ଷ୍ୟକରି ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବାହନ ସେବାକୁ ମଙ୍ଗଳବାରରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିବା ଜିଲାପାଳ ଏକ ଆଦେଶନାମାରେ ଦର୍ଶାଇଛନ୍ତି । ଯାନବାହନ ପଞ୍ଜୀକରଣ, ମୋଟରଯାନ ଟ୍ୟାକ୍ସ ଆଦାୟ, ସାମୁହିକଭାବେ ଗାଡିକୁ ବ୍ୟବହାର ନ କରିବା ନିମନ୍ତେ ଆବେଦନ, (ଅଫ ରୋଡ) ବ୍ୟତୀତ ଅନ୍ୟ ସମସ୍ତ ସେବା ବନ୍ଦ ରହିବ। ସେଥିରେ ଜନ ସାଧାରଣ ସହଯୋଗ କରିବାକୁ କୁହାଯାଇଛି।

## ମା' ତାରାତାରିଣୀଙ୍କ ଚୈତ୍ରଯାତ୍ରା ଉଦ୍‌ଯାପିତ



ଶୀତଳା ବେଶରେ ମା ତାରାତାରିଣୀ।

**ପୁରୁଷୋତ୍ତମପୁର,୨୭।୪(ଡି.ଏନ.ଏ.)**

ମା' ତାରା ତାରିଣିଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା କଟକଣା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଭୋର ସାଢ଼େ ୪ରୁ ମନ୍ଦିର ଦ୍ୱାର ଫିଟାଯାଇ କରୋନାରୁ ବିଶ୍ୱକୁ ମୁକ୍ତି ଲାଗି ସେବାୟତଙ୍କ ପରିବାର ପକ୍ଷରୁ ଋଷିକୁଲ୍ୟା ନଦୀରୁ ୧୦୮ କଳସରେ ଜଳ ଆଣି ମା'ଙ୍କୁ ସ୍ନାନ କରାଇଥିଲେ। ପରେ ମଙ୍ଗଳ ଆଳତି, ଅବକାଶ ନୀତି, ମାଜଣା, ଅଭିଶେକ, ସିଙ୍ଗାର ଆଦି ପୂଜାର୍ଚ୍ଚନା କରି ମା ତାରା ତାରିଣି ଦୁଇ ଭଉଣୀଙ୍କୁ ଶୀତଳା ବେଶରେ ସଜ୍ଜିତ କରାଯାଇ ସକାଳ ୭.୧୫ରେ ସାହାଣ ମେଲା କରାଯାଇଥିଲା। କରୋନା ପାଇଁ ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କୁ ବାରଣ କରାଯାଇଥିବାରୁ ମନ୍ଦିର ସମ୍ପୂର୍ଣ୍ଣ ରୂପେ ଖାଁ ଖାଁ ହୋଇ ପଡ଼ିଛି। ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ନିତିଶ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଗୁଡ୍ଡୁ, ବିଡିଓ ବିଜୟ କୁମାର ଉପସ୍ଥିତ ରହିଥିବା ବେଳେ ଏସ୍‌ଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ସମେତ ପୋଲିସ ଫୋର୍ସ ବିଭିନ୍ନ ସ୍ଥାନରେ ରହି ଲୋକଙ୍କୁ ମନ୍ଦିରକୁ ପ୍ରବେଶ ବାରଣ କରିଛନ୍ତି। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ଼ିଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।

## ସଂକ୍ଷେପରେ

### ବାଇବାଲି ଜଙ୍ଗଲରେ ନିଆଁ

**ଭଞ୍ଜନଗର,୨୭।୪(ଡ଼ି.ଏନ.ଏ):** ମୁଜାଗଡ଼ ରେଞ୍ଜ ବାଇବାଲି ଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗିଛି। କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି । ଖବରପାଇ ଏସିଏଫ୍ ସୁଦର୍ଶନ ବାଦୀ ଆବଶ୍ୟକ ପଦକ୍ଷେପ ନେବାପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ।

### ୫ ଦୋକାନ ସିଲ୍

#### କୋଭିଡ୍ ନିୟମ ଉଲ୍ଲଂଘନ

**ହିଞ୍ଜିଳିକାଟୁ,୨୭।୪(ଡି.ଏନ.ଏ.):** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ହିଞ୍ଜିଳିକାଟୁ ପୌର ପ୍ରଶାସନ ଓ ପୋଲିସ ପକ୍ଷରୁ ମଙ୍ଗଳବାର ସହରର ୫ ଦୋକାନକୁ ସିଲ୍ କରାଯିବା ସହ ୧୫ ବ୍ୟବସାୟୀଙ୍କ ଠାରୁ ୭ହଜାର ୫ଶହ ଜରିମାନା ଆଦାୟ କରାଯାଇଛି। ହିଞ୍ଜିଳିକାଟୁର ଲକ୍ଷ୍ମୀ ନୃସିଂହ ବଣିକ ସଂଘ ପକ୍ଷରୁ ଗତ ସୋମବାର ଠାରୁ ଆସନ୍ତା ମଇ ୨ ତାରିଖ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୀ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ପାଇଁ ଲିଖିତ ଭାବେ ଜିଲାପାଳଙ୍କୁ ଚିଠି ପ୍ରଦାନ କରାଯାଇଥିଲା। ପ୍ରଶାସନିକ ଚାପରେ ଏହି ନିଷ୍ପତ୍ତି ଏକପାଖିଆ ଅଭିଯୋଗ କରି କିଛି ବ୍ୟବସାୟୀ ଦୋକାନ ଖୋଲିଥିବାରୁ ପ୍ରସାଶନ ଚଢ଼ାଉ କରିଥିଲା।

### ଗଜପତିରେ ପୁଣି ୭୯ ପଜିଟିଭ

**ପାରଳାଖେମୁଣ୍ଡି,୨୭।୪(ଡି.ଏନ୍.ଏ.):** ଗଜପତି ଜିଲାରେ ମଙ୍ଗଳବାର ୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରରୁ ସର୍ବାଧିକ ୪୮, ଗୋଷାଣୀ ବ୍ଲକରୁ ୩, ଗୁମ୍ମା ବ୍ଲକରୁ ଜଣେ, କାଶୀନାଗର ବ୍ଲକରୁ ୯, ରାୟଗଡ଼ ବ୍ଲକରୁ ୩, ନୂଆଗଡ଼ ବ୍ଲକରୁ ୨, ମୋହନା ବ୍ଲକରୁ ୫ ଏବଂ ଉଦୟଗିରି ବ୍ଲକରୁ ୪, ଆନ୍ଧ୍ରପ୍ରଦେଶରୁ ୪ ଜଣ ଚିହ୍ନଟ ହୋଇଥିବାର ଜିଲାପାଳ ଅନୁପମ ସାହା ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୪୮୫୨ରେ ପହଞ୍ଚିଛି । ସଂକ୍ରମିତମାନେ ହୋମ ଆଇସୋଲେଶନରେ ରହି ଚିକିତ୍ସିତ ହେଉଥିବାବେଳେ, କେତକ କୋଭିଡ ହସ୍ପିଟାଲ ଏବଂ ସିସିସିରେ ରହି ଚିକିତ୍ସିତ ହେଉଛନ୍ତି। ଏହାକୁ ଆଖି ଆଗରେ ରଖି ସହରର ସମସ୍ତ ନାକା ପଇଣ୍ଟରେ ଚେକିଂ କଡ଼ାକଡ଼ି କରାଯାଉଛି।

### କରୋନା ସଚେତନତା କାର୍ଯ୍ୟକ୍ରମ

**ବାଲିଗୁଡ଼ା,୨୭।୪.(ଡି.ଏନ.ଏ.):** ବାଲିଗୁଡ଼ା ବ୍ଲକ ବାରଖମା ଗ୍ରାମ ପଞ୍ଚାୟତରେ ଜୀବନ ଜ୍ୟୋତି କଳା ପରିଷଦ ତରଫରୁ ଏକ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରଖମା ହାଇସ୍କୁଲ ଛକଠାରୁ ରାଜିବ ଗାନ୍ଧୀ ସେବା କେନ୍ଦ୍ର ପର୍ଯ୍ୟନ୍ତ ଏକ ପଦଯାତ୍ରା କରି ଲୋକମାନଙ୍କୁ କରୋନା ସଚେତନ ବାର୍ତ୍ତା ଦିଆଯାଇଥିଲା। ପରିଷଦର ସଦସ୍ୟ ମାନେ ମାସ୍କ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ସରପଞ୍ଚ କୁନାର ପ୍ରଧାନ, ବାଲିଗୁଡ଼ା ଉପଖଣ୍ଡ କଳାକାର ସଂଘର ସହ ସମ୍ପାଦକ ଦେବରାଜ କୈବର୍ତ୍ତ, ଚିତ୍ରକର ସନୁ ମହାରଣା ଏବଂ ଜୀବନ ଜ୍ୟୋତି କଳା ପରିଷଦର ସମ୍ପାଦକ ତଥା ସମାଜ ସେବୀ ପରମାନନ୍ଦ ନାୟକ, ସହ ସମ୍ପାଦକ ହେବଲ ଦିଗାଲ, କୋଷାଧ୍ୟକ୍ଷ ଖ୍ରୀଷ୍ଟଦାସ ଦିଗାଲ, ଉପଦେଷ୍ଟା ଲକ୍ଷ୍ମୀନାରାୟଣ ଦଣ୍ଡିଆ, ସୁବାସ ବିନ୍ଧାଣି, ଦିଗସନ ନାୟକ, ଭାନୁ ନାୟକ, ଜମ୍ବେଶର ଦିଗାଳ, ବିରାଜ କୁମାର ନାୟକ, ଥମା ନାୟକ, ଜୟସେନ ମଲିକ, ସୁରେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କୋଭିଡ୍ ମୁକାବିଲା ସମୀକ୍ଷା




ହିଞ୍ଜିଳିକାଟୁରେ ଜନପ୍ରତିନିଧିଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ହିଞ୍ଜିଳିକାଟୁ/ଶେରଗଡ଼, ୨୭।୪(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ଗସ୍ତ କରି ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କୁ ଭେଟି କୋଭିଡ୍ ମୁକାବିଲା ନେଇ ସମୀକ୍ଷା କରିଥିଲେ। ବର୍ତ୍ତମାନ କରୋନା ପୁଣି କାୟାବିସ୍ତାର କରୁଥିବାରୁ ଗତବର୍ଷ ଭଳି ଦାୟିତ୍ୱ ତୁଲାଇବାକୁ ଜିଲାପାଳ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳରେ ସରପଞ୍ଚ, ସମିତିସଭ୍ୟ ଓ ସ୍ୱେଚ୍ଛାସେବୀମାନଙ୍କୁ କହିଛନ୍ତି। ହିଞ୍ଜିଳିକାଟୁ ବ୍ଲକ ପରିସର ଗଣେଶ ମନ୍ଦିରଠାରେ ଓ ପୌର ପରିଷଦ ପରିସରରେ ଆୟୋଜିତ ବୈଠକରେ ଜିଲାପାଳ ଯୋଗଦେଇ ବାହାର ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ଚିହ୍ନଟ, ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଥିଲେ। କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଗୃହ ସଙ୍ଗରୋଧରେ ରହିବା ଓ ଗୁରୁତରଙ୍କୁ କୋଭିଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ସହରାଞ୍ଚଳରେ ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ଯେପରି ସୃଷ୍ଟି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଶେରଗଡ଼ ବ୍ଲକ ୨୨ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କୁ କରୋନା ସଚେତନତାର ମୂଳମନ୍ତ୍ର ଦେଇଛନ୍ତି। ବ୍ଲକ ସମ୍ମୁଖରେ ସାମାଜିକ ଦୂରତା ରଖି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ଆମକୁ ସଚେତନତା କରିବାକୁପଡିବ ସଚେତନତା ହିଁ କରୋନାର ସଫଳ ଚିକିତ୍ସା। ସଚେତନତ ନ ହେଲେ ଆମେ କରୋନା ଲଢେଇରେ ହାରିଯିବା ବୋଲି ଜିଲାପାଳ କହିଥିଲେ। ଶୋରଗଡ଼ ବ୍ଲକରେ କରୋନା ରୋଗୀଙ୍କ ସଂଖ୍ୟା ୧୧ ଅଛି । ବ୍ଲକର ୫ ଟି ଗ୍ରାମପଞ୍ଚାୟତ ରେଡ୍ ଜୋନ ଥିବାବେଳେ ବଳକା ୧୭ ପଞ୍ଚାୟତ ଗ୍ରୀନ ଜୋନରେ ରହିଛି । ଏହା ଏକ ଭଲ ଲକ୍ଷଣ। ଖମାରଠାରେ କାର୍ଯ୍ୟକ୍ଷମ ହେବାକୁ ଥିବା କୋଭିଡି ସେଣ୍ଟରରେ ୫୦ ଜଣଙ୍କ ପାଇଁ ଅକ୍ସିଜେନ ବେଡ ପ୍ରସ୍ତୁତ କରି ରଖିବାକୁ ବିଡିଓ ଶମ୍ଭୁନାଥ ନନ୍ଦିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡ଼ିକୁ ୯୧୯ ଜଣ ଆସିଥିବା ବିଡିଓ ନନ୍ଦି କହିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ହୃଷୀକେଶ ପାଢି, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ଶାନ୍ତିଦେବୀ, ସିଡିପିଓ ବିଜୟ ଲକ୍ଷ୍ମୀ ନିଶାଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କୋଚିଂ ସେଣ୍ଟର ବନ୍ଦ କଲା ପ୍ରଶାସନ

**ବୁଗୁଡ଼ା,୨୭।୪(ଡି.ଏନ.ଏ.)**

କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଉଥିବାରୁ ସରକାରୀ ନିଷ୍ପତ୍ତି ପ୍ରକାରେ ଦଶମ ଶ୍ରେଣୀ ପରୀକ୍ଷା ବାତିଲ ସହ ସ୍କୁଲ ଓ କଲେଜ ସବୁ ବନ୍ଦ ରହିଥିବା ବେଳେ ବୁଗୁଡ଼ାରେ ବହୁ କୋଚିଂ ସେଣ୍ଟର ଚାଲୁ ରହିଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ କୋଚିଂ ସେଣ୍ଟରଗୁଡିକୁ କଡା ତାଗିଦ୍ କରିବା ଫଳରେ ସେଗୁଡିକ ବନ୍ଦ ରହିଛି। ସହରର ପ୍ରାୟ ସମସ୍ତ ନାମକରା କୋଚିଂ ସେଣ୍ଟର ଗୁଡିକ ବନ୍ଦ ରହିଥିଲା କେତେକ ଅନାମଧେୟ କୋଚିଂ ସେଣ୍ଟର ଲୁଚାଛପାରେ ଛାତ୍ରୀଛାତ୍ରଙ୍କ ଭିଡ ଜମାଉଥିବା ଅଭିଯୋଗ ହେଉଛି। ମହାମାରୀକୁ ପ୍ରତିହତ କରିବା ଲକ୍ଷ୍ୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୈନିକ ଜନ ସଚେତନତା ସାଙ୍ଗକୁ ତାଗିଦ୍ କରାଯିବା ସତ୍ତ୍ୱେ ବି ଯଦି କୌଣସି କୋଚିଂ ସେଣ୍ଟର ଚାଲୁରହେ ତେବେ ସେଠାରେ ପ୍ରଶାସନିକ ଚଢାଉ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ସଂଗ୍ରାମ କେଶରୀ ଜେନା ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ଓଡ଼ିଆ ବିଭାଗର ୱେବିନାର

**ଆସିକା,୨୭।୪(ଡି.ଏନ.ଏ.)**

ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓଡିଆ ବିଭାଗର ୱେବିନାର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡିଆ ସାହିତ୍ୟରେ ଆଧୁନିକତା ବିଷୟ ବସ୍ତୁ ଉପରେ ଆଧାରିତ ଏହି ୱେବିନାରରେ ମୁଖ୍ୟବକ୍ତା ରୂପେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ଓ ଆଲୋଚକ ଭାବେ ଯୁକ୍ତ୨ ଆଞ୍ଚଳିକ ନିର୍ଦ୍ଦେଶକ କୁଳମଣି ଓଝା ଯୋଗଦେଇଥିଲେ । କଲେଜ ଅଧକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଡ. ସୁପ୍ରିୟା ଦାସ ଆଲୋଚନାର ବିଷୟବସ୍ତୁ ଉପରେ ତଥ୍ୟ ପ୍ରଦାନ କରିଥିଲେ । ଡ. କେ. ଓମ ନାରାୟଣ ରାଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ଡ. ସରୋଜ କୁମାର ଜେନା, ଡି. ପାଣ୍ଡିବ ରେଡ୍ଡୀ, ପ୍ରିୟଙ୍କା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବହୁ ଛାତ୍ରୀ ୱେବିନାରରେ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## କୋଭିଡ୍ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ଭଞ୍ଜନଗର,୨୭।୪(ଡି.ଏନ.ଏ)**

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ଭଞ୍ଜନଗର ନିର୍ବାଚନମଣ୍ଡଳୀର କୋଭିଡ୍ ସ୍ଥିତି ଓ ଏହାର ମୁକାବିଲା ସମ୍ପର୍କିତ ସମୀକ୍ଷା କରିଥିଲେ। ଉପଖଣ୍ଡରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଭଞ୍ଜନଗରରେ ଏକ କୋଭିଡ୍ ହସ୍ପିଟାଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଭଞ୍ଜନଗର ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ହେବ। ଏଥିରେ କୌଣସି କର୍ମଚାରୀ ଅବହେଳା କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଆରୁଖ ପରୋକ୍ଷରେ ସୂଚାଇ ଦେଇଥିଲେ। ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଭଞ୍ଜନଗର ତହସିଲଦାର ଆଲୋକ ପ୍ରଧାନ, ଜଗନ୍ନାଥପ୍ରସାଦ ବିଡିଓ ଅନୁପ ପଣ୍ଡା, ସହକାରୀ ଉପ ଜିଲାପାଳ ବିଶ୍ୱ ରଞ୍ଜନ କଁଅର,ଏନଏସି ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ମିଶ୍ର, ଯନ୍ତ୍ରୀ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ୭ ଦିନିଆ ବଜାର ବନ୍ଦ ନିଷ୍ପତ୍ତି

## ଦିନକରେ ୩ଜଣଙ୍କ ମୃତ୍ୟୁକୁ ନେଇ ଆତଙ୍କ

**ଦିଗପହଣ୍ଡି,୨୭।୪(ଡି.ଏନ.ଏ.)**

ଦିଗପହଣ୍ଡି ସହରରେ ମଙ୍ଗଳବାର ୨ ମହିଳାଙ୍କ ସମେତ ଜଣେ ଔଷଧ ଦୋକାନୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ସନ୍ଧ୍ୟାରେ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏନ୍‌ଏସି ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ନିମନ୍ତେ ଆୟୋଜିତ ସଭାରେ ଦିଗପହଣ୍ଡି ବ୍ୟବସାୟୀ ସଂଘର କାର୍ଯ୍ୟକର୍ତ୍ତା ଭି. ରବିନାରାୟଣ ରାଜୁ, ପ୍ରଦୀପ କୁମାର ପଣ୍ଡା, ଏମ୍. ପଞ୍ଚାନନ ପାତ୍ରଙ୍କ ସମେତ ବହୁ ସଂଖ୍ୟକ ବ୍ୟବସାୟୀ ଉପସ୍ଥିତ ଥିଲେ। ଦିଗପହଣ୍ଡି ବିଡିଓ ହଳଧର ଶବର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଏବଂ ଦିଗପହଣ୍ଡି ଥାନା ଏସଆଇ ବଳଭଦ୍ର ଗଣ୍ଡଙ୍କ ଉପସ୍ଥିତିରେ ଗୁରୁବାରରୁ ଆସନ୍ତା ବୁଧବାର ପର୍ଯ୍ୟନ୍ତ ସହରର ସମସ୍ତ ଦୋକାନ ବଜାର ବନ୍ଦ ରଖାଯିବା ନିମନ୍ତେ ସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ମଙ୍ଗଳବାର ଦିଗପହଣ୍ଡି ସହର ୱାର୍ଡ ନଂ. ୩ ବିଲ ହୁଡା ନଗରରେ ରହୁଥିବା ନବ ବିବାହିତା ଶିବାନୀ ଗତ ୪ ଦିନ ହେଲା ଜ୍ୱରରେ ସଂକ୍ରମିତ ଥିଲେ। ରବିବାର କୋଭିଡ଼ ରିପୋର୍ଟ ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଭୀଷ୍ମଗିରି ଗ୍ରାମର ଔଷଧ ଦୋକାନୀ ଭବାନୀ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ସେହିପରି ମଙ୍ଗଳବାର ସକାଳେ ଭୀଷ୍ମଗିରି ଗ୍ରାମର ଭବାନୀଙ୍କ ଜଣେ ସମ୍ପର୍କୀୟ ମହିଳା ମଧ୍ୟ ମୃତ୍ୟୁ ଘଟିଥିଲା।ଗତ ୧୫ ଦିନ ମଧ୍ୟରେ ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳର ପ୍ରାୟ ୮ ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

## ସୁଗ୍ରୀବ ସିଂଙ୍କ ସ୍ମୃତିଚାରଣ



ସ୍ମୃତିଚାରଣ ସଭାରେ ଉପସ୍ଥିତ ଖବରଦାତାମାନେ।

**ଫୁଲବାଣୀ ଅଫିସ, ୨୭।୪**

ଫୁଲବାଣୀ ପ୍ରେସ୍ କ୍ଲବରେ ଖବରଦାତାମାନଙ୍କ ପକ୍ଷରୁ ଏବଂ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ପୂର୍ବତନ ବିଜୁ ଜନତା ଦଳର ଏମ୍‌ପି ସୁଗ୍ରୀବ ସିଂଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସୁଗ୍ରୀବ ସିଂ ଜଣେ ମେଳାପୀ ବ୍ୟକ୍ତି ଥିଲେ । କାହାରି ସହ ତାଙ୍କର ଶତ୍ରୁତା ନ ଥିଲା। ଅତୀତରେ ସାମ୍ବାଦିକତା କରିଥିବାରୁ ସବୁବେଳେ ସେ ସାମ୍ବାଦିକଙ୍କ ସୁବିଧା ଅସୁବିଧା ପଚାରି ବୁଝୁଥିଲେ । ଏମ୍‌ପି ନିର୍ବାଚିତ ହେବା ପରେ ବି ସାମ୍ବାଦିକତାକୁ ଭଲ ପାଉଥିଲେ। ସେ ଆମ ଗହଣରେ ନ ଥିଲେ ମଧ୍ୟ ସବୁ ବେଳେ ହୃଦୟରେ ରହିବେ ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା।

# ପ୍ରାଣୀଧନ ଚିକିତ୍ସକଙ୍କ ଆନ୍ଦୋଳନ

**ପାରଳାଖେମୁଣ୍ଡି,୨୭।୪(ଡି.ଏନ୍.ଏ.)**



ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ ପରିଧାନ କରିଛନ୍ତି।

କରୋନା ମହାମାରୀ ସମୟରେ ବି ପ୍ରାଣୀଧନ ଚିକିତ୍ସକମାନେ ନିଜ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ସେମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉନାହିଁ। ଡାକ୍ତରମାନଙ୍କ ଭଳି ୫ ବର୍ଷ ୬ ମାସ ପାଠ ପଢି ସାରିବା ପରେ ପ୍ରାଣୀଧନ ଚିକିତ୍ସକ ନିଯୁକ୍ତି ମିଳିଥାଏ । ହେଲେ ଡାକ୍ତରମାନଙ୍କ ଭଳି କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ସେମାନଙ୍କୁ ପ୍ରାରମ୍ଭିକ ନିଯୁକ୍ତି ପ୍ରଦାନ କରାଯାଉନାହିଁ। ପ୍ରାଣୀଧନ ଚିକିତ୍ସକଙ୍କୁ ଅବହେଳା କରାଯାଉଛି । ଏହା ପ୍ରତିବାଦରେ ଗଜପତି ଜିଲାର ପ୍ରାଣୀଧନ ଚିକିତ୍ସକମାନେ କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ସେମାନେ ଗତ ୨୫ ତାରିଖରୁ ଡିଜିଟାଲ ସେବା ବର୍ଜନ କରିଛନ୍ତି। ଆସନ୍ତା ୧ରୁ କଲମ ଛାଡ଼, ଚିକିତ୍ସାଳୟ ପରିସର କାର୍ଯ୍ୟ ନିର୍ଘଣ୍ଟ ଓ କାର୍ଯ୍ୟ ଦିବସ ବାହାରେ ସେବା ବିରତ, ୧୫ରୁ ସମୂହ ଛୁଟି ଓ ୨୫ ତାରିଖରୁ ପ୍ରାଣୀ ଚିକିତ୍ସକମାନେ ସମୂହ ଇସ୍ତଫା ଦେବା ପାଇଁ ବାଧ ହେବେ ବୋଲି ସଙ୍ଘ ତରଫରୁ ସହ ସମ୍ପାଦକ ପ୍ରଶାନ୍ତ କୁମାର ସାମଲ, ଜିଲା ପ୍ରତିନିଧି କାମେଶ୍ୱର ରେଡ୍ଡୀ ସୂଚନା ଦେଇଛନ୍ତି ।

## କଟକଣା ନେଇ ଏନ୍‌ଏସି, ବ୍ୟବସାୟୀଙ୍କ ଯୁକ୍ତିତର୍କ

**ଗଞ୍ଜାମ,୨୭।୪(ଡି.ଏନ.ଏ.)**

ଗଞ୍ଜାମ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର ଓ ଏନ୍‌ଏସି କର୍ମଚାରୀ ସୋମବାର ସହରର ବଡ ବଜାରରେ ଜଣେ ବ୍ୟବସାୟୀଙ୍କୁ ଡଷ୍ଟବିନ କାହିଁକି ଭାଙ୍ଗି ଯାଇଛି କହିବା ସହ ଫାଇନ କାଟିବାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏ ନେଇ ଗଞ୍ଜାମ ଥାନାରେ ବ୍ୟବସାୟୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଥିଲା। ପୋଲିସ ନଂ. ୭୮/୨୧ରେ ମାମଲା ରୁଜୁ କରିଛି। ଏ ନେଇ ବଡବଜାର ବଣିକ ସଂଘ ସମ୍ପାଦକ କାହ୍ନୁ ଚରଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଆଗାମୀ ଦିନରେ ବ୍ୟବସାୟୀ ସଂଘ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ମେଡିକାଲରେ ଆହତଙ୍କୁ ସାହାଯ୍ୟ କରିବେ ସ୍ୱେଚ୍ଛାସେବୀ

## ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ

**ଭଞ୍ଜନଗର,୨୭।୪(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ସମୀକ୍ଷା ବୈଠକ ମଙ୍ଗଳବାର ଭିଡିଓ କନଫରେନ୍ସରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅଧ୍ୟକ୍ଷତା କରି ଉପଖଣ୍ଡରେ ଦୁର୍ଘଟଣା ହାର କିଭଳି କମିବ ସେ ନେଇ କହିଥିଲେ। ନୂଆଗାଁ ବ୍ରିଜ ନିକଟ ଏବଂ କଇଣ୍ଡି ପାଖରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ଦୁଇ ସ୍ଥାନରେ କିଛି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ବିଭିନ୍ନ ସମୟରେ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନେ ଆସିକା ଓ ଭଞ୍ଜନଗର ମେଡ଼ିକାଲକୁ ଆସିଲେ ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ କେହି ସାହାଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ଏଥିପାଇଁ କେତେଜଣ ସ୍ୱେଚ୍ଛାସେବୀ ନିଯୁକ୍ତି ଦେବାକୁ ଉପ ଜିଲାପାଳ ପରାମର୍ଶ ଦେଇଥିଲେ। ଭଞ୍ଜନଗର ମେଡ଼ିକାଲରେ ହେଲପିଙ୍ଗ୍ ହ୍ୟାଣ୍ଡର ୪ଜଣ କର୍ମକର୍ତ୍ତା ଓ ଆସିକା ମେଡିକାଲରେ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଆହତମାନଙ୍କୁ ସାହାର୍ଯ୍ୟ କରିବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ କହିଥିଲେ। ଗତବର୍ଷ ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ଉପଖଣ୍ଡରେ ଘଟିଥିବା ଦୁର୍ଘଟଣାରେ ୨୪ ଜଣଙ୍କ ଜୀବନ ଯାଇଥିଲା। ଚଳିତ ବର୍ଷ ଏହି ସମୟ ମଧ୍ୟରେ ୨୧ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ବସ୍‌ରେ ଯାତ୍ରୀମାନେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବା ବାଧ୍ୟତାମୂଳକ। ମାସ୍କ ପିନ୍ଧି ନ ଥିଲେ ଗାଡିଚାଳକଙ୍କୁ ଟାଙ୍କିରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ନିଶାସକ୍ତ ହୋଇ ଗାଡ଼ିଚଳାଇବା, ଦ୍ରୁତଗତିରେ ଗାଡି ଚଳାଇବା ଆଦି କାରଣରୁ ୩ମାସ ମଧ୍ୟରେ ୪୨୨ ଜଣଙ୍କ ଡ୍ରାଇଭିଙ୍ଗ୍ ଲାଇସେନ୍ସ ରଦ୍ଦ କରାଯାଇଥିବା ବୈଠକରୁ ଜଣାପଡ଼ିଛି। ବୈଠକରେ ଭଞ୍ଜନଗର ଘରୋଇ ବସ୍ ମାଲିକ ସଂଘ ନେତା ବିପ୍ର ଚରଣ ବାରିକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀଧର ମହାନ୍ତି, ସୁନିଲ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ପୋଲାଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ସଂକ୍ଷେପରେ

### ମା' ହେଙ୍ଗୁଳା ଠାକୁରାଣୀଙ୍କ ଜନ୍ମୋତ୍ସବ ପାଳିତ

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ହାଟମୁଣ୍ଡପାଟଣାସ୍ଥିତ ମା'ହେଙ୍ଗୁଳା ଦେବୀଙ୍କ ଜନ୍ମୋତ୍ସବ ପବିତ୍ର ଚୈତ୍ର ପୂର୍ଣ୍ଣିମୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଏଠାରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମହିଳା ଭାଗବତ ମଣ୍ଡଳୀ ପକ୍ଷରୁ ଭାଗବତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ଦେଖିଥିଲେ।

### ସବ୍‌ଜେଲରେ ୯ ସଂକ୍ରମିତ

**ଦଶପଲ୍ଲା,୨୭।୪(ଡି.ଏନ୍.ଏ.):** ମଙ୍ଗଳବାର ସ୍ଥାନୀୟ ସବ୍‌ଜେଲ୍ ଅନ୍ତେବାସୀଙ୍କ ମଧ୍ୟରୁ ୯ଜଣ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡିଛି। ଏଥିସହିତ ତୁମାଣ୍ଡି ଗ୍ରାମର ଜଣେ, ସୁବଳୟା ଗ୍ରାମର ଜଣେ, ସାତପାଟଣା ଗ୍ରାମର ଜଣେ ଏଭଳି ମୋଟ ୧୨ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଛି। ଅନ୍ୟପକ୍ଷେ ଲୋକସଂଖ୍ୟା ଅନୁଯାୟୀ ଟିକା ଉପଲବ୍ଧ ନ ଥିବାରୁ ଆସନ୍ତା ଗୁରୁବାରଠାରୁ ଟିକାକରଣ ବନ୍ଦ ରହିବ ବୋଲି ଦଶପଲ୍ଲା ଡାକ୍ତରଖାନା ସୂତ୍ରରୁ ଖବର ମିଳିଛି। ଟିକା ଆସିବା ପରେ ଲୋକମାନଙ୍କୁ ଅବଗତ କରାଯିବ ବୋଲି ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି।

### ଅପେକ୍ଷା କରି ଫେରିଲେ ମହିଳା
### ଟିକା ନେଇଥିବା ମେସେଜ୍ ଆସିଲା

**ନୟାଗଡ଼ ଅଫିସ,୨୭।୪:** ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ନୂଆଗାଁର ଆଶାମଣି ପଣ୍ଡା(୫୯) କୋଭିଡ୍ ଟିକା ନେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ମଙ୍ଗଳବାର ଧାଡ଼ିରେ ଥିଲେ। ହେଲେ ଟିକା ନାହିଁ, ପରେ ଦିଆଯିବ କହିବାରୁ ଫେରିବାକୁ ବାଧ୍ୟ ହୋଇଥିଲେ। ତେବେ ସେ ଟିକା ନେଇ ସାରିଥିବା ରିପୋର୍ଟ ଆସିଛି। ଏନେଇ ଆଶାମଣି କହିଛନ୍ତି, ଟିକା ନ ନେଇ ମେସେଜ୍ ଆସିବା ପରେ ମୁଁ ଭାପୁର ଡାକ୍ତରଖାନାରେ ଅଭିଯୋଗ କରିଥିଲି। ହେଲେ କିଛି ଲାଭ ହେଲାନାହିଁ। ଅନ୍‌ଲାଇନରେ କ'ଣ ହୋଇଛି ଆମେ କିଛି କହିପାରିବୁ ନାହିଁ ବୋଲି ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଛନ୍ତି।

### ପୂର୍ବାହ୍ନ ୧୦ଟାରେ ଟିକାଦାନ ଆରମ୍ଭ, ଭୋର ସାଢ଼େ ୫ଟାରୁ ଧାଡ଼ି

**ନୟାଗଡ଼ ଅଫିସ୍,୨୭।୪:** ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟିକାଦାନ ପୂର୍ବାହ୍ନ ୧୦ଟାରୁ ମଧାହ୍ନ ୧୨ ଓ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହେଉଛି। ହେଲେ ଟିକା ନେବା ପାଇଁ ଭୋର ସାଢ଼େ ୫ଟାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାଡ଼ି ଆରମ୍ଭ ହୋଇ ଯାଉଛି। ଖରା ପ୍ରକୋପରୁ ରକ୍ଷା ପାଇଁ ଲୋକମାନେ ଭୋରୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି।

### ୨ ଜଳଖିଆ ଦୋକାନ ସିଲ୍

**ନୟାଗଡ଼ ଅଫିସ,୨୭।୪:** ନୟାଗଡ଼ ଟାଉନ ଥାନା ପୋଲିସ ଓଡ଼ଗାଁ ଛକରେ ୨ ଜଳଖିଆ ଦୋକାନକୁ ସିଲ୍ କରିଛି। କରୋନା କଟକଣାକୁ ଅଣଦେଖା କରି ଦୁଇ ଦୋକାନୀ ବ୍ୟବସାୟ କରୁଥିଲେ। ପୋଲିସ ଧରପଗଡ଼ ବେଳେ ଉଭୟ ଦୋକାନୀ ଧରା ପଡିଥିଲେ।

### ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ନୟାଗଡ଼ ଅଫିସ,୨୭।୪: ବଳାତ୍କାର ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ଖଣ୍ଡପଡ଼ା ଥାନା ନୂଆଗଡିଆସାହିର ଗିରିଆ ନାୟକ(୨୧)ଙ୍କୁ ଗିରଫ କରିଛି। ଗିରିଆ ସ୍ଥାନୀୟ ବାଲୁଗାଁ ପଞ୍ଚାୟତ ଅଞ୍ଚଳର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ୨୦୨୦ ଡିସେମ୍ବରରେ ବଳାତ୍କାର କରି ଫେରାର ଥିଲେ। ଏନେଇ ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୋଲିସ ୩୭୬, ୫୦୬ ଦଫାରେ ଏକ ମାମଲା(ନଂ.୧୬୮/୨୦) ରୁଜୁ କରି ତଦନ୍ତ କରୁଥିଲା।

### ଅଗ୍ନି ବିପନ୍ନଙ୍କୁ ସହାୟତା

ନୟାଗଡ଼ ଅଫିସ,୨୭।୪: ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣପୁର ପଞ୍ଚାୟତ ପୋଡାସାହି ନୂଆସାହିର ଅଗ୍ନିବିପନ୍ନଙ୍କୁ ଭାରତୀୟ ବିକାଶ ପରିଷଦର ନୟାଗଡ଼ ଜିଲା ଶାଖା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଅଗ୍ନିବିପନ୍ନଙ୍କୁ ଚାଉଳ, ଚୁଡା, ଚିନି, ଲୁଗା, ଆଳୁ, ପିଆଜ, ଟର୍ଚ୍ଚ ଲାଇଟ୍, ମାସ୍କ, ବିସ୍କୁଟ ଆଦି ପ୍ରଦାନ କରାଯାଇଛି।

# ଧାନକିଣା ଦୁର୍ନୀତିକୁ ପ୍ରୋତ୍ସାହନ

**ନୟାଗଡ଼ ଅଫିସ,୨୭।୪**

- ସମ୍ପାଦକଙ୍କ କାର୍ଯ୍ୟ ତଦାରଖ ବୈଠକ ବନ୍ଦ
- କରୋନା ଆଳ

ମାର୍ଚ୍ଚ ୩୧ରେ ନୟାଗଡ଼ ଜିଲାରେ ଧାନକିଣା ଶେଷ ହୋଇଛି। ହେଲେ ଦୁର୍ନୀତିଗ୍ରସ୍ତ ଅଧିକାରୀ, କର୍ମଚାରୀଙ୍କୁ ଚିହ୍ନଟ କରାଯାଇପାରି ନାହିଁ। କେବଳ ଧାନକିଣାରେ ଅନିୟମିତତା ଅଭିଯୋଗରେ ୭ଜଣଙ୍କୁ ନିଲମ୍ବନ କରାଯାଇ ଏହି ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡ଼ି ଦିଆଯାଇଛି। ସମ୍ପୃକ୍ତ କର୍ମଚାରୀମାନେ ଏବେ ପୁଣି ଥରେ ଚାକିରିକୁ ଫେରିବା ପାଇଁ ଲବି ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଧାନକିଣା ଦୁର୍ନୀତିର ତଦନ୍ତ ପାଇଁ ଯୋଗାଣ ଓ ସମବାୟ ବିଭାଗ ପକ୍ଷରୁ ଗଠିତ ଜିଲାସ୍ତରୀୟ କମିଟି ସ୍ଥାଣୁ ପାଲଟିଯାଇଛି। ପୁଣି ଧାନକିଣାର ସ୍ୱଚ୍ଛତା ଉଦ୍ଦେଶ୍ୟରେ ସମ୍ପାଦକମାନଙ୍କ କାର୍ଯ୍ୟ ତଦାରଖ ବୈଠକ ୨ବର୍ଷ ହେଲା ବସିନାହିଁ। ଗତବର୍ଷ ଜିଲାପାଳ ବୈଠକ ଡକାଇ ଶେଷ ମୁହୂର୍ତ୍ତରେ ବାତିଲ କରିଥିଲେ। ଚଳିତବର୍ଷ ଜିଲାପାଳ ବୈଠକ ଡକାଇ ନାହାନ୍ତି। ୨ବର୍ଷ ହେବ କରୋନା କଟକଣା ଆଳରେ ଉକ୍ତ ବୈଠକକୁ ବନ୍ଦ ରଖାଯାଇଛି। ଏହି ବୈଠକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥା'ନ୍ତା। ଦୁର୍ନୀତିର ତଦନ୍ତ ପାଇଁ ଗଠିତ ଜିଲାସ୍ତରୀୟ ସ୍କ୍ୱାଡ୍ ରିପୋର୍ଟ ମଧ୍ୟ ଏଥିରେ ସ୍ଥାନ ପାଇଥା'ନ୍ତା।

ସୂଚନାଯୋଗ୍ୟ, ଜିଲାରେ ୧୫୨ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ୧୬୨ ଧାନମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହୋଇଥିଲା। ଅଧିକାଂଶ ମଣ୍ଡିରେ ଧାନକିଣାରେ ଦୁର୍ନୀତି ଚାଲିଥିଲା। ଏ ସଂକ୍ରାନ୍ତରେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଓ ଏଆରସିଏସ୍‌ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷେ ଗତ ୩ବର୍ଷ ହେଲା ନକଲି ଚାଷୀଙ୍କ ଦୌରାତ୍ମ୍ୟ ବଢ଼ିଛି। ମିଲର, ମଣ୍ଡି ସମ୍ପାଦକ ଓ ଧାନ ବେପାରୀଙ୍କ ସହଯୋଗରେ ନକଲି ଚାଷୀମାନେ ପ୍ରକୃତ ଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଛନ୍ତି। ଚାଷୀ ଜାଣିବା ପୂର୍ବରୁ ତାଙ୍କ ନାଁରେ ଧାନ ବିକ୍ରି ହୋଇସାରିଛି। ଭାଗଚାଷୀ ବି ଏ ସଂକ୍ରାନ୍ତରେ ଜାଣି ପାରୁନାହାନ୍ତି। ପୁଣି ପଡିଆ, ମୁଣ୍ଡିଆ, ପୋଖରୀ ଜଳସେଚିତ ଜମି ନାଁରେ ଦୁର୍ନୀତି ଚାଲିଛି। ଚଳିତବର୍ଷ ଅଧିକାଂଶ ଭାଗଚାଷୀ ଓ ଚାଷୀ ଧାନ ବିକ୍ରି କରିବାର ସୁଯୋଗ ପାଇଲେ ନାହିଁ। ପୁଣି ବଡ଼ ଧାନ ଚାଷୀମାନେ ଧାନ ବିକ୍ରି କରିବାର ସୁଯୋଗ ପାଇ ନ ଥିବା ଜଣାପଡ଼ିଛି।

### ଟୋକନ ବଢ଼ାଇଲା ଅଭାବୀ ବିକ୍ରି

ଟୋକନ ପ୍ରକ୍ରିୟା ନୟାଗଡ଼ ଜିଲାରେ ଧାନର ଅଭାବୀ ବିକ୍ରିକୁ ବଢ଼ାଇଥିଲା। ଟୋକନ ନ ଆସିଲେ ଧାନ ବିକ୍ରି କରାଯାଇ ପାରିବନି ବୋଲି ସରକାରୀସ୍ତରରେ କୁହାଗଲା। ଚାଷୀ ମଣ୍ଡିକୁ ଧାନ ଆଣି ଫେରାଇ ନେଲା। ଟୋକନ ଆସିବାକୁ ଅନେକ ଚାଷୀ ଅପେକ୍ଷା କରି ରହିଲେ। ହେଲେ ଟୋକନ ନ ଆସିବାରୁ ନିରାଶ। ସେମାନେ ନିଜ ଧାନକୁ ଦଲାଲଙ୍କୁ ଶାଗମାଛ ଦରରେ ବିକ୍ରି କରିଥିଲେ। ବହୁ ବଡ଼ଚାଷୀ ବି ଏପରି ସ୍ଥିତିରେ ଫସିଥିଲେ। ଦଲାଲ ସମିତିର ସମ୍ପାଦକଙ୍କୁ ଧରି ନିଜ ଧାନକୁ ସମ୍ପର୍କୀୟ, ଗାଁ ଲୋକ, ବେକାର ଯୁବକଙ୍କୁ ଭାଗଚାଷୀ ଦର୍ଶାଇ ଧାନ ବିକ୍ରି କରିଥିଲେ। ଏମିତି ଦୁର୍ନୀତି ବଢ଼ି ଚାଲିଥିବାବେଳେ ସରକାରୀସ୍ତରରେ ସମୀକ୍ଷା କରାଯାଇ ପାରିଲାନାହିଁ। ପୁଣି ଧାନକିଣା ଦୁର୍ନୀତି ନେଇ ବିଭିନ୍ନ ସ୍ଥାନରୁ ଅଭିଯୋଗ ଆସିବା ପରେ ବି ଲଗାମ ଲଗା ଯାଇପାରିଲା ନାହିଁ। ଏନେଇ ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ଧାନକିଣାରେ ଯେଉଁଠି ଅନିୟମିତତା ଅଭିଯୋଗ ଆସିଛି ଆମେ ତୁରନ୍ତ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ଚଳିତବର୍ଷ ୭ଜଣ ନିଲମ୍ବନ ହୋଇଛନ୍ତି। ସମ୍ପାଦକମାନଙ୍କ କାର୍ଯ୍ୟ ତଦାରଖ ବୈଠକ ଚଳିତ ବର୍ଷ ହୋଇନାହିଁ ବୋଲି ସେ କହିଛନ୍ତି।

# ପୂର୍ବାଶାଙ୍କୁ ଆଇନ ସ୍ନାତକୋତ୍ତର ପରୀକ୍ଷାରେ ସ୍ୱର୍ଣ୍ଣପଦକ



ପୂର୍ବାଶା ପ୍ରିୟଦର୍ଶିନୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଉଛି।

**ନୟାଗଡ଼ ଅଫିସ/ ରଣପୁର(ସ୍ୱ.ପ୍ର.)୨୭।୪**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ସ୍ନାତକୋତ୍ତର ୨୦୧୯ ପରୀକ୍ଷାରେ ଟପ୍ପର ହୋଇଥିବା ନୟାଗଡ଼ ଜିଲା ରଣପୁରର ପୂର୍ବାଶା ପ୍ରିୟଦର୍ଶିନୀ ସାମନ୍ତରାୟଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ଏ ନେଇ ଆୟୋଜିତ ସାମ୍ବତ୍ସରିକ ଉତ୍ସବରେ ଭର୍ଚୁଆଲ ମାଧ୍ୟମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣି, ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ଆଇନ ସ୍ନାତକୋତ୍ତର ପରୀକ୍ଷାରେ ପୂର୍ବାଶା ମୋଟ ୨୦୦୦ ନମ୍ବରରୁ ୧୪୦୮ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ ପାଇଁ ଯୋଗ୍ୟ ବିବେଚିତା ହୋଇଥିଲେ। ପୂର୍ବାଶା ଆଇନ ପାଠ ସହିତ ଗୀତ ଓ ଅଭିନୟରେ ମଧ୍ୟ ପାରଦର୍ଶିତା ଲାଭ କରିଛନ୍ତି। ଏହି ସଫଳତା ପାଇବା ପରେ ପୂର୍ବାଶାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ବର୍ତ୍ତମାନ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ରଣପୁର କୋର୍ଟରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଛନ୍ତି।

# ଶ୍ରୀଜୀଉଙ୍କ ବନବାସ ବେଶ

**ଓଡ଼ଗାଁ, ୨୭।୪(ସ୍ୱ.ପ୍ର.)**

ଓଡ଼ଗାଁରେ ଦଶଦିନ ବ୍ୟାପୀ ଚାଲିଥିବା ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ମାତା ଜାନକୀ ସହିତ ବନ ଗମନ କରୁଥିବା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁ ଶ୍ରୀରାମ ଅଯୋଧ୍ୟା ରାଜ ସିଂହାସନ ଆରୋହଣର

**ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ଷଷ୍ଠ ସନ୍ଧ୍ୟା**

ଅବ୍ୟବହିତ ପୂର୍ବରୁ ପିତୃସତ୍ୟ ପାଳନ କରି ମାତା ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ବନବାସ ନିମନ୍ତେ ରାଜକୀୟ ପରିପାଟୀ ପ୍ରତ୍ୟାହାର କରିଛନ୍ତି। ମୁଣ୍ଡରେ ଜଟାଜୁଟ ଓ ହାତରେ ଧନୁତୀର ଧରି ବନବାସୀ ବେଶରେ ୧୪ ବର୍ଷ ପାଇଁ ବନଗମନ କରୁଥିବା ଦୃଶ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। କିନ୍ତୁ ଶ୍ରୀଜୀଉଙ୍କ ବନଗମନ ପଛରେ ସମାଜ ପାଇଁ ଯେଉଁ ବୃହତ୍ତର ସ୍ୱାର୍ଥ ଲୁଚି ରହିଥିଲା, ତାହା କେବଳ ପୁରୁଷୋତ୍ତମଙ୍କୁ ହିଁ ଜଣାଥିଲା। ସୂଚନାଯୋଗ୍ୟ, ପ୍ରଭୁ ଶ୍ରୀରାମ ବନଗମନ କାଳରେ ସେଠାରେ ହିଁ ଅତ୍ରିମୁନିଙ୍କ ଆଶ୍ରମରେ ଅବସ୍ଥାନ କରିବା ସହିତ ସୀତା ଋଷିଙ୍କ ସ୍ତ୍ରୀ ଅନସୂୟାଙ୍କଠାରୁ ଅମ୍ଳାନ ବସ୍ତ୍ର ଗ୍ରହଣ ପୂର୍ବକ ପରିଧାନ କରିଥିଲେ। ଅଥବା ବନବାସୀ ବେଶରେ ହିଁ ଶ୍ରୀଜୀଉ ଏଠାରେ ବିଗ୍ରହ ରୂପେ ପ୍ରତିଷ୍ଠା ହୋଇ ସିଂହାସନରେ ବିଜେ କରିଛନ୍ତି। କାହିଁ କେଉଁ କାଳରୁ ଏଠାରେ ପୂଜା ପାଇ ଆସୁଥିବା ବେଳେ ଦାରୁ ବିଗ୍ରହଙ୍କ ଅଦ୍ୟାବଧି ନବ କଳେବର ହୋଇନାହିଁ। ବୁଧବାର ଶ୍ରୀଜୀଉଙ୍କ ବନବାସ ସମୟରେ ଅର୍ଥାତ୍ ସପ୍ତମ ସନ୍ଧ୍ୟାରେ ଚିତ୍ରକୂଟ ପର୍ବତରେ ବିଶ୍ରାମ କରୁଥିବା ଦୃଶ୍ୟରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ।


ବନ ଗମନ ବେଶରେ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ମାତା ଜାନକୀ।

# ନୟାଗଡ଼ରେ ପୁଣି ୧୧୦ ଆକ୍ରାନ୍ତ

**ନୟାଗଡ଼ ଅଫିସ,୨୭।୪**

- ମୋଟ ରୋଗୀଙ୍କ ସଂଖ୍ୟା ୯୬୦
- ବ୍ଲକ ଓ ସହରାଞ୍ଚଳ ସର୍ବାଧିକ

ନୟାଗଡ଼ ଜିଲାରେ ୧୧୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସରକାରୀ ଭାବେ ମଙ୍ଗଳବାର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ବ୍ଲକ ଓ ସହରାଞ୍ଚଳରେ ସର୍ବାଧିକ ରୋଗୀ ରହିଛନ୍ତି। ଏହି ରିପୋର୍ଟକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୬୦ରେ ପହଞ୍ଚିଛି। ମଙ୍ଗଳବାର ରିପୋର୍ଟ ଅନୁଯାୟୀ, ଭାପୁର ବ୍ଲକରେ ୨, ଦଶପଲ୍ଲା ବ୍ଲକରେ ୮, ଖଣ୍ଡପଡ଼ା ବ୍ଲକରେ ୪, ନୟାଗଡ଼ ବ୍ଲକରେ ୨୪, ନୂଆଗାଁ ବ୍ଲକରେ ୧୬, ଓଡ଼ଗାଁ ବ୍ଲକରେ ୧୮, ରଣପୁର ବ୍ଲକରେ ୧୪, ନୟାଗଡ଼ ପୌରାଞ୍ଚଳରେ ୨୪ (ବାହାର ଜିଲାର) ରୋଗୀ ଚିହ୍ନଟ ହୋଇଛନ୍ତି। ଗଣିଆ ବ୍ଲକରେ କେହି ଚିହ୍ନଟ ହୋଇନାହାନ୍ତି।

# ଦୟଣା ଚୋରି ନୀତି ସମ୍ପନ୍ନ

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର)**

ଶ୍ରୀନୀଳମାଧବ ଜୀଉଙ୍କ ଦୟଣା ଚୋରି ନୀତି ସୋମବାର ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ରାତିରେ ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ସନ୍ଧ୍ୟା ନୀତି ଓ ଦକ୍ଷିଣ ଘର ଭୋଗପରେ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ମହାପ୍ରଭୁଙ୍କ ଆଜ୍ଞା ମାଳ ଲାଗି କରାଯାଇଥିଲା। ଏହାପରେ ବିମାନରେ ଠାକୁରଙ୍କୁ ବିଜେ କରାଯାଇ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା। ପୁରୋଧା ପ୍ରଶନ୍ନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ହୋମ କରାଯାଇଥିଲା। ଏହାପରେ ଶ୍ରୀ ହସ୍ତରେ ଦୟଣା ଗଛ ରଖାଯାଇ ଯଥାବିଧି ନୀତି ସଂପନ୍ନ ହୋଇଥିଲା। ମୁଖ୍ୟ ପୂଜକ ପ୍ରସନ୍ନ ମିଶ୍ର ଓ ମହାପତ୍ରୀ ଜ୍ୟୋତି ରଞ୍ଜନ ମିଶ୍ର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ନୀତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କରୋନାରେ ଜଣେ ମୃତ

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର.):** ଖଣ୍ଡପଡ଼ା କୋଭିଡ୍‌ସେଣ୍ଟରରେ ମଙ୍ଗଳବାର ସୁଦ୍ଧା ୩୭ ଜଣ କରୋନା ରୋଗୀ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ୬ଜଣ ରୋଗୀଙ୍କୁ ଆଶୁ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା କୋଭିଡ୍ ସେଣ୍ଟର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ପାଇକରାୟ କହିଛନ୍ତି।

# ୭ବର୍ଷ ପରେ ଅଭିଯୁକ୍ତ ଗିରଫ


ବରଦା ପ୍ରସନ୍ନ ମହାନ୍ତି

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର.)**

ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ ଅଧିକାରୀଙ୍କୁ ପୋଲିସ ଅଭିଯୋଗର ୭ବର୍ଷ ପରେ ଗିରଫ କରିଛି। ତାଙ୍କୁ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରୁ ମଙ୍ଗଳବାର ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ସହରରେ ଏସ୍‌କେଏସ୍ ମାଇକ୍ରୋ ଫାଇନାନ୍ସ ନାମକ ଏକ ଘରୋଇ ସଂସ୍ଥାରେ ବରଦା ପ୍ରସନ୍ନ ମହାନ୍ତି କାମ କରୁଥିଲେ। ସେ ଜମାକାରୀଙ୍କ ଟଙ୍କା ଡିପୋଜିଟ୍ ନ କରି ୩ଲକ୍ଷ ୫୪ ହଜାର ୯୬୮ ଟଙ୍କା ଆତ୍ମସାତ କରିଥିବା ସମ୍ପର୍କରେ ୨୦୧୪ରେ ସଂପୃକ୍ତ ସଂସ୍ଥାର ମ୍ୟାନେଜର ବିଭୁ କଲ୍ୟାଣ ପଣ୍ଡା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୭/୧୪) ରୁଜୁ କରିଥିଲା। ଏହାର ୭ବର୍ଷ ପରେ ଖଣ୍ଡପଡା ପୋଲିସ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଓସଙ୍ଗା ଗ୍ରାମରେ ଚଢାଉ କରି ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି।

# ମହିଷାସୁଣୀ ପୀଠରେ ହାଣ୍ଡିଭଙ୍ଗା ପର୍ବ

**ଖଣ୍ଡପଡ଼ା,୨୭।୪(ସ୍ୱ.ପ୍ର.)**

ମଙ୍ଗଳବାର ଚୈତ୍ର ପୂର୍ଣ୍ଣମୀ ଅବସରରେ ଖଣ୍ଡପଡ଼ା ବ୍ଲକ୍ ଜଗନ୍ନାଥପ୍ରସାଦ ପଞ୍ଚାୟତ ମହୁଲପଡ଼ା ଗ୍ରାମର ମା'ମହିଷାଷୁଣୀ ପୀଠରେ ହାଣ୍ଡିଭଙ୍ଗା ପର୍ବ କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୁଲପଡ଼ା, ଦରଦା, ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିଲେ। ମନ୍ଦିର ପରିସରରେ ଚୂଲି ଖୋଳି ମାଟି ହାଣ୍ଡିରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରିଥିଲେ। ସମସ୍ତଙ୍କ ରୋଷେଇ ସଂପନ୍ନ ହେବା ପରେ ମନ୍ଦିର ପୂଜକ ରମେଶ ପାତ୍ର ପ୍ରତ୍ୟେକଙ୍କ ମାଟି ହାଣ୍ଡିରୁ ପ୍ରସ୍ତୁତ ଅନ୍ନ ମା'ଙ୍କ ଉଦ୍ଦେଶ୍ୟରେ ଲାଗି କରିଥିଲେ। ପରେ ସମସ୍ତ ଅନ୍ନ ପ୍ରସାଦ କାଢି ନିଆଯିବା ପରେ ଖାଲି ହାଣ୍ଡିକୁ ଏକ କାଠ ଫାଳିଆରେ ଧରି ମନ୍ଦିର ପୁଷ୍କରିଣୀ କୂଳକୁ ନେଇଥିଲେ। ସେହି ହାଣ୍ଡିକୁ କାଠଫାଳିଆରେ ବାଡ଼େଇ ଭାଙ୍ଗି ଥିଲେ। ପାରମ୍ପରିକ ରୀତିନୀତିରେ ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଏହି ପର୍ବ ଶେଷ ହୋଇଥିଲା।


ହାଣ୍ଡିଭଙ୍ଗା ପର୍ବରେ ସାମିଲ ହୋଇଥିବା ମହିଳାମାନେ।

# ଖୋଲା ଆକାଶ ତଳେ ୨୨ ପରିବାର

**ଓଡ଼ଗାଁ,୨୭।୪(ସ୍ୱ.ପ୍ର.)**

- ଅଗ୍ନିବିପନ୍ନଙ୍କୁ ମିଳିଲା ସହାୟତା
- ଗ୍ରାମାଞ୍ଚଳ ଆବାସ ଯୋଜନାରେ ସାମିଲ ଦାବି

ଓଡ଼ଗାଁ ତହସିଲ ଓ ବାଣପୁର ପଞ୍ଚାୟତ ପୋଡାସାହି ନୂଆସାହିରେ ସୋମବାର ମଧାହ୍ନରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୨୨ ପରିବାର ସମ୍ପୂର୍ଣ୍ଣ ବାସହୀନ ହୋଇ ପଡିଛନ୍ତି। ଚଇତି ନିଆଁ ସାଙ୍ଗକୁ ପବନ ବହିବା କାରଣରୁ ଘରକୁ ଘର ନିଆଁ ବ୍ୟାପିଥିଲା। ଗାଁରେ କେହି ବି ନ ଥିଲେ। ପେଟପାଟଣା ପାଇଁ ସବୁ ଜଙ୍ଗଲକୁ ଚାଲି ଯାଇଥିଲେ। ଏପରି କି ଛେଳି ଗୁହାଳରେ ଦିଆଯାଇଥିବା ବାଉଁଶ ତାଟି ଖୋଲିବାକୁ ଗୋଟିଏ ଛୁଆ ବି ନ ଥିଲେ। ଫଳରେ ୨୫ ଛେଳି ଜୀବନ୍ତ ଦଗ୍ଧ ହୋଇଗଲେ। ବିପନ୍ନ ପରିବାର ଏବେ ବି ଖୋଲା ଆକାଶ ତଳେ ପଡ଼ିଛନ୍ତି।

ଅଗ୍ନିବିପନ୍ନ ପରିବାରକୁ ତହସିଲଦାର ଦେଇଥିବା ପଲିଥିନ ଟାଣିବାକୁ ଘର ଡିହରେ ଖୁଣ୍ଟ ବାଉଁଶ ମଧ ନାହିଁ। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ନିକଟସ୍ଥ ଜଙ୍ଗଲରୁ ବନ୍ୟପ୍ରାଣୀ ଗାଁକୁ ପଶି ଆସିବାର ସମ୍ଭାବନା ଅଧିକ। ଗାଁକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଟାଙ୍କି ଓ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରି ଠିକାଦାର ଓ ଯନ୍ତ୍ରୀ ସେମାନଙ୍କ ବିଲ୍ ପାସ କରି ମାଲାମାଲ ହୋଇଛନ୍ତି। ଦିନକ ପାଇଁ ପାଇପ୍ ପାଣି ଟୋପେ ଏହି ଗାଁ ଲୋକ ପାଇନାହାନ୍ତି। ଆବାସ ଯୋଜନା ଘର କୌଣସି ଗ୍ରାମବାସୀଙ୍କୁ ମିଳିନାହିଁ। ତଥାପି ଏହି ଆଦିବାସୀ ଅଗ୍ନିବିପନ୍ନ ପରିବାର କାହା ବିରୋଧରେ ଆଜିଯାଏ ମୁହଁ ଖୋଲି ନାହାନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ପିନ୍ଧାଲୁଗା ବ୍ୟତୀତ ଅବଶିଷ୍ଟ କିଛି ନାହିଁ।

ମଙ୍ଗଳବାର ପ୍ରଶାସନିକ ଅଧିକାରୀଙ୍କ ସହିତ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ଓ ଅନ୍ୟମାନେ ଅଗ୍ନିବିପନ୍ନ ପରିବାରକୁ ଭେଟି ୭ ଦିନ ପାଇଁ ରନ୍ଧାଖାଦ୍ୟର ବନ୍ଦୋବସ୍ତ କରିଛନ୍ତି। ଆବଶ୍ୟକ ଆସବାବପତ୍ର ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ ସ୍ଥାନୀୟ ଶ୍ରୀସତ୍ୟସାଇ ଆଧ୍ୟାତ୍ମିକ ଶିକ୍ଷା ଓ ସାମୂହିକ ସେବାକେନ୍ଦ୍ର ଦ୍ୱାରା ସମସ୍ତ ପରିବାରଙ୍କୁ ଗୋଟିଏ ଲେଖା ଅମୃତ କଳସ (ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ) ସହିତ ମାସ୍କ, ସାବୁନ ଓ ଖାଦ୍ୟ ପଦାର୍ଥ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଭାଜପା ତରଫରୁ ମହିଳା ନେତ୍ରୀ ଇରାନୀ ରାୟ ଅଗ୍ନିବିପନ୍ନଙ୍କୁ ଲୁଗା, ଧୋତି ସହିତ ଚୁଡା, ଚିନି, ବିସ୍କୁଟ, ତେଜରାତି ସାମଗ୍ରୀ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେମାନଙ୍କ ଥଇଥାନ ନିମନ୍ତେ ଅତିରିକ୍ତ ଜିଲାପାଳଙ୍କ ସହିତ ସେ ଆଲୋଚନା କରିଛନ୍ତି। ସମ୍ପୂର୍ଣ୍ଣ ଘର ପୋଡ଼ିଥିବା ପରିବାରଙ୍କୁ ୯୭ ହଜାର ଏବଂ ଆଂଶିକ ପୋଡିଥିବା ପରିବାରଙ୍କୁ ୩୫,୦୦୦ ଟଙ୍କା ଲେଖା ତୁରନ୍ତ ପ୍ରଦାନ କରିବାକୁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଅଗ୍ନିବିପନ୍ନଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଉଦ୍ୟମ କରାଯାଉଥିବା ସୂଚନା ମିଳିଛି। ହେଲେ ସମସ୍ତଙ୍କୁ ଗ୍ରାମାଞ୍ଚଳ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।


ପୋଡ଼ିଯାଇଥିବା ଘର ସମ୍ମୁଖରେ ପରିବାର ଲୋକ ବସିଛନ୍ତି।